# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧/୨୦୨୧ (୨୦ ପୃଷ୍ଠା) | Bhubaneswar, Thursday, April 1/2021 | ★★★★

୪୭ଶ ଭାଗ ୧୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-





**ସିବିଏସ୍‌ଇ: କରୋନା ଆକ୍ରାନ୍ତ ପିଲା ପରେ ଦେଇପାରିବେ ପ୍ରାକ୍ଟିକାଲ ପରୀକ୍ଷା**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) କର୍ତ୍ତୃପକ୍ଷ ବୋର୍ଡ ପରୀକ୍ଷାର୍ଥୀମାନଙ୍କ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି। ଯେଉଁ ଛାତ୍ରୀଛାତ୍ର କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ସେମାନଙ୍କ ପାଇଁ ଚିନ୍ତା କରିବାର କିଛି କାରଣ ନାହିଁ। ନୂଆ ଘୋଷଣା ଅନୁଯାୟୀ ସେମାନଙ୍କ ପ୍ରାକ୍ଟିକାଲ ପରୀକ୍ଷା ସ୍ଥଗିତ ରହି ଏପ୍ରିଲ ମାସରେ ପୁନଃ କାର୍ଯ୍ୟସୂଚୀ ପ୍ରସ୍ତୁତ ହେବ କିମ୍ବା ଲିଖିତ ପରୀକ୍ଷା ପରେ ହେବ। କୋଭିଡ୍ ପଜିଟିଭ୍ ପିଲାମାନଙ୍କୁ ବିଶ୍ରାମ ନେବା ଓ ଘରେ ଆଇସୋଲେଶନରେ ରହିବା ଲାଗି ପରାମର୍ଶ ଦିଆଯାଇଛି।

## ସଂକ୍ଷେପରେ

### ସ୍ୱାମୀ ଆଗରେ ମହିଳାଙ୍କୁ ଗଣବଳାତ୍କାର

**ଆଗ୍ରା,୩୧।୩(ଆଇଏଏନ୍ଏସ୍):** ଉତ୍ତରପ୍ରଦେଶର ଆଗ୍ରାଠାରେ ସ୍ୱାମୀ ଆଗରେ ଜଣେ ୧୯ ବର୍ଷୀୟା ମହିଳାଙ୍କୁ ୩ ଜଣ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ସେମାନେ ବଳାତ୍କାର ଦୃଶ୍ୟକୁ ମୋବାଇଲ ଫୋନ୍‌ରେ ଉଠାଇଥିଲେ। ବଳାତ୍କାରୀମାନେ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ମାଡ଼ ମାରିବା ସହ ସେମାନଙ୍କ ପାଖରେ ଥିବା ଜିନିଷ ଲୁଟି ନେଇଥିଲେ। ଏ ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ଧମକ ମଧ ଦେଇଥିଲେ। ଦମ୍ପତିଙ୍କ ଏତଲା ଆଧାରରେ ଜଣକୁ ଗିରଫ କରାଯାଇ ପଚରାଉଚରା କରଯାଉଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଗ୍ରା ପୋଲିସ ଆଇଜି ନବୀନ ଆରୋରା କହିଛନ୍ତି।

### ଅଡୁଆରେ ୟେଦୁରପ୍ପା

**ବେଙ୍ଗାଲୁରୁ,୩୧।୩:** କର୍ନାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପାଙ୍କ ବିରୋଧରେ ତାଙ୍କର ଜଣେ ମନ୍ତ୍ରୀ ରାଜ୍ୟପାଳ ବଜୁଭାଇ ଭାଲା ଏବଂ କର୍ନାଟକ ଭାଜପା ପ୍ରଭାରୀ ଅରୁଣ ସିଂଙ୍କ ନିକଟରେ ଅଭିଯୋଗ ଆଣିଛନ୍ତି। ଫଳରେ ୟେଦୁରପ୍ପାଙ୍କ ଅଡୁଆ ବଢ଼ିଛି। ଗ୍ରାମାଞ୍ଚଳ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ କେ.ଏସ୍. ଈଶ୍ୱରାପ୍ପାଙ୍କ ଅଭିଯୋଗ ଅନୁଯାୟୀ ମୁଖ୍ୟମନ୍ତ୍ରୀ ତାଙ୍କୁ ନ ଜଣାଇ ତାଙ୍କ ବିଭାଗ ପାଇଁ ଅନୌପଚାରିକ ଭାବେ ଅର୍ଥ ମଞ୍ଜୁର କରୁଛନ୍ତି। ମନ୍ତ୍ରୀ ଓ ତାଙ୍କ ବିଭାଗୀୟ ଅଧିକାରୀମାନେ ଆର୍‌ଡିପିଆର୍ ବିଭାଗ ଅଧୀନରେ ଯେଉଁସବୁ ସ୍ୱତନ୍ତ୍ର ପ୍ରକଳ୍ପ ଘୋଷଣା କରିଥିଲେ, ସେଥିପାଇଁ ଅର୍ଥ ମଞ୍ଜୁର ହୋଇନାହିଁ। ଏନେଇ କ୍ଷୁବ୍ଧ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଈଶ୍ୱରାପ୍ପା ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରିଛନ୍ତି। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଦେଢ଼ବର୍ଷ ହେଲା ତାଙ୍କ ବିନା ଜ୍ଞାତସାରରେ ବିଭାଗ ପାଇଁ ଅର୍ଥ ମଞ୍ଜୁର କରୁଥିବାରୁ ସେ ଅତ୍ୟନ୍ତ ଅସନ୍ତୁଷ୍ଟ ବୋଲି ଈଶ୍ୱରାପ୍ପା କହିଛନ୍ତି।

### ଲଶ୍କର ଆତଙ୍କବାଦୀ ସୈଫୁଲ୍ଲାଙ୍କୁ ୧୦ ବର୍ଷ ଜେଲ

**ନୂଆଦିଲ୍ଲୀ,୩୧।୩:** ପାକିସ୍ତାନର ଲଶ୍କର-ଇ-ତୋଇବା ଆତଙ୍କବାଦୀ ସୈଫୁଲ୍ଲା ମନସୁରଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଦିଲ୍ଲୀ ସମେତ ଦେଶର ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ଘଟାଇବା ଉଦ୍ଦେଶ୍ୟରେ ସୈଫୁଲ୍ଲା ୪ ବର୍ଷ ପୂର୍ବେ ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରି ଗିରଫ ହୋଇଥିଲେ। ତାଙ୍କ ସହ ଅବୁ ସାଦ୍ ଏବଂ ଅବୁ ଦାର୍ଦା ବେଆଇନ ଭାବେ କଶ୍ମୀରରେ ପ୍ରବେଶ କରିଥିଲେ। ସେମାନେ ସମସ୍ତେ ତାଲିମପ୍ରାପ୍ତ ଲଶ୍କର ଆତଙ୍କବାଦୀ ଓ ପାକିସ୍ତାନରେ ଥିବା ପରିଚାଳକଙ୍କ ଇଙ୍ଗିତରେ କାର୍ଯ୍ୟ କରୁଥିଲେ। ୨୦୧୬ ଜୁଲାଇ ୨୫ରେ ସୈଫୁଲ୍ଲାଙ୍କୁ ଜମ୍ମୁ-କଶ୍ମୀରର କୁପ୍‌ୱାରା ଜିଲାର ୟାହାମା ମୁକମ ଗ୍ରାମରୁ ଗିରଫ କରାଯିବା ସହ ତାଙ୍କଠାରୁ ଏକେ-୪୭ ରାଇଫଲ ସମେତ ବିପୁଳ ଅସ୍ତ୍ରଶସ୍ତ୍ର, ମିଲିଟାରି ମ୍ୟାପ୍, ୱେରଲେସ୍ ସେଟ, ଜିପିଏସ୍, କମ୍ପାସ୍, ଜାଲ୍ ନୋଟ୍ ଆଦି ଜବତ ହୋଇଥିଲା।

# ନିଷ୍ପତ୍ତି ନେବ ନନ୍ଦିଗ୍ରାମ

## ପଶ୍ଚିମବଙ୍ଗ, ଆସାମରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଆଜି

**କୋଲକାତା/ଗୁଆହାଟୀ,୩୧।୩**

ପଶ୍ଚିମବଙ୍ଗ ଓ ଆସାମରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ନିର୍ବାଚନ କମିଶନ (ଇସି) ଏବଂ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପଶ୍ଚିମବଙ୍ଗର ୩୦ ଆସନ ଲାଗି ୧୦,୬୨୦ ସମ୍ବେଦନଶୀଳ ପୋଲିଂ ବୁଥ୍‌ରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହେବ। ୭୫ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ୧୯୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏଥିଲାଗି ୬୫୧ କମ୍ପାନୀ କେନ୍ଦ୍ରୀୟ ବଳକୁ ସୁରକ୍ଷା ଦାୟିତ୍ୱ ଦିଆଯାଇଛି।

ଆସାମର ୩୯ ଆସନରେ ୨୬ ମହିଳାଙ୍କ ସମେତ ୩୪୫ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କୋଭିଡ୍-୧୯ ଗାଇଡ୍‌ଲାଇନ୍ ମାନି ୭୩,୪୪,୬୩୧ ଭୋଟର ସେମାନଙ୍କ ପ୍ରତିନିଧି ବାଛିବେ। ଶାସକ ଭାଜପା ୩୪ ଆସନରେ ଲଢୁଥିବାବେଳେ ସହଯୋଗୀ ଆସୋମ ଗଣ ପରିଷଦ (ଏଜିପି) ୬ ଏବଂ ୟୁନାଇଟେଡ୍ ପିପୁଲ୍ସ ପାର୍ଟି ଲିବରାଲ (ୟୁପିପିଏଲ୍) ୩ ଆସନରେ ପ୍ରାର୍ଥୀ ଦେଇଛନ୍ତି। କେତେକ ଆସନରେ ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ ହେଉଛି। ବିରୋଧୀ ମହାମେଣ୍ଟର ନେତୃତ୍ୱ ନେଉଥିବା କଂଗ୍ରେସ ୨୮, ଏଆଇୟୁଡିଏଫ୍ ୭, ବୋଡୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ (ବିପିଏଫ୍) ୪ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନବଗଠିତ ଆସାମ ଜାତୀୟ ପରିଷଦ ୧୯ ଆସନରେ ଲଢୁଛି। ୨୫ ଆସନରେ ଏନ୍‌ଡିଏ ଏବଂ ମହାମେଣ୍ଟ ମଧ୍ୟରେ ପ୍ରତ୍ୟକ୍ଷ ପ୍ରତିଦ୍ୱନ୍ଦ୍ୱିତା ହେଉଥିବାବେଳେ ଅବଶିଷ୍ଟ ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ଲଢ଼େଇ ହେଉଛି।



ଶୁଭେନ୍ଦୁ ଅଧିକାରୀ



ମୀନାକ୍ଷୀ ମୁଖାର୍ଜୀ

### ଦିଦି ବନାମ ଦାଦା

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ପଶ୍ଚିମବଙ୍ଗର ବାଙ୍କୁଡ଼ା, ପୂର୍ବ ମେଦିନୀପୁର, ପଶ୍ଚିମ ମେଦିନୀପୁରର (ଦ୍ୱିତୀୟ ଭାଗ) ଏବଂ ଦକ୍ଷିଣ ୨୪ ପ୍ରଗଣା (ପ୍ରଥମ ଭାଗ)ରେ ମତଦାନ ହେବାକୁ ଥିବାବେଳେ ସର୍ବାଧିକ ଚର୍ଚ୍ଚାରେ ରହିଛି ନନ୍ଦିଗ୍ରାମ ଆସନ। କାରଣ ଏହି ହଟ୍ ସିଟ୍‌ରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଭାଜପାରୁ ତାଙ୍କର ପୂର୍ବତନ ସେନାପତି ଶୁଭେନ୍ଦୁ ଅଧିକାରୀଙ୍କ ମଧ୍ୟରେ ହେଉଛି କଡ଼ା ଟକ୍କର। ମମତାଙ୍କ ମିଶନ ନନ୍ଦିଗ୍ରାମ ପଛରେ ଦୁଇଟି ଉଦ୍ଦେଶ୍ୟ ରହିଛି। ପ୍ରଥମରେ ଟିଏମ୍‌ସି ସୁପ୍ରିମୋ ପ୍ରମାଣିତ କରିବାକୁ ଚାହୁଁଛନ୍ତି ଯେ ସେ ପଶ୍ଚିମବଙ୍ଗର ଯେଉଁ ଆସନରୁ ଲଢ଼ିଲେ ବି ଜିତିପାରିବେ। ଦ୍ୱିତୀୟତଃ ଯେଉଁ ନନ୍ଦିଗ୍ରାମକୁ ଶୁଭେନ୍ଦୁ ଅଧିକାରୀ ନିଜର ବୋଲି ଦାବି କରୁଛନ୍ତି, ତାହା ପ୍ରକୃତରେ ତାଙ୍କର ନୁହେଁ ବରଂ ମମତାଙ୍କର। ଅନ୍ୟପକ୍ଷେ ସ୍ଥାନୀୟ ବିଧାୟକ ରୂପେ ଶୁଭେନ୍ଦୁଙ୍କ ଜନସମ୍ପର୍କ ଓ ଭାଜପାର କେନ୍ଦ୍ରୀୟ ନେତାଙ୍କ ତୋଫାନୀ ପ୍ରଚାର ତାଙ୍କ ସ୍ଥିତିକୁ ଆହୁରି ମଜଭୁତ କରିଛି। ଉଭୟ ଦିଦି ମମତା ଓ ଦାଦା ଶୁଭେନ୍ଦୁଙ୍କ ଆରୋପ ପ୍ରତ୍ୟାରୋପ ତଥା ଗୋଟିଚାଳନା ସମଗ୍ର ରାଜ୍ୟର ନିର୍ବାଚନକୁ ନନ୍ଦିଗ୍ରାମରେ କେନ୍ଦ୍ରୀଭୂତ କରିଦେଇଛି। ଏହି ଆସନରେ ସିପିଆଇଏମ୍‌ରୁ ମୀନାକ୍ଷୀ ମୁଖାର୍ଜୀ ନିର୍ବାଚନ ଲଢୁଛନ୍ତି। ତେବେ ୧ ଦଶନ୍ଧି ତଳେ ବାମପନ୍ଥୀଙ୍କ ୩୪ ବର୍ଷ ଶାସନ ପତନର ମିଶନ ନନ୍ଦିଗ୍ରାମରୁ ଆରମ୍ଭ କରିଥିବା ଅଗ୍ନିବର୍ଷୀ ନେତ୍ରୀ ମମତା ଏଥର ଏହି ଆସନରୁ ଭାଜପାକୁ ଚେକ୍ ଦେବାରେ କେତେ ସଫଳ ହେବେ ତାହା ମେ' ୨ ପରିଣାମ ସ୍ପଷ୍ଟ କରିବ।



ଆସାମରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟର ଅବ୍ୟବହିତ ପୂର୍ବରୁ ନାଓଗାଁସ୍ଥିତ ଏକ ବିତରଣ କେନ୍ଦ୍ରରେ ଅଧିକାରୀମାନେ ଇଭିଏମ୍ ଏବଂ ଅନ୍ୟ ନିର୍ବାଚନ ସାମଗ୍ରୀ ଯାଞ୍ଚ କରି ନେଉଛନ୍ତି।



### ବିପୁଳ ଟଙ୍କା ବାଣ୍ଟୁଛି ଭାଜପା

ଭାଜପା ନେତାମାନେ ବିପୁଳ ଟଙ୍କା ବାଣ୍ଟୁଛନ୍ତି। ପଶ୍ଚିମବଙ୍ଗ ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ସେମାନେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହୋଟେଲରେ ରହି ଘୋଡ଼ାବେପାର କରୁଛନ୍ତି। ଉତ୍ତର ପ୍ରଦେଶ ଓ ବିହାରରୁ ଗୁଣ୍ଡା ଆଣି ଏଠାରେ ଅସ୍ଥିରତା ସୃଷ୍ଟି କରୁଛନ୍ତି। ଭାଜପାର ଗୁଣ୍ଡାମାନେ ନନ୍ଦିଗ୍ରାମ ଭୋଟରଙ୍କୁ ଭୟଭୀତ କରୁଛନ୍ତି। ରାଜ୍ୟରେ ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ କମିଶନ ସୁନିଶ୍ଚିତ କରନ୍ତୁ। ଭାଜପା ଗୁଣ୍ଡାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

**-ମମତା ବାନାର୍ଜୀ, ଟିଏମ୍‌ସି ମୁଖ୍ୟ**

### ମୁଁ ମୋଦିଙ୍କ ଭଳି ଠକ ନୁହେଁ

ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ଦିନକୁ ୨୪ ଘଣ୍ଟା ଓ ସପ୍ତାହକ ୭ ଦିନ ମିଛ କୁହେନାହିଁ। ମୋ ନାଁ ନରେନ୍ଦ୍ର ମୋଦି ନୁହେଁ। ଆସାମ ହେଉ କି ଚାଷୀଙ୍କ ପ୍ରସଙ୍ଗ ଯେଉଁ ବିଷୟରେ ମିଛ ଶୁଣିବାକୁ ହେଲେ ଟିଭି ସୁଇଚ୍ ଅନ୍ କରନ୍ତୁ। ସେ ଭାରତକୁ ୨୪X୭ ମିଛ କହୁଥିବା ଆପଣମାନେ ଦେଖିପାରିବେ। ସତ ଶୁଣିବାକୁ ହେଲେ ମୋ କଥା ଶୁଣନ୍ତୁ।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

### କଂଗ୍ରେସ-ଏଆଇୟୁଡିଏଫ୍ ଅନୁପ୍ରବେଶ କରାଉଛନ୍ତି

କଂଗ୍ରେସ ଏବଂ ବଦ୍‌ରୁଦ୍ଦିନ ଅଜମଲଙ୍କ ଏଆଇୟୁଡିଏଫ୍ ବେଆଇନ ପ୍ରବାସୀଙ୍କୁ ଆସାମକୁ ଅନୁପ୍ରବେଶ କରାଇବା ପାଇଁ କ୍ଷମତା ଚାହୁଁଛନ୍ତି। ଏହି ଦୁଇଦଳ ମିଶି ଆସାମକୁ ପୁଣି ଥରେ ଅନୁପ୍ରବେଶକାରୀଙ୍କ ଆଶ୍ରୟସ୍ଥଳରେ ପରିଣତ କରିଦେବେ। କିନ୍ତୁ ଭାଜପା ସେମାନଙ୍କୁ ସେପରି କରିବାକୁ ଦେବ ନାହିଁ। ଆମକୁ ଆଉ ୫ ବର୍ଷ ଦିଅନ୍ତୁ।

**-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

# ଟିକା ଅପଚୟ ରୋକିବାକୁ ପରାମର୍ଶ



## ପ୍ରସ୍ତୁତି ସମୀକ୍ଷା କଲା କେନ୍ଦ୍ର

**ନୂଆଦିଲ୍ଲୀ,୩୧।୩(ପି.ଟି.)**

ଏପ୍ରିଲ ୧ରୁ ଦେଶରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ବ୍ୟକ୍ତି କୋଭିଡ୍ ଟିକା ନେଇପାରିବେ। ଏଥିପାଇଁ ବୁଧବାର କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହ ଟିକାକରଣ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଅଧିକ ସଂକ୍ରମିତ ହେଉଥିବା ଜିଲାଗୁଡ଼ିକରେ ଯେଉଁଠି ଟିକାକରଣ କମ୍ ରହିଛି, ସେଗୁଡ଼ିକୁ ଚିହ୍ନଟ କରି ଉପଯୁକ୍ତ ପଦକ୍ଷେପ ନେବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ (ଏନ୍ଏଚ୍ଏ) ସିଇଓ ଏବଂ କୋଭିଡ୍ ଟିକାକରଣ ଏମ୍ପାୱାର୍ଡ ଗ୍ରୁପ୍ ଅଧ୍ୟକ୍ଷ ଡ. ଆର୍.ଏସ୍. ଶର୍ମା ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ ବୈଠକରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍ୱାସ୍ଥ୍ୟ ସଚିବ, ଏନ୍ଏଚ୍ଏମ୍ ମିଶନ ଡାଇରେକ୍ଟର ଏବଂ ଇମ୍ୟୁନିଶନ ଅଫିସରମାନେ ଯୋଗଦେଇଥିଲେ। ଭିଡିଓ କନ୍‌ଫରେନ୍ସ ଜରିଆରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଟିକା ଅପଚୟ ରୋକିବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି।

## ୧୨ରୁ ୧୫ ବର୍ଷ ପିଲାଙ୍କ ପାଇଁ ଫାଇଜର ୧୦୦% ଫଳପ୍ରଦ

**ବର୍ଲିନ,୩୧।୩**

ବାୟୋଟେକ୍-ଫାଇଜର କମ୍ପାନୀ ପ୍ରସ୍ତୁତ କୋଭିଡ୍ ଟିକା ୧୨ରୁ ୧୫ ବର୍ଷର ପିଲାଙ୍କ କ୍ଷେତ୍ରରେ ୧୦୦ ପ୍ରତିଶତ ଫଳପ୍ରଦ ବୋଲି କମ୍ପାନୀ ପକ୍ଷରୁ ବୁଧବାର ଦାବି କରାଯାଇଛି। ଆଗାମୀ ଶିକ୍ଷାବର୍ଷ ପୂର୍ବରୁ ଏହି କିଶୋର କିଶୋରୀଙ୍କୁ କୋଭିଡ୍ ଟିକା ଦେବା ନିମନ୍ତେ ଉକ୍ତ କମ୍ପାନୀ ମଞ୍ଜୁରୀ ଅପେକ୍ଷାରେ ରହିଛି। ଉକ୍ତ ଟିକାର ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ଟେଷ୍ଟ ଆମେରିକାରେ ୨,୨୬୦ କିଶୋର କିଶୋରୀଙ୍କଠାରେ କରାଯାଇଥିଲା। ସେମାନଙ୍କ ଶରୀରରେ ଆଣ୍ଟିବଡ଼ି ବିକଶିତ କରିବାରେ ଏହା ୧୦୦ ପ୍ରତିଶତ ସଫଳ ହୋଇଥିବା ପରୀକ୍ଷାରୁ ଜଣାପଡ଼ିଛି ବୋଲି କମ୍ପାନୀ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।




# ଶେଷ ୩ ଅଭିଯୁକ୍ତ ଦୋଷମୁକ୍ତ

## ଇସ୍‌ରତ ଜହାଁ ଏନ୍‌କାଉଣ୍ଟର ମାମଲା

**ଅହମ୍ମଦାବାଦ, ୩୧।୩**

ଇସ୍‌ରତ ଜହାଁ ଏନକାଉଣ୍ଟର ମାମଲାରେ ଗୁଜରାଟର ଅହମ୍ମଦାବାଦସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟ ଶେଷ ତିନି ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି। ଜଜ୍ ଭି. ଆର୍ ରାଓ୍ୱଲ ବୁଧବାର ଏହା ଫେକ୍ ଏନ୍‌କାଉଣ୍ଟର ନୁହେଁ ବୋଲି ଦର୍ଶାଇବା ସହ ଅଭିଯୁକ୍ତ ଜି. ଏଲ୍. ସିଂଘଲ, ତରୁଣ ବାରୋଟ୍(ଅବସରପ୍ରାପ୍ତ) ଏବଂ ଅନାଜୁ ଚୌଧୁରୀଙ୍କ ଆବେଦନକୁ ଅନୁମତି ଦେଇଛନ୍ତି। ଏଥିସହ ସେମାନଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏହି ମାମଲାରେ ଜଡ଼ିତ ଅନ୍ୟ ଅଭିଯୁକ୍ତ ମୁକୁଳି ସାରିଛନ୍ତି।

୨୦୦୪ରେ ଇସ୍‌ରତ ଜହାଁଙ୍କ ସମେତ ଆଉ ୩ ଜଣଙ୍କ ମୃତ୍ୟୁ ଘଟଣାରେ ଗୁଜରାଟ ପୋଲିସ ଉପରେ ଏନ୍‌କାଉଣ୍ଟର ଅଭିଯୋଗ ଆସିଥିଲା। ମାମଲାରେ ପୂର୍ବରୁ ୪ ପୋଲିସ ଅଧିକାରୀଙ୍କୁ ଦୋଷମୁକ୍ତ କରାଯାଇଥିଲା। ଆତଙ୍କବାଦୀ ସଙ୍ଗଠନ ସହ ଇସ୍‌ରତ ଓ ଅନ୍ୟ ୩ ଜଣଙ୍କ ସମ୍ପୃକ୍ତି ଥିବା ଏବଂ ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟା କରିବାକୁ ସେମାନେ ଷଡ଼ଯନ୍ତ୍ର କରୁଥିବା ପୋଲିସ କହିଥିଲା। ପୋଲିସ ସହ ମୁହାଁମୁହିଁ ବେଳେ ଇସ୍‌ରତଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ



କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ପକ୍ଷରୁ ୨୦୧୩ରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ସେଥିରେ ୭ ପୋଲିସ ଅଧିକାରୀଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ଶୁଣାଣିବେଳେ କୋର୍ଟ କହିଥିଲେ, କୌଣସି ପ୍ରମାଣରୁ ଏହା ପ୍ରମାଣିତ ହୋଇନାହିଁ ଯେ ଇସରତ୍‌ଙ୍କ ସମେତ ଅନ୍ୟ ୩ ଜଣ ଆତଙ୍କବାଦୀ ନ ଥିଲେ। ପୂର୍ବରୁ ୪ ଅଧିକାରୀ ଦୋଷମୁକ୍ତ ହୋଇଥିଲେ ହେଁ ସିବିଆଇ ପକ୍ଷରୁ ଏହି ନିଷ୍ପତ୍ତି ବିରୋଧରେ କୌଣସି ଅପିଲ କରାଯାଇ ନାହିଁ। ସେହି ଆଧାରରେ ବଳକା ୩ ପୋଲିସ ଅଧିକାରୀ ସେମାନଙ୍କ ମୁକ୍ତି ପାଇଁ କୋର୍ଟରେ ଆବେଦନ କରିଥିଲେ।

# କୃଷି ଆଇନ: ରିପୋର୍ଟ ଦାଖଲ କଲା ବିଶେଷଜ୍ଞ କମିଟି

**ନୂଆଦିଲ୍ଲୀ,୩୧।୩(ଆଇଏଏନ୍ଏସ୍)**

ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ୩ ଜଣିଆ ବିଶେଷଜ୍ଞ କମିଟି କେନ୍ଦ୍ରର ବିବାଦୀୟ କୃଷି ଆଇନ ଉପରେ ବୁଧବାର ସର୍ବୋଚ୍ଚ ଅଦାଲତରେ ରିପୋର୍ଟ ଦାଖଲ କରିଛି। କମିଟି ସର୍ବସାଧାରଣ ବିଜ୍ଞପ୍ତି ଜରିଆରେ ବିଭିନ୍ନ ଲୋକଙ୍କ ମତାମତ ଓ ପ୍ରସ୍ତାବ ସଂଗ୍ରହ କରିଥିଲା। ଭାରତୀୟ କିଷାନ ୟୁନିୟନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭୂପିନ୍ଦର ସିଂ ମାନ୍, କୃଷି ଅର୍ଥନୀତିଜ୍ଞ ତଥା ଦକ୍ଷିଣ ଏସିଆ ଓ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ଜୋଷୀ, କୃଷି ଅର୍ଥନୀତିଜ୍ଞ ତଥା କୃଷି ମୂଲ୍ୟ କମିଶନର ପୂର୍ବତନ ଅଧ୍ୟକ୍ଷ ଅଶୋକ ଗୁଲାଟି ଏବଂ ଶେଟ୍‌କରି ସଙ୍ଗଠନର ଅଧ୍ୟକ୍ଷ ଅନିଲ ଘନୱତ କମିଟିର ସଦସ୍ୟ ଥିଲେ। ପରେ ମାନ୍ ଉକ୍ତ କମିଟିରୁ ଇସ୍ତଫା ଦେଇଥିଲେ। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ ଉକ୍ତ ରିପୋର୍ଟକୁ ଶୁଣାଣି ପାଇଁ ଗ୍ରହଣ କରି ଏହା ଉପରେ ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ଏହାକୁ ସର୍ବସାଧାରଣରେ ପ୍ରକାଶ କରାଯାଇପାରିବ ନାହିଁ ବୋଲି ଘନୱତ କହିଛନ୍ତି।

### ମେ'ରେ ପାର୍ଲାମେଣ୍ଟ ଅଭିଯାନ

କୃଷକ ସଂଗଠନଗୁଡ଼ିକ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଆସନ୍ତା ମେ' ପ୍ରଥମ ଭାଗରେ ପାର୍ଲାମେଣ୍ଟ ଅଭିମୁଖେ ପଦଯାତ୍ରାରେ ବାହାରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ଚାଷୀଙ୍କ ସମେତ ଶ୍ରମିକ, ମହିଳା, ଦଳିତ-ଆଦିବାସୀ, ବେରୋଜଗାରୀ ଯୁବକ ଯୁବତୀ ଓ ସମାଜର ସବୁ ବର୍ଗର ଲୋକ ସାମିଲ ହେବେ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ପଦଯାତ୍ରା ତାରିଖ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ଲୋକମାନେ ନିଜ ନିଜ ଅଞ୍ଚଳରୁ ଗାଡ଼ିରେ ଆସି ଦିଲ୍ଲୀ ସୀମାରେ ପହଞ୍ଚିବା ପରେ ସେଠାରୁ ପଦଯାତ୍ରାରେ ବାହାରିବେ।





**ସୀମାରେ ଉତ୍ତେଜନା, ଆତଙ୍କବାଦ ଏବଂ କଶ୍ମୀର ପ୍ରସଙ୍ଗକୁ ନେଇ ମୁହାଁମୁହିଁ ହେଉଥିବା ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ସୁଧୁରୁଛି। ଏବେ ଦୁଇ ପଡ଼ୋଶୀ ତିକ୍ତତା ହ୍ରାସ ପାଇଁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଏହି କ୍ରମରେ ଭାରତ ସହ ବାଣିଜ୍ୟିକ କାରବାର କରିବାକୁ ପୁଣି ଥରେ ଆଗ୍ରହ ଦେଖାଇଛି ପାକିସ୍ତାନ।**

# ସୁଧୁରୁଛି ସମ୍ପର୍କ

### ଭାରତରୁ କପା, ଚିନି ନେବ ପାକ୍

**ନୂଆଦିଲ୍ଲୀ/ଇସ୍‌ଲାମବାଦ,୩୧।୩:** ଭାରତରୁ କପା, ଚିନି ଆମଦାନୀ କରିବ ପାକିସ୍ତାନ। ୧୯ ମାସ ହେଲା ଭାରତ ସାମଗ୍ରୀ ଆମଦାନୀ ଉପରେ କଟକଣା ଲଗାଇଥିବା ଇସ୍‌ଲାମାବାଦ ଏବେ ଏହାକୁ ହଟାଇବାକୁ ନିଷ୍ପତ୍ତି ନେଇଛି। ଏ ନେଇ ନୂତନ ଭାବେ ଦାୟିତ୍ୱ ନେଇଥିବା ପାକିସ୍ତାନ ଅର୍ଥମନ୍ତ୍ରୀ ହମ୍ମାଦ୍ ଅଜହର୍ ବୁଧବାର ଘୋଷଣା କରିଛନ୍ତି। ପାକିସ୍ତାନର ଅର୍ଥନୈତିକ ସମନ୍ୱୟ କମିଟି (ଇସିସି) ଏ ନେଇ ସବୁଜ ସଙ୍କେତ ଦେବା ପରେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଆରମ୍ଭ ହେବାକୁ ଯାଉଛି। ଜୁନ୍ ୩୦ରୁ ପାକିସ୍ତାନ କପା ଓ ଚିନି ଆମଦାନୀ କରିବ। ଭାରତରୁ ୫ ଲକ୍ଷ ଟନ୍ ଚିନି ଆଣିବାକୁ ଇସିସି ଘରୋଇ ସଂସ୍ଥାଗୁଡ଼ିକୁ ଅନୁମତି ଦେଇଥିବା ଅଜହର୍ କହିଛନ୍ତି।

### ମୋଦିଙ୍କ ଚିଠିର ଉତ୍ତର ଦେଲେ ଇମ୍ରାନ

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିପକ୍ଷ ଇମ୍ରାନ ଖାନଙ୍କୁ ମାର୍ଚ୍ଚ ୨୨ରେ ଚିଠି ଲେଖି ପାକିସ୍ତାନ ଦିବସର ଶୁଭକାମନା ଜଣାଇବା ସହ କରୋନାରୁ ଶୀଘ୍ର ଆରୋଗ୍ୟ ହେବାକୁ କାମନା କରି ଟୁଇଟ୍ କରିଥିଲେ। ମୋଦିଙ୍କ ଶୁଭେଚ୍ଛାର ଉତ୍ତର ରଖିଛନ୍ତି ଇମ୍ରାନ। ଚିଠି ଲେଖି ସେ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଭାରତ ସମେତ ଅନ୍ୟ ପଡ଼ୋଶୀ ଦେଶ ସହ ଶାନ୍ତିପୂର୍ଣ୍ଣ ଉପାୟରେ ସବୁ ସମସ୍ୟାର ସମାଧାନ ଚାହାନ୍ତି ବୋଲି ଇମ୍ରାନ କହିଛନ୍ତି। ଉଭୟ ଦେଶ ମଧ୍ୟରେ ଥିବା ସମସ୍ତ ବିବାଦ ତଥା ଜମ୍ମୁ କଶ୍ମୀର ସହ ଜଡ଼ିତ ସମସ୍ୟାର ସମାଧାନ ଉପରେ ଦକ୍ଷିଣ ଏସିଆର ଶାନ୍ତି ଓ ସ୍ଥିରତା ନିର୍ଭର କରେ ବୋଲି ଇମ୍ରାନ କହିଛନ୍ତି। ଏକ ସକାରାତ୍ମକ ଓ ଫଳପ୍ରଦ ଆଲୋଚନା ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବା ଜରୁରୀ। ଏହି ଅବସରରେ କୋଭିଡ୍-୧୯ର ମୁକାବିଲା କରୁଥିବା ଭାରତବାସୀଙ୍କୁ ଇମ୍ରାନ ଶୁଭକାମନା ଜଣାଇଛନ୍ତି।

ପାକିସ୍ତାନ ଦିବସର ଶୁଭେଚ୍ଛା ଜଣାଇ ମୋଦି ଚିଠିରେ ଉଲ୍ଲେଖ କରିଥିଲେ, ପଡ଼ୋଶୀ ଦେଶ ହିସାବରେ ଭାରତ ପାକିସ୍ତାନ ସହ ଏକ ଭଲ ସମ୍ପର୍କ ଚାହେଁ। ଏଥିପାଇଁ ଆତଙ୍କବାଦ ଓ ଶତ୍ରୁତା ଆଚରଣକୁ ବାଦ୍ ଦେଇ ଭରସା ଏବଂ ବିଶ୍ୱାସ ଭରା ପରିସ୍ଥିତି ସୃଷ୍ଟି ହେବା ଆବଶ୍ୟକ। ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଧ୍ୟ ପାକିସ୍ତାନ ଦିବସ ଉପଲକ୍ଷେ ପ୍ରତିପକ୍ଷ ଆରିଫ୍ ଅଲ୍‌ଵିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### ଏଲ୍‌ଓସିରେ ଅସ୍ତ୍ରବିରତି

ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ର ବିରତି ଘୋଷଣା ସମୟରେ ମୋଦି ଇମ୍ରାନଙ୍କୁ ଚିଠି ଲେଖିଥିଲେ। କିଛି ଦିନ ପୂର୍ବେ ଉଭୟ ଦେଶର ମିଲିଟାରି ଅପରେଶନର ମହାନିର୍ଦ୍ଦେଶକ ନିୟନ୍ତ୍ରଣ ରେଖାଠାରେ ଅସ୍ତ୍ର ବିରତି ଘୋଷଣା କରିଥିଲେ। ସେବେଠାରୁ ସୀମାରେ ସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି। ୨ ବର୍ଷ ପରେ ସିନ୍ଧୁ ନଦୀ ଜଳ ପ୍ରସଙ୍ଗରେ ପାକିସ୍ତାନର ୮ ସଦସ୍ୟ ବିଶିଷ୍ଟ ଏକ ପ୍ରତିନିଧି ଦଳ ଇଣ୍ଡସ୍ ୱାଟର କମିଶନର ସୟେଦ ମେହେର-ଏ-ଆଲମ୍‌ଙ୍କ ନେତୃତ୍ୱରେ ଭାରତୀୟ ପ୍ରତିପକ୍ଷଙ୍କ ସହ ନୂଆଦିଲ୍ଲୀରେ ଆଲୋଚନା କରୁଛି। ପୁରୁଣା କଥା ଛାଡ଼ି ଆଗକୁ ବଢ଼ିବା ପାଇଁ ପାକିସ୍ତାନ ସେନା ମୁଖ୍ୟ ଜେନେରାଲ କମର ଜାଭେଦ କହିଥିଲେ।

# ଧରିତ୍ରୀ
DHARITRI

ଗୁରୁବାର, ଏପ୍ରିଲ ୧/୨୦୨୧ | Thursday, April 1/2021




## ବ୍ରେକ୍‌ଅପ୍ କଲେ ସୁସ୍ମିତା

ଦୀର୍ଘ ବର୍ଷ ଧରି ଡେଟ୍ କରିବା ପରେ ପ୍ରେମିକ ରୋହମନଙ୍କଠାରୁ ବଲିଉଡ୍ ଅଭିନେତ୍ରୀ ସୁସ୍ମିତା ସେନ ଅଲଗା ହୋଇଯାଇଥିବା ଚର୍ଚ୍ଚା ଚାଲିଛି।

୧୪

୧୬

## ପ୍ରମୋଦଙ୍କ ବିଜୟ ଅଭିଯାନ

ଓଡ଼ିଶାର ପ୍ରମୋଦ ଭଗତ ଦୁବାଇ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଗୋଟିଏ ଦିନରେ ୩ ମ୍ୟାଚ ଜିତି ଅଭିଯାନ ଆରମ୍ଭ କରିଛନ୍ତି।





### ଓଡ଼ିଶା ଦିବସ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

DADLS - 84

ପବିତ୍ର ଉତ୍କଳ ଦିବସ - ୨୦୨୧ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

କରୋନା ବିରୋଧରେ ଓଡ଼ିଶାର ଲଢ଼େଇ ବେଶ୍ ଉତ୍ସାହପ୍ରଦ । ଆସନ୍ତୁ, ନିର୍ଣ୍ଣାୟକ ନିଷ୍ପତ୍ତି ପର୍ଯ୍ୟନ୍ତ ଏହାକୁ ଜାରି ରଖିବା ।

(ଗଣେଶୀ ଲାଲ)

OIPR-15001/13/0136/2021



### ଓଡ଼ିଶା ଦିବସ-୨୦୨୧ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

DADLS - 84

ଓଡ଼ିଶା ଦିବସ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନକୁ ସାକାର କରିଥିବା ମହାପୁରୁଷମାନଙ୍କ ପ୍ରତି ଏହି ଅବସରରେ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଗୌରବ ବୃଦ୍ଧି କରିଥିବା ଆମର ବରପୁତ୍ରମାନଙ୍କ ପ୍ରତି ମଧ ମୋର ସମ୍ମାନ ଜଣାଉଛି । ଆଜି ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ସାରା ଦେଶ ପାଇଁ ପଥ ପ୍ରଦର୍ଶକ ହୋଇପାରିଛି । ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆଜିର ଏହି ପବିତ୍ର ଦିବସରେ ଶପଥ ନେଇ କାମ କରିବା ।

ଏହି ଅବସରରେ ଆପଣମାନଙ୍କୁ ମୋର ଅନୁରୋଧ କରୋନା ସଂକ୍ରମଣ ରୋକିବା ପାଇଁ କୋଭିଡ ନିୟମାବଳୀ କଡ଼ାକଡ଼ି ଭାବରେ ପାଳନ କରନ୍ତୁ । 'ଘରେ ରୁହନ୍ତୁ', ନିଜକୁ, ନିଜ ପରିବାରକୁ ଏବଂ ବନ୍ଧୁ ପରିଜନଙ୍କୁ ସୁରକ୍ଷିତ ରଖନ୍ତୁ ।

ବନ୍ଦେ ଉତ୍କଳ ଜନନୀ

ନବୀନ ପଟ୍ଟନାୟକ

(ନବୀନ ପଟ୍ଟନାୟକ)

OIPR-15001/13/0136/2021



### ଓଡ଼ିଶା ଦିବସ ପାଳନ ଅବସରରେ ବାର୍ତ୍ତା

DADLS - 84

ଓଡ଼ିଶା ଦିବସ - ୨୦୨୧ ପାଳନର ଶୁଭ ଅବସରରେ ରାଜ୍ୟବାସୀ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆମର ପୂର୍ବସୂରୀ, ଯେଉଁମାନଙ୍କ ଅମୂଲ୍ୟ ଅବଦାନ ବଳରେ ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା, ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ର ପରିଚିତି ରହିଛି । ଏସବୁର ସଂରକ୍ଷଣ, ସମୃଦ୍ଧି ଏବଂ ପ୍ରଚାର ପ୍ରସାର ପାଇଁ ଆସନ୍ତୁ, ଆଜିର ଏହି ମହାର୍ଘ ଦିବସରେ ସଂକଳ୍ପ ନେବା ।

ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କରୋନା କଟକଣା କଡାକଡି ଭାବେ ପାଳନ କରନ୍ତୁ । ନିଜକୁ ଏବଂ ନିଜ ପରିବାରକୁ ସୁରକ୍ଷିତ ରଖନ୍ତୁ ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR-15001/13/0136/2021



ଧରିତ୍ରୀ
DHARITRI
ଗୁରୁବାର, ୧ ଏପ୍ରିଲ, ୨୦୨୧

**ଆଜିର ମନ୍ତବ୍ୟ**

" ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ କରୋନା ଟିକା ଅପଚୟ ୧ ପ୍ରତିଶତରୁ କମ୍ ରଖିବା ସହ ଉପଲବ୍ଧ ଭାକ୍ସିନକୁ ଧାର୍ଯ୍ୟ ସମୟ ମଧ୍ୟରେ ବ୍ୟବହାର କରନ୍ତୁ।
**-ରାଜେଶ ଭୂଷଣ, କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ**




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................



ଅଲିସ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅସତୀ ଭୁଞ୍ଜାଇ ପଲଙ୍କ ସୁପାତି,**
**କୁଳବତୀ ହୁଏ ଦାସୀ,**
**ସାଇ ସାଇ ହୋଇ ବୁଲଇ ଗୋରସ**
**ମଦ ବିକାଯାଏ ବସି ।**

ପୁରୁଷର ମନହରିଣୀ ହେଉଛି ବେଶ୍ୟା ଅଥଚ ସେ ତା'ର ସୁନ୍ଦରୀ ସ୍ତ୍ରୀକୁ ଆଦର କରେ ନାହିଁ। ଠିକ୍ ସେହିପରି ଗାଈ କ୍ଷୀର ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥିଲେ ସୁଦ୍ଧା ଗଉଡ଼ ତାକୁ ଭାଣ୍ଡରେ ଧରି ସାଇ ସାଇ ବୁଲି ବିକ୍ରି କରେ, କିନ୍ତୁ ମଦ ଭଳି ଅସ୍ୱାସ୍ଥ୍ୟକର ପଦାର୍ଥ ସେବନ କରିବା ପାଇଁ ମଣିଷ ମଦ ଦୋକାନକୁ ଧାଇଁଯାଏ। ଆଜିର ଯୁଗର ବିଚିତ୍ର ରୀତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଣ୍ଟା ଖୋସା ଧନ ରଖିଦେ**
**ତୋ' କାମ ତୁ କରିନେ।**

କୌଣସି କାମ କରେଇବା ପାଇଁ ପ୍ରାପ୍ୟ ନ ଥିଲେ ବି କିଛି ପଇସାପତ୍ର ଦେଇ ହାସଲ କରିବାକୁ ପଡ଼େ। ଆଜିର ଦୁନିଆରେ ହାତଗୁଞ୍ଜା ବା ଲାଞ୍ଚ ନ ଦେଲେ କିଛି କାମ ହୁଏ ନାହିଁ। ନିଜର ଈପ୍ସିତ କାର୍ଯ୍ୟ କରାଇ ନେବାକୁ ଲାଞ୍ଚ ଦେବା ନେଇ ପ୍ରବର୍ତ୍ତାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

# ଏଲ୍‌ପିଜି ଉପରୁ ୧୦ ଟଙ୍କା ହ୍ରାସ

## ଆଜି ଠାରୁ ଲାଗୁହେବ ନୂଆ ଦର

ନୂଆଦିଲ୍ଲୀ,୩୧।୩

ଦେଶର ତେଲ ଓ ଗ୍ୟାସ୍ ଦର ବୃଦ୍ଧି ଯୋଗୁ ସରକାରଙ୍କ ଉପରେ ଖାଉଟି ନାନା ପ୍ରକାର ଅସନ୍ତୋଷ ପ୍ରକାଶ କରୁଥିଲେ। ଗତ ୫ ମାସ ପରେ ଘରୋଇ ଗ୍ୟାସ୍ ଉପରୁ ସରକାର ୧୦ ଟଙ୍କା ହ୍ରାସ କରିଥିବା ଜଣାପଡିଛି। ଏପ୍ରିଲ ୧ରୁ ଏହି ନୂଆ ଦର ସାରା ଦେଶରେ ଲାଗୁ ହେବ ବୋଲି ତୈଳ ବିପଣନ କମ୍ପାନୀଗୁଡିକ ପକ୍ଷରୁ ସୂଚନା ମିଳିଛି। ଚଳିତ ଆର୍ଥିକ ବର୍ଷ ଆରମ୍ଭରୁ ଦର ହ୍ରାସ ଖାଉଟିଙ୍କୁ କିଛି ପରିମାଣରେ ଆଶ୍ୱସ୍ତି ଦେଲେ ମଧ୍ୟ ବର୍ତ୍ତମାନ ସମୟରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଓ ଇନ୍ଧନ ଦର ଉଚ୍ଚ ରହିଥିବାରୁ ସରକାର ଉଭୟ ଖାଉଟି ଓ ବିରୋଧୀ ଦଳର ନେତାଙ୍କର ରୋଷର ଶିକାର ହେଉଛନ୍ତି। ଏହି ଦରବୃଦ୍ଧି ଘଟଣାରୁ ରକ୍ଷା ପାଇବା ପାଇଁ ଗତ ମାସ ପେଟ୍ରୋଲ ଓ ଡିଜେଲରୁ କିଛି ପଇସା କମ୍ କରିଥିବା ବେଳେ ଆଜି ସରକାର ଏଲ୍‌ପିଜି ଉପରୁ ମଧ୍ୟ ଦର ହ୍ରାସ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏପ୍ରିଲ ପହିଲାରୁ ଘରୋଇ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ୧୦ ଟଙ୍କା କମିବ ବୋଲି ତୈଳ ବିତରଣ କମ୍ପାନୀଗୁଡିକ ସୂଚନା ଦେଇଛନ୍ତି।

ଏହି ଦର ହ୍ରାସ ଫଳରେ ଦିଲ୍ଲୀରେ ଘରୋଇ ଗ୍ୟାସ୍ ପାଇଁ ଖାଉଟିଙ୍କୁ ୮୧୯ ଟଙ୍କା ବଦଳରେ ୮୦୯ ଟଙ୍କା ଦେବାକୁ ହେବ। ସେହିଭଳି ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ମୁମ୍ବାଇ, କୋଲକାତା ଓ ଚେନ୍ନାଇ ଭଳି ସହରରେ ଖାଉଟିଙ୍କୁ ୮୦୯ ଟଙ୍କା, ୮୩୫.୫୦ ଟଙ୍କା



ଏବଂ ୮୨୫ ଟଙ୍କା ଦେବାକୁ ପଡିବ ବୋଲି ଜଣାପଡିଛି। ସେହିପରି ଭୁବନେଶ୍ୱରରେ ମଧ୍ୟ ଖାଉଟିଙ୍କୁ ୮୪୫.୫୦ ଟଙ୍କା ବଦଳରେ ପ୍ରତି ୧୪.୨ କେଜି ଘରୋଇ ସିଲିଣ୍ଡର ଉପରେ ୮୩୫.୫୦ ଟଙ୍କା ଖର୍ଚ୍ଚ କରିବାକୁ ପଡିବ।

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଉଛି। ଏହି କାରଣରୁ ଏହାର ଉତ୍ପାଦଗୁଡ଼ିକର ମୂଲ୍ୟ ମଧ୍ୟ ହ୍ରାସ ପାଇବା ସ୍ୱାଭାବିକ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। ୨୦୨୦ରେ ମହାମାରୀର ବିଭିନ୍ନ କାରଣ ଯୋଗୁ ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଏବଂ ରନ୍ଧନ ଗ୍ୟାସ୍ ମୂଲ୍ୟରେ ବାରମ୍ବାର ମୂଲ୍ୟ ବୃଦ୍ଧି କରିଚାଲିଥିଲେ। ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ନୀଚ ଭାବରେ ଚତୁର୍ଥାଧିପତି ଚନ୍ଦ୍ର ଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ରାହୁଯୁକ୍ତ ମଙ୍ଗଳଙ୍କ ଯୋଗୁଁ ସାହସର ସହ ପ୍ରତ୍ୟେକ କାମ ପାଇଁ ଆଗଭର ହେବେ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହି ନ ପାରେ। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ ପାଇଁ ଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବାରୁ ଦୁଃଖ କରିପାରନ୍ତି।

**ବୃଷ**
ଦ୍ୱାଦଶସ୍ଥ ଏକାଧିକ ଗ୍ରହ ଆପଣଙ୍କୁ ଦୂର ଯାତ୍ରାରେ କିମ୍ବା ପରିବାର ସକାଶେ ବିଶେଷ ଖର୍ଚ୍ଚାନ୍ତ କରାଇବ। ମନରେ ନକାରାତ୍ମକ ଭାବନା ରହୁଥିବାରୁ କୌଣସି କାମରେ ମନ ଲାଗିବ ନାହିଁ। ପୁନଶ୍ଚ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବ୍ୟବସାୟ ଭଲରେ ଚାଲିବ ଏବଂ ପରିବହନରେ ବିଶେଷ ଅସୁବିଧା ହେବନାହିଁ।

**ମିଥୁନ**
ରାଶି ପାଇଁ ଗ୍ରହସ୍ଥିତି ବିଶେଷ ଅନୁକୂଳ ରହିନଥିବାରୁ ବିଭିନ୍ନ ସମସ୍ୟା ମଧ୍ୟରେ ସମୟ କଟାଇବେ। ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ନ ହୋଇପାରେ। କିନ୍ତୁ ଆର୍ଦ୍ରା ନକ୍ଷତ୍ର ବ୍ୟକ୍ତି ଯେକୌଣସି ପରିସ୍ଥିତିରେ ମଧ୍ୟ ଆଗକୁ ମାଡ଼ିଚାଲିବେ। ଅବଶ୍ୟ କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ**
ଚନ୍ଦ୍ରଙ୍କ ଦୁର୍ବଳତା ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତିକୂଳତା ସୃଷ୍ଟି କରିବ। ଯାତ୍ରା କରିବା, ବ୍ୟବସାୟ, ବିବାଦ ଓ କିଛି ନୂତନ କାମରେ ଚିନ୍ତିତ ରହିବେ। ଯାତ୍ରା କାଳରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପାରନ୍ତି। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ ଜଣେ ନିକଟତମ ବ୍ୟକ୍ତି ସାହାଯ୍ୟ କରିବେ।

**ସିଂହ**
ରାଶ୍ୟାଧିପ ଉଚ୍ଚାରୋହୀ ହୋଇ କର୍ମାଧିପତି ସହ ରହିଥିବାରୁ କର୍ମକ୍ଷେତ୍ରରେ ପଛକୁ ହଟିବେ ନାହିଁ। ସାମାଜିକ ସ୍ତରରେ ଅଥବା ସାହିତ୍ୟ, କଳା କ୍ଷେତ୍ରରୁ ପ୍ରଶଂସିତ ହେବେ। ବହୁତ ଦିନର ଶତ୍ରୁତା, ଅଶାନ୍ତି ଓ ଋଣଭାର କ୍ରମଶଃ ହ୍ରାସ ପାଇବା ଦିଗରେ ଯତ୍ନବାନ ହୋଇପାରନ୍ତି। ପାରିବାରିକ ସ୍ଥିତି ପ୍ରାୟତଃ ମଧ୍ୟମ ପ୍ରକାରର ରହିବ।

**କନ୍ୟା**
ମିତ୍ରଙ୍କ ସହ ରାଶ୍ୟାଧିପ ରହିଥିବାରୁ କର୍ମକ୍ଷେତ୍ରରେ ଲକ୍ଷ୍ୟ ପୂରଣ ହେବା ସହ ସହଯୋଗ, ସୁଖ ସମ୍ମାନ ମିଳିବ। ଆନୁଷ୍ଠାନିକ କାର୍ଯ୍ୟରେ ନିୟୋଜିତ ହୋଇପାରନ୍ତି। ପଡ଼ୋଶୀଙ୍କ ସହ ଟଙ୍କା ପଇସାକୁ କେନ୍ଦ୍ରକରି ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ, କିନ୍ତୁ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବ।

**ତୁଳା**
ଆଜି ଏକତ୍ର ବୁଧ ଓ ବୃହସ୍ପତି ପ୍ରଭାବରୁ ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଅନୁରାଧା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ । ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବା ସହ ପରିବାରରେ ସୁଖ ଶାନ୍ତି ରାଜୁତି କରିବ।

**ବିଛା**
ଆଜିର ପଞ୍ଚାନନ ଯୋଗ ପ୍ରଭାବରେ ଯଥା ସମୟରେ ସବୁ କିଛି ହାତକୁ ନେଇଥିବା କାମ ସମ୍ପନ୍ନ କରିପାରିବେ। ଆର୍ଥିକ ସ୍ଥିତି ମଜଭୁତ ରହିବ ଓ ନୂଆ ଯୋଜନା ହାତକୁ ନେଇପାରନ୍ତି। ଅବୁଝା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ଆପଣେଇ ନେବେ। ମନୋରଞ୍ଜନରେ ଆଗ୍ରହୀ ହେବେ। ଅପରାହ୍ନରେ ଟେନସନ୍ ବଢ଼ିପାରେ।

**ଧନୁ**
ଅତି ଦରକାରୀ ଜିନିଷଗୁଡ଼ିକ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବେ। ଯାତ୍ରା ସମୟରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ। ବୃହସ୍ପତି ଆଧ୍ୟାତ୍ମିକ ଗ୍ରହ ଶନିଯୁକ୍ତ ହେତୁ ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର**
ନୀଚାରୋହୀ ଚନ୍ଦ୍ର କାରଣରୁ ଆଜି ପାରିବାରିକ ଦୁଶ୍ଚିନ୍ତାଜନିତ ରକ୍ତଚାପ ମଧ୍ୟ ବଢ଼ିପାରେ। ଶନି ରାଶିରେ ବ୍ୟୟାଧିପଙ୍କ ସଙ୍ଗରେ ରହିଥିବାରୁ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବ। ପୂର୍ବ କଳହକୁ କେନ୍ଦ୍ରକରି ନିକଟ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ। ପରିହାସଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି ସୂଚନା ରହିଛି।

**କୁମ୍ଭ**
ଶୁକ୍ର ଓ ରବିଙ୍କ ପ୍ରଭାବଜନିତ ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳିବ। ଉଚ୍ଚସ୍ଥ ରବିଙ୍କ ପ୍ରଭାବରୁ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ କଳହର ସୂତ୍ରପାତ ହୋଇପାରେ। ଶତଭିଷା ନକ୍ଷତ୍ର ପୁରାତନ ରୋଗପୀଡାରୁ ବିଶେଷ କଷ୍ଟ ପାଇବେ।

**ମୀନ**
ଆଜି ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡ଼ି ଯାଇଥିବ। ବାଟରେ ବନ୍ଧୁଙ୍କୁ ଭେଟି ଯୋଜନା ପ୍ରସ୍ତୁତ କରିପାରନ୍ତି। ଶୁକ୍ର କ୍ଷେତ୍ରରେ ରାହୁଙ୍କ ଯୋଗୁଁ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

ଆଜି ଓଡ଼ିଶା ଦିବସ, ଏପ୍ରିଲ୍ ୧ ତାରିଖ, ଅନ୍ତର୍ଜାତୀୟ ନିର୍ବୋଧ ଦିବସ, ନୂତନ ଆର୍ଥିକବର୍ଷ ଆରମ୍ଭ, ଚୈତ୍ର କୃଷ୍ଣ ଚତୁର୍ଥୀଯୁକ୍ତ ୫ମୀ ଗୁରୁବାର, ରାଶି ନକ୍ଷତ୍ର -ଅନୁରାଧା/ବିଛା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୪ ଗତେ ଘ.୦୭।୨୧ ମଧ୍ୟେ, ଘ.୧୦।୩୭ ଗତେ ଘ.୦୧।୦୪ ମଧ୍ୟେ ମାହେନ୍ଦ୍ରବେଳା। ରାତ୍ରି ଘ.୦୨।୩୪ ଗତେ ଘ.୦୩।୨୨ ମଧ୍ୟେ ଅମୃତବେଳା। ଦିବା ଘ.୦୧।୨୨ ଗତେ ଘ.୦୨।୫୩ ମଧ୍ୟେ ରାହୁକାଳ।

# ପଞ୍ଚାୟତ ଗୃହ ନିର୍ମାଣ କର



ଗ୍ରାମସଭାରେ ଉପସ୍ଥିତ ଅଞ୍ଚଳବାସୀ।

## ଫାଟୁସିନେରିବାସୀଙ୍କ ଦାବି

ପଟ୍ଟାଙ୍ଗୀ,୩୧।୩ (ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅଧୀନ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତ ଫାଟୁସିନେରି ଗ୍ରାମରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା ଲାଗି ବସିଥିବା ବୈଠକରେ ଗ୍ରାମବାସୀ ପଞ୍ଚାୟତ ଗୃହ ନିର୍ମାଣ ପାଇଁ ଉପସ୍ଥିତ ଅଧିକାରୀଙ୍କ ନିକଟରେ ଦାବି ରଖିଛନ୍ତି। ବୈଠକରେ ପାର୍ବତୀପୁରର ପିଆଇଟିଡିଏ କୋର୍ମନାଦ, ସାଲୁର ତହସିଲଦାର କେ. ଶ୍ରୀନିବାସ ରାଓ ଏବଂ ଏମପିଡିଓ (ବିଡିଓ) ଜି. ପାର୍ବତୀ, ଲକ୍ଷ୍ମୀନାରାୟଣ ରେଡ୍ଡି, ସିଏସଡି ଡି. ଚନ୍ଦ୍ର ଶେଖର, ନବନିର୍ବାଚିତ ସରପଞ୍ଚ ସେଦା ରାପୋକାମି ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମରେ ପଞ୍ଚାୟତ କାର୍ଯ୍ୟାଳୟ, ଅଙ୍ଗନୱାଡ଼ି ଏବଂ କୃଷକ ଭବନ ନିମନ୍ତେ ଗୃହ ନିର୍ମାଣ କରିବାକୁ ପିଆଇଟିଡିଏଙ୍କୁ ଅଞ୍ଚଳବାସୀ ଦାବି ଜଣାଇଥିଲେ। ଏହାକୁ ଦୃଷ୍ଟିରେ ରଖି ପିଆଇଟିଡିଏ କୋର୍ମନାଦ ସାଲୁର ତହସିଲଦାର ରାଓ ଏବଂ ଏମପିଡିଓ ପାର୍ବତୀଙ୍କୁ ତୁରନ୍ତ ଜମି ଚିହ୍ନଟ କରି ଗ୍ରାମବାସୀଙ୍କ ଦାବି ପୂରଣ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମବାସୀ କିପରି ଉନ୍ନତମାନର ଫଳଚାରା ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ବୈଠକରେ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ପିଆଇଟିଡିଏ ପରାମର୍ଶ ଦେଇଥିଲେ। ଫାଟୁସିନେରି ଗ୍ରାମଠାରୁ କୋଦମା ଗ୍ରାମକୁ ଯାତାୟାତ ସୁବିଧା ଲାଗି ଦୁଇ ଦିନ ମଧ୍ୟରେ ରାସ୍ତା ନିର୍ମାଣ ଆରମ୍ଭ କରାଯାଇ ୧୫ ଦିନ ମଧ୍ୟରେ ସରିବ ବୋଲି ବୈଠକରେ ଘୋଷଣା କରାଯାଇଥିଲା।

ସୂଚନାଯୋଗ୍ୟ, ନିକଟରେ ଆନ୍ଧ୍ର ପକ୍ଷରୁ କୋଟିଆ ପଞ୍ଚାୟତର ତଳଗଞ୍ଜେଇପଦର, ଫଗୁଣସିନେରି ଓ ଫାଟୁସିନେରିକୁ ୩ ପଞ୍ଚାୟତ ଘୋଷଣା କରି ସେଠାରେ ପଞ୍ଚାୟତ ନିର୍ବାଚନ କରିଥିଲା। ଅନ୍ୟ ୨ ପଞ୍ଚାୟତରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଫାଟୁସିନେରିରେ ନିର୍ବାଚନ ହୋଇଥିଲା। ଏବେ ଆନ୍ଧ୍ର ଉକ୍ତ ପଞ୍ଚାୟତରେ ଗ୍ରାମସଭା କରୁଛି।

## ନଦୀରେ ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

କେନ୍ଦ୍ରାପଡ଼ା ଅଫିସ, ୩୧।୩

ଦୋଳ ମହୋତ୍ସବ ଭସାଣି ସମୟରେ କେନ୍ଦ୍ରାପଡା ବ୍ଲକ ନିକିରାଇ ଥାନା ଧୂମାତ ଶାସନ ନିକଟ ବ୍ରାହ୍ମଣୀ ନଦୀରେ ୪ ଜଣ ଯୁବକ ବୁଧବାର ଭାସି ଯାଇଥିଲେ। ଏମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଶାସନ ଗ୍ରାମର ସୌମ୍ୟ ରଞ୍ଜନ ଦାସ (୨୨)ଙ୍କର ମୃତଦେହ ପଟ୍ଟାମୁଣ୍ଡାଇ ଥାନା ଅଳପୁଆ ନିକଟ ନଦୀରୁ ଉଦ୍ଧାର ହୋଇଛି। ଏହି ଗ୍ରାମର ଅଷ୍ଟମ ଶ୍ରେଣୀ ଛାତ୍ର ସ୍ମୃତି ରଞ୍ଜନ ଦାସ ଖବର ଲେଖା ପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ରାଧାକୃଷ୍ଣଙ୍କ ଭସାଣି ପାଇଁ ଗାଁର ୨୦ରୁ ଊର୍ଦ୍ଧ୍ୱ ବାଳକ ଓ ଯୁବକ ନଦୀକୁ ଯାଇଥିଲେ। ନଦୀ ସ୍ରୋତରେ ୪ ଜଣ ଭାସି ଯାଇଥିଲେ।

## ଦୁର୍ଘଟଣାରେ ଜଣେ ମୃତ

**ଡେରାବିଶ,୩୧।୩(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ପେଟ୍ରୋଲ ଟାଙ୍କି ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। ଏକ ଟାଟା ଏସିଇ ଗାଡ଼ି କେନ୍ଦ୍ରାପଡ଼ାରେ ପାଣି ପ୍ୟାକେଟ୍ ଦେଇ ଫେରୁଥିବା ବେଳେ ଚାନ୍ଦୋଳ ନିକଟରେ ହାଇୱା ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଡ୍ରାଇଭର ମଣ୍ଟୁ ବାରିକ (୨୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ହେଲପର ମାନସ ବାରିକ(୨୬) ଗୁରୁତର ହୋଇଥିଲେ। ଉଭୟଙ୍କ ଘର କେନ୍ଦ୍ରାପଡ଼ା ବ୍ଲକ ନରିଲୋ ଗ୍ରାମରେ ବୋଲି ପୋଲିସ କହିଛି ।

# ୧୫% ସଂରକ୍ଷଣ ନେଇ ବିଜ୍ଞପ୍ତି

## ମେଡିକାଲ, ଇଞ୍ଜିନିୟରିଂରେ ସରକାରୀ ସ୍କୁଲ ପିଲାଙ୍କ ନାମଲେଖା ପ୍ରସଙ୍ଗ

ଭୁବନେଶ୍ୱର, ୩୧।୩ (ବ୍ୟୁରୋ)

ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ସରକାର ୧୫% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ଏନେଇ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ସରକାରୀ ସ୍କୁଲରେ ପଢ଼ିବା ଲାଗି ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। କିଛିମାସ ପୂର୍ବରୁ ଏନେଇ ରାଜ୍ୟ ସରକାର ପ୍ରସ୍ତାବ ଆଣିଥିଲେ। ପ୍ରସ୍ତାବର ସମୀକ୍ଷା ପାଇଁ ହାଇ ପାୱାର କମିଟି ଗଠନ କରାଯାଇଥିଲା। ଓଡ଼ିଶା ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଡ. ଏ.କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ ହୋଇଥିଲା। ଏହି କମିଟି ବିସ୍ତୃତ ଭାବେ ବିଚାରବିମର୍ଶ କରି ସରକାରୀ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ମେଡିକାଲ୍ ଓ ଇଞ୍ଜିନିୟରିଂରେ ପ୍ରବେଶ କରିବାର ସୁଯୋଗକୁ ବ୍ୟାପକ କରିବା ପାଇଁ ତାଙ୍କ ରିପୋର୍ଟ ପ୍ରଦାନ କରିଥିଲେ। ହାଇ ପାୱାର କମିଟିର ସୁପାରିସ ଅନୁସାରେ ବିଧାନସଭାରେ ସଂକଳ୍ପ ପାରିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଏହି ସଂକଳ୍ପ ଆଗତ କରିଥିଲେ। ଏହି ସଂରକ୍ଷଣ ପ୍ରତ୍ୟେକ ସଂରକ୍ଷିତ ଏବଂ ଅଣସଂରକ୍ଷିତ ବର୍ଗଙ୍କ ପାଇଁ ସମାନ୍ତରାଳ ଭାବେ ଲାଗୁ କରାଯିବ।

# ବିଦ୍ୟୁତ୍ ଦର ବୃଦ୍ଧିର ପ୍ରତିବାଦ କରିବ କଂଗ୍ରେସ

ଭୁବନେଶ୍ୱର, ୩୧।୩ (ବ୍ୟୁରୋ)

ରାଜ୍ୟରେ ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ଆନ୍ଦୋଳନ କରିବ କଂଗ୍ରେସ। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ବିଦ୍ୟୁତ୍ ଦର ବୃଦ୍ଧିକୁ ରାଜ୍ୟବାସୀ କେବେହେଲେ ବରଦାସ୍ତ କରିବେ ନାହିଁ। ଆସନ୍ତା ୪ ତାରିଖ ସନ୍ଧ୍ୟା ୬ଟା ୩୦ରୁ ୭ଟା ପର୍ଯ୍ୟନ୍ତ ରାଜ୍ୟବାସୀ ପ୍ରତିବାଦ ସ୍ୱରୂପ ନିଜ ଘରର ସମସ୍ତ ଲାଇଟ୍ ଓ ବୈଦ୍ୟୁତିକ ଉପକରଣ ବନ୍ଦ ରଖିବା ପାଇଁ ନିରଞ୍ଜନ ନିବେଦନ କରିଛନ୍ତି। ଆସନ୍ତା ୫ ତାରିଖରେ ଜିଲା ସଦର ମହକୁମାଠାରେ ଥିବା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଓ ୪ ଘଣ୍ଟିଆ ଧାରଣା ଦିଆଯିବ। ଏହାପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସମ୍ପୃକ୍ତ ବିଦ୍ୟୁତ୍ ଅଧିକାରୀଙ୍କୁ ପ୍ରଦାନ କରାଯିବ। ସେହିଭଳି ଆସନ୍ତା ୬ ତାରିଖରେ ପ୍ରତି ବ୍ଲକ, ନଗର କଂଗ୍ରେସ କମିଟି ପକ୍ଷରୁ ନିଜ ଅଞ୍ଚଳରେ ଥିବା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଓ ୪ ଘଣ୍ଟିଆ ଧାରଣା ଦିଆଯିବ ବୋଲି ପିସିସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପିସିସି ଏବଂ ଭୁବନେଶ୍ୱର ଜିଲା କଂଗ୍ରେସ କମିଟିର ମିଳିତ ଆନୁକୂଲ୍ୟରେ ଓଇଆର୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଲାଗି ସ୍ଥିର ହୋଇଥିବା ନିରଞ୍ଜନ କହିଛନ୍ତି।

# ୩ ହାର୍ଡକୋର ମାଓବାଦୀଙ୍କ ଆତ୍ମସମର୍ପଣ




ଆତ୍ମସମର୍ପଣ କରିଥିବା ମାଓବାଦୀ।

- ସଙ୍ଗଠନରେ ଅତ୍ୟାଚାର ଚାଲିଛି
- ଖୁବ୍‌ଶୀଘ୍ର ଥଇଥାନ କରାଯିବ

ମାଲକାନଗିରି,୩୧।୩(ଡି.ଏନ୍.ଏ.)

ମାଲକାନଗିରି ଏସ୍‌ପିଙ୍କ କାର୍ଯ୍ୟାଳୟରେ ବୁଧବାର ୩ଜଣ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଛତିଶଗଡ଼ ବିଜାପୁର ଜିଲା ବାସେଗୁଡ଼ା ଥାନା ଅନ୍ତର୍ଗତ ଚିନାତେରେମ ଗ୍ରାମର ମଇନୁ ଓରଫ ଶମ୍ଭୁ ଦୋଡି (୨୫), ଗାଙ୍ଗୁଲୁର ଥାନା ଅନ୍ତର୍ଗତ କର୍ନାଲ ଗ୍ରାମର ରାମା ଆପକା (୨୫) ଏବଂ ମାଲକାନଗିରି ଜିଲା ଜୋଡାମ୍ବ ପଞ୍ଚାୟତ ବେଜିଙ୍ଗି ଗ୍ରାମର ରଘୁ ଖରା (୨୧) ବୋଲି ମାଲକାନଗିରି ଏସ୍‌ପି ହ୍ରିଶିକେଷ ଡି. ଖିଲାରି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମଇନୁ ୨୦୦୯ରେ ମାଓବାଦୀ ସଂଗଠନରେ ସାମିଲ ହୋଇଥିଲେ। ବର୍ତ୍ତମାନ ସେ ଆନ୍ଧ୍ର-ଓଡ଼ିଶା ବର୍ଡର ଜୋନାଲ କମିଟିର ମିଲିଟାରି ପ୍ଲାଟୁନରେ କାର୍ଯ୍ୟରତ ଥିଲେ। ତାଙ୍କ ପାଇଁ ଛତିଶଗଡ଼ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। କର୍ନାଲ ଗ୍ରାମର ରାମା ମଧ୍ୟ ଜାଗୁରକୋଣ୍ଡା ୨୦୦୯ରୁ ସ୍ୱଦେଶ ଏରିଆ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ପାଇଁ ମଧ୍ୟ ସରକାର ୪ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ସେହିପରି ରଘୁ ୨୦୧୭ରେ ଗୁମ୍ମା ଏରିଆ କମାଣ୍ଡର ଭାବେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ। ତାଙ୍କ ଲାଗି ଓଡ଼ିଶା ସରକାର ୧ ଲକ୍ଷ ଟଙ୍କା ଘୋଷଣା କରିଥିଲେ। ବର୍ତ୍ତମାନ ମାଓବାଦୀ ସଙ୍ଗଠନରେ ପୂର୍ବଆଦର୍ଶ ଆଉ ନାହିଁ। ମହିଳା ମାଓବାଦୀଙ୍କ ଉପରେ ଅତ୍ୟାଚାର କରାଯାଉଛି। ମାଓବାଦୀ କମାଣ୍ଡରଙ୍କ ଉପରେ ବରିଷ୍ଠ ମାଓବାଦୀ ନେତାମାନେ ଅତ୍ୟାଚାର ଚଳାଇଛନ୍ତି। ନିରୀହ ଆଦିବାସୀଙ୍କୁ ପୋଲିସ ସୂଚନାଦାତା ସନ୍ଦେହରେ ହତ୍ୟା କରାଯାଉଛି। ଏହାର ପ୍ରତିବାଦରେ ମାଓବାଦୀଙ୍କ ହାତ ଛାଡ଼ି ଆତ୍ମସମର୍ପଣ କରିଥିବା ସମ୍ପୃକ୍ତ ୩ ମାଓବାଦୀ କହିଛନ୍ତି। ଆତ୍ମସମର୍ପଣକାରୀ ମାଓବାଦୀଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସହାୟତା କରାଯିବ ବୋଲି ଏସ୍‌ପି କହିଛନ୍ତି। ବିଏସ୍‌ଏଫ୍ ଡିଆଇଜି ସଞ୍ଜୟ କୁମାର ସିଂ, ବିଏସ୍‌ଏଫ୍ ସେକେଣ୍ଡ ଅଫିସର କମାଣ୍ଡାଣ୍ଟ ଏସ୍.କେ. ସିଂ, ବିଏସ୍‌ଏଫ୍ ଡେପୁଟି କମାଣ୍ଡାଣ୍ଟ ଏସ୍. ମହାପାତ୍ର, ଓଡ଼ିଶା ପୋଲିସର କମାଣ୍ଡାଣ୍ଟ ରାଜେଶ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ।


classifieds Everyday
0674-2580101, 2549302

real estate

SALE

ଭୁବନେଶ୍ୱର ଗଙ୍ଗପଡ଼ା NH-16ରୁ 400mtr ଦୂରତାରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। 7978676652. D-70819

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9668344479. D-70817

ଭୁବନେଶ୍ୱର ନଖରା East Engineering College backside ଘରବାରି developed plot with electricity available. ଯୋଗାଯୋଗ - 9937111658, 7381029351 (limited plots). D-70816

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-70570

Ready to move house/plot on Bhubaneswar Patia, Raghunathpur, Kalarahanga, Dhauli, Phulnakhara, Mancheswar, Hanspal, Puri canal road, Ranga Bazar, Patrapada. Contact: 8249363553. D-70821

healthcare

Swarna SPA newly open positively health benefits with expert therapist. 9556978408. D-70566

Get good massage for your health the best therapy. 7749997224. D-70440

New opening Saikrupa Panchakarma and Spa jointpain, fullbody massage, 8984068077. D-65914

Refreshing your mind your body with the best therapy at Lotus Spa. 9801811949. D-70441

Zen SPA positively health benefits with experts therapeutic genuinely massage. 7205084157. D-70568

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଧରିତ୍ରୀ
DHARITRI

ଗୁରୁବାର, ଏପ୍ରିଲ ୧/୨୦୨୧ | Thursday, April 1/2021 | ପୃଷ୍ଠା-୧


# ୪୭ ସ୍ଥାନରେ ଜଳୁଛି ଶିମିଳିପାଳ



ବାରିପଦା ବନଖଣ୍ଡରେ ଲାଗିଥିବା ନିଆଁକୁ ଲିଭା ଯାଉଛି।

**ବାରିପଦା ଅଫିସ,୩୧।୩**

ମୟୂରଭଞ୍ଜ ଜିଲାକୁ ଘେରି ରହିଥିବା ଜୈବମଣ୍ଡଳ ଶିମିଳିପାଳ ଅଭୟାରଣ୍ୟରେ ନିଆଁ ଜଳୁଛି। ବୁଧବାର ଶିମିଳିପାଳ ଦକ୍ଷିଣ ଡିଭିଜନର ୪୭ଟି ସ୍ଥାନରେ ନିଆଁ ଲାଗିଥିବା ସାଟେଲାଇଟରୁ ପ୍ରାପ୍ତ ତଥ୍ୟରୁ ଜଣାପଡ଼ିଛି। ଡ଼ହଡ଼ହ ଖରା ସହିତ ନିଆଁର ପ୍ରକୋପରେ ଜୀବଜନ୍ତୁ ଓ ଜନଜୀବନ ଦୁର୍ବିସହ ହୋଇପଡ଼ିଛି। କିଛି ଦିନ ତଳେ ଅଭୟାରଣ୍ୟରେ ଲାଗିଥିବା ନିଆଁକୁ ଲିଭାଇ ଦିଆଯାଇଥିବା ବେଳେ ପୁଣି ଥରେ ଜଙ୍ଗଲ ଜଳିବା ପରିବେଶ ପ୍ରେମୀଙ୍କୁ ବ୍ୟଥିତ କରିଛି।

ଗତ ୨ ଦିନ ହେଲା ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବା ବେଳେ ଶିମିଳିପାଳ ନିଆଁର ତାତି ଜୀବଜଗତକୁ ଅସ୍ତବ୍ୟସ୍ତ କରି ପକାଉଛି। ଅଭୟାରଣ୍ୟର ଦକ୍ଷିଣରେ ଥିବା ଜେନାବିଲ, ନଅଣା ଉତ୍ତର ଓ ଦକ୍ଷିଣରେ ଥିବା ପୋଡ଼ାଡ଼ିହା, ପିଠାବଟା ଏବଂ ଉତ୍ତରରେ ଥିବା ରେଞ୍ଜ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପଗୁଡ଼ିକରେ ନିଆଁ ଜଳୁଥିବା ରିପୋର୍ଟ ☞ପୃଷ୍ଠା-୧୩

# ରେକର୍ଡ ଭାଙ୍ଗିଲା ଭୁବନେଶ୍ୱର

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଜଳୁଛି ସାରା ଓଡ଼ିଶା। ପ୍ରବଳ ଖରାତାତିକୁ ଝାଞ୍ଜି ପବନ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ମଙ୍ଗଳବାର ୪୪.୬ ଡିଗ୍ରୀ ସହ ବାରିପଦା ଦେଶରେ ସବୁଠୁ ଉତ୍ତପ୍ତ ସହର ପାଲଟିଥିବାବେଳେ ବୁଧବାର ରେକର୍ଡ ଭାଙ୍ଗିଛି ଭୁବନେଶ୍ୱର। ୪୪.୨ ଡିଗ୍ରୀରେ ଛଟପଟ ହୋଇଥିଲେ ରାଜଧାନୀବାସୀ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସ୍ଥାପନ ହେବାଠାରୁ ୧୯୪୮ରୁ ଏଯାଏ ଭୁବନେଶ୍ୱରରେ ମାର୍ଚ୍ଚ ମାସର ଏହା ସର୍ବକାଳୀନ ରେକର୍ଡ ବୋଲି କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୨୦୧୬ ମାର୍ଚ୍ଚ ୨୧ରେ ସର୍ବାଧିକ ୪୨.୨ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ଏହା ପୂର୍ବରୁ ୨୦୧୨ ଜୁନ୍ ୫ରେ ରାଜଧାନୀରେ ସର୍ବାଧିକ ତାପମାତ୍ରା ୪୬.୭ ଡିଗ୍ରୀ ଛୁଇଁଥିଲେ ମଧ୍ୟ ମାର୍ଚ୍ଚରେ କେବେବି ପାରଦ ଏତେ ଉପରକୁ ଯାଇ ନ ଥିଲା। ସେହିପରି ବୁଧବାର ରାଜ୍ୟର ୧୯ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ଓ ୧୩ ସହର ୪୧ ଡିଗ୍ରୀ ଉପରେ ରହିଥିଲା। ବାରିପଦାରେ ୪୩.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ବାଲେଶ୍ୱର ୪୩, ଚାନ୍ଦବାଲି ୪୨.୬, ତାଳଚେର ୪୨.୫, ମାଲକାନଗିରି, ଗଜପତି ଓ ବୌଦ୍ଧରେ ୪୨, ଅନୁଗୋଳ ୪୧.୭, ବଲାଙ୍ଗୀର ଓ ଭବାନିପାଟଣାରେ ୪୧.୫, ଟିଟିଲାଗଡ଼ ଓ ନୟାଗଡ଼ରେ ୪୧.୨, ସମ୍ବଲପୁର ଓ ସୋନପୁରରେ ୪୦.୮, କଟକ ୪୦.୬, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ୪୦.୫, ରାୟଗଡ଼ାରେ ୪୦.୧ ଡିଗ୍ରୀ ଛୁଇଁଥିଲା ପାରଦ।

ସେପଟେ ଆଗାମୀ ୨୪ ଘଣ୍ଟାରେ ରାଜ୍ୟର ତାପମାତ୍ରା ୪ ଡିଗ୍ରୀ ବୃଦ୍ଧି ଆଶଙ୍କା କରିଛି ପାଣିପାଗ ବିଭାଗ। ଗ୍ରୀଷ୍ମ ପ୍ରବାହ ସ୍ଥିତିକୁ ନେଇ ୨୨ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରିଛି। ସେହି ଜିଲାଗୁଡ଼ିକ ହେଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ନୟାଗଡ଼, ଖୋର୍ଦ୍ଧା, ସୋନପୁର, ବୌଦ୍ଧ, କନ୍ଧମାଳ, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା ଓ ମାଲକାନଗିରି। ଏ ସମସ୍ତ ଜିଲାକୁ ୨ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ୟେଲୋ ୱାର୍ନିଂ ଜାରି ହୋଇଛି। ରୋଗାକ୍ରାନ୍ତ, ବୃଦ୍ଧ ଓ ଶିଶୁଙ୍କ ପ୍ରତି ବିଶେଷ ସତର୍କ ଦୃଷ୍ଟି ରଖିବାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। ୨ ତାରିଖରୁ କାଳବୈଶାଖୀ ହେବା ସମ୍ଭାବନା ରହିଥିବାରୁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସମ୍ଭାବ୍ୟ ସ୍ଥିତିକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ନେବାକୁ ପାଣିପାଗ ବିଭାଗ ପକ୍ଷରୁ ସରକାର ଓ ପ୍ରଶାସନକୁ ଅବଗତ କରାଯାଇଛି।



ଭୁବନେଶ୍ୱରରେ ଜଣେ ଯୁବକ ତାତିରୁ ତ୍ରାହି ପାଇଁ ପାଇପ୍‌ରୁ ପାଣି ପିଉଛନ୍ତି।

**ସିଝୁଛି ସାରା ଓଡ଼ିଶା**

- ୪୪.୨ ଡିଗ୍ରୀରେ ଛଟପଟ ହେଲେ ରାଜଧାନୀବାସୀ
- ୪୧ ଡିଗ୍ରୀ ଉପରେ ୧୩ ସହର
- ୨୨ ଜିଲାକୁ ଅରେଞ୍ଜ ୱାର୍ନିଂ

# ଭାଜପା ବିରୋଧରେ ଏକାଠି ହୁଅ

## ୧୫ ବିରୋଧୀ ନେତାଙ୍କୁ ଚିଠି ଲେଖିଲେ ମମତା



**କୋଲକାତା,୩୧।୩**

ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନର ଦିନକ ପୂର୍ବରୁ ଭାରତର ଗଣତନ୍ତ୍ରର ସୁରକ୍ଷା ଲାଗି ଭାଜପା ବିରୋଧରେ ଏକାଠି ହେବା ନିମନ୍ତେ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ ବୁଧବାର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସମେତ ୧୫ଟି ବିରୋଧୀ ଦଳର ନେତାଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ଗଣତନ୍ତ୍ର ଓ ସମ୍ବିଧାନ ଉପରେ ଆକ୍ରମଣ କରୁଥିବା ଭାଜପାକୁ ହଟାଇ ଦେଶବାସୀଙ୍କୁ ଏକ ନିର୍ଭରଯୋଗ୍ୟ ବିକଳ୍ପ ଦେବାକୁ ହେଲେ ମିଳିତ ଓ ପ୍ରଭାବଶାଳୀ ସଂଘର୍ଷର ଆବଶ୍ୟକତା ରହିଥିବା ତୃଣମୂଳ କଂଗ୍ରେସ ଅଧ୍ୟକ୍ଷା କଡ଼ା ଭାଷାରେ ଲେଖିଛନ୍ତି। ନିକଟରେ କେନ୍ଦ୍ର ସରକାର ଦିଲ୍ଲୀର ନିର୍ବାଚିତ ସରକାରଙ୍କ କ୍ଷମତା ସଙ୍କୁଚିତ କରି ଉପରାଜ୍ୟପାଳଙ୍କ ହାତରେ ଅଧିକ କ୍ଷମତା ଦେଇଛନ୍ତି। ଏହିଭଳି ଗଣତନ୍ତ୍ର ଓ ସହଯୋଗୀ ☞ପୃଷ୍ଠା-୧୩

# ପୁଣି ହେବ କଣ୍ଟେନ୍‌ମେଣ୍ଟ

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବୁଧବାର ଏପ୍ରିଲ୍ ମାସ ପାଇଁ ଗାଇଡଲାଇନ୍ ଜାରି କରିଛନ୍ତି। ଏହି ଗାଇଡଲାଇନ୍ ଏପ୍ରିଲ୍ ୧ରୁ ୩୦ତାରିଖ ପର୍ଯ୍ୟନ୍ତ ଲାଗୁ ହେବ। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଏହି ଗାଇଡଲାଇନ୍ ଅନୁସାରେ ଏଣିକି କରୋନା ସଂକ୍ରମିତ ବହୁଳ ଅଞ୍ଚଳକୁ ଚିହ୍ନଟ କରି ସ୍ଥାନୀୟ ପ୍ରଶାସନ କଣ୍ଟେନ୍‌ମେଣ୍ଟ ଜୋନ୍ କିମ୍ବା ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ପାଇଁ ନିଷ୍ପତ୍ତି ନେଇପାରିବେ। କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କ୍ଷମତା ଜିଲାପାଳ ଓ ପୌର ପରିଷଦକୁ ଦିଆଯାଇଛି। ଯେଉଁ ଅଞ୍ଚଳରେ ଅଧିକ ସଂକ୍ରମଣ ଚିହ୍ନଟ ହେବ ତାହାକୁ ଅବରୋଧ ଅଞ୍ଚଳ ଭାବେ ଘୋଷଣା ନିଷ୍ପତ୍ତି ସ୍ଥାନୀୟ ପ୍ରଶାସନ ନେଇପାରିବ। କଣ୍ଟେନମେଣ୍ଟ ଜୋନ୍‌ରୁ କେହି ବାହାରି ପାରିବେନି। ଘରକୁଘର ସର୍ଭେ ହେବ। ସେହିଭଳି ଧର୍ମାନୁଷ୍ଠାନ ଭିତରକୁ କେତେଜଣ ଶ୍ରଦ୍ଧାଳୁ ଯିବେ ଓ ଧାର୍ମିକ କାମରେ କେତେଜଣ ସାମିଲ ହୋଇପାରିବେ ତାହା ସ୍ଥାନୀୟ ପ୍ରଶାସନର ନିଷ୍ପତ୍ତି ଉପରେ ନିର୍ଭର କରିବ। ସେହିଭଳି ଟେଷ୍ଟିଂ, ଟ୍ରାକିଂ ଓ ଟ୍ରିଟ୍‌ମେଣ୍ଟ ଉପରେ ଗୁରୁତ୍ୱ ଦିଆଯାଇଛି। ☞ପୃଷ୍ଠା-୧୩

**ଏପ୍ରିଲ ଗାଇଡଲାଇନ୍**

- ନିଷ୍ପତ୍ତି ନେବ ସ୍ଥାନୀୟ ପ୍ରଶାସନ
- ଟେଷ୍ଟିଂ, ଟ୍ରାକିଂ, ଟ୍ରିଟ୍‌ମେଣ୍ଟ ଉପରେ ଗୁରୁତ୍ୱ
- ପିପିଲି ଉପନିର୍ବାଚନ ପାଇଁ ନିର୍ଦ୍ଦେଶାବଳୀ
- ଇନ୍‌ଡୋର ହଲ୍‌ରେ ସର୍ବାଧିକ ୨୦୦ଲୋକଙ୍କୁ ଅନୁମତି



# ଆଜିଠୁ ୪୫ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଟିକା

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

ଗୁରୁବାରଠାରୁ ରାଜ୍ୟରେ ୪୫ ବର୍ଷରୁ ଅଧିକ ବୟସର ଲୋକଙ୍କୁ କୋଭିଡ୍ ଟିକା ଦିଆଯିବ। ଏହି ଟିକାକରଣରେ ହାଇରିସ୍କ ଗ୍ରୁପ୍‌କୁ ପ୍ରାଥମିକତା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାସ୍ତାକଡ଼ ଦୋକାନୀ, ମାଛ ଓ ମାଂସ ବିକ୍ରେତା, ଅଟୋ ଓ ବସ୍ ଡ୍ରାଇଭର, ସ୍କୁଲ ଓ କଲେଜ ଶିକ୍ଷକ, ସେଲୁନ କାରିଗର, ସିକ୍ୟୁରିଟି ଗାର୍ଡ, ରେଷ୍ଟୁରାଣ୍ଟ, ମନ୍ଦିର, ଚର୍ଚ୍ଚ ଓ ମସଜିଦ୍ କର୍ମଚାରୀ ବହୁତ ଲୋକଙ୍କ ସଂସ୍ପର୍ଶରେ ଆସୁଥିବାରୁ ଏମାନଙ୍କୁ ଗୁରୁତ୍ୱ ଦେବାକୁ କୁହାଯାଇଛି। ଏଥିସହିତ ☞ପୃଷ୍ଠା-୧୩

**୩୦୦ ମୁହାଁ ସଂକ୍ରମଣ**




**ଆଜିର ସମ୍ପାଦକୀୟ**

**ଶାକାହାରୀ ହେବା ସବୁଠୁ ଭଲ**

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧି: ଗୃହ ହୁଲସ୍ଥୂଳ

## ପୁନର୍ବିଚାର କରିବାକୁ ଆବେଦନ କରିବେ ସରକାର

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

କରୋନା ମହାମାରୀରେ ଲୋକମାନେ ଜୀବନଜୀବିକା ହରାଇ ଆର୍ଥିକ ଦୁର୍ଗତି ଦେଇ ଗତି କରୁଛନ୍ତି। ଏପରିସ୍ଥଳେ ବିଦ୍ୟୁତ୍ ଶୁଳ୍କ ବଢ଼ାଇ ସରକାର ବୋଝ ଉପରେ ନଳିତାବିଡ଼ା ଲଦିଛନ୍ତି। ଗତ ୭ ମାସରେ ଦୁଇ ଥର ବିଦ୍ୟୁତ୍ ଶୁଳ୍କ ବଢ଼ାଯାଇଛି। ସରକାର ତୁରନ୍ତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର କରନ୍ତୁ, ନଚେତ ଗୃହ ଚଳାଇଦେବୁ ନାହିଁ। ବିଦ୍ୟୁତ୍ ଦର ବୃଦ୍ଧିକୁ ନେଇ ବିଧାନସଭାରେ ବିରୋଧୀ ଦଳର ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଛନ୍ତି । ଏଥିଯୋଗୁ ବୁଧବାର ବିଧାନସଭାରେ ପ୍ରଶ୍ନୋତ୍ତର, ଶୂନ୍ୟକାଳ, ମୁଲତବୀ ଆଲୋଚନା ହୋଇ ପାରି ନ ଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବାଧହୋଇ ବିଭିନ୍ନ ପର୍ଯ୍ୟାୟରେ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳକୁ ଦେଖି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି)ଙ୍କ ନିକଟରେ ସରକାର ଶୁଳ୍କ ବୃଦ୍ଧିର ପୁନର୍ବିଚାର ପାଇଁ ଆବେଦନ କରିବେ। ଅପରାହ୍ନରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ପୂର୍ବାହ୍ନ ୧୦ଟା ୩୦ରେ ସଭାକାର୍ଯ୍ୟ ଚଳାଇବାକୁ ବାଚସ୍ପତି ଗୃହକୁ ପ୍ରବେଶ କଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ, ରମେଶ ଜେନା, ଅଧିରାଜ ପାଣିଗ୍ରାହୀ ପ୍ରମୁଖ ବିଧାନସଭା ମଧ୍ୟଭାଗକୁ ଆସି ହଟ୍ଟଗୋଳ କଲେ। ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର କରିବା ଆମର ଦାବି.... ଆମର ଦାବି ସ୍ଲୋଗାନ ଦେଇ ବିଧାନସଭାକୁ ହୁଲସ୍ଥୂଳ କଲେ । ଭାଜପା ସଭ୍ୟ ମୋହନ ଚରଣ ମାଝି, ମୁକେଶ ମହାଲିଙ୍ଗ, କୁସୁମ ଟେଟେ, ସୁବାସ ପାଣିଗ୍ରାହୀ, ନାଉରୀ ନାୟକ ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି କଂଗ୍ରେସ ସହ ତାଳଦେଲେ। ବିଦ୍ୟୁତ୍ ବିଲ୍ ବୃଦ୍ଧିକୁ ପ୍ରତିବାଦ କରି ହୋହଲ୍ଲା କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳରେ ବିଧାନସଭାରେ କୌଣସି କାର୍ଯ୍ୟକ୍ରମ ଅନୁଷ୍ଠିତ ☞ପୃଷ୍ଠା-୧୩



- ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ

# ପିଏମ୍‌ଏୱାଇ-ବିପିଜିୱାଇ ଲୋଗୋ କଳି

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ(ପିଏମ୍‌ଏୱାଇ-ଜି)ରେ ବିଜୁ ପକ୍କାଘର ଯୋଜନା (ବିପିଜିୱାଇ) ଲୋଗୋ ଲଗାଯାଉଛି। ଏହା କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା। ଏଥିରେ ବିପିଜିୱାଇ ଲୋଗୋ ନ ଲଗାଇବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ଏନେଇ ମାର୍ଚ୍ଚ ୧୨ରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ସଚିବ ନଗେନ୍ଦ୍ର ନାଥ ସିହ୍ନା ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିବାବେଳେ ମାର୍ଚ୍ଚ ୩୦ରେ ପୁଣି ଏକ ଚିଠି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଲେଖିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ପିଏମ୍‌ଏୱାଇ-ଜି ଏକ ଚୁକ୍ତିଭିତ୍ତିକ ଯୋଜନା। ଏଥିରେ ଅନ୍ୟ କୌଣସି ଲୋଗୋ ବ୍ୟବହାର ହୋଇପାରିବ ନାହିଁ। କେବଳ କେନ୍ଦ୍ର ସରକାରଙ୍କ ଲୋଗୋ ବ୍ୟବହାର ପାଇଁ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ପୂର୍ବରୁ ଜଣାଇ ଦିଆଯାଇଥିଲା। କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ରାଜ୍ୟ ସମ୍ବଳରୁ ସର୍ବନିମ୍ନ ଅନୁଦାନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ☞ପୃଷ୍ଠା-୧୩

**ଭାଜପା-ବିଜେଡି ଟଣାଓଟରା**

- ବିଧାନସଭାରେ ହଟ୍ଟଗୋଳ
- ବିପିଜିୱାଇ ଲୋଗୋ ବ୍ୟବହାର ନ କରିବାକୁ ଚିଠି ଲେଖିଲା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ

## ଅସୁବିଧା କେଉଁଠି: ବିଜେଡି

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ରରେ କେନ୍ଦ୍ର ସରକାର ଓଡ଼ିଶାକୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ପୁରସ୍କୃତ କରିଛନ୍ତି। ଏ କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ୫ ବର୍ଷ ଭିତରେ ଓଡ଼ିଶା ୧୫,୭୩,୦୦୦ ଗୃହ ନିର୍ମାଣ କରିଛି। ଏ ବାବଦରେ କେନ୍ଦ୍ର ସରକାର ୧୨,୯୨୮ କୋଟି ୯ ଲକ୍ଷ ଟଙ୍କା ଦେଇଥିବାବେଳେ ଓଡ଼ିଶା ସରକାର ୮,୫୧୮ କୋଟି ୭୩ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । ଭାଜପା ଏମ୍‌ପିମାନେ ଏହି ଯୋଜନାକୁ ବନ୍ଦ କରିବାକୁ ଷଡ଼ଯନ୍ତ୍ର ଚଳାଇଛନ୍ତି। ☞ପୃଷ୍ଠା-୧୩

# ବନ୍ଦ ହେଲା ଟିଟିପିଏସ୍

**ପୂର୍ବାହ୍ନ ୮ଟା ୫୩ରେ ଲିଭିଲା ଲାଇଟ୍**

**ତାଳଚେର,୩୧।୩(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେରଠାରେ ଥିବା ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍) ପୂର୍ବ ଘୋଷଣା ଅନୁଯାୟୀ ବୁଧବାରଠାରୁ ବିଧିବଦ୍ଧ ଭାବେ ବନ୍ଦ ହୋଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ☞ପୃଷ୍ଠା-୧୩

## ନୂଆ ୟୁନିଟ୍ ସ୍ଥାପନ ହେବ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ତାଳଚେର ଥର୍ମାଲ ପାୱାର ଷ୍ଟେଶନ(ଟିଟିପିଏସ)ର ନୂଆ ୟୁନିଟ ସ୍ଥାପନ ହେବ। ବୁଧବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଜାତୀୟ ବିଦ୍ୟୁତ ନିଗମ(ଏନଟିପିସି) ଅଧ୍ୟକ୍ଷ ଗୁରୁଦୀପ ସିଂହଙ୍କ ମଧ୍ୟରେ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ☞ପୃଷ୍ଠା-୧୩

ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। **-ଶ୍ରୀଅରବିନ୍ଦ**





# ଶାକାହାରୀ ହେବା ସବୁଠୁ ଭଲ

ମାନେକା ଗାନ୍ଧୀ

ଲୋକମାନେ ଅନେକ ଶତାବ୍ଦୀ ଧରି ଭେଜେଟାରିଆନ ବା ଶାକାହାରୀ ରହିଆସିଛନ୍ତି, କିନ୍ତୁ ଶାକାହାରୀ ଶବ୍ଦ ୧୮୩୯ରୁ ପ୍ରଚଳିତ ହେଲା। ଯେଉଁମାନେ ଉଦ୍ଭିଦଜ ଖାଦ୍ୟ ଖାଉଥିଲେ ସେମାନଙ୍କ ଉଦ୍ଦେଶ୍ୟରେ ଏହି ଶବ୍ଦ ବ୍ୟବହାର କରାଗଲା। ଗତ ୨୦୦ ବର୍ଷ ହେବ, ଯେଉଁ ସମୟରେ ବ୍ୟବସାୟିକ କଂସେଇଖାନା ପ୍ରଥମେ ଖୋଲାଗଲା ସେବେଠୁ ଲୋକମାନେ ମାଂସାହାରୀ ପାଲଟିଗଲେ ଏବଂ ପୃଥିବୀରେ ଏହାର ପରିଣାମ ବିଧ୍ୱଂସକ ହୋଇ ଆସିଛି। ଏବେ ଏହା ଅନୁଭବ କରିହେଉଛି ଓ ଏହାର ପ୍ରତିକ୍ରିୟା ପ୍ରକାଶ ପାଉଛି। ଶାକାହାରୀ ହେବା ଏବକାର ଜୀବନ ଧାରାର ଏକ ଶୈଳୀକୁ ସୂଚାଉଛି। ଜଣେ ଶାକାହାରୀ କ'ଣ ଖାଇବା ବା ନ ଖାଇବାକୁ ଚାହାନ୍ତି ତାକୁ ନେଇ ପ୍ରତ୍ୟେକଙ୍କର ଭିନ୍ନ ଭିନ୍ନ ପରିଚୟ ରହିଛି। ଯଦି ଅଧିକାଂଶ ଲୋକଙ୍କୁ ପଚରାଯିବ ତୁମେ ଶାକାହାରୀ ନା ମାଂସାହାରୀ ତେବେ ସେମାନେ ଉଭୟ ବୋଲି ଉତ୍ତର ମିଳିବ। ମାଂସାହାରୀ ଠାରୁ ଶୁଦ୍ଧ ଶାକାହାରୀ ଯାଏ ଅନେକ ଷ୍ଟେପ୍ ବା ସୋପାନ ରହିଛି। ସେପାନ ଅନୁଯାୟୀ ସେମାନଙ୍କୁ ନାମିତ କରାଯାଇଛି। ଏହା ସହ ସେମାନଙ୍କ ନିଜସ୍ୱ ବିବରଣୀ ମଧ୍ୟ ରହିଛି। ଓମିନ୍‌ଭୋର, ଯେଉଁମାନେ ସବୁକିଛି ଖାଆନ୍ତି। କାର୍ନିଭୋର୍‌ମାନେ ମାଂସ ଖାଇଥାନ୍ତି। ଯେଉଁମାନେ ମାଂସ ନ ଖାଇ ମାଛ ଖାଆନ୍ତି ସେମାନେ ପେସ୍କାଟାରିଆନ ବର୍ଗର। ପେସ୍କାଟାରିଆନ ଶବ୍ଦ ୧୯୯୦ରେ ପ୍ରଥମେ ସାମ୍ନାକୁ ଆସିଥିଲା। ଇଟାଲୀ ଭାଷାରେ ମାଛକୁ ପେସ୍କା କହନ୍ତି । ପେସ୍କା ଓ ଭେଜେଟାରିଆନ୍‌ର ସମିଶ୍ରଣରେ ଏହି ଶବ୍ଦ ସୃଷ୍ଟି ହୋଇଛି। ପେସ୍କାଟାରିଆନରେ ଅନେକ ସବ୍‌ଗ୍ରୁପ ରହିଛି। ଲାକ୍ଟୋଓଭୋ ଭେଜେଟାରିଆନ ମାଂସ, ଚିକେନ, ସାମୁଦ୍ରିକ ଖାଦ୍ୟ କିମ୍ବା ମାଛ ଖାଆନ୍ତି ନାହିଁ, କିନ୍ତୁ ଦୁଗ୍ଧଜାତୀୟ ଖାଦ୍ୟ ଏବଂ ଅଣ୍ଡା ଖାଇଥାଆନ୍ତି। ଲାକ୍ଟୋ-ଭେଜେଟାରିଆନ ମାଂସ, ଅଣ୍ଡା, ମାଛ, ସାମୁଦ୍ରିକ ଖାଦ୍ୟ କିମ୍ବା ଚିକେନ ଖାଆନ୍ତି ନାହିଁ, କିନ୍ତୁ ଡାଏରି ବା ଦୁଗ୍ଧଜାତୀୟ ଖାଦ୍ୟ ଖାଇଥାଆନ୍ତି। ଓଭୋ-ଭେଜେଟାରିଆନମାନେ ମାଂସ, ମାଛ, ସାମୁଦ୍ରିକ ଖାଦ୍ୟ, ଚିକେନକିମ୍ବା ଡାଏରିଖାଦ୍ୟ ନଖାଇ ଅଣ୍ଡା ଖାଇଥାଆନ୍ତି। ଅଣ୍ଡାକୁ ସେମାନେ ଆମିଷ ବୋଲି ଗ୍ରହଣ ନ କରି ନିଜକୁ ଶାକାହାରୀ ବୋଲି ଉପସ୍ଥାପିତ କରନ୍ତି। ପୋଲୋଭେଜେଟାରିଆନ କହିଲେ ସେମାନଙ୍କୁ ବୁଝାଏ ଯେଉଁମାନେ ମାଂସ, ମାଛ, ଅଣ୍ଡା କିମ୍ବା ଡାଇରି ଫୁଡ ନ ଖାଇ ଚିକେନ ଖାଇଥାନ୍ତି। ସେହିଭଳି ପେସ୍କୋ ପୋଲୋ ଭେଜେଟାରିଆନ ମାଂସ ନ ଖାଇ ଚିକେନ୍ ଏବଂ ମାଛ ଖାଇଥାନ୍ତି। ମାକ୍ରୋବାୟୋଟିକ୍ ବର୍ଗରେ ଥିବା ଲୋକେ ମୁଖ୍ୟତଃ ଶାକାହାରୀ, କିନ୍ତୁ ସେମାନେ ବେଳେବେଳେ ସାମୁଦ୍ରିକ ଖାଦ୍ୟ ଖାଆନ୍ତି। ଲିଭିଂ ଫୁଡ୍ ଇଟର୍ସମାନେ କେବଳ କଞ୍ଚା ମାଂସ ଓ ମାଛ ଖାଇଥାଆନ୍ତି। ଖାଦ୍ୟକୁ ରାନ୍ଧିଲେ ସେଥିରୁ ଭିଟାମିନ ଓ ମିନେରାଲ୍‌ସ ନଷ୍ଟ ହୋଇଯିବା ହେତୁ ସେମାନେ କଞ୍ଚା ଖାଇବା ସପକ୍ଷରେ ଯୁକ୍ତି ବାଢ଼ିଥାଆନ୍ତି। କେବଳ ଫଳ ଓ ପରିବା ଖାଆନ୍ତି ଫ୍ରୁଟାରିଆନ(ଫଳାହାରୀ)ମାନେ। ଏହାପରେ ଆସେ ଭିଗନ ବା ଶୁଦ୍ଧଶାକାହାରୀ। ଏମାନେ ମାଂସ, ଚିକେନ, ମାଛ ସାମୁଦ୍ରିକ ଖାଦ୍ୟ,ଅଣ୍ଡା ଏବଂ ଦୁଗ୍ଧଜାତୀୟ ଖାଦ୍ୟ କିମ୍ବା କୌଣସି ଖାଦ୍ୟରେ ଏହା ରହିଥିଲେ ତାହାକୁ ଏମାନେ ଖାଆନ୍ତି ନାହିଁ। ମହୁ, ପନିର ମଧ୍ୟ ଏମାନେ ଖାଇ ନ ଥା'ନ୍ତି। ଲେଦର, ଉଲ୍, ସିଲ୍କ ଆଦି ପ୍ରାଣୀଜ ଉତ୍ପାଦ ଏମାନେ ପିନ୍ଧନ୍ତି ନାହିଁ।

ଯେକୌଣସି ମାର୍ଗ ଆପଣାନ୍ତୁ ଏବଂ ଯେଉଁଭଳି ପ୍ରତିବଦ୍ଧତା ରକ୍ଷା କରନ୍ତୁ ସେଥିରେ କିଛି ନାହିଁ। ବାସ୍ତବତା ହେଉଛି ମାଂସ ଖାଇବା କମାଇବା ହିଁ ଏକ ସକାରାତ୍ମକ ପଦକ୍ଷେପ। ମାଂସ ଖାଇବା କମ୍ କଲେ ତାହା ତୁମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ପ୍ରାଣୀ କଲ୍ୟାଣକୁ ଏହା ପ୍ରୋତ୍ସାହିତ କରିବ। ଜଣେ ଶୁଦ୍ଧ ଶାକାହାରୀ ବର୍ଷକୁ ପାଖାପାଖି ୨୦୦ ପ୍ରାଣୀଙ୍କ ଜୀବନ ରକ୍ଷା କରନ୍ତି। ଜଳ ବଞ୍ଚାଇବା ଉପରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରନ୍ତି। ପ୍ରଦୂଷଣ କମାଇଥାଆନ୍ତି ଓ ଶହ ଶହ ଗଛର ସୁରକ୍ଷା କରନ୍ତି। କେବଳ ଏତିକି ନୁହେଁ ସେମାନେ ମଧ୍ୟ ପ୍ରାଣୀ ଯନ୍ତ୍ରଣା କମାଇବାରେ ସହାୟକ ହୁଅନ୍ତି।

ଏବେ ଫ୍ଲେକ୍ସିଟାରିଆନ୍ ଶବ୍ଦ ବହୁଳ ଭାବେ ବ୍ୟବହାର କରାଯାଉଛି। ଫ୍ଲେକ୍ସିଟାରିଆନ୍‌ମାନେ ଉଦ୍ଭିଦଜ ଖାଦ୍ୟ ଖାଆନ୍ତି, କିନ୍ତୁ ବେଳେବେଳେ ଏମାନେ କମ୍ ପରିମାଣରେ ମାଛ, ମାଂସ,ଚିକେନ ଏବଂ ଦୁଗ୍ଧଜାତୀୟ ଖାଦ୍ୟ ଖାଇଥାନ୍ତି। ଏଭଳି ଏକ ନୂଆ ଧାରା ଆରମ୍ଭ ହୋଇଥିବାବେଳେ ତା' ଉପରେ ଗବେଷଣା ହେବା ସ୍ୱାଭାବିକ। ରୋଶେନ୍‌ଫିଲ୍ଡ ରୋଥରବର୍ଗ ଏବଂ ଟୋମିୟାମାଙ୍କ ଦ୍ୱାରା ଫ୍ଲେକ୍ସିଟାରିଆନିଜମ୍‌ଙ୍କ ମନସ୍ତାତ୍ତ୍ୱିକ ସ୍ତର ବା ମନୋଭାବ ଉପରେ ଏକ ଗବେଷଣା କରାଯାଇଛି। ଏ ସମ୍ପର୍କିତ ରିପୋର୍ଟ ଫେବୃୟାରୀ ୪,୨୦୨୧ରେ ଫୁଡ୍ କ୍ୱାଲିଟି ଆଣ୍ଡ୍ ପ୍ରିଫରେନ୍ସରେ ପ୍ରକାଶ ପାଇଛି। ଫ୍ଲେକ୍ସିଟାରିଆନମାନେ ସବୁ ଖାଉଥିଲେ ବି ସେମାନେ ପ୍ରାଣୀଜ ଖାଦ୍ୟ ଖାଇବା କମ୍ କରିବାକୁ ଚେଷ୍ଟା କରିଥାନ୍ତି। ଅଧିକାଂଶ ଦେଶରେ ଶାକାହାରୀ ଏବଂ ଶୁଦ୍ଧ ଶାକାହାରୀଙ୍କ ସଂଖ୍ୟା କମ୍ ରହିଥିବାବେଳେ ସେଠାରେ ଫ୍ଲେକ୍ସିଟାରିଆନ୍‌ମାନଙ୍କ ସଂଖ୍ୟା ଢେର ବେଶି। ନିକଟରେ ୟୁଗୋଭ ଦ୍ୱାରା କରାଯାଇଥିବା ଜନମତ ଆକଳନରୁ ଜଣାପଡିଛି ଯେ,ଏମାନଙ୍କ ସଂଖ୍ୟା ଇଂଲଣ୍ଡରେ ୧୪% ଅଧିକ। ଭେଜିଟାରିଆନଜିମ୍ ବା ଶାକାହାରୀବାଦ କେବଳ ଖାଦ୍ୟ ପସନ୍ଦରେ ସୀମିତ ନୁହେଁ। ପରିବେଶ, ସ୍ୱାସ୍ଥ୍ୟ ଓ ନୈତିକତା ଦୃଷ୍ଟି କୋଣରୁ ଦେଖିଲେ ଏହା ଏକ ଜୀବନଶୈଳୀ ଓ ପରିଚୟ। ଶକାହାରୀମାନେ ମାନସିକ ସ୍ତରରେ ଓମ୍‌ନିଭୋରସ ବା ସର୍ବାହାରୀଙ୍କଠାରୁ ଭିନ୍ନ। ଫ୍ଲେକ୍ସିଟାରିଆନମାନଙ୍କ ମନସ୍ତାତ୍ତ୍ୱିକ ସ୍ତର ଜାଣିବା ଲାଗି ୫୬୪ ଜଣ ଫ୍ଲେକ୍ସିଟାରିଆନ୍ ଏବଂ ୧୫୪ ଭେଜେଟାରିଆନଙ୍କୁ ନେଇ ଏକ ଅନୁଧ୍ୟାନ କରାଯାଇଥିଲା। କାହିଁକି ସେମାନେ ମାଂସ ଠାରୁ ଦୂରେଇ ରହୁଛନ୍ତି ସେ ସମ୍ପର୍କରେ ସେମାନଙ୍କୁ ପ୍ରଶ୍ନ ପଚରାଯାଇଥିଲା। ଭବିଷ୍ୟତରେ ଫ୍ଲେକ୍ସିଟାରିଆନମାନେ ଭେଜେଟାରିଆନେ ହେବାକୁ ଚାହୁଁଛନ୍ତି ନାହିଁ ତାହା ମଧ୍ୟ ଜଣିବାକୁ ଚେଷ୍ଟା କରିଥିଲେ ଗବେଷକମାନେ। ହାରାହାରି ଭାବେ ଫ୍ଲେକ୍ସିଟାରିଆନ୍ ଓ ଭେଜେଟାରିଆନଙ୍କ ମଧ୍ୟରେ ବୟସ ଓ ଆୟ ମଧ୍ୟରେ କିଛି ପଭେଦ ନ ଥିଲା ଓ ସେମାନଙ୍କ ସୋସିଆଲ ନେଟୱାର୍କରେ ବହୁ ସଂଖ୍ୟାରେ ଭେଜେଟାରିଆନ ରହିଥିବା ଦେଖାଯାଇଥିଲା। ମାନସିକ ସ୍ତରରେ ଫ୍ଲେକ୍ସିଟାରିଆନ୍‌ମାନେ ଶାକାହାରୀଙ୍କ ବିପରୀତ ବୋଲି ଲକ୍ଷ୍ୟ କରାଯାଇଥିଲା। ମାଂସ ଖାଇବା ନୈତିକତା ଦୃଷ୍ଟିରୁ ଭୁଲ୍ ବୋଲି ସେମାନେ ଅନୁଭବ କରୁ ନ ଥିବା ଜଣାପଡ଼ିଥିଲା। ପ୍ରାଣୀ କଲ୍ୟାଣ, ପରିବେଶ କିମ୍ବା ନିଜର ସୁସ୍ଥତା ଲାଗି ସେମାନେ ମାଂସ ଛାଡ଼ିବାର ସମ୍ଭାବନା କମ୍ ରହିଥିବା ଗବେଷକମାନେ ଜାଣିବାକୁପାଇଥିଲେ। ଅପରପକ୍ଷରେ ଭେଜେଟାରିଆନମାନେ ସମାଜ ସେମାନଙ୍କ ଖାଦ୍ୟକୁ କେଉଁ ଦୃଷ୍ଟିରେ ଦେଖୁଛି ସେଥିପ୍ରତି କମ୍ ଚିନ୍ତା କରୁଥିଲେ ଓ ବାହାରର ଭଲ ପାଇଁ ଶାକାହାର ଗ୍ରହଣ କରୁଥିଲେ ବୋଲି ସେମାନଙ୍କ ଉତ୍ତରରୁ ସ୍ପଷ୍ଟ ହୋଇଥିଲା। କିଛି ସେମାନେ ସ୍ୱାସ୍ଥ୍ୟଗତ କାରଣ ପାଇଁ ଖାଉଥିବା ଜଣାପଡ଼ିଥିଲା। ଭେଜେଟାରିଆନ୍‌ଙ୍କ ପ୍ରତି ସମାଜର ସକାରାତ୍ମକ ଦୃଷ୍ଟି ରହୁଥିବା ହେତୁ ସମସ୍ତ ଫ୍ଲେକ୍ସିଟାରିଆନ୍ ଭେଜେଟାରିଆନ ହେବା ଲାଗି ଚାହୁଁଥିବା କହିଥିଲେ।

ଉଭୟ ଗବେଷଣା ଏବଂ ୟୁଗୋଭ ସର୍ଭେରୁ ଜଣାପଡିଲା ଯେ,ସାଧାରଣ ଲୋକଙ୍କ ତୁଳନାରେ ଫ୍ଲେକ୍ସିଟାରିଆନ୍‌ମାନେ ମାଂସ ଖାଇବା କମ୍ କରିବା ବା ଛାଡ଼ିବା ପାଇଁ ତିନିଗୁଣ ଅଧିକ ଚେଷ୍ଟା କରନ୍ତି। ଛାତ୍ର କିମ୍ବା ଘରେ ଜୀବନସାଥୀ ସହ ରହୁଥିବା ତଥା ଆଗକୁ ପିଲାଟିଏ ଚାହୁଁଥିବା ପାର୍ଟଟାଇମ କର୍ମଜୀବୀ ଫ୍ଲେକ୍ସିଟାରିଆନ୍‌ମାନେ ଶୁଦ୍ଧ ଶାହକାହାରୀ କିମ୍ବା ଶାକାହାରୀ ହେବକୁ ଚାହୁଁଥିବା ସର୍ଭେରୁ ଜଣାପଡ଼ିଥିଲା। ଫ୍ଲେକ୍ସିଟାରିଆନ୍‌ମାନେ ସାମାଜିକ ତଥା ସଚେତନାଭିତ୍ତିକ କାର୍ଯ୍ୟରେ ନିଜକୁ ବେଶୀ ଜଡ଼ିତ ହୁଅନ୍ତି।ସେମାନେ ସାମାଜିକ ବିଚାର ଓ ନୈତିକତା ଉପରେ ଅଧିକ ସଚେତନ। ଫ୍ଲେକ୍ସିଟାରିଆନ୍‌ମାନେ ଡାଏରି କିମ୍ବା ମାଂସର ବିକଳ୍ପ ଖାଦ୍ୟକୁ ସାଧାରଣଲୋକଙ୍କ ଅପେକ୍ଷା ଅଧିକ ହାରରେ ଖାଇଥାନ୍ତି। ସେମାନେ ଏକ ନୂଆ ଖାଦ୍ୟର ସନ୍ଧାନରେ ମଧ୍ୟ ରହିଥାନ୍ତି। ଜଣେ ଭେଜିଟେରିଆନ ଏବଂ ଜଣେ ଫ୍ଲେକ୍ସିଟାରିଆନ୍‌ଙ୍କ ପୂରା ଚିହ୍ନଟ କରଯାଉଥିବାବେଳେ ଜଣେ ଫ୍ଲେକ୍ସିଟାରିଆନ୍‌ଙ୍କୁ ଚିହ୍ନଟ କରିବାରେ ସମସ୍ୟା ରହିଛି। ସେମାନଙ୍କ ବ୍ୟବହାରକୁ ଲୋକେ ସହଜରେ ଆକଳନ କରିପାରନ୍ତି ନାହିଁ।

ଫ୍ଲେକ୍ସିଟାରିଆନ୍‌ଙ୍କୁ କିପରି ଭେଜିଟେରିଆନ କରିହେବ ? ମାଂସ ଛାଡ଼ିବା ପାଇଁ ତୁମେ ସମାନଙ୍କୁ ଉତ୍ସାହିତ କରିବା ଦରକାର। ଯଦି ସେମାନେ ବୃହତ ଶାକାହାରୀ ସମାଜର ଏକ ଅଂଶ ବୋଲି ଅନୁଭବ କରିବେ, ତେବେ ଶାକାହାରୀମାନଙ୍କ ପଥରେ ସେମାନେ ଯିବାକୁ ରାଜି ହୋଇପାରିବେ। ଏମାନେ ସେହି ଲୋକ,ଯେଉଁମାନେ ସମାଜ ତଥା ଏହାର ଧାରା ପ୍ରତି ସମ୍ପୂର୍ଣ୍ଣ ସଚେତନ। ସେମାନଙ୍କ ମାନସିକତାରେ ସ୍ୱାସ୍ଥ୍ୟଗତ ଲାଭ ଭଳି ବଷୟକୁ ଉଜାଗର କରାଯାଇପାରିଲେ ତାହା ଅଧିକ ଲାଭପ୍ରଦ ହେବ।

Email: gandhim@nic.in



# କୃଷକ ଆନ୍ଦୋଳନର ଅନ୍ତ କେବେ

ରବିନାରାୟଣ ସାମଲ

କୃଷକ ଆନ୍ଦୋଳନକୁ ଚାରିମାସ ପୂରିଗଲା। ପରାଧୀନ ଭାରତର ଚମ୍ପାରଣ ଆନ୍ଦୋଳନ ପରେ ସ୍ୱାଧୀନ ଭାରତର ଏହା ବୋଧେ ପ୍ରଥମ ଦୀର୍ଘକାଳୀନ ଆନ୍ଦୋଳନ। ଆନ୍ଦୋଳନ ଶେଷ ହେବାର ନାଁ ଧରୁନି। ଦିଲ୍ଲୀର ପ୍ରବେଶ ପଥରେ କେନ୍ଦ୍ର ସରକାର କଣ୍ଟା ଓ କଂକ୍ରିଟ୍‌ର ବ୍ୟାରିକେଡ୍ ତିଆରି କରିଥିଲା ବେଳେ କୃଷକମାନେ ଇଟାରେ ଘର ତିଆରି କରୁଛନ୍ତି। ମାନ୍ୟବର ଉଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରିବାକୁ ଏକରକମ ଅନିଚ୍ଛୁକ। ତେବେ ଏ ଆନ୍ଦୋଳନର ଅନ୍ତ କେଉଁଠି ?

'କୃଷି ଆଇନ ଆଣିବା ପୂର୍ବରୁ କେନ୍ଦ୍ର ସରକାର ଯଦି କୃଷକ ସଂଗଠନଗୁଡ଼ିକ ସହିତ ବିଚାରବିମର୍ଶ କରିଥାନ୍ତେ, ତେବେ ଏହାକୁ ନେଇ କୃଷକ ଆନ୍ଦୋଳନ ହୋଇ ନ ଥାନ୍ତା।' ହନୁ ସତ କହିଲା ଭଳି ଭଲ କଥା ପଦେ କହିଛନ୍ତି ଉତ୍ତରପ୍ରଦେଶର ଭାଜପା କାର୍ଯ୍ୟକାରିଣୀର ସଦସ୍ୟ ତଥା ମନ୍ତ୍ରୀ ରାମ ଇକ୍‌ବଲ ସିଂ। କିନ୍ତୁ କେନ୍ଦ୍ର ସରକାର ତାହା କଲେ ନାହିଁ। ବିରୋଧୀ ଦଳର ପ୍ରବଳ ବିରୋଧ ସତ୍ତ୍ୱେ କେନ୍ଦ୍ର ସରକାର କୃଷି ବିଲ୍ ଉପରେ କୌଣସି ଆଲୋଚନା ନ କରି ପାର୍ଲାମେଣ୍ଟରେ ପାସ୍ କରାଇନେଲେ। ତିନି ଶହରୁ ଊର୍ଦ୍ଧ୍ୱ କୃଷକ ସଂଗଠନ ଏହାର ପ୍ରତିବାଦ କରି ଗତ ବର୍ଷ ସେପ୍ଟେମ୍ବର ୨୫ ତାରିଖରେ 'ଭାରତ ବନ୍ଦ' ହରତାଳ କଲେ। ବିଲ୍‌ରେ ଦସ୍ତଖତ ନ କରିବାକୁ ରାଷ୍ଟ୍ରପତିଙ୍କୁ ଅନୁରୋଧ କଲେ। କିନ୍ତୁ ରାଷ୍ଟ୍ରପତି ବିଲ୍ ତିନୋଟିରେ ମୋହର ମାରିଲେ ଏବଂ ତାହା ଆଇନରେ ପରିଣତ ହୋଇଗଲା। କେବଳ ଏତିକିରେ କଥା ସରିଲା ନାହିଁ। ବିଲ୍‌କୁ ବିରୋଧ କରି କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ହରସିମିରତ୍ କୌର ଇସ୍ତଫା ଦେଲେ ଏବଂ ଏନ୍‌ଡିଏ ମେଣ୍ଟରୁ ଅକାଳି ଦଳ ଓହରିଗଲା।

ପଞ୍ଜାବ ଓ ହରିୟାଣାରୁ ହଜାର ହଜାର ଚାଷୀ ନଭେମ୍ବର ୨୬ ତାରିଖରେ ଦିଲ୍ଲୀର ପ୍ରବେଶ ପଥକୁ ଅବରୋଧ କଲେ। ପୋଲିସ ସେମାନଙ୍କ ଉପରେ ଦମନଲୀଳା ଚଳାଇବା ସତ୍ତ୍ୱେ ଆନ୍ଦୋଳନରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ବଢ଼ିଲା ସିନା କମିଲା ନାହିଁ। ଏବେ ସାରା ଦେଶର ପ୍ରତ୍ୟେକଟି ରାଜ୍ୟରୁ ଚାଷୀମାନେ ପିଲାଛୁଆ ଧରି ଧାରଣାସ୍ଥଳରେ ଯୋଗ ଦେଉଛନ୍ତି ଏବଂ ବିଭିନ୍ନ ରାଜ୍ୟରେ 'ମହାପଞ୍ଚାୟତ' ଅନୁଷ୍ଠିତ କରାଯାଇ ଆନ୍ଦୋଳନକୁ ଜୋରଦାର କରାଯାଉଛି।

ଜାନୁୟାରୀ ୨୬ରେ କେତେକ ଦୁର୍ବୃତ୍ତ ଟ୍ରାକ୍ଟର ର୍‍ୟାଲି କରି ଅନୁମତିପ୍ରାପ୍ତ ହୋଇ ନ ଥିବା ଅଞ୍ଚଳକୁ ପ୍ରବେଶ କଲେ ଏବଂ ଲାଲକିଲ୍ଲା ଉପରେ ଜାତୀୟ ପତାକାକୁ ଓହ୍ଲାଇ ଦେଇ ଧର୍ମୀୟ ପତାକା ଉଡ଼ାଇଲେ। ସ୍ୱାଧୀନ ଭାରତର ଇତିହାସରେ ଏହା ଏକ କଳଙ୍କିତ ଅଧ୍ୟାୟ ହୋଇ ରହିଗଲା। କର୍ପୋରେଟ୍ ମିଡିଆଙ୍କୁ ଗୋଟିଏ ଭଲ ଖୋରାକ ମିଳିଗଲା। ସେମାନେ ଉଚ୍ଚ ସ୍ୱରରେ ଏହାକୁ ପ୍ରଚାର କରି ଆନ୍ଦୋଳନରତ କୃଷକଙ୍କ ଉପରେ ଝାମ୍ପି ପଡ଼ିଲେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଭାଜପା ସହିତ ସମ୍ପୃକ୍ତ ଅଭିନେତା ଦୀପ୍ ସିଦ୍ଧୁ ଓ ଗ୍ୟାଙ୍ଗଷ୍ଟର୍ ଲାଖା ସିଧନାଙ୍କୁ ପୋଲିସ ଗିରଫ କରିବା ପରେ ମିଡିଆର ମୁଖ ବନ୍ଦ ହୋଇଗଲା ଏବଂ ଜାନୁୟାରୀ ୨୬ ଅଘଟଣ ପ୍ରଚାର ପ୍ରସାରରୁ ବାଦ ପଡ଼ିଲା।

କିଛି ଦିନ ତଳେ ୨୧ ବର୍ଷୀୟା ପରିବେଶବିତ୍ ଦିଶା ଅପନ୍ନା ରବିଙ୍କ ଗିରଫଦାରି ବେଶ୍ ଚର୍ଚ୍ଚାକୁ ଆସିଥିଲା। କୃଷକ ଆନ୍ଦୋଳନକୁ ସମର୍ଥନ କରି ଗ୍ରେଟା ଥନ୍‌ବର୍ଗଙ୍କ ଟୁଲ୍‌କିଟ୍‌ଆପ୍‌ରେ ସେ ମନ୍ତବ୍ୟ ଦେଇଥିବାରୁ ଏନ୍‌ଆଇଏ ତାଙ୍କୁ ବାଙ୍ଗାଲୋର୍‌ରୁ ଗିରଫ କରିନେଲା। ଅନ୍ୟମାନଙ୍କୁ ବିଭିନ୍ନ ଭାବରେ ହଇରାଣ ହରକତ କରିବା ସହିତ ଅସାମାଜିକ ଲୋକଙ୍କ ଦ୍ୱାରା ଆକ୍ରମଣ କରାଯାଉଥିବାର ଅଭିଯୋଗ ଆସୁଛି। ସମସ୍ୟା ସମାଧାନ କରିବା ପରିବର୍ତ୍ତେ କେନ୍ଦ୍ର ସରକାର ଯେ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି ତାହା ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି।

କୃଷକ ଆନ୍ଦୋଳନ ଆଉ ଦିଲ୍ଲୀରେ ସୀମାବଦ୍ଧ ହୋଇ ରହିନାହିଁ। ଏହା ସାରା ଦେଶକୁ ବ୍ୟାପି ଯାଇଛି। ଏହାକୁ ସମର୍ଥନ କରି ରାସ୍ତାରୋକୋ, ରେଳରୋକୋ, ଭାରତ ବନ୍ଦ ପରି ପ୍ରତିବାଦ ବାରମ୍ବାର ହେଲାଣି। ବ୍ରିଟେନ୍, କାନାଡ଼ା, ଅଷ୍ଟ୍ରେଲିଆ ଓ ଆମେରିକାର ସାଂସଦମାନେ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ନାପସନ୍ଦ କଲେଣି। ବ୍ରିଟେନ୍‌ର ପାର୍ଲାମେଣ୍ଟରେ ଆଲୋଚନା ହେଲାଣି। ଦେଶବିଦେଶର ଗଣମାଧ୍ୟମରେ ମଧ୍ୟ ଅନବରତ ଚର୍ଚ୍ଚା ଚାଲିଛି। ତଥାପି ସରକାରଙ୍କର ଏଥିପ୍ରତି ଭ୍ରୂକ୍ଷେପ ନାହିଁ। ନିଜ ଜିଦ୍‌ରେ ସରକାର ଅଟଳ ରହିଛନ୍ତି।

କୃଷି ହେଉଛି ରାଜ୍ୟ ତାଲିକାଭୁକ୍ତ ବିଷୟ। ରାଜ୍ୟ ସହିତ କୌଣସି ଆଲୋଚନା ନ କରି କେନ୍ଦ୍ର ଏକତରଫା ଭାବେ ଯେପରି ଆଇନ ପ୍ରଣୟନ କଲା ତାହା ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ। କେରଳ, ପଞ୍ଜାବ , ପଶ୍ଚିମବଙ୍ଗ ସମେତ କେତେକ ରାଜ୍ୟ ଏହାକୁ ବିରୋଧ କରି ସେମାନଙ୍କ ବିଧାନସଭାରେ ମଧ୍ୟ ସଂକଳ୍ପ ପାରିତ୍ କରିଛନ୍ତି। କେନ୍ଦ୍ର-ରାଜ୍ୟ ମଧ୍ୟରେ ଏପରି ଦ୍ୱନ୍ଦ୍ୱ ସାମ୍ବିଧାନିକ ସଂକଟ ସୃଷ୍ଟି କରିଛି। କେନ୍ଦ୍ର ସରକାର କୃଷକ ସଂଗଠନଗୁଡ଼ିକ ସହିତ ୧୧ ଥର ଆଲୋଚନା କଲେଣି ସତ, କିନ୍ତୁ ତିନୋଟି କୃଷି ଆଇନ ପ୍ରସଙ୍ଗକୁ ଆସୁନାହିଁ। ପରସ୍ପର ଦୋଷ ଲଦାଲଦିରେ ଚାରି ମାସ ବିତିଗଲାଣି।

ଖରାବର୍ଷାକୁ ଖାତିର ନ କରି କୃଷକମାନେ ଧାରଣାରେ ବସି ରହିଛନ୍ତି। ଇତି ମଧ୍ୟରେ ୨୫୦ରୁ ଊର୍ଦ୍ଧ୍ୱ କୃଷକଙ୍କର ସେଠାରେ ପ୍ରାଣହାନି ଘଟିଲାଣି। ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ କୃଷକମାନଙ୍କ ଦାବି ପ୍ରତି ଉଦାସୀନ ରହିବା ଦେଶ ପାଇଁ ଶୁଭଙ୍କର ନୁହେଁ। ସାଧାରଣ ଜନତା ଯାହା ଚାହୁଁ ନାହାନ୍ତି ସରକାର ତାହାକୁ କାର୍ଯ୍ୟକାରୀ କରିବାକୁ ଏତେ ବ୍ୟଗ୍ର କାହିଁକି ?

ଐତିହାସିକ ଚମ୍ପାରଣ ଆନ୍ଦୋଳନର ଶହେ ବର୍ଷ ପୂର୍ତ୍ତି ଅତ୍ୟନ୍ତ ଆଡ଼ମ୍ବର ଓ ସମ୍ମାନର ସହ ପାଳନ କରିଥିବା କେନ୍ଦ୍ର ସରକାର ଏବେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଏହି ଦୀର୍ଘକାଳୀନ ଆନ୍ଦୋଳନରୁ ନମ୍ରତାର ସହ କିଛି ଶିକ୍ଷା ଲାଭ କରନ୍ତୁ।

ମୋ- ୭୯୭୫୦୪୬୪୮୬

## ଏଇ ଭାରତରେ

ନିଜ ଜୀବନକୁ ବାଜି ଲଗାଇ ଅନ୍ୟମାନଙ୍କୁ ପାଣିରୁ ଉଦ୍ଧାର କରିବାରେ ସାରା ଜୀବନ ବିତାଇଛନ୍ତି ମୁମ୍ବାଇର ମତ୍ସ୍ୟଜୀବୀ ରାଜାରାମ ଜୋଷୀ। ଗତ ୩୦ ବର୍ଷ ଧରି ସେ ନାଭିମୁମ୍ବାଇ ନିକଟସ୍ଥ କ୍ରିକ୍‌ରେ ଆତ୍ମହତ୍ୟା କରିବା ଲାଗି ଚେଷ୍ଟା କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୪୯ ଜଣଙ୍କୁ ଉଦ୍ଧାର କରିଛନ୍ତି। ରାଜାରାମ ରୁହନ୍ତି ନାଭି ମୁମ୍ବାଇର ଭାସିରେ। ୨୦୧୩ରେ ଜଣେ ମହିଳା ଆତ୍ମହତ୍ୟା କରିବା ଲାଗି କ୍ରିକ୍‌କୁ ଡେଇଁବା ପରେ ତାଙ୍କୁ ପ୍ରଥମେ ସେ ଉଦ୍ଧାର କରିଥିଲେ। ଫାୟାର ବ୍ରିଗେଡ୍‌କୁ ସହଯୋଗ କରି ନିଜେ ୫୪ଟି ମୃତଦେହ ଉଦ୍ଧାର କରିଛନ୍ତି। ରାଜାରାମ ତାଙ୍କ ଜେଜେବାପାଙ୍କଠାରୁ ୬ ବର୍ଷ ବୟସ ବେଳୁ ପହଁରା ଶିଖିବା ପରେ ୧୨ ବର୍ଷ ବୟସରେ ତାଙ୍କ ସାଙ୍ଗ କ୍ରିକ୍‌ରେ ବୁଡ଼ିଯିବାବେଳେ ଉଦ୍ଧାର କରିଥିଲେ। ରାଜାରାମ ଏ ବାବଦରେ କାହାଠାରୁ କେବେବି କିଛି ନେଇ ନ ଥା'ନ୍ତି। ଦୁଇବର୍ଷ ପୂର୍ବେ ତାଙ୍କୁ ନ୍ୟାଶନାଲ ଫାୟାର ସର୍ଭିସ ୱିକ୍ ଅବସରରେ ସମ୍ମାନିତ କରାଯାଇଛି। ଗତବର୍ଷ ଜଣଙ୍କୁ ଉଦ୍ଧାର କରିବାକୁ ଯାଇ ରାଜାରାମ ମେରୁଦଣ୍ଡରେ ଆଘାତ ପାଇବା ପରେ ସୁସ୍ଥତା ଲାଭ କରୁଛନ୍ତି। କିନ୍ତୁ ଏହି କାର୍ଯ୍ୟରେ ଏବେ ତାଙ୍କର ଦୁଇଜଣ ସହଯୋଗୀଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ସେମାନେ କ୍ରିକ୍ ନିକଟରେ ଲୋକଙ୍କ ଉପରେ ନଜର ରଖୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧ ଏପ୍ରିଲ ୧୯୯୬

- ଏଲ୍‌ଟିଟିଇ ଗେରିଲାଙ୍କ ୩ଟି ବୋଟ୍‌କୁ ଶ୍ରୀଲଙ୍କା ସୈନ୍ୟବାହିନୀ ଧ୍ୱଂସ କରିଦେବା ଫଳରେ ୩୫ ଗେରିଲା ନିହତ।
- ମୁମ୍ବାଇରୁ ଅହମ୍ମଦାବାଦ ଯାଉଥିବା ବସ୍ ଔରଙ୍ଗା ନଦୀରେ ଖସିପଡ଼ିବା ଫଳରେ ୧୯ ଯାତ୍ରୀଙ୍କ ମୃତ୍ୟୁ।
- ଦେଶବ୍ୟାପୀ ଦୁଇଦିନ ଧରି ଚାଲିଥିବା ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ ପ୍ରତ୍ୟାହୃତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 9 | | 5 | | E | | | | | 0 | 1 | | | |
| | 1 | | | | 8 | | C | | 3 | | | | D | |
| | | | | | 4 | 2 | B | | | | | | E | 6 |
| | | | | | | 9 | | | | | 4 | | | |
| C | A | B | | | 2 | | | | | 7 | | | | 4 |
| | 2 | D | A | B | | C | 9 | | | | | | 0 | |
| 5 | E | | 0 | | 9 | | | | | | 6 | 1 | 4 | 3 |
| | 7 | | 2 | 1 | | 3 | A | | | 4 | | | | |
| 0 | | | | | | B | | 8 | | | | 7 | | 2 |
| | | 8 | | | | | | | | 1 | | D | | C |
| | | | | E | | 6 | 3 | | A | | 0 | | 8 | |
| 3 | | 7 | 9 | | | | | | E | | | 5 | | |
| 9 | | 0 | | 3 | | | 7 | | | | | | | D |
| | | A | 6 | | | 8 | | E | | | | | 1 | |
| | | | 7 | A | 0 | D | | | 8 | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 2 | 8 | 4 | A | 0 | D | 9 | 3 | 6 | 7 | 1 | C | 5 | B |
| 6 | C | 0 | D | B | 8 | 4 | 5 | E | A | 2 | 3 | 9 | 1 | 7 |
| B | D | 5 | 6 | 3 | 9 | 1 | C | 7 | 0 | 4 | 8 | E | A | 2 |
| A | 9 | 1 | 2 | C | 7 | B | 8 | 0 | D | 5 | E | 4 | 6 | 3 |
| 7 | 4 | 3 | 5 | 1 | E | 6 | A | 2 | 9 | C | B | D | 0 | 8 |
| 9 | 8 | 4 | 0 | D | 5 | 2 | 7 | B | 3 | E | A | 6 | C | 1 |
| 1 | 6 | B | C | 2 | 4 | 3 | D | 9 | 5 | 8 | 7 | 0 | E | A |
| 0 | 5 | A | E | 7 | 3 | C | 1 | 6 | 4 | B | 9 | 8 | 2 | D |
| 2 | 7 | D | 8 | 9 | A | 0 | E | 5 | 1 | 6 | C | B | 3 | 4 |
| 3 | E | C | 1 | 6 | B | A | 4 | 8 | 2 | D | 0 | 7 | 9 | 5 |
| 5 | 0 | 2 | 7 | 8 | 6 | E | 3 | A | B | 9 | 4 | 1 | D | C |
| 8 | 3 | E | A | 0 | D | 9 | B | 4 | C | 1 | 5 | 2 | 7 | 6 |
| D | A | 7 | B | 4 | C | 5 | 6 | 1 | E | 0 | 2 | 3 | 8 | 9 |
| 4 | 1 | 6 | 9 | 5 | 2 | 7 | 0 | C | 8 | 3 | D | A | B | E |
| C | B | 9 | 3 | E | 1 | 8 | 2 | D | 7 | A | 6 | 5 | 4 | 0 |

ଗତକାଲିର ଉତ୍ତର

# ସ୍ୱାଭିମାନର ମୁଖଶାଳା



ଡ. ପ୍ରଫୁଲ୍ଲ କୁମାର ସାହୁ

କୌଣସି ମଣିଷର ପ୍ରାଣକୁ ବାଧିଲେ ସେ ଯେମିତି ଛଟପଟ ହୁଏ, ଜାତିର ପ୍ରାଣକୁ ବାଧିଲେ ସେ ବି ସେମିତି ଛଟପଟ ହୁଏ ଯନ୍ତ୍ରଣାରେ। ଏହି ଛଟପଟ ହେବା ହିଁ ଜାତିର ଆନ୍ଦୋଳନ। ଯେଉଁ ଜାତିର ପ୍ରାଣକୁ ଯେତେ ବାଧେ, ସେତେ ପ୍ରଖର ହୁଏ ତା'ର ଆନ୍ଦୋଳନର ଗତି। ଏହି ଦୃଷ୍ଟିରୁ ବିଚାର କଲେ ଓଡ଼ିଶାର ରାଜନୈତିକ ଆୟତନ ଓ ସାଂସ୍କୃତିକ ପରିଚୟ ସଙ୍କୋଚନ ଜନିତ ତୀବ୍ର ଅସନ୍ତୋଷରୁ ଆରମ୍ଭ ହୋଇଥିଲା ଦେଶ ମିଶ୍ରଣ ଆନ୍ଦୋଳନ। ଓଡ଼ିଶାର ଶାସନ ଭାର ଇଂରେଜମାନଙ୍କ ହାତକୁ ଚାଲିଯିବା(୧୮୦୩)ପରେ ଖଣ୍ଡ ବିଖଣ୍ଡିତ ହୋଇଗଲା ବିଶାଳ ଓଡ଼ିଶା। ଚତୁର୍ଦ୍ଦିଗରେ ପରିବେଷ୍ଟିତ ଚାରୋଟି ବୃହତ୍ ପ୍ରଦେଶ ଦ୍ୱାରା ଓଡ଼ିଶାର ବ୍ୟାପକ ଅଞ୍ଚଳ କବଳିତ ହେବା ଯୋଗୁ ସେଠାରେ ଉପେକ୍ଷିତ ହେଲା ସଂଖ୍ୟାଲଘୁ ଓଡ଼ିଆମାନଙ୍କ ସ୍ୱାର୍ଥ। ବିପର୍ଯ୍ୟସ୍ତ ହୋଇପଡ଼ିଲା ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ସାମାଜିକ ଚଳଣି। ଜାତିର ଏହି ସଂକଟ କାଳରେ ଜାତୀୟ ଜୀବନରେ ସୃଷ୍ଟି ହେଲା ଉଦ୍‌ବେଳନ। ଜାତି ଐରାବତ ମଧୁବାବୁଙ୍କ ଆହ୍ୱାନ କ୍ରମେ ଜାତିପ୍ରାଣମାନେ ଏକତ୍ରିତ ହୋଇ ଗଠନ କଲେ (୧୯୦୩) ଜାତୀୟ ମଞ୍ଚ 'ଉତ୍କଳ ସମ୍ମିଳନୀ'। ଓଡ଼ିଆ ଅସ୍ମିତାବୋଧର ଜାଗରଣ ନିମନ୍ତେ ଗଢ଼ିଉଠିଥିବା ଏହି ଅଣ ରାଜନୈତିକ ମଞ୍ଚରୁ ପ୍ରବାହିତ ହେଲା ଜାତୀୟତାର ଉତ୍ତାଳ ତରଙ୍ଗ। ପ୍ରଥମେ କେବଳ ସମ୍ମିଳନୀ ମଣ୍ଡପରେ ବକ୍ତୃତାର ବିଷୟ ହୋଇ ରହିଥିବା ଦେଶ ମିଶ୍ରଣ ପ୍ରସଙ୍ଗକୁ ନେଇ ପଲ୍ଲୀରେ ଉଠିଲା ପ୍ରଚଣ୍ଡ ସ୍ୱର। ଫୁଲଝର, ଚନ୍ଦ୍ରପୁର, ଜୟପୁର, ଗଞ୍ଜାମ ଓ ସିଂପୁର ଆଦି ଅଞ୍ଚଳରେ ଓଡ଼ିଆଙ୍କ ପ୍ରାଣର ବେଦନା ଯେତେ ଗଭୀର ଓ ଗମ୍ଭୀର ହେଲା, ସେତେ ତୀବ୍ର ରୂପ ଧାରଣ କଲା ଉତ୍କଳ ସମ୍ମିଳନୀର ସଂଗ୍ରାମ। ଦୀର୍ଘ ୩୩ ବର୍ଷର ନିରବଚ୍ଛିନ୍ନ ଲଢ଼େଇ ପରେ ଓଡ଼ିଆଙ୍କ ଦାବି ଉପରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କଲେ ବ୍ରିଟିଶ ସରକାର। ଓଡ଼ିଶା ପ୍ରଦେଶ ଗଠନ ଆଇନ ୧୯୩୬ ଅନୁଯାୟୀ ଗଠନ ହେଲା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ (୧.୪.୧୯୩୬) ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ। ମାତ୍ର ଏହା ଉତ୍କଳ ଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁ ପ୍ରମୁଖ ଜାତିପ୍ରାଣମାନେ କଳ୍ପନା କରିଥିବା ଓଡ଼ିଶା ନୁହେଁ,ଏକ ବିଖଣ୍ଡିତ ଓଡ଼ିଶା। ଯେଉଁ ଓଡ଼ିଶା ଦେହରୁ ସବୁଦିନ ପାଇଁ ଅଲଗା ହୋଇ ରହିଗଲା ସିଂହଭୂମ୍, ମେଦିନାପୁର, ମଞ୍ଜୁଷା, ଟିକାଲି, ସାରଙ୍ଗଗଡ଼, ବସ୍ତର ଆଦି ଖାଣ୍ଟି ଓଡ଼ିଆ ଅଞ୍ଚଳ। ସେ ଅଞ୍ଚଳର ଲକ୍ଷ ଲକ୍ଷ ଲୋକଙ୍କ ଉପରେ ଜୋର୍ ଜବରଦସ୍ତ ଲଦି ଦିଆଗଲା ଅଲଗା ରାଜ୍ୟର ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା। ଇତିହାସର ନିଷ୍ଠୁର ପରିହାସରେ ନିଜ ଦେଶରେ ବି ପର ହୋଇ ରହିଗଲେ ସେ ବିଚ୍ଛିନ୍ନାଞ୍ଚଳର ଓଡ଼ିଆମାନେ।

୧୯୧୯ ମସିହାରେ ଉତ୍କଳ ସମ୍ମିଳନୀ ମଣ୍ଡପରୁ ପଣ୍ଡିତ ଗୋପବନ୍ଧୁ କହିଥିଲେ- ସନ୍ନ୍ୟାସୀର ତପସ୍ୟା ଓ ସାଧନା ବିନା କୌଣସି ଗୁରୁ କର୍ତ୍ତବ୍ୟ ସାଧନ ଅସମ୍ଭବ। ମଧୁବାବୁ ଓ ଗୋପବନ୍ଧୁ ପ୍ରମୁଖ ଜାତିପ୍ରାଣମାନେ ଥିଲେ ସେମିତି ଜଣେ ଜଣେ ସାଧକ। ସେତେବେଳେ ବହୁଥିବା ପ୍ରତିକୂଳ ହାୱାକୁ ସେମାନେ ବଦଳାଇ ପାରିଥିଲେ ନିଜର ସମ୍ମୁଖ ଓ ଭବିଷ୍ୟ ଦୃଷ୍ଟି ତଥା ସାଧନା ବଳରେ। ମାତ୍ର ବିଡମ୍ବନାର ବିଷୟ ସ୍ୱତନ୍ତ୍ର ଓଡ଼ିଶା ଗଠନ ବେଳକୁ ଧରାଧାମରୁ ଆଗପଛ ହୋଇ ବିଦାୟ ନେଇସାରିଥିଲେ ଗୋପବନ୍ଧୁ ଓ ମଧୁବାବୁ। ଏମାନଙ୍କ ପରେ ଉତ୍କଳ ସମ୍ମିଳନୀର ଯେଉଁମାନେ ପୁରୋଧା ହେଲେ, ସେମାନେ ଓଡ଼ିଶା ନାମକ ସମଗ୍ର ଆକାଂକ୍ଷାଟି ସମ୍ପର୍କରେ ସଚେତନ ନ ଥିଲେ ଏବଂ ସେମାନଙ୍କୁ ପ୍ରତିନିଧି ବା ନେତାରୂପେ ଗ୍ରହଣ କରିପାରିଲେନି ଓଡ଼ିଶାର ସମ୍ପୃକ୍ତ ସମସ୍ତେ। ତେଣୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାଠାରୁ ଆଜି ପର୍ଯ୍ୟନ୍ତ ଆଠ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ବିତି ଯାଇଥିଲେ ବି ରାଜ୍ୟରେ କେବେ ଆଉ ଆନ୍ଦୋଳନର ରୂପ ନେଇ ନାହିଁ ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନ ଦାବି। ବରଂ ଆଉ କିଛି ଅଞ୍ଚଳ ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶର ଆଁ ଭିତରକୁ ପଶିଯିବାର ଆଶଙ୍କା ସୃଷ୍ଟି ହେଲାଣି ଆମ ନେତୃତ୍ୱର ଉଦାସୀନତା ତଥା ଆମ ଭିତରେ ସ୍ୱାଭିମାନର ସଂକଟ ଯୋଗୁ।

ସାଧାରଣତଃ ସ୍ୱାଭିମାନ କହିଲେ ଆମେ ବୁଝୁ ନିଜର ଅଭିମାନ ପ୍ରତି ସମ୍ମାନ। ଏହା ଅହଂକାର ନୁହେଁ କି ସ୍ୱାର୍ଥପରତା ନୁହେଁ, ବରଂ ସବୁ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରିବାର ଏକ ଦୁଃସାହସ। ସ୍ୱାଭିମାନ ବଢ଼ିବା ପାଇଁ ହୀନମନ୍ୟତା କଟିବା ଦରକାର। ହୀନମନ୍ୟତା କଟିଲେ ଯାଇ ଶ୍ରଦ୍ଧା ବଢ଼େ ଏବଂ ସ୍ୱତଃ ଆଖି ଆଗରେ ନାଚିଯାଏ ଓଡ଼ିଆ ଜାତିର ଗୌରବମୟ ଇତିହାସ। ଯେଉଁ ଇତିହାସ ସମ୍ପର୍କରେ ଆମକୁ ସଚେତନ କରାଇଥିଲେ ସ୍ୱାଭିମାନୀ ମଧୁବାବୁ। ପରବର୍ତ୍ତୀ ସମୟରେ ସେହି ସ୍ୱାଭିମାନ ନେଇ ଆମ ଗୌରବର ଗନ୍ତାଘରଗୁଡ଼ିକୁ ଗୋଟି ଗୋଟି କରି ଚିହ୍ନେଇଥିଲେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ। ଭାଷଣ ପ୍ରସଙ୍ଗରେ ସେ ବାରମ୍ବାର କହୁଥିଲେ ଦିଗ୍‌ବିଜୟୀ କଳିଙ୍ଗ ସମ୍ରାଟ ଖାରବେଳ ତଥା ବିଶ୍ୱର ସର୍ବବୃହତ ସାମ୍ରାଜ୍ୟର କଥା। ତାହା ହିଁ ଗୋଟିଏ ଜାତିର ଐତିହ୍ୟର କାହାଣୀ ଓ ସ୍ୱାଭିମାନର ଗାଥା।

ପ୍ରତ୍ୟେକ ବ୍ୟକ୍ତିର ଜାତୀୟତାର ପରିଚୟ ହେଉଛି ତା'ର ଭାଷା। ସେଥିପାଇଁ ଆପଣା ମାତୃଭାଷାକୁ ନେଇ ଗର୍ବ ଅନୁଭବ କରେ ବିଶ୍ୱର ପ୍ରାୟ ପ୍ରତ୍ୟେକ ଜାତି। ଅଥଚ ବିଡମ୍ବନାର ବିଷୟ ହେଉଛି ଓଡ଼ିଆମାନଙ୍କ ଦ୍ୱାରା ବିରୋଧାଭାସ ଓ ବେଦନାବୋଧର ସମ୍ମୁଖୀନ ହେବା ଓଡ଼ିଆ ଭାଷାର ଭାଗ୍ୟଲିପି। ବିଶେଷକରି ଶିକ୍ଷିତ ଓଡ଼ିଆମାନଙ୍କ ପରମୁଖାପେକ୍ଷିତା ପାଇଁ ଓଡ଼ିଆ ଭାଷା ଆଜି ନିଜ ମାଟିରେ ବି କୋଣଠେସା। ସମ୍ବଲପୁର ଓ ରାଉରକେଲା ଆଦି ଅଞ୍ଚଳରେ ଲୋକଙ୍କର କଥିତ ଭାଷା ଓଡ଼ିଆ ନୁହେଁ, ହିନ୍ଦୀ। ଗଞ୍ଜାମ, କୋରାପୁଟ ଆଦି ଉପାନ୍ତ ଅଞ୍ଚଳ ତଥା ବିଚ୍ଛିନ୍ନାଞ୍ଚଳରେ ମାତୃଭାଷାର ସ୍ଥିତି ବିପନ୍ନ। ରାଜ୍ୟ ତମାମ୍ ସରକାରୀ ବିଦ୍ୟାଳୟରେ ଓଡ଼ିଆ ଭାଷାର ସ୍ଥିତି ନ କହିବା ଭଲ। ସବୁଠାରୁ ଦୁର୍ଭାଗ୍ୟର ବିଷୟ ଓଡ଼ିଆ ଭାଷାର ବିକାଶ ଦିଗରେ ଏଠି ବେଶି ଉଦାସୀନ ହେଉଛନ୍ତି ଶିକ୍ଷିତ ଓଡ଼ିଆମାନେ। ସେମାନେ ପ୍ରାୟତଃ ଓଡ଼ିଆରେ କଥା ହେବାକୁ କୁଣ୍ଠାବୋଧ କରନ୍ତି ଏବଂ ନିଜକୁ ଅଜାତିଆ କରି ରଖନ୍ତି ଅନ୍ୟମାନଙ୍କଠାରୁ ଅଲଗା ହୋଇ ଦିଶିବା ଲକ୍ଷ୍ୟରେ।

କୁହାଯାଏ ଓଡ଼ିଶା ହେଉଛି ଏକ ଧନୀ ରାଜ୍ୟ, ଯେଉଁଠି ବାସ କରନ୍ତି ଗରିବମାନେ। ବସ୍ତୁତଃ ଓଡ଼ିଶାର ଅତୀତ କେବଳ ଗୌରବମୟ ନୁହେଁ, ଧନଧାନ୍ୟ, ଖଣିଜ ସମ୍ପଦ, ଅରଣ୍ୟ ସମ୍ପଦ, ଜଳ ସମ୍ପଦ, ଜ୍ଞାନଗରିମା, ସଂସ୍କୃତି, ଐତିହ୍ୟ, ବିଜ୍ଞାନ, ପରମ୍ପରା ଓ ସାହିତ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ସୁନାମ ବିଶ୍ୱବିଦିତ। ଏସବୁ ସତ୍ତ୍ୱେ ଓଡ଼ିଶା ଆଜି ବି ମୁଣ୍ଡେଇଛି ଦେଶରେ ଦରିଦ୍ରତମ ରାଜ୍ୟର ଅପବାଦ। ତା'ର କାରଣ ଐତିହ୍ୟ ଓ ଇତିହାସର ପ୍ରେରଣା ନେଇ ଆମେ ଭବିଷ୍ୟତ ନିର୍ମାଣ କରିବା ପାଇଁ ଚାହିଁନୁ,ଚାହିଁଛୁ ବିକାଶର ପ୍ରହେଳିକା ସୃଷ୍ଟି କରି ଧନୀ-ଦରିଦ୍ର ମଧ୍ୟରେ ବ୍ୟବଧାନ ବଢ଼ାଇବା ପାଇଁ। ସେଥିପାଇଁ ଉପରେ ଉପେକ୍ଷା ଓ ଔଦ୍ଧତ୍ୟ ଯେତିକି ବଢ଼ିଛି, ତଳେ ସେତିକି ବଢ଼ିଛି ଅସହାୟତା ଓ ନିର୍ଭରଶୀଳତା। ଅନ୍ୟ ଭାଷାରେ ଉପରେ ଥିବା ଦୟାବନ୍ତ ଶାର୍ଦ୍ଦୁଳମାନଙ୍କ ଦୟାରେ କ୍ରମଶଃ ବଢ଼ିଚାଲିଛି ତଳେ ଥିବା ଅକିଞ୍ଚନମାନଙ୍କ ଅକିଞ୍ଚନତାର ପରିମାଣ। ସ୍ୱତନ୍ତ୍ର ଓଡ଼ିଶା ଗଠନ ପରେ ଏହା ହିଁ ଆମ ବାସ୍ତବ ସ୍ଥିତି ଓ ବିସ୍ମୃତିର ବ୍ୟାକରଣ।

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ
ପଡ଼ିଆବେଢ଼ା, ମୟୂରଭଞ୍ଜ,
ମୋ: ୯୪୩୮୯୫୫୦୮୮

## ପାଠକ ଶ୍ରେଷ୍ଠ ବିଚାରକ

### ଆର୍‌ଟିଓ ଦୃଷ୍ଟି ଦେବେ କି

ମହାଶୟ,

କୋରାପୁଟ ଆରଟିଓ ଅଫିସରେ ଗତ ଡିସେମ୍ବର ମାସରେ ମୋ ବାଇକ୍ ରି-ରେଜିଷ୍ଟ୍ରେଶନ ପାଇଁ ଅନ୍‌ଲାଇନରେ ନିର୍ଦ୍ଧାରିତ ଫି' ୧୯୬୮ ଟଙ୍କା ସହିତ ଇନ୍‌ସ୍ୟୁରାନ୍ସ, ପଲ୍ୟୁଶନ ସାର୍ଟିଫିକେଟ ଗାଡି ଫିଟନେସ ପାଇଁ ଗାଡି ନେଇ ଯାଇଥିଲି। କାଗଜପତ୍ର ସେଠାରେ ଦେଖାଗଲା। ଆଗରୁ ଆର୍‌ସି ବହି ଯେଉଁଟି ଆରଟିଓ ଅଫିସରେ ଦେଇଥିଲେ ସେମାନେ ଗାଡି ନମ୍ବର, ଇଞ୍ଜିନ ନମ୍ବର ଠିକ୍ ଲେଖିଥିଲେ କିନ୍ତୁ ଚେସିସ ନମ୍ବର ଠିକ୍ ଲେଖି ନ ଥିଲେ। ଗୋଟେ ଦରଖାସ୍ତ ଦେଲେ, ସପ୍ତାହ ମଧ୍ୟରେ ଠିକ୍ କରି ଆରସି ବହି ଡାକରେ ପଠାଇଦେବୁ ବୋଲି ଅଫିସ ତରଫରୁ କୁହାଗଲା। ମୁଁ ଦରଖାସ୍ତ ଦେଲି, ୩/୪ ମାସ ପରେ କହିଲେ, ଆଉ ଥରେ ୧୯୬୮ଟଙ୍କା ଜମା କରିବାକୁ ହେବ। ଅଫିସ ଭୁଲ୍ ପାଇଁ ଆମେ କ'ଣ ଦାୟୀ। ତେଣୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟିଦେବାକୁ ଅନୁରୋଧ।

-ଚନ୍ଦ୍ରକାନ୍ତ ନାୟକ, ନନ୍ଦପୁର ରୋଡ, ସେମିଳିଗୁଡା, କୋରାପୁଟ

## ଚିରନ୍ତନୀ

ନିଷ୍କଣ୍ଟକ କରି ପଥ ପାଶେ ତା'ର
ରୋପିଗଲ ତରୁ
ଶାନ୍ତିର ଉଦକ ଢାଳି କୁସୁମିତ
କଲ ମହା ମରୁ। -(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅସ୍ପଷ୍ଟ ହେଉଛି ଓଡ଼ିଶା ଭୂଖଣ୍ଡ ସ୍ଥିତି



୧୯୩୬ ଏପ୍ରିଲ ୧ରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଲା। ଠିକ୍ ଆଜିକୁ ୮୫ବର୍ଷ ବିତିଯାଇଥିଲେ ସୁଦ୍ଧା ଓଡ଼ିଶାର ସୀମା ସ୍ପଷ୍ଟ ହୋଇପାରୁନି। ପଡୋଶୀ ରାଜ୍ୟଗୁଡ଼ିକ ବାରମ୍ଭାର ଓଡ଼ିଶା ଭିତରକୁ ପଶି ଆସି ଗାଁ ଦଖଲ କରୁଛନ୍ତି। ରାସ୍ତାଘାଟ ନିର୍ମାଣ ସହ ସରକାରୀ କାର୍ଯ୍ୟକ୍ରମ ଜାରି ରଖୁଛନ୍ତି। ଏବେ ସୀମାନ୍ତ ଗ୍ରାମଗୁଡିକର ଲୋକେ ଅନ୍ୟ ରାଜ୍ୟରେ ଭୋଟ ଦେବା ପରେ ଓଡ଼ିଶା ଭୂଖଣ୍ଡର ପ୍ରକୃତ ସ୍ଥିତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛିଦିନ ପୂର୍ବରୁ କୋଟିଆରେ ଆନ୍ଧ୍ର ପ୍ରଦେଶ ସରକାର ନିର୍ବାଚନ କରାଇଥିବାବେଳେ ଏବେ ବାଲେଶ୍ୱର ଜିଲା ଭୋଗରାଇ ତହସିଲ ଅନ୍ତର୍ଗତ ଶଙ୍ଖାମେଦୀ ଗାଁର ଲୋକେ ପଶ୍ଚିମବଙ୍ଗ ନିର୍ବାଚନରେ ଭାଗନେଇ ଭୋଟ ଦେଇଛନ୍ତି। ଆଜି ରାଜ୍ୟବାସୀ ଓଡ଼ିଶା ଦିବସ ପାଳନ କରିବେ। ଏପରିସ୍ଥିତିରେ ସୀମା ବିବାଦ ଓ ଓଡ଼ିଶା ଲୋକେ ଅନ୍ୟ ରାଜ୍ୟରେ ଭୋଟ ଦେବା ପ୍ରସଙ୍ଗକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

### ସ୍ୱତନ୍ତ୍ର ବିଭାଗ ହେଉ, ସୀମାନ୍ତ ଲୋକଙ୍କୁ ସୁବିଧା ଦିଆଯାଉ



କେନ୍ଦ୍ର ସରକାର ସମସ୍ତ ରାଜ୍ୟରେ 'ଗୋଟିଏ ଦେଶ, ଗୋଟିଏ ପରିଚୟପତ୍ର' ପ୍ରଚଳନ କରିବା ଉଚିତ। ଏହାଦ୍ୱାରା ୨ଟି ସ୍ଥାନରେ ଲୋକେ ଭୋଟ ଦେଇପାରିବେ ନାହିଁ। ସେହିଭଳି ସୀମା ବିବାଦର ସ୍ଥାୟୀ ସମାଧାନ ପାଇଁ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନରେ ସ୍ୱତନ୍ତ୍ର ବିଭାଗ କରାଯାଉ। ଏଥିସହ ସୀମାବର୍ତ୍ତୀ ଗ୍ରାମଗୁଡିକରେ ସୀମାନ୍ତ ଗ୍ରାମ୍ୟ ବିକାଶ ପରିଷଦ ଗଠନ ହେଉ। ପରିଷଦ ସଦସ୍ୟମାନେ ଅନ୍ୟ ରାଜ୍ୟର ଆକର୍ଷଣକୁ ପ୍ରତିହତ କରିବା ସହ ଓଡ଼ିଶାର ସୀମାନ୍ତ ଗ୍ରାମର ଲୋକଙ୍କୁ ନିଜ ରାଜ୍ୟରେ ଭୋଟ ଦେବାକୁ ବୁଝାଇବେ।

- ଅଦ୍ୱୈତ ପାତ୍ର, ରାଜ୍ୟ ସଭାପତି, ଉତ୍କଳ ସମ୍ମିଳନୀ

### ସୀମା ନିର୍ଦ୍ଧାରଣ ପାଇଁ ସମୟ ଆସିଛି



ଓଡ଼ିଶା ଲୋକେ ପଶ୍ଚିମବଙ୍ଗରେ ଭୋଟ ଦେବା ନିଶ୍ଚିତ ସମ୍ବେଦନଶୀଳ ପ୍ରସଙ୍ଗ। ଏବେ ପ୍ରକୃଷ୍ଟ ସମୟ ଆସିଛି ପଡୋଶୀ ରାଜ୍ୟ ସହ ଓଡ଼ିଶା ସୀମା ନିର୍ଦ୍ଧାରଣ ପାଇଁ। ୧୯୩୬ରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ପରେ ରାଜସ୍ୱ ସର୍ଭେ ଓ ନକ୍ସା ଜରିଆରେ ବାସ୍ତବ ସୀମା ନିର୍ଦ୍ଧାରିତ ହୋଇନାହିଁ। କେଉଁଠି ପାହାଡ଼ ମୁଣ୍ଡିଆ ବା କେଉଁଠି ନଦୀକୁ ସୀମା ଭାବେ ଧରି ନିଆଯାଇଛି। ୧୯୩୮ରେ ବାଲେଶ୍ୱରର ତତ୍କାଳୀନ ଜିଲାପାଳ ସୁବର୍ଣ୍ଣରେଖା ନଦୀକୁ ପଶ୍ଚିମବଙ୍ଗ ଓ ଓଡ଼ିଶା ସୀମା ଭାବେ ଧରି ନେଇଥିଲେ। ଯୁଗ୍ମ ସର୍ଭେ ଜରିଆରେ ଓଡ଼ିଶାର ସୀମା ନିର୍ଦ୍ଧାରିତ ହେବା ଆବଶ୍ୟକ।

-ସୌଭାଗ୍ୟ ସୁନ୍ଦରରାୟ, ସ୍ତମ୍ଭକାର

### ଓଡ଼ିଶା ସରକାରଙ୍କ ଅପାରଗତା



ଓଡିଶାର ସ୍ୱାର୍ଥ ପ୍ରତି ରାଜ୍ୟ ସରକାର ବା ପ୍ରଶାସନିକ ଅଧିକାରୀଙ୍କର ଆନ୍ତରିକତା ନାହିଁ। ଯେଉଁଥିପାଇଁ ଆଜି ଶଙ୍ଖାମେଦୀର ଲୋକେ ପଶ୍ଚିମବଙ୍ଗ ନିର୍ବାଚନରେ ଭାଗନେଇ ଭୋଟ ଦେଇଛନ୍ତି। ପୂର୍ବରୁ ମଧ ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ଓଡ଼ିଶାରୁ ଖରସୁଆଁ ଓ ଷଢେଇକଳା ବିହାରରେ ମିଶିଗଲା, ଯାହାକି ଏବେ ଝାଡ଼ଖଣ୍ଡରେ ରହିଛି।

ମନୋରଞ୍ଜନ ଦାସ, ପ୍ରାଧାପକ

### ଶାସନରେ ଜନ ଅସନ୍ତୋଷର ଚିହ୍ନ



ଶଙ୍ଖାମେଦୀ ଗ୍ରାମର ଲୋକେ ପଶ୍ଚିମବଙ୍ଗରେ ଭୋଟ ଦେଉଥିବା ନିଶ୍ଚୟ ଦୁର୍ଭାଗ୍ୟଜନକ। ଯାହା ଜଣାପଡୁଛି, ସେଠାକାର ଲୋକେ ଓଡ଼ିଶା ସରକାରଙ୍କଠାରୁ ନିଜର ଅଧିକାର ଓ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଥିବେ। ଏହି ସୁଯୋଗରେ ପଶ୍ଚିମବଙ୍ଗ ସରକାର ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ବାସିନ୍ଦା କରିବା ସହ ଭୋଟ ଦେବାକୁ ଉତ୍ସାହିତ କରିଥିବେ।

ବିଶ୍ୱପ୍ରିୟ କାନୁନ୍‌ଗୋ, ମାନବ ଅଧିକାର କର୍ମୀ

### ପଡ଼ୋଶୀ ରାଜ୍ୟ ସହ ଆଲୋଚନା କରି ପଦକ୍ଷେପ ନେଉ ଓଡ଼ିଶା



ଓଡ଼ିଶାରେ ରହି ସୀମାନ୍ତ ଗ୍ରାମବାସୀ ପଶ୍ଚିମବଙ୍ଗ ନିର୍ବାଚନରେ ଭୋଟ ଦେବା ଘଟଣାକୁ ସରକାର ଗୁରୁତ୍ୱର ସହ ନିଅନ୍ତୁ। ଜନଗଣନାରେ ତ୍ରୁଟି ରହିଥିଲେ ସଂଶୋଧନ ହେବା ଉଚିତ। ନଚେତ ଅଧିକ ସୁବିଧା ପାଇବା ଲୋଭରେ ଲୋକମାନେ ଅନ୍ୟ ରାଜ୍ୟରେ ଭୋଟ ଦେଉଥିବେ।

- ଲକ୍ଷ୍ମୀକାନ୍ତ ପାଲିତ, ସଙ୍ଗୀତ ନିର୍ଦ୍ଦେଶକ




ଓଡ଼ିଶା ଦିବସ ଅବ୍ୟବହିତ ପୂର୍ବରୁ ବୁଧବାର ପୁରୀ ବେଳାଭୂମିରେ ସୁଦର୍ଶନ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

# ଓଡ଼ିଆ ଜାତୀୟତାବାଦୀ ଆନ୍ଦୋଳନ

**ସୁସ୍ମିତା ଭୋଇ**

ଭାଷା ଯେ କୌଣସି ଜାତିର ନିର୍ଦ୍ଦିଷ୍ଟ ପରିଚୟ। ଏକ ସମୃଦ୍ଧ ଜାତିର ଐତିହ୍ୟ, ପ୍ରଥା, ପରମ୍ପରାକୁ ଋଦ୍ଧିମନ୍ତ କରିବାରେ ଏହାର ଭାଷା ଓ ସାହିତ୍ୟର ଅବଦାନ ଅନସ୍ୱୀକାର୍ଯ୍ୟ। ମାତୃଭୂମି ଓ ମାତୃଭାଷା ପ୍ରତି ଅଙ୍ଗୀକାରବଦ୍ଧତା ହିଁ ଏକ ଜାତିର ପ୍ରାଣପ୍ରବାହର ଧାରା। ଏହି ପରିପ୍ରେକ୍ଷୀରେ ଭାଷା ଭିତ୍ତିରେ ଯେଉଁଠି ଗଢ଼ାହୁଏ ଏକ ଜାତିର ପରିଚୟ, ସେହି ଭାଷା ଯେତେବେଳେ ଭାଷାଗତ ସଙ୍କଟର ସମ୍ମୁଖୀନ ହୁଏ ଓ ଭାଷାକୁ ବିଲୋପ କରିବାର ଚକ୍ରାନ୍ତ ଆରମ୍ଭ ହୁଏ ତାହା ଏକ ଜାତିର ଘୋର ଦୁର୍ଦ୍ଦିନର ସମୟ। ଆଜି ଆମେ ଯେଉଁ ଓଡ଼ିଶା ପ୍ରଦେଶରେ ବସବାସ କରୁଛେ ତାର ସତ୍ତା କୌଣସି ନିର୍ଦ୍ଦିଷ୍ଟ ପରିସୀମା ମଧ୍ୟରେ ସୀମିତ ହୋଇ ନ ଥିଲା ୧୫୬୮ ମସିହା ପରେ। ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ରାଜତ୍ୱ ପରେ ଏହା ଆଫଗାନ ଶାସିତ ବଙ୍ଗ ପ୍ରଦେଶର ଏକ ଅଂଶ ଭାବେ ବିବେଚିତ ହୁଏ। କ୍ରମଶଃ ଆରମ୍ଭ ହୁଏ ଏହି ଜାତିର ପତନ। ୧୮୦୩ ରେ ଓଡ଼ିଶାର ଶାସନ କ୍ଷମତାର ଭାର ଗ୍ରହଣ କରନ୍ତି ବ୍ରିଟିଶ ସରକାର। ଏହି ସମୟରେ ବଙ୍ଗପ୍ରଦେଶର ପ୍ରଭାବଶାଳୀ ବଙ୍ଗୀୟ ଭାଷାଭାଷୀ ବ୍ୟକ୍ତିବିଶେଷ ନିଜ ଭାଷାର ବିକାଶ ପାଇଁ ଓଡ଼ିଆ ଭାଷାର ବିଲୋପ ସାଧନ ଲାଗି ଆରମ୍ଭ କରନ୍ତି ଚକ୍ରାନ୍ତ। ଓଡ଼ିଆ ଜାତିର ଯେ କୌଣସି ନିର୍ଦ୍ଦିଷ୍ଟ ଭାଷା ନାହିଁ ଓ ଏହି ଭୂଖଣ୍ଡରେ ବସବାସ କରୁଥିବା ଅଧିବାସୀଙ୍କ କଥିତ ଭାଷା ଯେ ଆଞ୍ଚଳିକ ଭାଷା ଓ ଏହା ବଙ୍ଗଳା ଭାଷାର ଉପଭାଷା ବୋଲି ତଥାକଥିତ ଧାରଣା ସୃଷ୍ଟି କରି ବଙ୍ଗଳା ଭାଷାକୁ ସରକାରୀ ଭାଷା ଭାବେ ବଙ୍ଗ ପ୍ରଦେଶ ଅଧୀନ କଟକ, ପୁରୀ, ବାଲେଶ୍ୱର ଅଞ୍ଚଳର ସରକାରୀ ଭାଷା ଭାବେ ସ୍ଥାନିତ କରାଗଲା। ବଙ୍ଗୀୟ ଶିକ୍ଷା ବିଭାଗ କର୍ମଚାରୀ ଉମାଚରଣ ହାଲଦାରଙ୍କ ଚକ୍ରାନ୍ତରେ ଓଡ଼ିଶାରେ ଓଡ଼ିଆ ଭାଷାର ପାଠ୍ୟପୁସ୍ତକର ଅଭାବ ଦର୍ଶାଇ ଓଡ଼ିଶାରେ ବଙ୍ଗଳା ମାଧ୍ୟମ ପ୍ରାଥମିକ ବିଦ୍ୟାଳୟ ଖୋଲାଯିବାକୁ ପରାମର୍ଶ ଦେଇଥିଲେ। ୧୮୬୯ରେ ସେ ଓଡ଼ିଆ ଭାଷାକୁ ବଙ୍ଗାଳୀ ଲିପି ମାଧ୍ୟମରେ ପ୍ରକାଶିତ କରିବା ପାଇଁ ପଦକ୍ଷେପ ନେଇଥିଲେ। ସେହି ସମୟରେ ୧୮୭୦ରେ ବାଲେଶ୍ୱର ଜିଲା ସ୍କୁଲର ଶିକ୍ଷକ କାନ୍ତିଲାଲ ଭଟ୍ଟାଚାର୍ଯ୍ୟ ଓଡ଼ିଆ ଏକ୍‌ଟା ଭାଷା ଭାଷାନୟେ ଏହା ବଙ୍ଗୀୟ ଭାଷାର ଉପଭାଷା ବୋଲି ଏକ ପୁସ୍ତକ ଜରିଆରେ ପ୍ରକାଶିତ କଲେ। ଜଣେ ବଙ୍ଗୀୟ ଭାଷା ବିଶିଷ୍ଟ ଲେଖକ ରାଜେନ୍ଦ୍ରଲାଲ ମିତ୍ର ଏହି ଉକ୍ତିକୁ ସମର୍ଥନ କଲେ। କିନ୍ତୁ ଏହି ଉକ୍ତିକୁ ଖଣ୍ଡନ କରିଥିଲେ ତତ୍କାଳୀନ ବାଲେଶ୍ୱର ଜିଲାପାଳ ଜନ୍ ବୀମ୍‌ସ। ତା'ପରେ ଏହି ପ୍ରସଙ୍ଗ ଶିକ୍ଷିତ ଓଡ଼ିଆ ଯୁବ ସମାଜ ମଧ୍ୟରେ ଏକ ବିବଦମାନ ପ୍ରସଙ୍ଗ ଭାବେ ଦେଖାଯାଇଥିଲା। ଶିକ୍ଷିତ ଓଡ଼ିଆ ଯୁବ ଗୋଷ୍ଠୀ ଏହାକୁ ବିରୋଧ କରି ସଭା ମାଧ୍ୟମରେ ଓଡ଼ିଆ ଭାଷା ଏକ ସ୍ୱତନ୍ତ୍ର ଭାଷା ବୋଲି ଦୃଢ଼ ଯୁକ୍ତି ଉପସ୍ଥାପନା କଲେ। ସେହି ସମୟରେ ପ୍ରକାଶିତ ଓଡ଼ିଶାର ପ୍ରଥମ ମୁଦ୍ରିତ ସାପ୍ତାହିକ ସମ୍ବାଦପତ୍ର ଉତ୍କଳ ଦୀପିକା ଓ ଉତ୍କଳ ହିତୈଷିଣୀ ମାଧ୍ୟମରେ ଏହି ପ୍ରସଙ୍ଗରେ ଲେଖାମାନ ପ୍ରକାଶ ପାଇଲା। ଏହାକୁ ବିରୋଧ କରି ନ୍ୟସ୍ତସ୍ୱାର୍ଥ ବଙ୍ଗୀୟ ଗୋଷ୍ଠୀ କଟକ ଡିବେଟିଙ୍ଗ କ୍ଲବ ମାଧ୍ୟମରେ ଏହାର ପ୍ରତିବାଦ ଆରମ୍ଭ କଲେ। ଏହାପରେ ଭାଷା ଆନ୍ଦୋଳନ ଓଡ଼ିଆ ଜାତୀୟତାବାଦୀ ଆନ୍ଦୋଳନକୁ ଜନ୍ମ ଦେଇଥିଲା। ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସାରସ୍ୱତ ସୃଷ୍ଟି ଓଡ଼ିଆ ଭାଷା ସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିଥିଲା। ତା'ପରେ ଓଡ଼ିଶା ମାଟିରେ ଆରମ୍ଭ ହୋଇଥିଲା ଜାତୀୟତାବାଦୀ ଆନ୍ଦୋଳନର ପ୍ରଥମ ପଦକ୍ଷେପ। ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରିବାର ପ୍ରଚେଷ୍ଟା କେବଳ ଓଡ଼ିଆମାନଙ୍କର ନ ଥିଲା। ଓଡ଼ିଶାରେ ବସବାସ କରୁଥିବା ଶିକ୍ଷିତ ବଙ୍ଗୀୟ ଯୁବବର୍ଗ ମଧ ଏହି ଜାତୀୟତାବାଦୀ ଆନ୍ଦୋଳନର କର୍ଣ୍ଣଧାର ଭାବେ ଥିଲେ ଉତ୍କଳ ଦୀପିକାର ସମ୍ପାଦକ ଗୌରୀଶଙ୍କର ରାୟ, ବାଲେଶ୍ୱରର ରାଜା ବୈକୁଣ୍ଠ ନାଥ ଦେ, ରାଧାନାଥ ରାୟ, ରାମଶଙ୍କର ରାୟ।

ଓଡ଼ିଆ ଜାତୀୟତାବାଦୀ ଆନ୍ଦୋଳନରେ ମାତୃଭାଷାଭିତ୍ତିକ ଗଣମାଧ୍ୟମ ନିର୍ବାହ କରିଥିଲା ଗୁରୁତ୍ୱପୂର୍ଣ୍ଣ ଭୂମିକା। ଜନସାଧାରଣଙ୍କ ସମସ୍ୟାର ସମାଧାନ ରୂପେ ଗଣମାଧ୍ୟମ ହିଁ ପ୍ରକୃତ ମାଧ୍ୟମ ଏହି ଆବଶ୍ୟକତାକୁ ଉପଲବ୍ଧି କରି କଟକଠାରେ ବିଚିତ୍ରାନନ୍ଦ ଦାସଙ୍କ ପ୍ରଚେଷ୍ଟାରେ କଟକ ପ୍ରିଣ୍ଟିଂ ପ୍ରେସ ପ୍ରତିଷ୍ଠା ହୋଇ କର୍ମବୀର ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ ପ୍ରକାଶ ପାଏ ଉତ୍କଳ ଦୀପିକା। ଏହି ଓଡ଼ିଆ ଜାତୀୟତାବାଦୀ ଆନ୍ଦୋଳନରେ ଓଡ଼ିଆ ଜାତିର ମୁଖପତ୍ର ଭାବେ ଓଡିଆଙ୍କ ସମସ୍ୟାକୁ ବ୍ରିଟିଶ ସରକାରଙ୍କ ନିକଟରେ ଉପସ୍ଥାପନ କରି ନିଜର ନୈତିକ ଦାୟିତ୍ୱକୁ ଯଥାର୍ଥରେ ପ୍ରତିପାଦିତ କରିପାରିଥିଲା।

**– ଅଧ୍ୟାପିକା, ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ, ମୋ: ୯୪୩୯୮୯୧୯୩୧**

DSPL-283

ମହାତ୍ମାଙ୍କ ପ୍ରଥମ ଓଡ଼ିଶା ପଦାର୍ପଣର
"ସ୍ମାରକୀ ସ୍ଥାପତ୍ୟ"
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା ଉନ୍ମୋଚିତ
ଉତ୍କଳ ଦିବସ
୧ ଏପ୍ରିଲ ୨୦୨୧
ସ୍ଥାନ - ବେଲ୍‌ଭିଉ (ଓଡ଼ିଶା ଜୁଡିସିଆଲ ଏକାଡେମୀ ନିକଟ)
ସମୟ - ଦିନ ୧୦:୩୦ ଘଟିକା

ସଦୟ ଉପସ୍ଥିତି

ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀ ଭର୍ତ୍ତୃହରି ମହତାବ
ମାନ୍ୟବର ସାଂସଦ, କଟକ
ଶ୍ରୀ ଚନ୍ଦ୍ରସାରଥୀ ବେହେରା
ମାନ୍ୟବର ବିଧାୟକ, କଟକ ସଦର
ମହମ୍ମଦ ମୋକିମ
ମାନ୍ୟବର ବିଧାୟକ, ବାରବାଟୀ-କଟକ
ଶ୍ରୀ ସୌଭିକ ବିଶ୍ୱାଳ
ମାନ୍ୟବର ବିଧାୟକ, ଚୌଦ୍ୱାର- କଟକ
ଶ୍ରୀ ବିଷ୍ଣୁପଦ ସେଠୀ
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ଏହି ଉନ୍ମୋଚନ ଉତ୍ସବରେ ଯୋଗଦାନ କରିବାକୁ ଆପଣମାନଙ୍କୁ ବିନମ୍ର ଅନୁରୋଧ

ଭବାନୀ ଶଙ୍କର ଚୟନୀ
ଜିଲ୍ଲାପାଳ ତଥା ଅଧକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, କଟକ

OIPR-03001/13/0020/2021

ବୈଦ୍ୟୁତିକ ନିରାପତ୍ତା ସମ୍ବନ୍ଧୀୟ ସତର୍କ ସୂଚନା TPWODL


କୌଣସି ପରିସ୍ଥିତିରେ ନିଜେ କିମ୍ବା ନିଜର କାହାକୁ ଘରେ ଲାଗିଥିବା ବିଦ୍ୟୁତ୍ ଲାଇନ୍‌ରେ କାମ କରାନ୍ତୁ ନାହିଁ ।


ଆପଣ କୌଣସି ବିଦ୍ୟୁତ୍ ଖୁଣ୍ଟ ଅଥବା ତାରକୁ ଛୁଅନ୍ତୁ ନାହିଁ ଅଥବା ତାର ଉପରେ କୌଣସି ଓଦା ଲୁଗା କିମ୍ବା ଧାତବ ଜିନିଷ ରଖନ୍ତୁ ନାହିଁ । ବିଦ୍ୟୁତ୍ ଖୁଣ୍ଟରେ କିମ୍ବା ତତ୍ ସଲଗ୍ନ କୌଣସି ଲୁହା ତାରରେ (Stay) ଗୃହପାଳିତ ପଶୁଙ୍କୁ ବାନ୍ଧନ୍ତୁ ନାହିଁ


* ବର୍ଷା କିମ୍ବା ଘଡଘଡି ସମୟରେ ବିଦ୍ୟୁତ୍ ଖୁଣ୍ଟ ନିକଟରେ ରୁହନ୍ତୁ ନାହିଁ ।
* ବିଦ୍ୟୁତ୍ ଲାଇନ ପାଖରେ ଥିବା ଗଛର ଡାଳକୁ କାଟନ୍ତୁ ନାହିଁ କିମ୍ବା ଗଛ ଉପରେ ଚଢ଼ନ୍ତୁ ନାହିଁ ।


ଜଙ୍ଗଲି ଜୀବଜନ୍ତୁଙ୍କ ଶିକାର ନିମନ୍ତେ ବିଦ୍ୟୁତ ଲାଇନରୁ ହୁକ ପକାଇ କିମ୍ବା ନିଜ ଗୃହରୁ ବିଦ୍ୟୁତ୍ ସଂଯୋଗ କରି ଆପଣ ଗୃହପାଳିତ ପଶୁ ତଥା ମନୁଷ୍ୟ ମାନଙ୍କର ମୂଲ୍ୟବାନ ଜୀବନକୁ ବିପଦ ମୁହଁକୁ ଠେଲି ଦିଅନ୍ତୁ ନାହିଁ । ଏହା ଏକ ଧର୍ତବ୍ୟ ଅପରାଧ ।


TPWODL ଅଧୀନରେ କାମ କରୁଥିବା କର୍ମଚାରୀଙ୍କ ବ୍ୟତିତ ଅନ୍ୟ କାହାରିକୁ ବିଦ୍ୟୁତ ଲାଇନ୍‌ରେ କାର୍ଯ୍ୟ କରିବା ପାଇଁ ପ୍ରଶ୍ରୟ ଦିଅନ୍ତୁ ନାହିଁ । TPWODL କର୍ମଚାରୀଙ୍କ ବ୍ୟତିତ ଅନ୍ୟଲୋକ କାର୍ଯ୍ୟ କରୁଥିବା ନଜରକୁ ଆସେ, ତୁରନ୍ତ TPWODL କାର୍ଯ୍ୟାଳୟ ଅଧିକାରୀ, କର୍ମଚାରୀଙ୍କୁ ଜଣାନ୍ତୁ କିମ୍ବା 180034567 ବା 1912 ରେ ଯୋଗାଯୋଗ କରନ୍ତୁ ।


ଘରେ ଥିବା ଆର୍ଥୀଙ୍ଗ୍ ଓ ବିଦ୍ୟୁତ୍ ସରଞ୍ଜାମ ନିୟମିତ ଭାବରେ ସର୍ବଦା ଅଭିଜ୍ଞ ଓ ସ୍ୱିକୃତି ପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀଙ୍କ ଦ୍ୱାରା ଯାଞ୍ଚ କରାଇ ନିଅନ୍ତୁ । ଏହା ଠିକ୍ ଭାବରେ କାମ କରୁ ନଥିଲେ ନୂତନ ଆର୍ଥୀଙ୍ଗ୍ କରାଇ ନିଅନ୍ତୁ ଓ ବିଦ୍ୟୁତ୍ ସରଞ୍ଜାମକୁ ବଦଳାଇ ଦିଅନ୍ତୁ, ଏହା ଆପଣଙ୍କ ଜୀବନକୁ ବଞ୍ଚାଇ ଦେଇପାରିବ ।


ବିଦ୍ୟୁତ୍ ଲାଇନ ତଳେ କିମ୍ବା ଅତି ନିକଟରେ ଗୃହ କିମ୍ବା କୌଣସି ଅସ୍ଥାୟୀ ତମ୍ବୁ ଘର (TENT) ତିଆରି କରନ୍ତୁ ନାହିଁ ।


ଆପଣ କୌଣସି ଛିଣ୍ଡିପଡିଥିବା ବିଦ୍ୟୁତ୍ ତାର ଅଥବା ବୈଦ୍ୟୁତିକ ଅଘଟଣ କିମ୍ବା କୌଣସି ସ୍ଥାନରେ ବିଦ୍ୟୁତ ତାର ଭୂମିଠାରୁ କମ୍ ଉଚ୍ଚତାରେ ଥିବା ଦେଖିବାକୁ ପାଇଲେ ପାଖକୁ ଯାଆନ୍ତୁ ନାହିଁ ଓ ସଙ୍ଗେ ସଙ୍ଗେ ନିକଟସ୍ଥ ବିଦ୍ୟୁତ୍ କାର୍ଯ୍ୟାଳୟକୁ କିମ୍ବା ନିକଟସ୍ଥ ଫିଉଜକଲ୍ କେନ୍ଦ୍ର (Fuse Call Center)ରେ ଜଣାନ୍ତୁ ।


ନିଜ ଘରୁ କୌଣସି ବିଦ୍ୟୁତ୍ ଲାଇନ ବାହାରକୁ ଦିଅନ୍ତୁ ନାହିଁ କିମ୍ବା ହୁକ ପକାଇ ଅଥବା ପଡିଶା ଘରୁ କୌଣସି ବିଦ୍ୟୁତ୍ ଲାଇନ ନିଜ ଘରକୁ ଆଣନ୍ତୁ ନାହିଁ ।


ଗୋଟିଏ ଗୃହରେ କିମ୍ବା ଗୋଟିଏ ପ୍ରାଙ୍ଗଣରେ କୌଣସି ପରିସ୍ଥିତିରେ ଭିନ୍ନ ଭିନ୍ନ ଟ୍ରାନ୍ସଫର୍ମରୁ (Sub- Station) ଏକାଧିକ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ ନାହିଁ । ଏହା ନିଜର ଅଥବା ପରିବାର ପ୍ରତି ବିପଦ ଆଣିଥାଏ ।


ବିଦ୍ୟୁତ୍ ଲାଇନ ନିକଟରେ ନିର୍ମାଣ କାର୍ଯ୍ୟ ସମୟରେ ଅଧିକ ସାବଧାନତା ଅବଲମ୍ବନ କରନ୍ତୁ ଓ ସର୍ବଦା ବିଦ୍ୟୁତ୍ ତାର ଠାରୁ ନିରାପଦ ଦୂରତା ବଜାୟ ରଖନ୍ତୁ ।

IS CERTIFICATION
ଘର ଭିତରେ ବିଦ୍ୟୁତ୍ ଆଘାତରୁ ନିଜକୁ ଅଥବା ନିଜ ପରିବାର ସଦସ୍ୟମାନଙ୍କର ସୁରକ୍ଷା ନିମନ୍ତେ ସର୍ବଦା ନିଜ ଘରର ସର୍ଭିସ ଲାଇନରେ ସଠିକ ରେଟିଙ୍ଗର ଏମସିସିବି (MCCB) ବ୍ୟବହାର କରନ୍ତୁ । ସର୍ବଦା ଉପଯୁକ୍ତ ଆଇଏସଆଇ (ISI) ମାର୍କଥିବା ବିଦ୍ୟୁତ୍ ତାର କିମ୍ବା ବିଦ୍ୟୁତ୍ ସରଞ୍ଜାମ ବ୍ୟବହାର କରନ୍ତୁ ।

TP WESTERN ODISHA DISTRIBUTION LIMITED
(A Tate Power and Odisha Government Joint Venture)

## ନିଆଁରେ ପୋଡ଼ି ପରିବାରକୁ ହତ୍ୟା ଉଦ୍ୟମ

**ସମ୍ବଲପୁର,(ବ୍ୟୁରୋ):** ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନୁଗୁଳିଆ ପଡାରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ ଗଣ୍ଡଗୋଳକୁ ନେଇ ଜିତେନ୍ଦ୍ର ବର୍ମା ନିଆଁ ଲଗାଇ ମାଆ, ସ୍ତ୍ରୀ ଓ ବର୍ଷକର ପୁଅକୁ ହତ୍ୟା କରିବାକୁ ଚେଷ୍ଟା କରିଥିଲେ। ପୋଲିସ ଅଗ୍ନିଶମ କର୍ମଚାରୀଙ୍କ ସହଯୋଗରେ ସମସ୍ତଙ୍କୁ ଉଦ୍ଧାର କରିଥିଲା। ଜିତେନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଛି। ମଙ୍ଗଳବାର ରାତିରେ ଜିତେନ୍ଦ୍ର ନିଶାସକ୍ତ ଅବସ୍ଥାରେ ଆସି ଏଭଳି କାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି।

# ବନ୍ଧୁକ କାରବାର: ୭ ଗିରଫ

**କଟକ ଅଫିସ, ୩୧।୩**



ବିଜୟ ସାମଲ | ଜଗନ୍ନାଥ ଦାସ | ତୁଷାର ଖୁଣ୍ଟିଆ | ଶ୍ରୀନାଥ ରାଉତ | ମୁକ୍ତାର ଶାହା | ବିଜୟ ନାୟକ | ପ୍ୟାରୀମୋହନ ଦାସ

କଟକ ଚାଉଳିଆଗଞ୍ଜ ଅଞ୍ଚଳରେ ବନ୍ଧୁକ କାରବାରବେଳେ ପୋଲିସ ୭ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବାଦାମବାଡି ଥାନା ଅନ୍ତର୍ଗତ ଦୋଳମୁଣ୍ଡାଇ ଦାସସାହିରେ ରହୁଥିବା ଜଗତ୍‌ସିଂହପୁର ଅଞ୍ଚଳର ଜଗା ଓରଫ ଜଗନ୍ନାଥ ଦାସ(୩୯), ତିର୍ତ୍ତୋଲ ଥାନା ଅନ୍ତର୍ଗତ ସାମନ୍ତରାପୁର ଅଞ୍ଚଳର ବିଜୁ ଓରଫ ବିଜୟ ସାମଲ(୩୪), ପିଣ୍ଟୁ ଓରଫ ପ୍ୟାରୀମୋହନ ଦାସ (୩୬), ଟାଙ୍ଗୀ ଥାନା ଅନ୍ତର୍ଗତ ମଠସାହି ଅଞ୍ଚଳର ସିଲୁ ଓରଫ ତୁଷାର ଖୁଣ୍ଟିଆ(୩୪), କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ରାଜଙ୍ଗ ଜେନାସାହି ଅଞ୍ଚଳର ବିଜୟ ନାୟକ(୪୧), ବିଡ଼ିଡି ଥାନା ଅନ୍ତର୍ଗତ ଭବାନୀପୁର ଅଞ୍ଚଳର ଭାଲୁ ଓରଫ ମୁକ୍ତାର ସାହା(୪୨) ଓ ଚାଉଳିଆଗଞ୍ଜ ଗତିରାଉତପାଟଣା ଅଞ୍ଚଳର ଶ୍ରୀନାଥ ରାଉତ(୩୯)। ସେମାନଙ୍କ ନିକଟରୁ ୪ଟି ୭.୬୫ ଏମ୍‌ଏମ୍ ପିସ୍ତଲ, ତିନୋଟି ୯ଏମ୍‌ଏମ୍ ପିସ୍ତଲ, ୬୫ ଗୁଳି, କାର୍(ଓଆର୍୦୨ବିଜେ-୯୦୯୩), ବାଇକ୍(ଓଡି୧୩ଏଫ୍-୧୨୯୩), ହୋଣ୍ଡା ସ୍କୁଟର(ଓଡି୦୫ୟୁ-୨୪୧୬) ଓ ୬ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଜବତ ବନ୍ଧୁକ ଓ ଗୁଳି ବିହାରର ମୁଙ୍ଗେରରୁ ଆସିଛି ବୋଲି କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। କମିଶନରଙ୍କ ସୂଚନା ଅନୁଯାୟୀ, ବିଜୟ ନାୟକ ଗ୍ୟାଙ୍ଗଷ୍ଟର ଟିଟୋର ସହଯୋଗୀ ଏବଂ ଗ୍ୟାଙ୍ଗଷ୍ଟର ସୁଲେମାନ ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ଥିଲେ। କିଛିଦିନ ତଳେ ସେ ଜାମିନରେ ଆସିବା ପରେ ବନ୍ଧୁକ କାରବାର ଚଳାଇଥିଲେ। ତେବେ ମଙ୍ଗଳବାର ସକାଳେ ଚାଉଳିଆଗଞ୍ଜ ଥାନା କାଳିଆବୋଦା ମଠ ନିକଟ ଗୁରୁକ୍ଷେତ୍ର ପଡିଆକୁ ବିଜୟ ନାୟକ ଏବଂ ତାଙ୍କ ସହଯୋଗୀ ଜଗନ୍ନାଥ ବନ୍ଧୁକ ଓ ଗୁଳି ବିକ୍ରି କରିବାକୁ ଆସିଥିଲେ। ପୂର୍ବରୁ ସେଠାରେ ଅନ୍ୟ ଅଭିଯୁକ୍ତମାନେ ଅପେକ୍ଷା କରିଥିଲେ। ଏହି ସମୟରେ ଚାଉଳିଆଗଞ୍ଜ ଥାନା ଅଧିକାରୀ ତାପସ ପ୍ରଧାନଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ପ୍ୟାରୀମୋହନ ଓ ମୁକ୍ତାର ଟିଟୋ ଗ୍ୟାଙ୍ଗ ସହଯୋଗୀ। ଅନ୍ୟ ଅଭିଯୁକ୍ତମାନେ ବନ୍ଧୁକ ଓ ଗୁଳି କିଣି ସହରରେ ଆତଙ୍କ ଖେଳାଇବା ସହ ବିଭିନ୍ନ ବ୍ୟବସାୟୀ, କଣ୍ଟ୍ରାକ୍ଟର, ବାଲିଘାଟ ନିଲାମଧାରୀଙ୍କ ନିକଟରୁ ଦାଦାବଟି ଆଦାୟ କରିବା ଏମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ। ଏଥିସହ ସହରରେ ଟିଟୋ ଗ୍ୟାଙ୍ଗର ସାମ୍ରାଜ୍ୟକୁ ବିସ୍ତାର କରିବା ଏମାନଙ୍କର ଲକ୍ଷ୍ୟ ରହିଥିଲା ବୋଲି କମିଶନର ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଗନ୍ନାଥଙ୍କ ନାମରେ ବଡଚଣା, ଧର୍ମଶାଳା, ପୁରୀଘାଟ, ମଙ୍ଗଳାବାଗ, ପାଟକୁରା, ଚାନ୍ଦବାଲି, ଚାଉଳିଆଗଞ୍ଜ ଓ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ୧୫ଟି ମାମଲା ରହିଛି। ସେହିପରି ବିଜୟ ନାୟକଙ୍କ ନାମରେ କେନ୍ଦ୍ରାପଡା, ପୁରୀ କୁମ୍ଭାରପଡା, ପାଟକୁରା, ମଞ୍ଚେଶ୍ୱର ଆଦି ଥାନାରେ ୧୧ଟି ମାମଲା, ପ୍ୟାରୀମୋହନଙ୍କ ନାଁରେ ତିର୍ତ୍ତୋଲ, ପାରାଦୀପ ଥାନାରେ ୧୧ଟି ମାମଲା, ଶ୍ରୀନାଥ, ମୁକ୍ତାର ଓ ତୁଷାରଙ୍କ ନାମରେ ବିଭିନ୍ନ ଥାନାରେ ଯଥାକ୍ରମେ ୫, ୨ ଓ ୩ଟି ସଙ୍ଗୀନ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।




- ୭ ବନ୍ଧୁକ, ୬୫ ରାଉଣ୍ଡ ଗୁଳି, ଗାଡ଼ି, ମୋବାଇଲ ଜବତ
- ଜାମିନରେ ଆସି ବନ୍ଧୁକ କାରବାର କରୁଥିଲେ ବିଜୟ
- ଜବତ ବନ୍ଧୁକ ମୁଙ୍ଗେରରୁ ଆସିଥିଲା
- ଅଭିଯୁକ୍ତଙ୍କ ନାଁରେ ବିଭିନ୍ନ ଥାନାରେ ମାମଲା

## ସଂକ୍ଷେପରେ

### ସ୍ୱାମୀ, ଶ୍ୱଶୁରଙ୍କୁ ଆଜୀବନ ଜେଲ: ବଧୂହତ୍ୟା ମାମଲା

**ବାରିପଦା ଅଫିସ/ ରାଇରଙ୍ଗପୁର, ୩୧।୩(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲା ଓ ଦୌରାଜଜ(ଏଡିଜେ)ଙ୍କ କୋର୍ଟରେ ବୁଧବାର ଏକ ବଧୂହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ଅନୂପ କୁମାର ପଟ୍ଟନାୟକ ଏହାର ବିଚାର କରି ଅଭିଯୁକ୍ତ ସ୍ୱାମୀ ସତ୍ୟପ୍ରକାଶ ଦୀକ୍ଷିତ୍ ଓ ଶ୍ୱଶୁର ଗଣେଶ ଦୀକ୍ଷିତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୨୦ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ୬ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ମାମଲାର ବିବରଣୀ ଅନୁଯାୟୀ, ରାଇରଙ୍ଗପୁର ଟାଉନ ଥାନା ଅଧୀନ ମହୁଲଡ଼ିହା ଗ୍ରାମର ସତ୍ୟପ୍ରକାଶ ଝାରପୋଖରିଆ ଥାନା ଅନ୍ତର୍ଗତ ଜାମବଣି ଗ୍ରାମର ଶରତ ଚନ୍ଦ୍ର ପାଢ଼ୀଙ୍କ ଝିଅ ରୂପାଲୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ଦିନ ପରେ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ କଳହ ଲାଗି ରହୁଥିଲା । ୨୦୧୬ ଅଗଷ୍ଟ ୨୪ରେ ରୂପାଲୀଙ୍କୁ ସ୍ୱାମୀ ଓ ଶ୍ୱଶୁର ମିଳିତ ଭାବେ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏ ନେଇ ପୋଲିସ ଏକ ବଧୂହତ୍ୟା ମାମଲା(ନଂ.୪୩/୧୬) ରୁଜୁ କରି ତଦନ୍ତ ଜାରି ରଖିଥିଲା । ସରକାରଙ୍କ ପକ୍ଷରୁ ଆଇନଜୀବୀ ପଙ୍କଜ ଦାସ ମାମଲା ପରିଚାଳନା କରୁଥିଲେ ।

### ଚାଷୀଙ୍କୁ କଚାଡ଼ି ମାରିଲା ଦନ୍ତା

**ପରଜଙ୍ଗ/କାମାକ୍ଷାନଗର, ୩୧।୩(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କଣ୍ଟାପାଳ ପଞ୍ଚାୟତ ଅଧୀନ ଗାଙ୍ଗିଯୋଡ଼ି ଗ୍ରାମର ଚାଷୀ ହାଡ଼ିବନ୍ଧୁ ସାହୁ (୬୫)ଙ୍କ ବୁଧବାର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ହାଡ଼ିବନ୍ଧୁ ଅପରାହ୍ନ ପ୍ରାୟ ୫ଟାରେ ମୁଗଡିହ ନିକଟରେ ଚରିବାକୁ ଛାଡ଼ିଥିବା ଗୋରୁ ଆଣିବାକୁ ଯାଉଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି ନେଇ କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଡିହଡୋଳ ଫରେଷ୍ଟର ସୁରେନ୍ଦ୍ର ନାୟକ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ପଠାଇଥିଲେ।

### କଳିଙ୍ଗ ଝୋଟକଳରେ ଅଗ୍ନିକାଣ୍ଡ

**ଢେଙ୍କାନାଳ ଅଫିସ, ୩୧।୩:** ଢେଙ୍କାନାଳ ଷ୍ଟେଶନ ବଜାରସ୍ଥିତ କଳିଙ୍ଗ ଝୁଟ୍ ପ୍ରଡକ୍ଟ ପ୍ରାଇଭେଟ ଲିମିଟେଡ୍ କମ୍ପାନୀରେ ବୁଧବାର ଅପରାହ୍ନ ୧ଟା ୫ରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ କମ୍ପାନୀର ପରିତ୍ୟକ୍ତ ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଛି। କମ୍ପାନୀ କର୍ତ୍ତୃପକ୍ଷ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ତେବେ ପ୍ରବଳ ବେଗରେ ପବନ ପ୍ରବାହିତ ହେଉଥିବାରୁ ଏହା ସମ୍ଭବ ହୋଇ ନ ଥିଲା। ସୂଚନା ପାଇ ଅଗ୍ନିଶମ ଦଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କମ୍ପାନୀରେ କାର୍ଯ୍ୟରତ ୨୦୦ କର୍ମଚାରୀ ଓ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ବାହାରକୁ ଅଣାଯାଇଥିଲା। ଏଥିରେ ବିଶେଷ କ୍ଷତି ହୋଇ ନ ଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

## ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ

**ବାଲେଶ୍ୱର ଅଫିସ,୩୧।୩**

ବାଲେଶ୍ୱର ଜିଲା ଜଜ୍ ହିରଣ୍ମୟୀ ବିଶୋଇ ଏକ ହତ୍ୟା ମାମଲାର ବିଚାର କରି ବୁଧବାର ଅପରାହ୍ନରେ ଦୋଷୀ ଯୋଗେନ୍ଦ୍ର ଦେହୁରୀଙ୍କୁ ଆଜୀବନ କାରାଦଣ୍ଡ ଶୁଣାଣି କରିଛନ୍ତି। ସୂଚନାଯୋଗ୍ୟ, ୨୦୧୫ ନଭେମ୍ବର ୮ରେ ନୀଳଗିରି ଥାନା ଅଧୀନ ବାଉଁଶବଣିଆ ଗ୍ରାମର ରମାକାନ୍ତ ଦାନକଙ୍କ ଭଉଣୀ ଜାଡ଼ି ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ୯ ତାରିଖ ସକାଳେ ନିକଟସ୍ଥ ପାହାଡ଼ ପାଖରେ ଥିବା କେନାଲରେ ତାଙ୍କ ମୃତଦେହ ପଡ଼ିଥିଲା। ତାଙ୍କ ଭଉଣୀଙ୍କୁ ହତ୍ୟା କରାଯାଇଥିବା ନେଇ ରମାକାନ୍ତଙ୍କ ଅଭିଯୋଗ କ୍ରମେ ନୀଳଗିରି ଥାନାରେ ଏକ ମାମଲା (ନଂ. ୩୪୩/୧୫) ରୁଜୁ କରାଯାଇଥିଲା। ପୋଲିସ ଯୋଗେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୯ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜିଲା ଜଜ୍ ଏହି ରାୟ ପ୍ରକାଶ କରିଛନ୍ତି। ଭାରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଶାନ୍ତ କୁମାର ମଲ୍ଲିକ ମାମଲା ପରିଚାଳନା କରିଥିଲେ।

# ଭିଜିଲାନ୍ସ ଜାଲରେ ମେଡିକାଲ ଅଧିକାରୀ

**ଫୁଲବାଣୀ ଅଫିସ,୩୧।୩**

କନ୍ଧମାଳ ଜିଲା ଫିରିଙ୍ଗିଆ ମେଡିକାଲର ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିଶିତ ନିଶାନ୍ତ ମାଲୁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ମେଡିକାଲରେ କାର୍ଯ୍ୟରତ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ବେଣୁପାଣି



ଡା. ନିଶିତ ନିଶାନ୍ତ ମାଲୁ।

ଦିଗାଲଙ୍କ ବକେୟା ପ୍ରାପ୍ୟ ଅନୁମୋଦନ କରିବାକୁ ବୁଧବାର ସେ ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡ଼ି ଗିରଫ ହୋଇଛନ୍ତି।। ଏ ନେଇ ଭିଜିଲାନ୍ସ ପକ୍ଷରୁ ନଂ.୭/୨୧ରେ ମାମଲା ରୁଜୁ ହୋଇଛି । ଜାମିନ୍ ନାମଞ୍ଜୁର ହେବାରୁ ଡା.ମାଲୁଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ବେଣୁପାଣିଙ୍କର ଟିଏ ଏବଂ ଆରସିଏମ୍ ବାବଦରେ ୪୧ ହଜାର ଟଙ୍କା ବକେୟା ପ୍ରାପ୍ୟ ପାଇବାକୁ ଥିଲା । ଏହି ଟଙ୍କା ପାଇଁ ଫାଇଲରେ ଦସ୍ତଖତ କରିବା ନିମନ୍ତେ ସେ ଡା.ମାଲୁଙ୍କୁ ନିବେଦନ କରିଥିଲେ । ହେଲେ ଗତ ୧୦ ତାରିଖରେ ଡା.ମାଲୁ ଏଥିପାଇଁ ୭ ହଜାର ଟଙ୍କା ଦାବି କରିଥିଲେ । ଟଙ୍କା ନ ଥିବା ବେଣୁପାଣି କହିଥିଲେ। ଡା.ମାଲୁ ୩୧ ତାରିଖରେ ଟଙ୍କା ଦେବାକୁ କହିଥିଲେ । ଏ ନେଇ ବେଣୁପାଣି ଗତ ମଙ୍ଗଳବାର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଯୋଜନା ମୁତାବକ ଡା.ମାଲୁଙ୍କୁ ତାଙ୍କ କ୍ୱାର୍ଟର୍ସରେ ବେଣୁପାଣି ଟଙ୍କା ଦେଇଥିଲେ । ଏହି ସମୟରେ ପ୍ରସ୍ତୁତ ଥିବା ଭିଜିଲାନ୍ସ ଡିଏସ୍‌ପି ଅରୁଣ ନାୟକଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ତାଙ୍କୁ ଧରିବା ସହ କେମିକାଲ ବୋଳା ଟଙ୍କା ଜବତ କରିଥିଲେ।

## ନୀଳିମାଙ୍କୁ ପ୍ରଜ୍ଞାନ ପ୍ରତିଭା ସମ୍ମାନ



**ମାଲକାନଗିରି,୩୧।୩ (ଡି.ଏନ୍.ଏ.)**

ମାଲକାନଗିରି କେନ୍ଦ୍ରୀୟ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ରୀ ନିର୍ଜର ନୀଳିମା ତ୍ରିପାଠୀଙ୍କୁ ପ୍ରଜ୍ଞାନ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଓଡିଶାର ପ୍ରସିଦ୍ଧ ନୃତ୍ୟଗୁରୁ ପଦ୍ମଶ୍ରୀ ଗୋପାଳ ପ୍ରସାଦ ଦୁବେ ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପଠାରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି। ଗତ ତିନିବର୍ଷ ଧରି ସେ ଗୁରୁ ନମିତା ରାୟଙ୍କ ପାଖରେ ନୃତ୍ୟ ଶିକ୍ଷା କରୁଥିଲେ। ଏହା ପୂର୍ବରୁ ନିଳିମା ଭାରତୀୟ କଳାଶ୍ରୀ ସମ୍ମାନ, ନୃତ୍ୟ ନିପୁଣା ସମ୍ମାନ, ଭାରତୀୟ ଗୁରୁଶ୍ରୀ ସମ୍ମାନ ଲାଭ କରିଛନ୍ତି। ସେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରଡାକ୍ତର ନିହାର ତ୍ରିପାଠୀଙ୍କ କନ୍ୟା।

# ‘ପ୍ରକଳ୍ପ କାମ ତ୍ୱରାନ୍ୱିତ କର’

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନରେ ରାଜ୍ୟର ପଶ୍ଚିମାଞ୍ଚଳ ଜିଲାଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ବୁଧବାର ତାଗିଦ୍ କରିଛନ୍ତି। ଏକ ଭିଡ଼ିଓ କନ୍‌ଫରେନ୍ସରେ ସେ ଏଗାରଟି ଜିଲାର ଯୋଜନା ଓ ତଦାରଖ ୟୁନିଟ୍‌ର ଉପନିର୍ଦ୍ଦେଶକମାନଙ୍କ ସହ ବାର୍ତ୍ତାଳାପ କରି ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ଶୀଘ୍ର ସାରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ ପୁରୁଣା ଢାଞ୍ଚାରେ କେତେକ ସଂସ୍କାର ଆଣି କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ପାରଦର୍ଶୀ ଓ ତ୍ୱରିତ ସମ୍ପାଦନ ସକାଶେ ପଦକ୍ଷେପ ଗ୍ରହଣ କରିଥିବା ସୂଚିତ କରିଛନ୍ତି। ପରିଷଦର ବଜେଟ ବୃଦ୍ଧି ହେବା ସହ ଗୁରୁତ୍ୱ ମଧ୍ୟ ବୃଦ୍ଧି ପାଇଛି। ଜିଲାଗୁଡ଼ିକ ସେଥିଲାଗି



ଅସିତ ତ୍ରିପାଠୀ

ନୂତନ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବ ଦେବାକୁ ସେ କହିଛନ୍ତି। ଏଣିକି ଜିଲାଗୁଡ଼ିକରୁ ଫିଜିବିଲିଟି ରିପୋର୍ଟ ପାଇବା ପରେ ଅର୍ଥ ମଞ୍ଜୁରୀ କରାଯିବ। ପୂର୍ବରୁ ଅର୍ଥ ମଞ୍ଜୁରୀ ପରେ ଫିଜିବିଲିଟି ରିପୋର୍ଟ ଆସୁଥିବାରୁ କେତେକ କ୍ଷେତ୍ରରେ କାମ ଆରମ୍ଭ କରାଯାଇ ପାରୁ ନ ଥିଲା ଏବଂ ପ୍ରାପ୍ତ ଅନୁଦାନ ଫେରସ୍ତ କରିବାକୁ ପଡୁଥିଲା। ତେଣୁ ସେଥିରେ ଏବେ ପରିବର୍ତ୍ତନ ଅଣାଯାଇ ନୂଆ ଫର୍ମାଟ୍ ପ୍ରସ୍ତୁତ କରି ଜିଲାଗୁଡ଼ିକୁ ଯୋଗାଇ ଦିଆଯାଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଶାଖା କାର୍ଯ୍ୟାଳୟଗୁଡ଼ିକ ସମ୍ପୃକ୍ତ ଜିଲାଗୁଡ଼ିକରେ କାର୍ଯ୍ୟାରମ୍ଭ କରିଥିବାରୁ ଏଣିକି ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା କରାଯାଉଛି। ଏ ଯାବତ୍ ଏସବୁ ଜିଲାରେ ୧୧୪୩ଟି ପ୍ରକଳ୍ପ କାର୍ଯ୍ୟାରମ୍ଭ ହୋଇ ନ ପାରି ପଡ଼ି ରହିଥିବା ଯୋଗୁ ସେ କ୍ଷୋଭ ପ୍ରକାଶ କରି ଆସନ୍ତା ୧୫ ତାରିଖ ମଧ୍ୟରେ ଏଗୁଡ଼ିକର କାର୍ଯ୍ୟାରମ୍ଭ ଲାଗି କହିଛନ୍ତି। ପ୍ରତି ୧୫ ଦିନରେ ଥରେ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଉପରେ ଅସୀତ ସମୀକ୍ଷା କରିବେ। ଯେଉଁସବୁ ପ୍ରକଳ୍ପ ଅନୁଦାନ ଜିଲାରେ ରହିଛି ଏବଂ ସମ୍ପୃକ୍ତ ପ୍ରକଳ୍ପ କାର୍ଯ୍ୟ ପାଇଁ ଫିଜିବିଲିଟି ନାହିଁ ସେହି ଅର୍ଥକୁ ତୁରନ୍ତ ଫେରସ୍ତ କରିବାକୁ ସେ କହିଛନ୍ତି।

## ନକଲି ମାଓବାଦୀ ଗିରଫ

**ବୈପାରିଗୁଡ଼ା,୩୧।୩ (ଡି.ଏନ୍.ଏ.)**

ନିଜକୁ ମାଓବାଦୀ ପରିଚୟ ଦେଇ ଜଣେ ବ୍ୟବସାୟୀଙ୍କଠାରୁ ୨ଲକ୍ଷ ଟଙ୍କା ଦାବି କରୁଥିବା ନକଲି ମାଓବାଦୀଙ୍କୁ ବୈପାରିଗୁଡା ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ସମ୍ପୃକ୍ତ ଯୁବକ ଜଣକ କିଛି ଦିନ ତଳେ ରାମଗିରି ଗ୍ରାମର ଜଣେ ବ୍ୟବସାୟୀଙ୍କ ଘର କାନ୍ଥରେ ମାଓବାଦୀଙ୍କ ନାମରେ ଏକ ଧମକପୂର୍ଣ୍ଣ ଚିଠି ଲଗାଇ ଏଥିରେ ୨ଲକ୍ଷ ଟଙ୍କା ଦାବି କରିଥିଲେ । ବ୍ୟବସାୟୀ ଜଣକ ଏ ସଂପର୍କରେ ରାମଗିରି ଫାଣ୍ଡିରେ ଜଣାଇଥିଲେ । ବୈପାରିଗୁଡା ପୋଲିସ ତଦନ୍ତ କରି ସେ ଜଣେ ନକଲି ମାଓବାଦୀ ଜାରିବା ପରେ ତାଙ୍କୁ ଗିରଫ କରିଥିଲା। କେସ୍ ନଂ. ୫୪/୨୧।

## ଆଜି ଭାଜପା ଯୁବମୋର୍ଚ୍ଚାର କାର୍ଯ୍ୟକାରିଣୀ

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

ଭାଜପା ଯୁବମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହେବ। ଏହା ପୂର୍ବରୁ ବୁଧବାର ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ସାମ୍ପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଙ୍ଗକୁ ନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ବିଶେଷଭାବେ ରାଜ୍ୟରେ ବେରୋଜଗାର, ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା, ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବିକାଶ ନ ହେବା, ଶିକ୍ଷିତ ଯୁବତୀ,ଯୁବକମାନଙ୍କୁ ସ୍ଥାୟୀ ନିଯୁକ୍ତି ନ ମିଳିବା, କରୋନା ସମୟରେ ରାଜ୍ୟକୁ ଫେରିଥିବା ଦାଦନ ଶ୍ରମିକଙ୍କ ଦକ୍ଷତା ମ୍ୟାପିଂ ନ କରି ନିଯୁକ୍ତି ନ ଦେବା, ଯୁବ ପ୍ରତିଭାଙ୍କୁ ଅଣଦେଖା କରିବା ଆଦି ପ୍ରସଙ୍ଗ ରାଜ୍ୟ ପଦାଧିକାରୀ ବୈଠକରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଯୁବତୀ,ଯୁବକଙ୍କ ପାଇଁ ଅନେକ ଯୋଜନା ଲାଗୁ କରିଛନ୍ତି । ଦେଶର ଯୁବକଙ୍କ ପାଇଁ ପ୍ରଧାନମନ୍ତ୍ରୀ ସ୍କିଲ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ, ଷ୍ଟାର୍ଟଅପ ଇଣ୍ଡିଆ, ମେକ ଇନ ଇଣ୍ଡିଆ ଆଦି ଲାଗୁ କରିଛନ୍ତି । କୋଭିଡ୍ ମହାମାରୀ ସମୟରେ ମୋଦି ସରକାରଙ୍କ ବଳିଷ୍ଠ ନେତୃତ୍ୱ ଓ ପଦକ୍ଷେପ କାରଣରୁ ଭାରତବର୍ଷ ସମଗ୍ର ବିଶ୍ୱରେ ପ୍ରଶଂସାର ଅଧିକାରୀ ହୋଇଛି। କୋଭିଡ୍ ସମୟରେ ମୋଦି ସରକାରଙ୍କ ଗରିବକଲ୍ୟାଣ ଯୋଜନା କାରଣରୁ କୋଟି କୋଟି ଦେଶବାସୀ ଉପକୃତ ହୋଇଛନ୍ତି ବୋଲି ଇରାଶିସ କହିଛନ୍ତି।

## ଜଙ୍ଗଲରେ ନିଆଁ ଲଗାଇ ୩ ଗିରଫ

**ବଡ଼ବିଲ/ ପାଟଣା, ୩୧।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ବନାଞ୍ଚଳ ଅଧୀନ ଉଲିବୁରୁ ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ବୁଧବାର ୨ ଅଭିଯୁକ୍ତଙ୍କୁ ବନ ବିଭାଗ ଗିରଫ କରିଥିବାବେଳେ ପାଟଣା ରେଞ୍ଜ ରାଜନଗର ବିଟ୍ ପଦ୍ମପୁର ସଂରକ୍ଷିତ ଶାଳ ଜଙ୍ଗଲରେ ଶିକାର ଉଦ୍ଦେଶ୍ୟରେ ନିଆଁ ଲଗାଇ ଜଣେ ବୃଦ୍ଧ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ ବଡବିଲ ଥାନା ଉଲିବୁରୁ ଗ୍ରାମର ଶଙ୍କର ମୁଣ୍ଡା, ଝାଡଖଣ୍ଡ ରାଜ୍ୟ ବାରକେଲା ଗ୍ରାମର ରୋଡେ ସୱୟା। ଏବଂ କୋଡ଼ଖମଣ ଗ୍ରାମର ଯଦୁମଣି ମହାନ୍ତ। ଯଦୁମଣୀଙ୍କ ଠାରୁ ଫରେଷ୍ଟର ଟାଙ୍ଗିଆ ଓ ଦିଆସିଲି ଜବତ କରିଛନ୍ତି। ସେ ଠେକୁଆ ଶିକାର ପାଇଁ ନିଆଁ ଲଗାଇଥିବା ସ୍ୱୀକାର କରିଛନ୍ତି। ଏନେଇ ପାଟଣା ରେଞ୍ଜରେ ଏକ ମାମଲା (ନଂ.୧୭୧/୨୧) ରୁଜୁ ହୋଇ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେହିପରି ଅନ୍ୟ ଦୁଇ ଗିରଫ ଅଭିଯୁକ୍ତ ଶଙ୍କର ଓ ରୋଡେ ଜଙ୍ଗଲକୁ ବିଡି ପିଇବାକୁ ଯାଇଥିଲେ ଓ ପରେ ଜଙ୍ଗଲରେ ପଡିଥିବା ଶୁଖିଲା ପତ୍ରରେ ନିଆଁ ଲଗାଇଦେଇଥିଲେ। ଏ ନେଇ ବନ ବିଭାଗ ଅଧିକ ତଦନ୍ତ ଜାରି ରଖିଥିବା ବଡବିଲ ବନାଞ୍ଚଳ ଅଧିକାରୀ ସୁରଜିତ ସାହୁ ପ୍ରକାଶ କରିଛନ୍ତି।

# ସଫଳତା ମିଳିଛି, ସ୍ଥାୟିତ୍ୱ ନାହିଁ

**ଯାଜପୁର ଅଫିସ,୩୧।୩**

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ)ରେ ସର୍ବଭାରତୀୟସ୍ତରରେ ଓଡ଼ିଶା ଗତ ୩ ବର୍ଷ ହେଲା ପ୍ରଥମ ସ୍ଥାନ ଅଧିକାର କରିଆସିଛି। ୨୦୧୭-୧୮ରେ ୭୧୪୦.୭୭ କି.ମି.,୨୦୧୮-୧୯ରେ ୮୧୨୯.୮୮ କି.ମି. ଓ ୨୦୧୯-୨୦ରେ ୫୨୯୮.୪୩ କି.ମି.ରାସ୍ତା ନିର୍ମାଣ କରି ସମଗ୍ର ଭାରତରେ ଓଡ଼ିଶା ଏହି ସଫଳତା ପାଇଛି। ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଦ୍ୱାରା ଉତ୍ଥାପିତ ଚଳିତ ବିଧାନସଭା ପ୍ରଶ୍ନର ଉତ୍ତରରେ ଗ୍ରାମ୍ୟ ନିର୍ମାଣ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ ତଥ୍ୟରୁ ଏହି ସୂଚନା ମିଳିଛି। ତେବେ ନିମ୍ନମାନର କାର୍ଯ୍ୟ ଯୋଗୁ ଏହି ଯୋଜନାରେ ନିର୍ମାଣ କରାଯାଇଥିବା ଏକାଧିକ ସଡ଼କ ନିର୍ଦ୍ଧାରିତ ସମୟ ପୂର୍ବରୁ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ସଫଳତା ମିଳିଛି ହେଲେ ନିର୍ମାଣ ସଡ଼କର ସ୍ଥାୟିତ୍ୱ ବଢୁନାହିଁ। ଠିକାଦାରି ରାଜନୀତି ଏଥିପାଇଁ ଦାୟୀ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଏହି ଯୋଜନା ଆରମ୍ଭ ହୋଇଥିଲା। ଏହାଦ୍ୱାରା ସେହି ଅଞ୍ଚଳର ବିକାଶ ପ୍ରକ୍ରିୟାରେ ସନ୍ତୁଳନ ରକ୍ଷା କରାଯାଇପାରିବ ବୋଲି ଆଶା କରାଯାଇଥିଲା। ପିଏମ୍‌ଜିଏସ୍‌ୱାଇ-୧ ନିୟମାନୁସାରେ



ପିଏମ୍‌ଜିଏସ୍‌ୱାଇରେ ରଗଡ଼ିରେ ଚାଲିଥିବା ରାସ୍ତା ମରାମତି କାମ।

୨୦୦୧ ଜନଗଣନାକୁ ଭିତ୍ତିକରି ସାଧାରଣ ଅଞ୍ଚଳରେ ୫୦୦ରୁ ଉର୍ଦ୍ଧ୍ୱ, ଇଣ୍ଟିଗ୍ରେଟ୍‌ଡ୍ ଆକ୍ସନ ପ୍ଲାନ୍(ଆଇଏପି) ଅଞ୍ଚଳରେ ୨୫୦ରୁ ଉର୍ଦ୍ଧ୍ୱ ଏବଂ ଲେଫ୍ଟ ୱିଙ୍ଗ୍ ଏକ୍ସଟ୍ରେମିଷ୍ଟ(ଏଲଡବ୍ଲୁଇ) ବ୍ଲକ ଅଞ୍ଚଳରେ ୧୦୦ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଗ୍ରାମଗୁଡିକୁ ଯୋଗ୍ୟ ଗ୍ରାମ ବୋଲି ଧରାଯାଇଛି। ତଦନୁସାରେ ପ୍ରସ୍ତୁତ ଡିଷ୍ଟ୍ରିକ୍ଟ ରୁରାଲ ରୋଡ ପ୍ଲାନ୍(ଡିଆର୍‌ଆର୍‌ପି) ଅନୁସାରେ ରାଜ୍ୟରେ ସର୍ବମୋଟ ୧୭୦୨୩ ଅସଂଯୋଜିତ ଯୋଗ୍ୟ ବିବେଚିତ ଗ୍ରାମ ପାଇଁ କେନ୍ଦ୍ର ସରକାର ଅର୍ଥ ଅନୁମୋଦନ କରିଥିଲେ। ସେହି ଗ୍ରାମଗୁଡ଼ିକୁ ସଂଯୋଗ କରିବା ପାଇଁ ପିଏମ୍‌ଜିଏସ୍‌ୱାଇ-୧ରେ ୧୨୫୫୩ (୪୫୯୮୮.୪୬ କିମି) ରାସ୍ତାକୁ କେନ୍ଦ୍ର ସରକାର ନିର୍ମାଣ କରିବା ପାଇଁ ଅର୍ଥ ମଞ୍ଜୁର କରିଥିଲେ। ସେଥିରୁ ୧୨୨୦୪ ରାସ୍ତା(୪୩୬୨୩.୨୨କି.ମି.) ନିର୍ମାଣ କରାଯାଇ ୧୬୬୮୧ ଯୋଗ୍ୟ ଗ୍ରାମକୁ ସଂଯୋଗ କରାଯାଇଛି। ବାକି ୩୪୨ ଗ୍ରାମକୁ ମାର୍ଚ୍ଚ ଶେଷ ସୁଦ୍ଧା ସଂଯୋଗ କରିବାର ଲକ୍ଷ୍ୟ ରଖାଯାଇଛି। କିନ୍ତୁ ପିଏମ୍‌ଜିଏସ୍‌ୱାଇର ପରବର୍ତ୍ତୀ ପର୍ଯ୍ୟାୟରେ କେନ୍ଦ୍ର ସରକାରଙ୍କ ଅନୁମୋଦିତ ପିଏମଜିଏସ୍‌ୱାଇ-୨/୩ରେ କୌଣସି ଅସଂଯୋଜିତ ଗ୍ରାମକୁ ସଂଯୋଗ କରିବାର ବ୍ୟବସ୍ଥା ନାହିଁ ବୋଲି ଗ୍ରାମ୍ୟ ନିର୍ମାଣ ବିଭାଗରୁ ସୂଚନା ମିଳିଛି।

ରାଜ୍ୟରେ ଯୋଗାଯୋଗର ପ୍ରମୁଖ ମାଧ୍ୟମ ହେଉଛି ସଡ଼କ ପଥ। ଏହି ଯୋଜନାରେ ଅଧିକ ଆର୍ଥିକ ଅନୁଦାନର ବ୍ୟବସ୍ଥା କରାଯାଉଛି ସତ ହେଲେ ଠିକାକାମକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଯେକୌଣସି ପିଏମ୍‌ଜିଏସ୍‌ୱାଇ କାର୍ଯ୍ୟକୁ ଦେଖିଲେ ସ୍ୱାଭାବିକ ଭାବେ ଏହି ଯୋଜନାର ସଫଳତା ନିରୁପିତ କରିହେବ। ପାଣିକୋଇଲି-କେଉଁଝର ଜାତୀୟ ରାଜପଥ(ଏନ୍‌ଏଚ୍)-୨୦ର ରଗଡିଠାରୁ କିଆପଦା ୫.୫ କି.ମି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କର ସାମୟିକ ରକ୍ଷଣାବେକ୍ଷଣ କାର୍ଯ୍ୟକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଏଥିପାଇଁ ୬୪ ଲକ୍ଷ ଟଙ୍କାର ଅର୍ଥ ମଞ୍ଜୁର ହୋଇଛି। ହେଲେ କାମ ଆରମ୍ଭରୁ ସଡ଼କଟି ସମ୍ପୂର୍ଣ୍ଣ ନିମ୍ନମାନର ହେଉଛି ବୋଲି କୋରାବନ୍ଦୀ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ନିର୍ମାଣ ସମୟରେ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁ ନାହାନ୍ତି। ଫଳରେ ଠିକାଦାର ଏହାର ଫାଇଦା ଉଠାଇ ମନମୁଖୀ କାମ ଚଳାଇଛନ୍ତି। ନିୟମ ଅନୁଯାୟୀ ରାସ୍ତାରୁ ଧୂଳି ସଫା କରାଯାଉ ନ ଥିବାବେଳେ ଭାଙ୍ଗି ଯାଇଥିବା ସ୍ଥାନରେ ଶୁଖିଲା ମେଟାଲ ଦେଇ ବିନା ପିଚୁରେ କାମ କରାଯାଉଛି। ପ୍ରାଇମର ଦିଆଯାଉନାହିଁ। ଚିପ୍ସ ୨ ଇଞ୍ଚ, ବଜୁରି ୧ ଇଞ୍ଚ ପକାଇ ମୋଟ ୩ ଇଞ୍ଚ ମେଟାଇର ସଡ଼କ ନିର୍ମାଣ ପାଇଁ ନିୟମ ରହିଛି। ହେଲେ ଠିକାଦାର ୧ରୁ ଦେଢ଼ ଇଞ୍ଚ ଚିପ୍ସ,ବଜୁରି ପକାଇ କାମ କରୁଥିବା ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେହିପରି ଏନ୍‌ଏଚ୍-୨୦ ଲକ୍ଷ୍ମୀନଗରଠାରୁ ଗୋହିରାଗଡ଼ିଆ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କର ମରାମତି କାର୍ଯ୍ୟ ରାତିଅଧିଆ ଚାଲିଛି। ସେହି କାମ ବି ନିମ୍ନମାନର କାମ ହେଉଛି ବୋଲି ଜିଲାପାଳଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

**ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା**
- ସାରା ଭାରତବର୍ଷରେ ପ୍ରଥମ-ଯନ୍ତ୍ରୀ ମୁଖ୍ୟ
- ନିର୍ଦ୍ଧାରିତ ସମୟ ପୂର୍ବରୁ ନଷ୍ଟ ହେଉଛି ରାସ୍ତା

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୨,୯୧,୧୨,୩୯୨ | ୨୮,୨୦,୭୮୧ | ୧୦,୪୧,୫୨,୮୬୦ |
| ଭାରତ | ୧,୨୨,୧୨,୭୦୭ | ୧,୬୨,୯୦୫ | ୧,୧୪,୬୯,୨୪୬ |
| ଓଡ଼ିଶା | ୩,୪୦,୯୧୭ | ୧୯୨୧(+୫୩) | ୩,୩୭,୦୯୧ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର





ଓଡ଼ିଶା ଦିବସ ଉପଲକ୍ଷେ ଆଲୋକମାଳାରେ ସୁସଜ୍ଜିତ ଓଡ଼ିଶା ବିଧାନ ସୌଧ, ଲୋକସେବା ଭବନ ଓ ରବୀନ୍ଦ୍ର ମଣ୍ଡପ।

## ୩୩ ଲକ୍ଷର ବ୍ରାଉନସୁଗାର ଜବତ

**ଭଦ୍ରକ ଅଫିସ,୩୧।୩:** ଭଦ୍ରକରୁ ପୁଣି ବିପୁଳ ପରିମାଣର ବ୍ରାଉନସୁଗାର ଜବତ ହୋଇଛି। ମଙ୍ଗଳବାର ରାତିରେ ଭଦ୍ରକ-ଚାନ୍ଦବାଲି ରାସ୍ତା କାରମେଲ ସ୍କୁଲ ନିକଟରୁ ପୁରୁଣାବଜାର ଥାନା ପୋଲିସ ଜଣେ ବ୍ୟବସାୟୀଙ୍କୁ ଗିରଫ କରିବା ସହ ତାଙ୍କ ପାଖରୁ ୩୩୦ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଗିରଫ ବ୍ୟବସାୟୀ ହେଲେ ବାସୁଦେବପୁର ଥାନା କୁସୁଣିବିନ୍ଧାର ମନୋରଞ୍ଜନ ମଲିକ। ଥାନାରେ ମାମଲା (ନଂ. ୧୧୬/୨୧) ରୁଜୁ ହୋଇଛି।

## ଶ୍ରୀମନ୍ଦିରରେ ବନକଲାଗି: ୪ ଘଣ୍ଟା ବନ୍ଦ ରହିଲା ଦର୍ଶନ

**ପୁରୀ ଅଫିସ, ୩୧।୩:** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଛି। ଦ୍ୱିପ୍ରହର ଧୂପ ପରେ ଦତ୍ତମହାପାତ୍ର ସେବକମାନେ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ପ୍ରସ୍ତୁତ ପ୍ରସାଧନରେ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର କରାଯାଇଥିଲା। ସକାଳ ଧୂପ ଓ ଭୋଗମଣ୍ଡପ ପରେ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇଥିଲା। ଏହାପରେ ଦତ୍ତ ମହାପାତ୍ରମାନେ ବନକ ପେଡ଼ି ଧରି ମହାପ୍ରଭୁଙ୍କ ସେବା କରିବା ପାଇଁ ଯାଇଥିଲେ। ବନକ ପେଡ଼ି ମଧ୍ୟରେ ଥିବା ହିଙ୍ଗୁଳ, ହରିତାଳ, ଶଙ୍ଖ, କସ୍ତୁରି ଓ କଳାରଙ୍ଗକୁ ବନକଲାଗିରେ ନୀତିରେ ବ୍ୟବହାର କରାଯାଇଥିଲା। ଶ୍ରୀମୁଖ ଶୃଙ୍ଗାର ପରେ ମହାପ୍ରଭୁଙ୍କ ଶ୍ରୀମୁଖ ଚମକିଥିଲା। ଏହା ଏକ ଗୁପ୍ତ ସେବା ହୋଇଥିବାରୁ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ପ୍ରାୟ ୪ ଘଣ୍ଟା ଧରି ବନ୍ଦ ରହିଥିଲା। ଅପରାହ୍ନ ୪ରୁ ରାତି ୮ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ରଖାଯାଇଥିଲା। ବନକଲାଗି ନୀତି ଶେଷ ହେବା ପରେ ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କ ଦର୍ଶନ ଅପେକ୍ଷାରେ ଥିବା ଭକ୍ତମାନେ ଏହି ଅନନ୍ୟ ଶ୍ରୀମୁଖ ଦର୍ଶନ କରିଥିଲେ। ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ଶେଷ ହୋଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# 'ରାଞ୍ଚିକୁ ନ ଯାଉ ରାଉରକେଲା ଏନ୍ଆଇଏମ୍ଆର୍'

### କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବ ଦାସ

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

ରାଉରକେଲାରେ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଲେରିଆ ରିସର୍ଚ୍ଚ (ଏନ୍ଆଇଏମ୍ଆର୍)କୁ ରାଞ୍ଚିକୁ ସ୍ଥାନାନ୍ତର ନ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ। ସେ ଲେଖିଛନ୍ତି ଯେ, ୧୯୮୮ରେ ଇଣ୍ଡିଆନ୍ କାଉନ୍ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚର କ୍ଷେତ୍ରୀୟ ଶାଖା ଭାବେ ରାଉରକେଲାଠାରେ ଏନ୍ଆଇଏମ୍ଆର୍ ସ୍ଥାପିତ ହୋଇଥିଲା। ମ୍ୟାଲେରିଆ ଉପରେ ଅଧିକ ଗବେଷଣା ସହ ନିରାକରଣ କ୍ଷେତ୍ରରେ ଏହି ପ୍ରତିଷ୍ଠାନ କାର୍ଯ୍ୟ କରୁଛି। ଏବେ ରାଜ୍ୟ ମ୍ୟାଲେରିଆ ନିରାକରଣ କ୍ଷେତ୍ରରେ ଆଖିଦୃଶିଆ ସଫଳତା ହାସଲ କରିଛି ଓ ଜାତୀୟ ଲକ୍ଷ୍ୟ ପୂରଣ କରିବାରେ ସଫଳ ହୋଇପାରିଛି। ଏଥିସହିତ ସୁନ୍ଦରଗଡ଼ ଭଳି ଅନୁସୂଚିତ ଜାତି ଓ ଜନଜାତି ବହୁଳ ଅଞ୍ଚଳରେ ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ମାନଦଣ୍ଡ ଏବଂ ବଣଜଙ୍ଗଲ ଘେରା ଅଞ୍ଚଳର ମ୍ୟାଲେରିଆର ପ୍ରକୋପ କମିଛି। ଏହି ପ୍ରତିଷ୍ଠାନକୁ ରାଞ୍ଚିକୁ ସ୍ଥାନାନ୍ତର ନିଷ୍ପତ୍ତି କୌଣସି ଦୃଷ୍ଟିରୁ ରାଜ୍ୟ ପାଇଁ ଗ୍ରହଣୀୟ ନୁହେଁ। ଏହାଦ୍ୱାରା ମାଲେରିଆ ରିସର୍ଚ୍ଚ କ୍ଷେତ୍ରରେ କୌଣସି କାର୍ଯ୍ୟ ସାଧିତ ହୋଇପାରିବ ନାହିଁ। ଅନ୍ୟପକ୍ଷରେ ରାଜ୍ୟର ପଶ୍ଚିମ ଓ ଉତ୍ତର ଓଡ଼ିଶା ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ହରାଇବ। ମ୍ୟାଲେରିଆ ନିରାକରଣ କ୍ଷେତ୍ରରେ ଅନୁଷ୍ଠାନର ଆବଶ୍ୟକତାକୁ ଅଣଦେଖା କରାଯିବା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ତେଣୁ ଏହି ପ୍ରତିଷ୍ଠାନକୁ ରାଞ୍ଚିକୁ ସ୍ଥାନାନ୍ତର ନ କରିବାକୁ ମନ୍ତ୍ରୀ ଦାସ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ହର୍ଷବର୍ଦ୍ଧନଙ୍କୁ ଅନୁରୋଧ କରିଛନ୍ତି।

# ଓଡ଼ିଆ ଭାଷାର ବିକାଶ ଉପରେ ଗୁରୁତ୍ୱ

### ୭ମ ଜାତୀୟ ଭାଷା ସମ୍ମିଳନୀ ଉଦ୍‌ଘାଟିତ

**ପୁରୀ ଅଫିସ,୩୦।୩**

ପୁରୀ ପାନ୍ଥନିବାସ ସମ୍ମିଳନୀ କକ୍ଷରେ ବୁଧବାର ଓଡ଼ିଆ ଅଧ୍ୟୟନ ଗବେଷଣା ସଂସ୍ଥା ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ସପ୍ତମ ଜାତୀୟ ଭାଷା ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ଏହି ସମ୍ମିଳନୀରେ ପ୍ରଫେସର କୁଳମଣି ନାୟକ ବେଦମନ୍ତ୍ର ପାଠ କରିଥିବାବେଳେ ସଂସ୍ଥାର ଉପାଧ୍ୟକ୍ଷ ପ୍ରଫେସର ନଟବର ଶତପଥୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର




ଉତ୍ସବରେ ଯୋଗଦେଇଥିବା ଅତିଥି।

କୁଳପତି ହରିହର ହୋତା ଯୋଗଦେଇ କହିଥିଲେ, ବିଶ୍ୱସ୍ତରରେ ଓଡ଼ିଆ ଭାଷାର ବ୍ୟାପକତା ରହିଛି। ଓଡ଼ିଆ ସାହିତ୍ୟ ଏକ କ୍ରମବର୍ଦ୍ଧିଷ୍ଣୁ ସାହିତ୍ୟ ଓ ଏହି ଭାଷା ପାଠକଙ୍କ ମଧ୍ୟରେ ବହୁଳ ଭାବେ ଆଦୃତ। ସମ୍ମାନିତ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଯୋଗଦେଇ କହିଥିଲେ, ଓଡ଼ିଆ ଭାଷା ସହ କିଛି ଆଦିବାସୀ ଭାଷା ସଂଲଗ୍ନ ହୋଇରହିଛି। ତେଣୁ ଓଡ଼ିଆ ଭାଷାକୁ ଆହୁରି ମହାନ କରିବାକୁ ହେଲେ ଆଦିବାସୀ ଭାଷାକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଯୋଗଦେଇ ଓଡ଼ିଆ ସାହିତ୍ୟ ପଠନର ମାତ୍ରା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀରେ ଓଡ଼ିଶା ସମେତ ଆସାମ, ଦିଲ୍ଲୀ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟର ଭାଷା ଗବେଷକମାନେ ଯୋଗଦେଇ ଭାଷାର ସର୍ବାଙ୍ଗୀନ ବିକାଶ ଓ ପ୍ରଚାର ପ୍ରସାର ନେଇ ଆଲୋଚନା କରିଥିଲେ। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଟିକାୟତ ରାୟ, ଶ୍ରୀନିବାସ ଆଚାର୍ଯ୍ୟ, ଗୋପବନ୍ଧୁ ମହାନ୍ତି, ବିଶ୍ୱରଞ୍ଜନ ଦାସ, ଲକ୍ଷ୍ମୀଧର ପଣ୍ଡା ଓ ଲକ୍ଷ୍ମୀନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଭିନନ୍ଦନିକା ପ୍ରତିଷ୍ଠାତା ଶ୍ୟାମ ପ୍ରକାଶ ସେନାପତି ଓ ସୁଶାନ୍ତ କୁମାର ରାଜ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଅସିଆ ପର୍ବତରେ ନିଆଁ

**ଚଣ୍ଡିଖୋଲ,୩୧।୩(ଡି.ଏନ.ଏ.)**

ଯାଜପୁର ଜିଲା ଡାଳିଯୋଡ଼ା ରେଞ୍ଜ ପ୍ରସ୍ତାବିତ ଅସିଆ-ଚାରିନଙ୍ଗଳ ସଂରକ୍ଷିତ ଜଙ୍ଗଲର ଅଚ୍ୟୁତବସନ୍ତ ଓ ମଝିପଡ଼ା ପାହାଡ଼ ଶୀର୍ଷରେ ବୁଧବାର ସନ୍ଧ୍ୟାରେ ନିଆଁ ଲାଗି ପାଖାପାଖି ୫ ଏକର ଜଙ୍ଗଲ ଜଳୁଥିବା ଜଣାପଡ଼ିଛି। ସନ୍ଧ୍ୟାରେ ପାହାଡ଼ ଶୀର୍ଷ ଭାଗରେ ନିଆଁ ଦେଖାଦେଇଥିଲା। ତେବେ ଚାହୁଁଚାହୁଁ ଏହା ଚାରି ଆଡ଼କୁ ବ୍ୟାପି ଯାଇଥିଲା। ଖବର ଲେଖାହେବା ବେଳକୁ ଜଙ୍ଗଲର ବ୍ୟାପକ ଅଞ୍ଚଳ ନିଆଁ ମଧ୍ୟକୁ ଚାଲିଯାଇଥିଲା। ଫରେଷ୍ଟର ଶଶିଭୂଷଣ ବେହେରାଙ୍କ ସହ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା ଚଳାଇଥିଲେ। ପାହାଡ଼ର ଶିଖର ଭାଗରେ ନିଆଁ ଲାଗିଥିବାରୁ ଦମକଳ ବାହିନୀ ଘଟଣାସ୍ଥଳକୁ ଯିବାକୁ ସକ୍ଷମ ହୋଇପାରିନାହିଁ।

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMIBBS2021015, ତା: 26.03.2021
**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ନୂଆ ବ୍ରୋଡ୍ ଗେଜ୍ (B.G.) ରେଳ ଲିଙ୍କ୍ ପ୍ରକଳ୍ପର ନିର୍ମାଣ ସମ୍ବନ୍ଧୀୟ କି.ମି.139-172(ପୁରୁଣାକଟକ-ବାଣୀଗୁଛା) ମଧ୍ୟରେ ଛୋଟ ପୋଲ/ବଡ଼ ପୋଲ/ରୋଡ଼ ଓଭର ବ୍ରିଜ୍/ରୋଡ଼ ଅଣ୍ଡର ବ୍ରିଜଗୁଡ଼ିକର GADs ର ପ୍ରସ୍ତୁତି, GTI କାର୍ଯ୍ୟ(ଅବଶିଷ୍ଟ ପୋଲ ସମୂହ)ର ସମ୍ପାଦନ, ଛୋଟ/ବଡ଼ ପୋଲଗୁଡ଼ିକର ଜଳମାର୍ଗ ଗଣନା, କି.ମି.139-170 (ଟନେଲ ନଂ.4 (କି.ମି.168350-170325 ବ୍ୟତୀତ) ଅର୍ଥାତ୍ ବାଣୀଗୁଛା-ଚାରିଛକ ମଧ୍ୟରେ ଟନେଲ କାର୍ଯ୍ୟଗୁଡ଼ିକର ତଦାରଖ ନିମନ୍ତେ ନିୟୋଜିତ ହେବାକୁ ଥିବା ମାନବ ସମ୍ବଳର ବିସ୍ତୃତ ବିବରଣୀ ଏବଂ ସମ୍ପାଦନ ସମୟରେ ନିରୀକ୍ଷଣ ପାଇଁ ଉପଲବ୍ଧ ଉପକରଣଗୁଡ଼ିକର ବିସ୍ତୃତ ବିବରଣୀ, ସମ୍ପୂର୍ଣ୍ଣ ଡିଜାଇନ୍ ପ୍ରସ୍ତୁତି, ଡ୍ରଇଂ, ପ୍ରାକ୍‌କଳନ, ସମ୍ପାଦନ ଅନୁସୂଚୀ ତଥା ସମ୍ପର୍କିତ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** ₹ 264.33 ଲକ୍ଷ, EMD (ଟଙ୍କାରେ) : ଶୂନ୍ୟ, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ଶୂନ୍ୟ, କାର୍ଯ୍ୟ ଶେଷ ହେବା ଅବଧି : 03(ତିନି)ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.20.04.2021ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ। ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C ର ଦାଖଲ, ଟେଣ୍ଡର ନଥିପତ୍ର ଭାଗ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀ ଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-109/CD/20-21

## ଇପ୍‌ସିତାଙ୍କୁ ପର୍ସନାଲିଟି ୱିଙ୍ଗ୍ ଟାଇଟଲ

### ମିସେସ୍ ଫେମିନା-୨୦୨୧



ଇପ୍‌ସିତା ପ୍ରିୟଦର୍ଶିନୀ

**ଭଦ୍ରକ ଅଫିସ, ୩୧।୩:** ଅନ୍‌ଲାଇନରେ ହୋଇଥିବା ମିସେସ୍ ଫେମିନା-୨୦୨୧ ପ୍ରତିଯୋଗିତାରେ ଓଡ଼ିଶାର ଇପ୍‌ସିତା ପ୍ରିୟଦର୍ଶିନୀ(୨୭) ପର୍ସନାଲିଟି ୱିଙ୍ଗ୍‌ରେ ବିଜୟୀ ହୋଇଛନ୍ତି। ମଙ୍ଗଳବାର ଫ୍ୟାଶନ, ବିୟୁଟି, କୁକିଙ୍ଗ୍ ଓ ପର୍ସନାଲିଟି ୱିଙ୍ଗ୍ ପ୍ରତିଯୋଗିତା କରାଯାଇଥିଲା। ପର୍ସନାଲିଟି ୱିଙ୍ଗ୍ ଟାଇଟଲ୍ ବିଜୟିନୀ ଇପ୍‌ସିତା ଭବିଷ୍ୟତରେ ଓଡ଼ିଶାରେ ମଡେଲିଂ ଓ ଅଭିନୟ ଭଳି କଳା ପ୍ରତି ଆଗ୍ରହ ରଖୁଥିବା ମହିଳାମାନଙ୍କୁ ମାର୍ଗ ପ୍ରଦର୍ଶନ କରିବେ ଓ ଏଥିପାଇଁ ଏକ କେନ୍ଦ୍ର ଖୋଲିବେ। ନିଜ କ୍ୟାରିୟର ସାଙ୍ଗକୁ ଓଡ଼ିଶାରେ ଅଧିକରୁ ଅଧିକ ମହିଳାଙ୍କୁ ଏହି ଦିଗ ପ୍ରତି ରୁଚି ବଢ଼ାଇବା ପାଇଁ ଦୃଷ୍ଟି ଦେବେ ବୋଲି ସେ କହିଛନ୍ତି।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ସାହୁ ଓ ବବିତା ମହାନ୍ତିଙ୍କ ଝିଅ ଇପ୍‌ସିତା। ଘର କଟକ ସହର ମଙ୍ଗଳାବାଗ ଅଞ୍ଚଳରେ ହୋଇଥିବା ବେଳେ ଭୁବନେଶ୍ୱରରେ ତାଙ୍କ ଶାଶୁଘର। ସେ ୨୦୧୫ରେ ଜୀ ଟିଭିର ମିସ୍ ଏଥ୍‌ନିକ୍‌ରେ ୫ମ ସ୍ଥାନ ଅଧିକାର କରିବା ସହ ଇଣ୍ଡିଆ ସିଟି ଲାଇଟ୍ ମିସେସ୍ ସୁପର ମଡେଲରେ ୨ୟ ରନର୍ସଅପ୍ ହୋଇଥିଲେ। ୨୦୧୫ରେ ସାରଳା ପ୍ରତିଭା ସମ୍ମାନ ମଧ୍ୟ ପାଇଥିଲେ।

## ଦାଦାବଟି ନ ଦେବାରୁ ଦୋକାନୀଙ୍କୁ ଗୋଡ଼ାଇ ହାଣିଲେ

**ପୁରୀ ଅଫିସ,୩୧।୩**

ପୁରୀରେ ଦାଦାବଟି ଆଦାୟକାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଦାଦାବଟି ନ ଦେବାରୁ ଜଣେ ଭୋଗ ଦୋକାନୀଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଭୋଗ ଦୋକାନୀ ହେଲେ ରଘୁନାଥ ମହାନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣା ନେଇ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି।

ରଘୁନାଥ କହିଛନ୍ତି, ଉତ୍ତରଦ୍ୱାର ସମ୍ମୁଖରେ ତାଙ୍କର ଏକ ଭୋଗ ଦୋକାନ ରହିଛି। କିଛିଦିନ ହେବ ୫ରୁ ୬ଜଣ ବ୍ୟକ୍ତି ଆସି ତାଙ୍କୁ ଦାଦାବଟି ମାଗୁଥିଲେ। ମାତ୍ର ସେ ବଟି ଦେବାକୁ ମନା କରିଦେଇଥିଲେ। ଏହାପରେ ସେ ବୁଧବାର ଶ୍ରୀମନ୍ଦିର ଉତ୍ତରଦ୍ୱାର ସମ୍ମୁଖରେ ନିଜର ଜଣେ ସାଙ୍ଗଙ୍କ ଦୋକାନ ପାଖରେ ଠିଆ ହୋଇଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକମାନେ ପଛପଟୁ ବାଇକ୍ ଯୋଗେ ଆସି ଖଣ୍ଡାରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ସେ ଜୀବନ ବିକଳରେ ଦୌଡ଼ି ପଳାଇବାକୁ



ଆକ୍ରମଣର ଶିକାର ହୋଇଥିବା ଯୁବକ।

ଚେଷ୍ଟା କରିଥିଲେ ମଧ୍ୟ ସେମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ତେବେ ସେଠାରେ ଲୋକ ରୁଣ୍ଡ ହୋଇଯିବାରୁ ସେମାନେ ଫେରାର ହୋଇଯାଇଥିଲେ। ଅନ୍ୟପକ୍ଷରେ ସିଂହଦ୍ୱାର ଥାନା ଆଇଆଇସି ଗେହ୍ଲି ସାହୁ କହିଛନ୍ତି, ଏଯାବତ୍ କୌଣସି ଅଭିଯୋଗ ଆସିନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ପଚାରଉଚରା କରିବା ସହ ତଦନ୍ତ ଜାରି ରଖିଛି। ମୁଖ୍ୟ ଚିକିତ୍ସାଳୟକୁ ଯାଇ ଆହତ ରଘୁନାଥଙ୍କୁ ମଧ୍ୟ ଭେଟିଛି। ସେହିପରି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ପୁରୀ ପୋଲିସ ପକ୍ଷରୁ ଦାଦାବଟି ଆଦାୟ କରୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ଏକ ନମ୍ବର ଜାରି ହୋଇଛି। ଉକ୍ତ ନମ୍ବରରେ କଲ୍ କରି ଅଭିଯୋଗ ଦେଇହେବ।

## କୃଷି ବିଭାଗ ଦାୟିତ୍ୱ ତୁଲାଇବେ ଆର୍.କେ ଶର୍ମା

**ଭୁବନେଶ୍ୱର, ୩୧।୩(ବ୍ୟୁରୋ):** କୃଷି ଉତ୍ପାଦନ କମିଶନର ରାଜ କୁମାର ଶର୍ମା ସାମୟିକ ଭାବେ କୃଷି ଏବଂ କୃଷକ କଲ୍ୟାଣ ବିଭାଗର ଅତିରିକ୍ତ ଦାୟିତ୍ୱରେ ରହିବେ। କୃଷି ବିଭାଗ ସ୍ୱତନ୍ତ୍ର ସଚିବ ସୁରେଶ କୁମାର ବଶିଷ୍ଠ ବର୍ତ୍ତମାନ ନିର୍ବାଚନ ଦାୟିତ୍ୱରେ ଯାଇଛନ୍ତି। ସେ ନ ଫେରିବା ପର୍ଯ୍ୟନ୍ତ ଶର୍ମା କୃଷି ସଚିବ ଦାୟିତ୍ୱ ତୁଲାଇବେ। ବଶିଷ୍ଠ ଫେରିବା ପରେ କୃଷି ଓ କୃଷକ କଲ୍ୟାଣ ବିଭାଗ ସଚିବ ଦାୟିତ୍ୱରେ ରହିବେ। ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଗ୍ରୀଡକୋ ଏବଂ ଓପିଟିସିଏଲ ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଏନେଇ ବୁଧବାର ସାଧାରଣ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ୧୯୯୧ ବ୍ୟାଚ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ) ଅଧିକାରୀ ସୌରଭ ଗର୍ଗ ଏବଂ ୧୯୯୪ ବ୍ୟାଚ୍ ଆଇଏଏସ ଅଫିସର ସନ୍ତୋଷ ଷଡ଼ଙ୍ଗୀ କେନ୍ଦ୍ରୀୟ ଡେପୁଟେସନରେ ଯାଇଛନ୍ତି। ସୌରଭ ଗର୍ଗଙ୍କୁ ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ ଇଣ୍ଡିଆ(ୟୁଆଇଡିଏଆଇ)ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ଭାବେ ନିଯୁକ୍ତି ମିଳିଛି। ୧୯୯୧ ବ୍ୟାଚ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ) ଅଧିକାରୀ ସୌରଭ ଗର୍ଗ ଏବଂ ୧୯୯୪ ବ୍ୟାଚ୍ ଅଧିକାରୀ ସନ୍ତୋଷ ଷଡ଼ଙ୍ଗୀଙ୍କୁ କେନ୍ଦ୍ରୀୟ ନିଯୁକ୍ତି ମିଳିଛି। ସୌରଭ ଗର୍ଗଙ୍କୁ ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ ଇଣ୍ଡିଆ(ୟୁଆଇଡିଏଆଇ)ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ଭାବେ ନିଯୁକ୍ତି ମିଳିଛି। ସେହିପରି ସନ୍ତୋଷ ଷଡ଼ଙ୍ଗୀଙ୍କୁ ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ମିଶନ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି।

DADLS - 86




ସମୟ – ସଂଧ୍ୟା ୬ ଘଟିକା | **ସାଧାରଣ ସଭା** | ସ୍ଥାନ– ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି : ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଭର୍ଚୁଆଲ ମାଧ୍ୟମରେ ଯୋଗଦାନ କରିବେ
ସଭାପତି : ଡ. ସୂର୍ଯ୍ୟନାରାୟଣ ପାତ୍ର, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ସମ୍ମାନିତ ଅତିଥି : ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ ତଥା ସୂଚନା ଓ ଲୋକସମ୍ପର୍କ
ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମନ୍ତ୍ରୀ, ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ
ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀଯୁକ୍ତ ସଞ୍ଜୟ କୁମାର ସିଂ, କମିଶନର-ତଥା-ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗଙ୍କ ଦ୍ୱାରା ସ୍ୱାଗତ ଭାଷଣ ପ୍ରଦାନ ତଥା ମାନ୍ୟବର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ପଠନ।
ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ତଥା ଭିନ୍ନକ୍ଷମ କୃତି ପ୍ରତିଭାଙ୍କୁ ରେଡକ୍ରସ ପୁରସ୍କାର ବିତରଣ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

ବି.ଦ୍ର : ଉକ୍ତ କାର୍ଯ୍ୟକ୍ରମ କୋଭିଡ ନିୟମାବଳୀ ମଧ୍ୟରେ ପାଳନ କରାଯିବ।
ଫେସବୁକ୍ ପେଜ୍ @IPR_Odisha ମାଧ୍ୟମରେ ଜନସାଧାରଣ ଲାଇଭ ଦେଖିପାରିବେ।
Zoom Link : - https://us02web.zoom.us/j/86585676131
OIPR-15001/13/0138/2021

**ଗୁଲନଗରରେ ଦୋଳ ମେଳଣ**

**କେନ୍ଦ୍ରାପଡ଼ା ଅଫିସ:** କେନ୍ଦ୍ରାପଡ଼ା ବ୍ଲକ ଗୁଲନଗରସ୍ଥ ବୁଢ଼ା ଗୋବିନ୍ଦଜୀଉ ମନ୍ଦିର ପରିସରରେ ଦୋଳ ମେଳଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଜାନଗର, ଗରାପୁର, କପାଳେଶ୍ୱର, ଖଇରାବାଦ ଆଦି ସ୍ଥାନର ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ସାମିଲ ହୋଇଥିଲେ। ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଟ୍ରଷ୍ଟ ବୋର୍ଡ ସଦସ୍ୟ ରବୀନ୍ଦ୍ର ରଥ, ଉପେନ୍ଦ୍ର କର, ନଳିନୀ କୁମାର ସାହୁ, ଅଭୟ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ମୂଲ୍ୟ ବୃଦ୍ଧିକୁ ଉପଭୋକ୍ତା ସଂଘର ବିରୋଧ

**ପଟ୍ଟାମୁଣ୍ଡାଇ,୩୧।୩(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇରେ କେନ୍ଦ୍ରାପଡ଼ା ଜିଲା ବିଦ୍ୟୁତ୍ ଉପଭୋକ୍ତା ସଂଘର ମଙ୍ଗଳବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ୟୁନିଟ୍ ପିଛା ୩୦ ପଇସା ବୃଦ୍ଧିକୁ ବିରୋଧ କରାଯାଇଛି। କରୋନା ଯୋଗୁ ଜନସାଧାରଣଙ୍କ ଆର୍ଥିକ ମାନଦଣ୍ଡ ଦୋହଲି ଯାଇଛି। ବିଦ୍ୟୁତ୍ ମୂଲ୍ୟ ବୃଦ୍ଧିକୁ ସାଧାରଣରେ ନାପସନ୍ଦ କରାଯାଇଛି। ରାଜ୍ୟ ସରକାର ଟାଟା ପାୱାର ସହ ସାମିଲ ହୋଇ ଶୁଳ୍କ ବୃଦ୍ଧିକୁ ପ୍ରୋତ୍ସାହିତ କରୁଥିବା ଉପଭୋକ୍ତାଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ରାଜ୍ୟ ସରକାର ବିଦ୍ୟୁତ ଶୁଳ୍କ ବୃଦ୍ଧିକୁ ବନ୍ଦ କରିବାକୁ କେନ୍ଦ୍ରାପଡ଼ା ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ନିବେଦନ କରାଯାଇଛି। ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ସଂଘର ସଭାପତି ଭୀମସେନ ପରିଡା, କାର୍ଯ୍ୟକାରୀ ସଭାପତି ଲଳିତ ଧଳ, ସମ୍ପାଦକ ତପନ ମିଶ୍ର, କୋଷାଧକ୍ଷ ବ୍ରଜବନ୍ଧୁ ଦାଶ,ରାଜ୍ୟ ସଂଯୋଜକ ବାବାଜି ଧଳ ପ୍ରମୁଖ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି।

### କୁଜଙ୍ଗ ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ

**କୁଜଙ୍ଗ ୩୧।୩(ଡି.ଏନ.ଏ.):** କୁଜଙ୍ଗ ଓକିଲ ସଂଘର ନବନିର୍ବାଚିତ ନିର୍ବାଚିତ କର୍ମକର୍ତ୍ତାଙ୍କର ଶପଥ ଗ୍ରହଣ ଉତ୍ସବ ବୁଧବାର ସଂଘର ସମ୍ମେଳନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଆଇନ୍‌ଜୀବୀ ଅମୃତ ଦାସଙ୍କୁ ପ୍ରଥମେ ନିର୍ବାଚନ ଅଧିକାରୀ ଭାଗୀରଥି ମହାପାତ୍ର ଶପଥ ପାଠ କରାଇଥିଲେ। ପରେ ସମ୍ପାଦକ ଭାବେ ସଞ୍ଜୟ ବେହେରା, ଉପସଭାପତି ଭାବେ ନୃସିଂହ ଚରଣ ପ୍ରଧାନ, ଯୁଗ୍ମ ସମ୍ପାଦକ ଭାବେ କୈଳାସ ଚନ୍ଦ୍ର ମହାପାତ୍ର, ସହସମ୍ପାଦିକା ଭାବେ ମମତା ଅଧିକାରୀ, ପାଠାଗାର ସମ୍ପାଦକ ଭାବେ ମାମତା ସାହାଜୀ, କୋଷଧକ୍ଷ ଭାବେ ପବିତ୍ର ମୋହନ ନାୟକ, କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଅଭୟ କୁମାର ବେହେରା, ଅଜୟ କୁମାର ପରିଡା, ଦେବେନ୍ଦ୍ର କୁମାର ରାଉତ, ପ୍ରିୟମ୍ବଦା ପାଣି ଓ ରଞ୍ଜିତ ବିଶ୍ୱାଳ ପ୍ରମୁଖ ଶପଥ ଗ୍ରହଣ କରିଥିଲେ। ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣବ କିଶୋର ରାଉତରାୟ, ସମ୍ମାନିତ ଅତିଥି ଭାବେ ସିଭିଲଜଜ୍ ସିନିୟର ଡିଭିଜନ ପ୍ରିୟରଞ୍ଜନ ବାରିକ ଓ ଅତିଥି ଭାବେ ସିଭିଲ ଜଜ୍ ଜୁନିୟର ଡିଭିଜନ ପୂଜା ଦେ ଯୋଗଦେଇ ବିଚାର ପ୍ରକ୍ରିୟାର ଗୌରବକୁ ଅକ୍ଷୁର୍ଣ୍ଣ ରଖିବାକୁ ଆଇନଜୀବୀଙ୍କୁ ପରାମର୍ଶ ଦେଇଥିଲେ।

### କାଦମ୍ବରୀ ଲଉଡି ସଙ୍ଗଠନ ପକ୍ଷରୁ ପ୍ରତିଯୋଗିତା

**ବିରିଡି.୩୧।୩ (ଡି.ଏନ.ଏ.):** ବିରିଡି ବ୍ଲକ ଶଙ୍ଖାରିସାହି କାଦମ୍ବରୀ ଲଉଡି ସଙ୍ଗଠନ ପକ୍ଷରୁ ମଙ୍ଗଳବାର ରାତିରେ କାଠି ଲଉଡି ଓ ଓଗାଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ ଗୋଟି ଦଳ ଭାଗ ନେଇଥିଲେ। କାଦମ୍ବରୀ ଛକଠାରେ ଅନୁଷ୍ଠିତ ସଭାରେ ମଙ୍ଗୁଳି ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ବିପିନ ବେହେରା ମୁଖ୍ୟଅତିଥି, ମନୋଜ ମହାନ୍ତି ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ମଙ୍ଗୁଳି ସରପଞ୍ଚ ତୃପ୍ତି ମଞ୍ଜରୀ ପରିଜା, କଳାକାର ବାବୁଲି ବେହେରା, ପତିତପାବନ ଜେନା ଯୋଗ ଦେଇଥିଲେ। ସେମାନେ କହିଥିଲେ, ଗୋପାଳ ଭାଇମାନେ ଗାଈ ଗାଧୁଆଠାରୁ ଚୈତ୍ର କୃଷ୍ଣ ପଞ୍ଚମୀ ତିଥି ପର୍ଯ୍ୟନ୍ତ ଗାଁ ଗାଁରେ ଲଉଡି ଓ ଓଗାଳ ପରିବେଷଣ କରିଥାନ୍ତି।

### ଲଛମନ ଜୀଉ, ହରିଅଙ୍କ ମେଳଣ ଉଦ୍‌ଯାପିତ

**ଡେରାବିଶ,୩୧।୩(ସ୍ୱ.ପ୍ର.):**ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତ ବାଲିପାଟଣା ସ୍ଥିତ ଶ୍ରୀଲଛମନଜୀଉଙ୍କ ପ୍ରସିଦ୍ଧ ଦୋଳ ମେଳଣ ସୋମବାର ଉଦ୍‌ଯାପିତ ହୋଇଯାଇଛି। ୪୦ରୁ ଊର୍ଦ୍ଧ୍ୱ ବିମାନ ମେଳଣ ପଡ଼ିଆକୁ ପ୍ରବେଶ କରି ଉପବେଶନ କରିଥିଲେ। ପରମ୍ପରା ଅନୁଯାୟୀ, ଏହି ମେଳଣ ସମ୍ପୂର୍ଣ୍ଣ ହେବା ପରେ ସ୍ଥାନୀୟ ଖସାପଡ଼ିଆ, ଠାକୁରହାଟ, ଠାକୁରପାଟଣାରେ ଅନୁଷ୍ଠିତ ମେଳଣରେ ସମସ୍ତ ବିମାନ ପହଞ୍ଚିବା ପରେ ମେଳଣ ଶେଷ ହୋଇଥିଲା। ସେହିପରି ହରିଅଙ୍କ ମେଳଣ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଲୁଣା-ଚିତ୍ରୋତ୍ପଳା ନଦୀର ଦ୍ୱୀପାଞ୍ଚଳରେ ଅନୁଷ୍ଠିତ ମେଳଣରେ ୮୫ରୁ ଊର୍ଦ୍ଧ୍ୱ ବିମାନ ପଡ଼ିଆକୁ ପ୍ରବେଶ କରିଥିଲା। ମେଳଣର ଥାନପତି ଦଧିବାମନଜୀୟୁ ଓ ହରିଅଙ୍କ ମଠ ବିମାନ ପଡ଼ିଆରେ ସନ୍ଧ୍ୟା ୭ଟାରେ ପ୍ରଥମେ ଉପବେଶନ କରିବା ପରେ ବିଭିନ୍ନ ଦ୍ୱାର ଦେଇ ଅନ୍ୟ ବିମାନଗୁଡ଼ିକ ପଡ଼ିଆକୁ ପ୍ରବେଶ କରିଥିଲେ।

# ମୌଳିକ ଆବଶ୍ୟକତା ପୂରଣ ସ୍ୱପ୍ନ ଅଧୁରା

- କେନ୍ଦ୍ରାପଡ଼ା ଜିଲା ଗଠନକୁ ୨୮ ବର୍ଷ ବିତିଲା
- କର୍ମନିଯୁକ୍ତି ସମସ୍ୟାରେ ଛଟପଟ ଜିଲାବାସୀ
- ୪୮ ଜିଲାପାଳଙ୍କ ବଦଳି

**କେନ୍ଦ୍ରାପଡା ଅଫିସ, ୩୧।୩**

ରାଜ୍ୟ ସରକାର ୧୯୯୩ ଏପ୍ରିଲ ୧ରେ ଅବିଭକ୍ତ କଟକ ଜିଲାକୁ ଭାଗ କରି କେନ୍ଦ୍ରାପଡ଼ାକୁ ସ୍ୱତନ୍ତ୍ର ଜିଲାର ମାନ୍ୟତା ପ୍ରଦାନ କରିଥିଲେ। ଜିଲା ମାନ୍ୟତାକୁ ଇତିମଧ୍ୟରେ ୨୮ବର୍ଷ ବିତିଛି। ଜିଲା ଗଠନ ପରେ ବିକାଶକୁ ନେଇ ଜିଲାବାସୀ ଦେଖିଥିବା ସ୍ୱପ୍ନ ଏବେବି ଅଧୁରା ରହିଛି। ସମସ୍ତଙ୍କ ନିକଟରେ ମୌଳିକ ଆବଶ୍ୟକତା ଓ ସୁବିଧା ପହଞ୍ଚି ପାରି ନ ଥିବା ବେଳେ କର୍ମନିଯୁକ୍ତି ଏକ ବଡ ସମସ୍ୟା ହୋଇଛି। କୃଷିଭିତ୍ତିକ ଏହି ଜିଲାର ଅର୍ଥନୀତି ବିକାଶ କ୍ଷେତ୍ରରେ ରାଜ୍ୟର ୨୬ତମ ସ୍ଥାନରେ ଅଛି। ବିକାଶ ରଥକୁ ଆଗେଇ ନେବା ପାଇଁ ନିଯୁକ୍ତ ୪୮ଜିଲାପାଳଙ୍କ ବଦଳି ଏହାର ଅନ୍ୟତମ କାରଣ। ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ଜରୁରୀ ବୋଲି ମତପ୍ରକାଶ ପାଇଛି।

ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ସହ ଅବିଭକ୍ତ କଟକ ଜିଲାରୁ ପଡୋଶୀ ଯାଜପୁର ଓ ଜଗତ୍‌ସିଂହପୁର ଜିଲା ଗଠନ ହୋଇଥିଲା। ଏହି ଦୁଇ ପଡୋଶୀ ଜିଲାରେ ଆର୍ଥିକ ଓ ସାମାଜିକ ବିକାଶ ହେଉଥିବାବେଳେ କେନ୍ଦ୍ରାପଡ଼ା ଖୁବ୍ ପଛରେ ରହିଛି। ଜିଲାରେ ଏବେ ୧୬ଲକ୍ଷରୁ ଅଧିକ ଅଧିବାସୀ



କେନ୍ଦ୍ରାପଡ଼ା ତିନିମୁହାଣୀରେ ହୋଇଥିବା ସେଲ୍ ଫି ଜୋନ।

୧୫୯୨ ରାଜସ୍ୱ ଗ୍ରାମରେ ଅଛନ୍ତି। ଦେଶର ସର୍ବପ୍ରଥମ ମ୍ୟୁନିସିପାଲିଟି ଭାବେ କେନ୍ଦ୍ରାପଡ଼ାକୁ ମାନ୍ୟତା ଦିଆଯାଇଛି। ତେବେ ସମସ୍ତଙ୍କ ନିକଟରେ ମୌଳିକ ଆବଶ୍ୟକତା ପହଞ୍ଚି ପାରିନାହିଁ। ଅଦ୍ୟାବଧି ୧୭ ପଞ୍ଚାୟତକୁ ସଡକ ଯୋଗାଯୋଗ ପଥ ନ ଥିବାରୁ ଦମକଳ ଗାଡି ଓ ଆମ୍ବୁଲାନ୍ସ ସେବା ପହଞ୍ଚି ପାରିନାହିଁ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ସତ୍ତ୍ୱେ ବହୁ ପଡା ଅଞ୍ଚଳକୁ ବିଦ୍ୟୁତ୍ ସେବାରୁ ବଞ୍ଚିତ କରାଯାଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟ ପରି ମୌଳିକ ଆବଶ୍ୟକତା ପୂରଣ ହୋଇପାରୁ ନ ଥିବାରୁ ଜିଲାବାସୀଙ୍କ ସ୍ୱପ୍ନ ହଜିଥିବା ସେ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, ଶିଳ୍ପ ବିହୀନ ଏହି ଜିଲାରେ କର୍ମନିଯୁକ୍ତି ଏକ ବଡ ସମସ୍ୟା। ୫୭ ହଜାରରୁ ଅଧିକ ବୈଷୟିକ ଡିଗ୍ରୀଧାରୀ କର୍ମ ନିୟୋଜନ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇଥିଲେ ମଧ୍ୟ ନିଯୁକ୍ତି ମିଳିପାରୁନାହିଁ। ଯୁବବର୍ଗ ଜିଲା ବାହାରେ କର୍ମ ଅନ୍ୱେଷଣରେ ଅଛନ୍ତି। ଦାଦନ ଯନ୍ତ୍ରଣା ଜନିତ ଖବର ଜିଲାରେ ପ୍ରାୟ ସମୟରେ ପହଞ୍ଚୁଛି। ଏପରି କି ବର୍ଷକ ପୂର୍ବେ ଜିଲାର ପ୍ରାୟ ୩ ଲକ୍ଷ ଶ୍ରମିକ କରୋନା ସଂକ୍ରମଣରୁ ରକ୍ଷା ପାଇଁ ବାହାରୁ ଆସିଥିବା ଏକ ବେସରକାରୀ ସଂସ୍ଥାର ସର୍ଭେରୁ ଜଣାପଡିଛି। ନିର୍ବାଚନ ସମୟରେ ବରୁଣେଇ ବନ୍ଦର, ପାୱାର ଥର୍ମାଲ ପ୍ଲାଣ୍ଟ, ନଦୀ ଭିତ୍ତିକ ବନ୍ଦର, ଶିଳ୍ପ ପ୍ରତିଷ୍ଠା, ଜାତୀୟ ଉଦ୍ୟାନର ସୁରକ୍ଷା, ଐତିହ୍ୟର ପୁନରୁଦ୍ଧାର, ବିଭିନ୍ନ ନଦୀରେ ସେତୁ, ମେଡିକାଲ କଲେଜ, କୃଷି ଭିତ୍ତିକ ଶିଳ୍ପ, କେନ୍ଦ୍ରାପଡ଼ା ବିଶ୍ୱବିଦ୍ୟାଳୟ, ବିଇଡି କଲେଜ ଆଦିର ପ୍ରତିଷ୍ଠା ନେଇ ରାଜନେତା ସ୍ୱପ୍ନ ଦେଖାଉଥିବା ବେଳେ ଅଦ୍ୟାବଧି ପୂରଣ ହୋଇନାହିଁ। କୃଷି ପାଇଁ ଜଳ ପରିଚାଳନା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଜିଲାର କୃଷକ ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟା ମଧ୍ୟରେ ରହି ଅର୍ଥକରୀ ଫସଲ ଉତ୍ପନ୍ନ କରି ପାରୁନାହାନ୍ତି। ସେହିପରି ମଣ୍ଡି ଓ ଶୀତଳଭଣ୍ଡାର, ତାଲିମ ଆଦି କ୍ଷେତ୍ରରେ ଜିଲା ଢେର ପଛୁଆ ଥିବା ସେ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ମନୋଜ ନାୟକ କହିଛନ୍ତି, ଜାତୀୟ ଉଦ୍ୟାନ ଭିତରକନିକାର ଜଙ୍ଗଲ ଅଞ୍ଚଳ ଏବେ ଅନୁପ୍ରବେଶକାରୀଙ୍କ କବଳରେ ଅଛି। ଏଥିସହ ପାରାଦୀପ-ଚଣ୍ଡିଖୋଲ ରାଜପଥ କେନ୍ଦ୍ରାପଡ଼ା ମଧ୍ୟରେ ୪୫ କି.ମି. ଅଛି। ଏହି ବାଟ ଦେଇ ପରିବହନ ଗାଡି ଧକ୍କାରେ ଜିଲାବାସୀ ମୃତାହତ ହେଉଛନ୍ତି। ହେଲେ ଜଗତ୍‌ସିଂହପୁର, କେନ୍ଦୁଝର, ଯାଜପୁରର ଶିଳ୍ପ ଓ ଖଣି ଅଞ୍ଚଳରୁ ସିଏସ୍‌ଆର ବାବଦରେ ଟଙ୍କାଟିଏ ଜିଲାକୁ ମିଳୁନାହିଁ ବୋଲି ସେ ମତ ଦେଇଛନ୍ତି।


ମନ୍ତ୍ରୀ ରଘୁନନ୍ଦନ ଦାସ ଧୀରେନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଗୀତା ଆବୃତ୍ତିରେ ସ୍ୱର୍ଣ୍ଣ ପଦକ

**ଧୀରେନ୍ଦ୍ରଙ୍କୁ ରାଷ୍ଟ୍ରୀୟ ଛାତ୍ର ପ୍ରତିଭା ସମ୍ମାନ**

**ପାରାଦୀପ, ୩୧।୩(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ପାରାଦୀପ ଅଭୟଚାନ୍ଦପୁର ଥାନା ଗଡ଼କୁଜଙ୍ଗ ପଞ୍ଚାୟତ ନୋଳିଆସାହି ଗାଁର ଛାତ୍ର ଧୀରେନ୍ଦ୍ର ବେହେରା। ତାଙ୍କୁ ୩ ମାସ ମଧ୍ୟରେ ତିନୋଟିସମ୍ମାନ ମିଳିଛି। ୨୦୨୦ ଡିସେମ୍ବର ୨୭ରେ ସର୍ବଭାରତୀୟ ଭଗବତ ଗୀତା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ, ଚଳିତବର୍ଷ ଫେବୃୟାରୀ ୧୭ରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରତିଭା ଗୀତା ଗୌରବ ଓ ଗତ ୨୭ ତାରିଖରେ ରାଷ୍ଟ୍ରୀୟ ଛାତ୍ର ପ୍ରତିଭା ସମ୍ମାନ ମିଳିଛି। ଏପରି ସଫଳତା ସମ୍ପର୍କରେ ତାଙ୍କୁ ପଚାରିବାରେ ସେ ଭଗବତ ଗୀତା ସହ ଅନେକ ଶାସ୍ତ୍ର ଅଧ୍ୟୟନ କରିବା ସହ ମୁଖସ୍ତ କରିଛନ୍ତି। ଏବେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଦର୍ଶନଶାସ୍ତ୍ରରେ ଡିଗ୍ରୀ ହାସଲ କରିଛନ୍ତି। ଆଗକୁ ସେ ଗୀତା ଉପରେ ଗବେଷଣା ଓ ଅଧ୍ୟାପକ ହେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି।

ନୋଳିଆସାହିର କୈବର୍ତ୍ତ ପରିବାର ସୁରେନ୍ଦ୍ର ଓ ମୋହିନୀଙ୍କ ପୁତ୍ର ହେଲେ ଧୀରେନ୍ଦ୍ର। ଗାଁ ପାଖରେ ଅଛି ପ୍ରାଚୀନ ମହାବୀର ପୀଠ। ସେଠାରେ ପ୍ରତିଦିନ ଯଜ୍ଞ ଓ ଅନ୍ୟ ଧାର୍ମିକ କାର୍ଯ୍ୟ ହୁଏ। ସେ ପିଲାବେଳେ ବସି ଶୁଣୁଥିଲେ। ପରେ ତାକୁ ମନେ ମନେ ଗୁଣୁଗୁଣେଇ ଥାନ୍ତି। ଥରେ ସନ୍ଧ୍ୟାରେ ପୀଠରେ ଭାଗବତ ପଢିବାକୁ କେହି ନ ଥିବାରୁ ସାଧୁ ଧୀରେନ୍ଦ୍ରଙ୍କୁ ପଢ଼ିବା ପାଇଁ କହିଥିଲେ। ତାହା ପରଠାରୁ ସେ ସବୁଦିନ ଗୀତା, ଭାଗବତ ପଢିଲେ ବୋଲି କହୁଛନ୍ତି। ଗତବର୍ଷ ଗୁଜରାଟ ସୁରଟଠାରେ ଜଗନ୍ନାଥ ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ଗୀତା ଜ୍ଞାନ ପ୍ରତିଯୋଗିତା ହୋଇଥିଲା। ଅନ୍‌ଲାଇନ ଯୋଗେ ସେ ଆବେଦନ କରିବା ସହ ଡିସେମ୍ବରରେ ସେଥିରେ ଭାଗ ନେଇଥିଲେ। ଏଥିକ୍ଷର ୪୨୮୧ ପ୍ରତିଯୋଗୀଙ୍କ ମଧ୍ୟରେ ଧୀରେନ୍ଦ୍ର ୧୩ତମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପରେ ଓଡ଼ିଶା ସରକାରଙ୍କ ଲୋକସମ୍ପର୍କ ବିଭାଗ ପକ୍ଷରୁ ତାଙ୍କୁ ମନ୍ତ୍ରୀ ରଘୁନନ୍ଦନ ଦାସ ଗୀତା ଗୌରବ ଏବଂ ଗତ ଶନିବାର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ରାଷ୍ଟ୍ରୀୟ ଛାତ୍ର ପ୍ରତିଭା ସମ୍ମାନ ଦେଇଛନ୍ତି। କୈବର୍ତ୍ତ ପିଲା ସଂସ୍କୃତ ଉଚ୍ଚାରଣ କରି ଏପରି ସଫଳତା ହାସଲ କରିବା ଅଞ୍ଚଳବାସୀଙ୍କ ପାଇଁ ଗୌରବର ବିଷୟ ହୋଇଛି।

# ପୋଲିସଠାରୁ ନ୍ୟାୟ ନ ମିଳିଲେ ଆତ୍ମାହୁତି ଧମକ


କନକପୁର ଫାଣ୍ଡି ସମ୍ମୁଖରେ ମହିଳାମାନେ ଧାରଣା ଦେଇଛନ୍ତି।

**ଫାଣ୍ଡି ଆଗରେ ଧାରଣା**

**ତିର୍ତ୍ତୋଲ, ୩୧।୩ (ଡି.ଏନ.ଏ.)**

ତିର୍ତ୍ତୋଲ ଥାନା ଅଧୀନ କନକପୁର ଫାଣ୍ଡି ସମ୍ମୁଖରେ କଣ୍ଟାପଡା ଗ୍ରାମର ୩୦ରୁ ଅଧିକ ମହିଳା ବୁଧବାର ପୋଲିସଠାରୁ ନ୍ୟାୟ ଦାବିରେ ଧାରଣାରେ ବସିଛନ୍ତି। ପୋଲିସଠାରୁ ନ୍ୟାୟ ନ ମିଳିଲେ ସେମାନେ ଆତ୍ମାହୁତି ଦେବାକୁ ଧମକ ଦେଇଥିବା ଜଣାଯାଇଛି। ଏହି ଗ୍ରାମରେ ଥିବା ଏକ ସ୍ୱୟଂ ସହାୟିକା ଗୋଷ୍ଠୀର ଅର୍ଥ ଆତ୍ମସାତ ଘଟଣାକୁ ନେଇ ଦୀର୍ଘଦିନ ହେବ ବିବାଦ ଲାଗି ରହିଛି। ଏ ବାବଦରେ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଛି। ଅର୍ଥ ଆତ୍ମସାତ ଅଭିଯୁକ୍ତ ଅନ୍ୟମାନଙ୍କ ନାମରେ ମିଥ୍ୟା ମାମଲାରେ ଫସାଇବା ସହ ବିଭିନ୍ନ ଧମକ ଦେଉଛନ୍ତି। ଏଥିରେ ଅତିଷ୍ଠ ହୋଇ ନ୍ୟାୟ ଦାବିରେ ଏହି ଧାରଣା ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଦୁଇଦିନ ତଳେ ଏହି ବିବାଦର ସମାଧାନ କରାଯିବ ବୋଲି କହି ଫାଣ୍ଡି ଅଧିକାରୀ ଜଣେ ଭଦ୍ର ଲୋକଙ୍କ ସହ ୩୦ ଜଣ ମହିଳାଙ୍କଠାରୁ ଦସ୍ତଖତ ଆଣିଥିଲେ। ଅଥଚ ମଙ୍ଗଳବାର ପୋଲିସ ସେମାନଙ୍କୁ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜିର ହୋଇ ବେଲ୍ ହେବାକୁ କହିଥିଲେ। ପୋଲିସର ଏହି ପଦକ୍ଷେପରେ ଅସନ୍ତୋଷ ବ୍ୟକ୍ତ କରି ନ୍ୟାୟ ପାଇଁ ମହିଳାମାନେ ଧାରଣା ଦେଇଥିଲେ। ସାରା ଦିନ ଧାରଣାରେ ବସିବା ପରେ ସନ୍ଧ୍ୟା ୭ଟାରେ ଏଏସ୍‌ଆଇ ମାନା ଦାସ ତାଙ୍କ ନିକଟରେ ପହଞ୍ଚି ବୁଝାଶୁଝା କରିବା ସହ ସେମାନଙ୍କୁ ଉପଯୁକ୍ତ ନ୍ୟାୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ଏଥିରେ ଶାନ୍ତିଲତା ଦାସ, ମୀତଣି ମଲ୍ଲିକ, କବିତା ଦାସ, ଝରଣା ଦାସ, ରଞ୍ଜିତା ଦାସ, ମନୋରମା ମଲ୍ଲିକ, ପାର୍ବତୀ ମଲ୍ଲିକ, କନକ ଦାସଙ୍କ ସମେତ ୩୦ରୁ ଅଧିକ ମହିଳା ସାମିଲ ହୋଇଥିଲେ।

# ନିଯୁକ୍ତି ପାଇଁ ଫେକ୍ ଆକାଉଣ୍ଟ

**ପାରାଦୀପ,୩୧।୩(ସ୍ୱ.ପ୍ର.)**

ପାରାଦୀପ ଇଣ୍ଟର ନ୍ୟାଶନାଲ କାର୍ଗୋ ଟର୍ମିନାଲ (ପିଆଇସିଟି) ପ୍ରକଳ୍ପରେ ବିଭିନ୍ନ ପଦବୀ ପୂରଣ ପାଇଁ ସୋସିଆଲ ମିଡିଆରେ ଏକ ନିଯୁକ୍ତି ଫର୍ମ ଭାଇରାଲ ହୋଇଛି। ପିଆଇସିଟି ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। କମ୍ପାନୀ ପକ୍ଷରୁ କୌଣସି ନିଯୁକ୍ତି ସମ୍ପର୍କିତ ଫର୍ମ ଜାରି କରାଯାଇନାହିଁ ବୋଲି ଏହାର ଜନସୂଚନା ଅଧିକାରୀ ଗୋକୁଳ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। କେହି ଖଳ ପ୍ରକୃତି ଲୋକ ଚକ୍ରାନ୍ତ କରି ଫେକ୍ ଆକାଉଣ୍ଟ ଖୋଲି ଏହାକୁ ଭାଇରାଲ କରିଛନ୍ତି ବୋଲି ସେ କହିଛନ୍ତି। ଏହାଦ୍ୱାରା ଅନେକ ବେକାରି ଶୋଷଣର ଶିକାର ହେବାର ଆଶଙ୍କା ରହିଛି। ଏଭଳି ପ୍ରଲୋଭନରେ ନ ପଡିବାକୁ ସେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ପାରାଦୀପ ବନ୍ଦରର କ୍ଲିନ କାର୍ଗୋ ବର୍ଥ ପିଆଇସିଟି ପରିଚାଳନା କରୁଛି। ବିଗତ ଦିନରେ ପାରାଦୀପରେ ଥିବାବିଭିନ୍ନ କମ୍ପାନୀର ଫେକ୍ ନିଯୁକ୍ତି ଫର୍ମକୁ ନେଇ ଅନେକ ଆଶାୟୀ ହଇରାଣ ହୋଇଛନ୍ତି।

# ନାଇଜର କୁଳସଚିବଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଜଗତ୍‌ସିଂହପୁର ଅଫିସ, ୩୧।୩**

ସ୍ଥାନୀୟ ବଟ ବିହାରୀ ଉଚ୍ଚ ବିଦ୍ୟାଳୟକୁ ଭୁବନେଶ୍ୱର ନାଇଜର କୁଳସଚିବ ଡ. ଅଭୟ କୁମାର ନାୟକ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିଛନ୍ତି। ଏ ନେଇ ବିଦ୍ୟାଳୟ ପକ୍ଷର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପ୍ରାଙ୍ଗଣରେ ମୋ ସ୍କୁଲ ଅଭିଯାନ ପକ୍ଷରୁ ଏକ ସଭା ହୋଇଥିଲା। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମାନସ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ, ପରିଚାଳନା ସମିତିସଭ୍ୟାସଭ୍ୟ, ବିଦ୍ୟାଳୟର ପୁରାତନ ସମ୍ପାଦକ କୈଳାସ ଚନ୍ଦ୍ର ଦାଶ ଓ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ଅକ୍ଷୟ କୁମାର ତ୍ରିପାଠୀ, ଶିକ୍ଷକ ସୁଶାନ୍ତ କୁମାର ସ୍ୱାଇଁ, ଶିକ୍ଷକ ନିରଞ୍ଜନ ମହାରଣା, ପ୍ରଧାନ ଶିକ୍ଷୟିତ୍ରୀ କବିତା ମଞ୍ଜରୀ ଗୋଛାୟତ ଉପସ୍ଥିତ ଥିଲେ।


କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ରାସ୍ତାରେ ଏକ ସୁସଜ୍ଜିତ ଦୋଳ ବିମାନ ଶାସନ ମେଳଣ ପଡିଆକୁ ଟ୍ରଲିରେ ମଙ୍ଗଳବାର ବୋହି ନିଆଯାଉଛି।

# ୧୨ ଦଫା ଦାବିରେ ବିକ୍ଷୋଭ

**ଦଳିତ ବିକାଶ ପରିଷଦ**

**ଜଗତ୍‌ସିଂହପୁର ଅଫିସ, ୩୧।୩**

ଦଳିତ ବିକାଶ ପରିଷଦ, ଜଗତ୍‌ସିଂହପୁର ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ୧୨ ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରିଷଦ ପକ୍ଷରୁ କୁହାଯାଇଥିଲା ଜିଲାରେ ଭୂମିହୀନଙ୍କୁ ଚିହ୍ନଟ ସହ ସେମାନଙ୍କୁ ବସୁନ୍ଧରା ଯୋଜନାରେ ଘର ଡିହ ପ୍ରଦାନ କରାଯାଉ। ଯେଉଁମାନଙ୍କୁ ଡିହ ଯୋଗାଇ ଦିଆଯାଇଛି ସେମାନଙ୍କୁ ତୁରନ୍ତ ପକ୍କା ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଉ। ଜଗତ୍‌ସିଂହପୁର ପୌର ପରିଷଦ ୱାର୍ଡ ସଂଖ୍ୟା ୨ ଅଧୀନ ଅନୁସୂଚିତ ଜନଜାତି ଓ ଜାତି ବସ୍ତିରେ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ଓ ସମ୍ବିଧାନ ଧାରା ୨୧ (ଏ) ଅନୁସାରେ ଜିଲାର ସମସ୍ତ ବେସରକାରୀ ଶିକ୍ଷାନୁଷ୍ଠାନରେ ଅନୁସୂଚିତ ଜନଜାତି ଓ ଜାତି ପିଲାଙ୍କୁ ପାଠପଢାର ସୁଯୋଗ ଦିଆଯାଉ। ବାଲିକୁଦା ତହସିଲ ଅଞ୍ଚଳର ୧୦୬୦ ଭୂମିହୀନ ପରିବାରଙ୍କୁ ତୁରନ୍ତ ଘର ଡିହ ପ୍ରଦାନ କରାଯାଉ। ନାଉଗାଁ ବ୍ଲକ ଶିଖର ପଞ୍ଚାୟତ ଅଧୀନ ଶାଳିଜଙ୍ଗ ଅନୁସୂଚିତ ଜନଜାତି ବସ୍ତିରେ ହିତାଧିକାରୀଙ୍କୁ ପକ୍କା ଘର ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ ସହ ସେଠାରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କାର୍ଯ୍ୟାଦେଶ ଦିଆଯାଉ। ସମସ୍ତ ଅନୁସୂଚିତ ଜନଜାତି ଓ ଜାତି ବସ୍ତିକୁ କଂକ୍ରିଟ ରାସ୍ତା ଦ୍ୱାରା ସଂଯୋଗୀକରଣ କରାଯାଉ। ବାଲିକୁଦା ବ୍ଲକ ଅନନ୍ତପୁର ପଞ୍ଚାୟତ ଅଧୀନ ବ୍ରାହ୍ମଣହିଡି ଗ୍ରାମର ବୃନ୍ଦାବନ କାଣ୍ଡି, ଗୋବିନ୍ଦ କାଣ୍ଡି, ଗୋପାଳ କାଣ୍ଡିଙ୍କୁ ଘର ପୋଡି ସହାୟତା ପ୍ରଦାନ ସହ ଅଡଙ୍ଗା ପଞ୍ଚାୟତ ଅନ୍ତର୍ଗତ କାନପୁର ଓ କାଳିଓ ପଞ୍ଚାୟତ ତଣ୍ଡାରୁଣି ଗ୍ରାମରେ ଅନୁସୂଚିତ ଜାତି ବସ୍ତିରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ହେଉ। ଦୀର୍ଘ ୩ ବର୍ଷ ଧରି ପଡି ରହିଥିବା ଅନ୍ତଃଜାତି ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉ। କେନ୍ଦ୍ର, ରାଜ୍ୟ ଓ ଜିଲା ପ୍ରଶାସନ ଜିଲାର ଅନୁସୂଚିତ ଜନଜାତି ଓ ଜାତିଙ୍କ ଉନ୍ନତି ପାଇଁ କାମ କରୁ ନ ଥିବାରୁ ଏଭଳି ଆନ୍ଦୋଳନ କରାଯାଇଥିବା ପରିଷଦ ସଭାପତି ଶଙ୍କର ଦାସ କହିଛନ୍ତି। ପ୍ରଥମେ ଶୋଭାଯାତ୍ରା ଟାଉନ ହଲ୍ ନିକଟରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ପହଞ୍ଚିଥିଲା।



ଦଳିତ ବିକାଶ ପରିଷଦ ସଦସ୍ୟମାନଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ନୂଆ କର୍ମକର୍ତ୍ତା

**ଜଗତ୍‌ସିଂହପୁର ଅଫିସ, ୩୧।୩**

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ନୂଆ ସଭାପତି ହୋଇଛନ୍ତି ସ୍ୱରୂପ କାନୁନ୍‌ଗୋ। ସେହିପରି ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଭାବେ ପ୍ରଦୀପ୍ତ କୁମାର ବରାଳଙ୍କୁ ନିଯୁକ୍ତି ଦିଆଯାଇଛି। ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା ଏକ ଚିଠିରେ ଏହା ଜଣାଇଛନ୍ତି। ସ୍ୱରୂପ ନୂଆ ଦାୟିତ୍ୱ ନେଲା ପରେ ରାଜ୍ୟ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ଜାତୀୟ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବି. ଭି., ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା, ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ଡ. ବିଶ୍ୱରଞ୍ଜନ ମହାନ୍ତି, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ଅଜୟ କୁମାର ସାହୁ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବୀରେନ ଦଳାଇ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଲିପକ କୁମାର ସାହୁ, ସମ୍ପାଦକ ସ୍ମୃତି ରଞ୍ଜନ ମନ୍ତ୍ରୀ ଓ ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଠିକ୍ ଭାବେ ଖୋଳା ଯାଉ ନ ଥିବା ଅଭିଯୋଗ

**ଗୋବରୀ ନଦୀ ପୁନରୁଦ୍ଧାର**

**ନାଉଗାଁ,୩୧।୩(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଦେଇ ପ୍ରବାହିତ ହୋଇଛି ଗୋବରୀ ନଦୀ। ଏହି ନଦୀ ମାଧ୍ୟମରେ ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷ ଜମିରୁ ବର୍ଷାଦିନେ ଉଦ୍‌ବୃତ୍ତ ଜଳ ନିଷ୍କାସିତ ହୋଇଥାଏ। ସେହିପରି ପାଣି ଅଭାବ ବେଳେ ନଦୀରେ ଥିବା ସୁଇଚ ଗେଟକୁ ବ୍ୟବହାର କରି ଚାଷୀମାନେ ଧାନ ଜମିକୁ ପାଣି ମଡାଇଥାନ୍ତି। ଏହି ନଦୀ ଟି ପୋତି ହେବା ସହ ଆବର୍ଜନାରେ ଭର୍ତ୍ତି ହୋଇଥିଲା। ଫଳରେ ଠିକ୍ ଭାବେ ପାଣି ନିଷ୍କାସନ ହୋଇ ପାରୁ ନ ଥିଲା। ନଦୀଟି ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ଜଳ ନିକାଶ ବିଭାଜନ ଜଗତ୍‌ସିଂହପୁର ଅଧୀନରେ ଯାଉଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଗୋବରୀ ନଦୀର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ନଦୀର ପୁନରୁଦ୍ଧାର ପାଇଁ ୨ ଜଣ ଠିକାଦାର ନିର୍ଦ୍ଦେଶନାମା ପାଇଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି।


ଜେସିବି ଲଗାଇ ଗୋବରୀ ନଦୀ ଖୋଳାଯାଉଛି।

ଗାରୋଇଠାରୁ ଚାନ୍ଦଖାଁପାଟଣା ପର୍ଯ୍ୟନ୍ତ ଜଣେ ଓ ଚାନ୍ଦଖାଁପାଟଣାଠାରୁ ତୁମ୍ବା ଅଣ୍ଡେଇସାହି ଯାଏ ଅନ୍ୟ ଜଣେ ଠିକାଦାରଙ୍କୁ ନିର୍ଦ୍ଦେଶନାମା ପ୍ରଦାନ କରାଯାଇଛି। ବର୍ତ୍ତମାନ ଗାରୋଇଠାରୁ ଚାନ୍ଦଖାଁପାଟଣା ଦେଇ ପ୍ରବାହିତ ଗୋବରୀ ନଦୀକୁ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଯାହାର ଅଟକଳ ମୂଲ୍ୟ ରହିଛି ୨ କୋଟି ୨୫ ଲକ୍ଷ ୭୦,୪୭୭ ଟଙ୍କା। ହେଲେ ନଦୀ ଖୋଳା କାର୍ଯ୍ୟରେ ମେଶିନର ବ୍ୟବହାର କରାଯାଉଛି। ବହୁ ସ୍ଥାନରେ ଆବଶ୍ୟକଠାରୁ କମ୍ ଖୋଳା ଯାଉଥିବା ଅଭିଯୋଗ ହେଉଛି। ସେହିପରି ନଦୀର ଦୁଇପାର୍ଶ୍ୱରେ ମାଟି ପକା ଯାଉଥିବା ବେଳେ ତାହାକୁ ରୋଲିଂ କରାଯାଉ ନାହିଁ। ବର୍ଷା ଦିନେ ଅସରାଏ ବର୍ଷା ହେଲେ ଉକ୍ତ ମାଟି ପୁଣି ନଦୀ ମଧ୍ୟକୁ ପ୍ରବେଶ କରିବାର ସମ୍ଭାବନା ରହିଛି। ନଦୀ ମଧ୍ୟରେ ୧ଫୁଟ ଗଭୀର ପର୍ଯ୍ୟନ୍ତ ଖୋଳିବାର ନିୟମ ରହିଥିବା ବେଳେ ଅନେକ ସ୍ଥାନରେ ଖୋଳେଇରେ ବିଚ୍ୟୁତି ଦେଖାଦେଇଥିବା ଅଭିଯୋଗ ହେଉଛି। ନିମ୍ନମାନର କାର୍ଯ୍ୟ ଯୋଗୁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରିବ ନାହିଁ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସରୋଜକାନ୍ତ ଦୀକ୍ଷିତଙ୍କୁ ପଚାରିବାରେ ପ୍ରତି ୩୦ ମିଟରରେ ନଦୀର ଖୋଳେଇକୁ ମାପ କରାଯାଉଛି। ଯେଉଁ ସ୍ଥାନରେ କମ୍ ବେଶୀ ଖୋଳା ଯାଇଛି, ସେଠାରେ ସେହି ଅନୁପାତରେ ବିଲ୍ କରାଯିବ ବୋଲି ସେ କହିଛନ୍ତି।

## ନିଆଁ ଲିଭାଇବା ବେଳେ ଫାଟିଲା ଗ୍ୟାସ୍ ଟାଙ୍କି

କଳିଙ୍ଗନଗର,(ଡି.ଏନ.ଏ.): ଦାନଗଦୀ ବ୍ଲକ ମାନପୁର ଛକ ନିକଟରେ ଥିବା ସ୍ପ୍ରିଙ୍ଗ ଭିଲା ଆପାର୍ଟମେଣ୍ଟ ସାଇଡ୍‌ର ଏକ ଟି' ଷ୍ଟଲରେ ବୁଧବାର ଅପରାହ୍ନରେ ହଠାତ୍ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ଦାନଗଦୀ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରୁଥିଲେ। ମାତ୍ର ଏହି ସମୟରେ ଦୋକାନ ଘରେ ଥିବା ଏକ ଗ୍ୟାସ୍ ସିଲଣ୍ଡର ହଠାତ୍ ବିସ୍ଫୋରଣ ହୋଇଥିଲା। ଫଳରେ ନିଆଁ ଜୋରରେ ଜଳିଥିଲା। ଅଗ୍ନିଶମ କର୍ମଚାରୀ ଏହା ଦେଖି ଜୀବନ ବଞ୍ଚାଇବା ପାଇଁ ଏଣେତେଣେ ଦୌଡ଼ିଥିଲେ। ଫଳରେ ନିକଟରେ ଥିବା ୩ଟି ଦୋକାନ ଜଳି ଯାଇଥିଲା। ଦୋକାନରେ ଥିବା ପ୍ରାୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳି ପାଉଁଶ ହୋଇଯାଇଥିଲା।

### ଆଜି କ'ଣ କେଉଁଠି

ଯାଜପୁର

- ଓଡ଼ିଶା ଦିବସ ତଥା ଯାଜପୁର ଜିଲା ପ୍ରତିଷ୍ଠା ଦିବସ ସମାରୋହ, ଗୌତମବୁଦ୍ଧ ସଂସ୍କୃତି ଭବନ ପରିସର। ଭୋର ସାଢେ ୪ଟା-ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପ୍ରଚାର, ସକାଳ ସାଢେ ୭ଟା- ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

### ସଂକ୍ଷେପରେ

## ଜଗନ୍ନାଥ ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ

ସିଂହପୁର,୩୧।୩(ଡି.ଏନ.ଏ.): ଦୋଳପୂର୍ଣ୍ଣମୀ ଉପଲକ୍ଷେ ସ୍ଥାନୀୟ ନାରୀଗାଁ ଜଗନ୍ନାଥ ମନ୍ଦିରରେ ମଙ୍ଗଳପୁର କେବିକେ ଗ୍ରୁପ ପକ୍ଷରୁ ହୋଲି ଉତ୍ସବ ପାଳନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ ସୁବାସ ଚନ୍ଦ୍ର ରାଉତ, ଚଳଚ୍ଚିତ୍ର ଅଭିନେତା ହରିହର ସ୍ୱାଇଁ ଯୋଗଦେଇ କୁନିକୁନି କଳାକାରଙ୍କୁ ଉତ୍ସାହିତ କରିଥିଲେ। ସଂଗୀତ ନିର୍ଦ୍ଦେଶକ ଦିନେଶ ମଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଶ୍ମିତା ସ୍ୱାଇଁ, ସାଇଶ୍ରୀ ପୃଷ୍ଟି, ସସ୍ମିତା ପାତ୍ର, ରଞ୍ଜିତା ବେହେରା, ବିଜୟାନି ଦାସ, ପ୍ରିୟଦର୍ଶନୀ ସାମଲ, ସ୍ୱପ୍ନାରାଣୀ ମଲିକ, ରୁଦ୍ରପ୍ରତାପ ସାହୁ ଓ ଉଜ୍ଜ୍ୱଳା ଦାସ ପ୍ରମୁଖ ଯୋଗଦେଇ ଅଭିନୟ ଏବଂ କଣ୍ଠଦାନ କରିଥିଲେ।

## ବନ୍ଦ ହେବ ଜାରକା ଗ୍ରାମ୍ୟ ଉନ୍ନୟନ ଡିଭିଜନ କାର୍ଯ୍ୟାଳୟ

ଧର୍ମଶାଳା,୩୧।୩(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଯାଜପୁର ଗ୍ରାମ୍ୟ ଉନ୍ନୟନ ଡିଭିଜନ-୨ କାର୍ଯ୍ୟାଳୟ ଖୁବ୍ ଶୀଘ୍ର ବନ୍ଦ ହେବା ନେଇ ସରକାରୀସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଡିଭିଜନ ଜାରକାଠାରେ ସ୍ଥାପନ କରାଯାଇ ୨୦୦୮ ମେ' ମାସ ୧୪ରେ ତତ୍କାଳୀନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ବିଶେଷ ସୂତ୍ରରୁ ଜଣାଯାଇଛି ଯେ, ଏହି ଡିଭିଜନ ବଡ଼ଚଣା, ଧର୍ମଶାଳା ଓ ରସୁଲପୁର ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟ ସହ ଛୋଟ ଛୋଟ ସେତୁ ନିର୍ମାଣ ନିମନ୍ତେ ତତ୍କାଳୀନ ବିଧାୟକ କଳ୍ପତରୁ ଦାସଙ୍କ ଉଦ୍ୟମ କ୍ରମେ ପ୍ରତିଷ୍ଠା ହୋଇଥିଲା। ଡିଭିଜନ ଅଧୀନରେ ଚଣ୍ଡିଖୋଲ ଓ ଜାରକା ସବଡିଭିଜନ କାର୍ଯ୍ୟକରୁଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବହୁ ଅର୍ଥ ଆସିଥିବାରୁ ଗ୍ରାମାଞ୍ଚଳ ରାସ୍ତା ନିର୍ମାଣ ନିମନ୍ତେ ଏହି ଡିଭିଜନ କାର୍ଯ୍ୟ କରୁଥିଲା। ଏବେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଅର୍ଥ କମାଇ ଦେବାରୁ ରାଜ୍ୟର ଗ୍ରାମ୍ୟ ଉନ୍ନୟନ ଡିଭିଜନ କେନ୍ଦ୍ରାପଡ଼ା-୨, ଯାଜପୁର-୨, ଭଦ୍ରକ-୨, ନୟାଗଡ-୨, ନିମାପଡ଼ା-୨, ବାଲେଶ୍ୱର-୨ ପ୍ରମୁଖ ଡିଭିଜନ ଗୁଡିକ ବନ୍ଦ ହୋଇ ଜିଲାର ମୁଖ୍ୟ ଡିଭିଜନ ସହିତ ସାମିଲ ହେବ ବୋଲି ଜଣେ ବିଭାଗୀୟ ଅଧିକାରୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ସେହିପରି ଜାରକା ଡିଭିଜନର ନିର୍ବାହୀ ଯନ୍ତ୍ରୀ ଭାସ୍କର ସାହୁ ନଭେମ୍ବରରୁ ଅବସର ଗ୍ରହଣ କରିଛନ୍ତି। ମାତ୍ର ତାଙ୍କ ସ୍ଥାନରେ ନୂତନ ନିର୍ବାହୀ ଯନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ଏଥି ପୂର୍ବରୁ କିଛି ବର୍ଷ ହେଲା ଜାରକାଠାରେ ଥିବା ଏଲଆଇ ଡିଭିଜନଟିକୁ ଉଠାଇ ନିଆଯାଇଛି। ସେହିପରି ଏଠାରେ ଥିବା ଜଳ ସେଚନ ଡିଭିଜନ ମଧ ଉଠାଇ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାତ୍ର ଯୋକଡିଆ ବ୍ୟାରେଜ ନିର୍ମାଣ ହେବାକୁ ଥିବାରୁ ଏହା ସ୍ଥଗିତ ରହିଛି। ଏସମ୍ପର୍କରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।

# ରାତିଅଧିଆ ମୋରମ ଲୁଟ୍

ଯାଜପୁର ଅଫିସ/ ରଗଡ଼ି,୩୧।୩(ଡି.ଏନ.ଏ.)

### ଖମିଗାଁ ମୌଜା

- ୮୪ ଡିସିମିଲ ସ୍ଥଳେ ୪ ଏକର ଖନନ
- ରାଜସ୍ୱ ବିଭାଗର ମାଫିଆ ପ୍ରୀତି
- ୪ ମାସ ହେବ ଚାଲିଛି ପୋଖରୀ ଖୋଳା
- ବିପଦରେ ୬୫ ଏକରରୁ ଉର୍ଦ୍ଧ୍ୱ କାଜୁ ଜଙ୍ଗଲ


ଆରୁହା କଳାପଥର ଖାଦାନ।

ରାଜସ୍ୱ ସମ୍ପତ୍ତିକୁ କିଭଳି ଭାବେ ସୁରକ୍ଷିତ ରଖାଯିବ ସେ ନେଇ ଜିଲା ପ୍ରଶାସନ ଗୁରୁତ୍ୱ ଦେଉଛି। ଯାଜପୁର ଜିଲାପାଳ ସମସ୍ତ ତହସିଲଦାର ଓ ରାଜସ୍ୱ କର୍ମଚାରୀଙ୍କୁ ଏନେଇ ତାଗିଦ କରିଛନ୍ତି। ଅଥଚ ଜିଲାର ବ୍ୟାସନଗର ତହସିଲ ପଛିକୋଟ ଅଞ୍ଚଳରେ ଏସବୁ ନିରର୍ଥକ ହୋଇଛି। ପୋଖରୀ ଖନନ ନାମରେ ମିଥ୍ୟା ଅନୁମତି ନେଇ ପ୍ରଶାସନ ଆଖିରେ ଧୂଳିଦେଇ ଅନୁମତିଠାରୁ ଢେର ଅଧିକ ଜମିରୁ ମାଟି, ମୋରମ ଖନନ କରି ବେଆଇନ ଭାବେ ବିକ୍ରି କରାଯାଉଛି। ପ୍ରଶାସନ ସବୁ ଜାଣି ନ ଜାଣିବାର ଅଭିନୟ କରିବା ମାଫିଆମାନଙ୍କୁ ପ୍ରୋତ୍ସାହନ ଯୋଗାଉଛି।

ଗତ ୨ ମାସ ହେବ ପଛିକୋଟ ରାଜସ୍ୱ ନିରୀକ୍ଷକ ଅଧୀନ ଖମିଗାଁ ମୌଜାରୁ ବିପୁଳ ପରିମାଣର ରାଜସ୍ୱ ଲୁଟ୍ ହେଉଛି। ବ୍ୟାସନଗର ତହସିଲ ପକ୍ଷରୁ ଖମିଗାଁ ମୌଜାର ଖାତା ନଂ ୨୬୭/୧୯୫, ୨୬୭/୧୯୪ ପ୍ଲଟ ନଂ. ୬୩ ଓ ୬୫ରେ ୮୪ ଡିସିମିଲରେ ପୋଖରୀ ଖନନ ପାଇଁ ଅନୁମତି ମିଳିଛି। କିନ୍ତୁ ଦୀର୍ଘ ୩ ମାସ ହେବ ୪ ଏକରରୁ ଉର୍ଦ୍ଧ୍ୱ ଜମିକୁ ଖନନ କରି ସାରିଲେଣି। ସେହିପରି ୫ ଫୁଟ ଗଭୀରର ପୋଖରୀ ଖନନ ପାଇଁ ନିର୍ଦ୍ଦେଶ ଥିବାବେଳେ ୧୫ ଫୁଟରୁ ଉର୍ଦ୍ଧ୍ୱ ଖନନ କରି ଉତ୍ତୋଳନ ହେଉଥିବା ମାଟି ଓ ମୋରମକୁ ସ୍ଥାନୀୟ ଅଞ୍ଚଳରେ ବେଆଇନ ଭାବେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଆଉ ଏଭଳି ରାଜସ୍ୱ ଲୁଟ୍ ଚାଲିଛି ପ୍ରଶାସନର ନାକ ତଳେ। ବ୍ୟାସନଗର ତହସିଲ ପ୍ରଶାସନର ନୀରବଦ୍ରଷ୍ଟାର ସୁଯୋଗ ନେଇ ରାତିଅଧିଆ ସ୍ଥାନୀୟ ଅଞ୍ଚଳର କେତେଜଣ ମୋରମ ମାଫିଆ ନିକଟରେ ଥିବା ଏକ କାଜୁ ଜଙ୍ଗଲରୁ ବେଆଇନ ଭାବେ ମୋରମ ଲୁଟ୍ କରି ବିକ୍ରି କରୁଛନ୍ତି। ଫଳରେ ୬୫ ଏକରରୁ ଉର୍ଦ୍ଧ୍ୱ ଏହି କାଜୁ ଜଙ୍ଗଲ ଉଜୁଡିବାକୁ ବସିଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ଏହିସବୁ ବେଆଇନ କାରବାରରେ ରାଜସ୍ୱ ବିଭାଗର ଜଣେ ଜିଲାସ୍ତରୀୟ ଅଧିକାରୀ ଏବଂ ତହସିଲ ପ୍ରଶାସନର ସମ୍ପୃକ୍ତି ଥିବାରୁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହେଉଛି। ଏପରି କି ପ୍ରଶାସନର ପରୋକ୍ଷ ପରାମର୍ଶକ୍ରମେ ଦିନବେଳା କାମ ବନ୍ଦ କରି ରାତିକୁ ସୁରକ୍ଷିତ ମନେକରି କାଜୁ ଜଙ୍ଗଲରୁ ଜେସିବି ସାହାଯ୍ୟରେ କୋଟି କୋଟି ଟଙ୍କାର ମୋରମ ଲୁଟ୍ ହେଉଛି। ଏ ବାବଦରେ ସ୍ଥାନୀୟ ବାସିନ୍ଦା ପ୍ରତିଦିନ ପଛିକୋଟ ରାଜସ୍ୱ ନିରୀକ୍ଷକ, ବ୍ୟାସନଗର ତହସିଲଦାର ଓ ପୋଲିସ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ ସମ୍ପୃକ୍ତ ମାଫିଆମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନାହିଁ। ଏ ସଂକ୍ରାନ୍ତରେ ବ୍ୟାସନଗର ତହସିଲଦାର ଶରତ କୁମାର ମହାପାତ୍ରଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ନମ୍ବର ୯୪୩୭୩୧୮୫୪୩ କୁ ୨୭।୨।୨୦୨୧ ଅପରାହ୍ନ ୪ଟା ୩୫ରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

## ରାଜସ୍ୱ ଆଦାୟରେ ଧର୍ମଶାଳା ତହସିଲ ଅଫିସ ଜିଲାରେ ପ୍ରଥମ

ଧର୍ମଶାଳା,୩୧।୩(ଡି.ଏନ.ଏ.)

ଧର୍ମଶାଳା ତହସିଲ କାର୍ଯ୍ୟାଳୟ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୧୬ କୋଟି ୬୫ ଲକ୍ଷ ୪ହଜାର ୪୨୭ ଟଙ୍କା ରାଜସ୍ୱ ଆଦାୟ କରି ଯାଜପୁର ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ତହସିଲକୁ ୧୩ କୋଟି ୯୯ ଲକ୍ଷ ୯୯ ହଜାର ୬୬୩ ଟଙ୍କା ରାଜସ୍ୱ ଆଦାୟ ପାଇଁ ଜିଲା ପ୍ରସାଶନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ତହସିଲଦାର ପ୍ରଶାନ୍ତ କୁମାର ସାମନ୍ତରାୟ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଚଳିତଥର କୋଭିଡ କଟକଣା ସତ୍ତ୍ୱେ ଏହି ତହସିଲର ୮୪ଟି ସଇରାତ ମଧ୍ୟରୁ ୧୨ଟି ନିଲାମ ହୋଇପାରି ନ ଥିଲେ ମଧ୍ୟ ୧୧୮.୯୩ ଭାଗ ଅଧିକ ରାଜସ୍ୱ ଆଦାୟ ହୋଇପାରିଛି। ଅବଶିଷ୍ଟ ସଇରାତ ମଧ୍ୟରୁ କେତେକ ଖାଦାନରେ ବେଆଇନ ଉତ୍ତୋଳନ ହୋଇଥିବାରୁ ତହସିଲ ପକ୍ଷରୁ ବିପୁଳ ପରିମାଣର ଜରିମାନା ଆଦାୟ କରାଯାଇଛି। ଯାହାକି ରାଜସ୍ୱ ଆଦାୟରେ ସହାୟକ ହୋଇଛି। ତହସିଲରେ କର୍ମଚାରୀ ଅଭାବ ଓ ଅନେକ ସଇରାତ କେଶ ଚାଲିଥିବା ସତ୍ତ୍ୱେ ଲକ୍ଷଧାର୍ଯ୍ୟ ପୂରଣ କରି ଅଧିକା ରାଜସ୍ୱ ଆଦାୟ କରାଯାଇଛି। ଗତ ବର୍ଷ ଏହି ତହସିଲକୁ ୧୪କୋଟି ୮୬ଲକ୍ଷ ୪୬ ହଜାର ଆଦାୟ ପାଇ ଟାର୍ଗେଟ ଦିଆଯାଇଥିଲା ବେଳେ ୧୬ କୋଟି ୪୦ ଲକ୍ଷ ୩ ହଜାର ୧୨୬ ଟଙ୍କା ଆଦାୟ କରାଯାଇ ଲକ୍ଷଧାର୍ଯ୍ୟଠାରୁ ୧୧୦.୩୩ ଭାଗ ରାଜସ୍ୱ ଆଦାୟ କରାଯାଇଥିଲା। ବିଭିନ୍ନ ସମୟରେ ବେଆଇନ ପରିବହନ ହେଉଥିବା ଗାଡିଗୁଡିକ ଉପରେ ଚଢାଉରେ ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ମହାନ୍ତି, ଶୀତଲ ଅଗ୍ରୱାଲ, ଧର୍ମଶାଳା ପୋଲିସ, ଜେନାପୁର ପୋଲିସ ଓ ରଜସ୍ୱନିରୀକ୍ଷକଙ୍କ ସହଯୋଗ ଯୋଗୁ ଏହା ସମ୍ଭବ ହୋଇ ପାରିଛି ବୋଲି ତହସିଲଦାର ସାମନ୍ତରାୟ କହିଛନ୍ତି।

## ଯାଜପୁରରେ ପ୍ରତିଷ୍ଠା ହେବ ପୋଷ୍ଟାଲ ଡିଭିଜନ


ପୋଷ୍ଟ ଫୋରମ୍ ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ଯାଜପୁରସଦର, ୩୧।୩(ଡି.ଏନ.ଏ.)

ଯାଜପୁର ଜିଲା ସଦର ମହକୁମାରେ ଏକ ପୋଷ୍ଟାଲ ଡିଭିଜନ୍ ଏପ୍ରିଲରେ ଖୋଲାଯିବ ବୋଲି ମୁଖ୍ୟ ଡାକଘରର ଡାକପାଳ ସଂଘମିତ୍ରା ମହାପାତ୍ର ସୂଚନା ଦେଇଛନ୍ତି। ବୁଧବାର ଡାକପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ପୋଷ୍ଟ ଫୋରମ୍ ବୈଠକରେ ଏହା ଘୋଷଣା କରିଥିଲେ। ପୋଷ୍ଟାଲ ମୁଖ୍ୟ କାର୍ଯ୍ୟାଳୟର ଉପର ମହଲାରେ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ପୋଷ୍ଟାଲ ଡିଭିଜନ୍ କାର୍ଯ୍ୟାଳୟ ଚାଲୁ କରାଯିବ ବୋଲି ସେ ପ୍ରକାଶ କରିବା ସହିତ ଏହା ଏପ୍ରିଲ ଦ୍ୱିତୀୟ ସପ୍ତାହ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି। ଏହି ଅବସରରେ ଯାଜପୁର ମୁଖ୍ୟ ଡାକଘରର ବିଭିନ୍ନ ଅସୁବିଧା ସମ୍ପର୍କରେ ସଦସ୍ୟଙ୍କ ପ୍ରସ୍ତାବ ଡାକପାଳ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ସାଇକେଲ ଷ୍ଟାଣ୍ଡ, ଷ୍ଟାଫ୍ କ୍ୱାର୍ଟର୍ସର ପୁନଃନିର୍ମାଣ, ଆକର୍ଷଣୀୟ ଉଦ୍ୟାନ, ଶୀତତାପ ନିୟନ୍ତ୍ରଣ କକ୍ଷ ନିର୍ମାଣ ଉପରେ ଡାକ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେବା ପାଇଁ ସଦସ୍ୟ ଦାବି କରିଥିଲେ। ପରେ ମୁଖ୍ୟ କାର୍ଯ୍ୟାଳୟର ବିପିଏମ୍ ମୀତକେତନ ରଣା ଅବସର ଗ୍ରହଣ କରୁଥିବାରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ବୈଠକରେ ସଦସ୍ୟ ଶରତ ଚନ୍ଦ୍ର ମହାରଣା, ଅକ୍ଷୟ ଦାସ, ଆନନ୍ଦ ଚନ୍ଦ୍ର ସାହୁ ଓ ପଣ୍ଡିତ ଭୂପତି ଭୂଷଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ରାଧାକୃଷ୍ଣ ଜୀଉଙ୍କ ମେଳଣ ପ୍ରସ୍ତୁତି

ଜେନାପୁର,୩୧।୩(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଧୀନ ବାଲିସାହି ମା' ବ୍ରାହ୍ମଣୀ ଦେବୀଙ୍କ ପୀଠରେ ଆସନ୍ତା ୪ତାରିଖରେ ଶ୍ରୀରାଧାକୃଷ୍ଣ ଜୀଉଙ୍କ ୪୯ତମ ବାର୍ଷିକ ମେଳଣ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଳଣ କମିଟି ଆବାହକ କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା କୋଭିଡ୍ କଟକଣା ପାଳନ କରାଯାଇ ମେଳଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ମେଳଣକୁ ଶ୍ରଦ୍ଧାଳୁ ଆସିବା ଉପରେ କଟକଣା ଜାରି କରାଯାଇଛି। ଥାନପତି ମୁରାଲିପୁର ଗ୍ରାମର ଶ୍ରୀଜୀଉ ମେଳଣ ପଡ଼ିଆରେ ଉପବେଶନ କରିବା ପରେ ଅନ୍ୟ ସମସ୍ତ ବିମାନ ମେଳଣ ପଡ଼ିଆକୁ ପ୍ରବେଶ କରିବେ ବୋଲି ସ୍ଥିର କରାଯାଇଛି। ବୈଠକରେ ଶ୍ୟାମସୁନ୍ଦର ବଳ, ଅକ୍ଷୟ କୁମାର ପ୍ରଧାନ, ପାଣ୍ଡବଚରଣ ବେହେରା, ରଘୁନାଥ ପ୍ରଧାନ, ବାଇଧର ସାହୁ, ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ସମେତ ମେଳଣ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସେବା କ୍ଷେତ୍ରରେ ଗୀତାଞ୍ଜଳି ଜିଲାରେ ପ୍ରଥମ


ଆଶା କର୍ମୀ ଗୀତାଞ୍ଜଳିଙ୍କୁ ଅତିଥି ସମ୍ମାନିତ କରୁଛନ୍ତି।

ବରୀ,୩୧।୩(ଡି.ଏନ.ଏ.)

### ବ୍ଲକସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ

ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବୁଧବାର ବ୍ଲକସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ବରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କରୋନା ସମୟରେ ଆଶା, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ ନିଜ ଜୀବନକୁ ବାଜି ଲଗାଇ ନିରବଚ୍ଛିନ୍ନ ଭାବେ ଲୋକଙ୍କ ସେବା କରିଥିବାରୁ ସମ୍ମିଳନୀରେ ଉପସ୍ଥିତ ଅତିଥି ସେମାନଙ୍କୁ ପ୍ରଶଂସା କରିଥିଲେ। ଯେଉଁମାନେ ଲୋକଙ୍କ ସେବା କରିବା କ୍ଷେତ୍ରରେ ଏଭଳି ଭୂମିକା ଗ୍ରହଣ କରିଛନ୍ତି ସେମାନଙ୍କ ନିରାମୟ ଜୀବନ କାମନା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଡିଓ ଶିବାନନ୍ଦ ସ୍ୱାଇଁ ମତ ରଖିଥିଲେ। ସମ୍ମାନିତ ଅତିଥିଭାବେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସବୀର ହୁସେନ ଯୋଗଦେଇ ଯାଜପୁର ଜିଲାର ୨୩୦୦ ଆଶା କର୍ମୀଙ୍କ ମଧ୍ୟରୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଆଶା କର୍ମୀ ଗୀତାଞ୍ଜଳି ମଲିକ ଜିଲାସ୍ତରରେ ସେବା କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କ ପାଇଁ ବରୀ ଅଞ୍ଚଳ ଗର୍ବିତ ବୋଲି କହିଥିଲେ। ସେହିପରି ବ୍ଲକସ୍ତରରେ ନମିତା ମଲିକ ଦ୍ୱିତୀୟ ସ୍ଥାନ, ବାସନ୍ତୀ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ଟ୍ରଫି ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ବ୍ଲକସ୍ତରୀୟ ସୁସ୍ଥ ଗ୍ରାମ ଭାବେ ଅମଟପୁର ଏବଂ ବେଷ୍ଟ ପଞ୍ଚାୟତ ଭାବେ ଗୋଳକୁଣ୍ଡକୁ ସମ୍ମାନିତ କରାଯାଇଥିଲା। ଗୋଳକୁଣ୍ଡ ସରପଞ୍ଚଙ୍କୁ ଟ୍ରଫି ସହ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାଟା ମ୍ୟାନେଜର ମୁକୁନ୍ଦ ପ୍ରସାଦ ନାୟକଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଯାଜପୁର ଓକିଲ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ



ଶପଥ ପାଠ ଉତ୍ସବରେ ଯୋଗ ଦେଇଥିବା କର୍ମକର୍ତ୍ତା ଓ ଅନ୍ୟମାନେ।

ଯାଜପୁର ଟାଉନ,୩୧।୩(ଡି.ଏନ.ଏ.)

ଯାଜପୁର ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏଶନ ପକ୍ଷରୁ ବୁଧବାର ଏକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ନବନିର୍ବାଚିତ ସଭାପତି ସମରେନ୍ଦ୍ର ଦାସ, ଉପସଭାପତି ଭାବେ ପାର୍ଥସାରଥି ରାୟ, ସାଧାରଣ ସମ୍ପାଦକ ଅନନ୍ତ ବାସୁଦେବ ମିଶ୍ର, କୋଷାଧକ୍ଷ ଆକାଶଦୀପ ମହାନ୍ତି, ସହସମ୍ପାଦକ ପ୍ରଶାନ୍ତ ଦାସ ଓ କାର୍ଯ୍ୟକାରୀ କମିଟି ସଭ୍ୟ ସତ୍ୟସୁନ୍ଦର ଦାସ, ମିହିର ମହାପାତ୍ର, ମାନସ ରଞ୍ଜନ ବିଶ୍ୱାଳ, କୁଳମଣି ନାୟକ, ଦିଲୀପ ସାମଲ ପ୍ରମୁଖ ଶପଥ ପାଠ କରିଥିଲେ। ସେହିପରି ଯାଜପୁର ବାର ଆସୋସିଏଶନ ପକ୍ଷରୁ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ମହାପାତ୍ରଙ୍କ ନେତୃତ୍ୱରେ ନବନିର୍ବାଚିତ ସଭାପତି ଚକ୍ରଧର ବିଶ୍ୱାଳ, ସମ୍ପାଦକ କମଳଲୋଚନ ଉପାଧ୍ୟାୟ, ଉପସଭାପତି ରୁଦ୍ର ନାରାୟଣ ମହାନ୍ତି ଓ ସହସଂପାଦକ ରାକେଶ ମିଶ୍ର, ଯୁଗ୍ମ ସମ୍ପାଦକ ଜଗନ୍ନାଥ ପାଣିଗ୍ରାହୀ, କୋଷାଧକ୍ଷ ପ୍ରଫୁଲ୍ଲ କୁମାର ସାମଲ, ଲାଇବ୍ରେରୀ ସମ୍ପାଦକ ସନ୍ତୋଷ କୁମାର ଦାସ, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ବିକାଶ କୁମାର ସାହୁ, ସନ୍ଦୀପ ସାମଲ, ସତ୍ୟବ୍ରତ ସାମଲ ଓ ଶିବଶକ୍ତି ମହାବାହୁ ପ୍ରମୁଖ ଶପଥଗ୍ରହଣ କରିଥିଲେ।

## ପିମ୍ପଲ ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି ବିବେଚିତ

ପାଣିକୋଇଲି,୩୧।୩(ଡି.ଏନ.ଏ.)

କୋରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବୁଧବାର ପାଣିକୋଇଲି କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କରୋନା ମହାମାରୀ ସମୟରେ ଗାଁ କଲ୍ୟାଣ ସମିତି ଓ ଆଶା କର୍ମୀଙ୍କ ଭୂମିକା ବେଶ ପ୍ରଶଂସନୀୟ ହୋଇଥିବା ବେଳେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହା ସହିତ ଆଶା କର୍ମୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତ କରାଯାଇଥିଲା। ପିଏଚ୍‌ଇଓ ଭାରତୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ପାଣିକୋଇଲି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ କୋରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତାପସ କୁମାର ବେହେରା, ବିପିଓ ଶୁଭ୍ରାଜ୍ୟୋତି ସାମଲ, ପାଣିକୋଇଲି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଚିକିତ୍ସାଧିକାରୀ ଜ୍ୟୋତି ପ୍ରକାଶ ସାମଲ, ଆୟୁଷ ଡା. ସାଗରିକା ଦାସ, କୋରାଇ ସିଡିପିଓ ଶକୁନ୍ତଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପିମ୍ପଲ ଗାଁ କଲ୍ୟାଣ ସମିତିକୁ ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି ଭାବେ ବିବେଚିତ କରାଯାଇଥିଲା। ପ୍ରଥମ ପୁରସ୍କାର ସୀତା ବେହେରା, ଦ୍ୱିତୀୟ ପୁରସ୍କାର ପ୍ରମିଳା ସାହୁ ଓ ତୃତୀୟ ପୁରସ୍କାର ରାଧାରାଣୀ ଯେନାଙ୍କୁ ପ୍ରଦାନ କରାଯାଇ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏମ୍‌ପିଏଚ୍‌ଏସ୍ ରଞ୍ଜନ ବେହେରା, ରଶ୍ମିରଞ୍ଜନ ପରିଡ଼ା, ଶିବାନନ୍ଦ ଦାଶ, ମମତା ଦାଶ, ପ୍ରେମଲତା ମହାପାତ୍ର, ପ୍ରଶନ୍ନ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶତାଧିକ ଆଶା ଓ ଗାଁ କଲ୍ୟାଣ ସମିତି ସଦସ୍ୟା ଉପସ୍ଥିତ ଥିଲେ।

# ଆଗ ବିକଳ୍ପ, ପରେ ବନ୍ଦ

ଯାଜପୁର ରୋଡ,୩୧।୩(ଡି.ଏନ.ଏ.)


ଯାଜପୁର-କେନ୍ଦୁଝରରୋଡ ରେଲଷ୍ଟେଶନ ନିକଟସ୍ଥ ୧୪୦ ନଂ ଲେଭଲ କ୍ରସିଂ।

### ଗୋପବନ୍ଧୁ ଛକ ଲେଭଲ କ୍ରସିଂ ବନ୍ଦ ପ୍ରସ୍ତାବ ସ୍ଥଗିତ

ହାୱଡା-ବିଶାଖାପାଟଣା ମୁଖ୍ୟ ରେଲଲାଇନର ଯାଜପୁର-କେନ୍ଦୁଝରରୋଡ ରେଲଷ୍ଟେଶନ ନିକଟସ୍ଥ ୧୪୦ନଂ ଲେଭଲ କ୍ରସିଂ(ଗୋପବନ୍ଧୁ ଛକ ନିକଟ)କୁ ବନ୍ଦ ପ୍ରସ୍ତାବକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏନେଇ ବୁଧବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ ହୋଇଥିଲା। ପ୍ରତିବାଦକାରୀ ବିକଳ୍ପ ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ଲେଭଲ କ୍ରସିଂ ବନ୍ଦ ନ କରିବାକୁ ଦାବି କରିଥିଲେ। ଏହାବାଦ ଷ୍ଟେଶନର ପଶ୍ଚିମ ପଟରେ ଦ୍ୱିତୀୟ ଫ୍ଲାଏଓଭର ପାଇଁ ବଜେଟରେ ସ୍ଥାନ ପାଇ ଅନୁଦାନ ମଞ୍ଜୁର ହୋଇଥିଲେ ହେଁ କାମର ମନ୍ଥରତା ସହରବାସୀଙ୍କୁ ସମସ୍ୟାରେ ପକାଇବ ବୋଲି ମତପ୍ରକାଶ ପାଇଥିଲା। ପ୍ରଥମେ ଓଭରବ୍ରିଜ ନିର୍ମାଣ ଦାୟିତ୍ୱ ପୂର୍ତ୍ତ ଓ ରେଲୱେ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ପରେ କେବଳ ରେଲୱେ ବ୍ରିଜ କରିବ ବୋଲି ସୂଚନା ମିଳିଛି। ଏହି ଓଭର ବ୍ରିଜ ଗୋଶାଳା ଛକରୁ ଆରମ୍ଭ ହୋଇ ପ୍ଲଟ ଉପରଦେଇ ଦୁଇ ଭାଗରେ ସାପଗଡିଆ ଓ ତହସିଲ ଅଫିସରେ ଶେଷ ହେବ। ବୈଠକରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକ, ବ୍ୟାସନଗର ପୌର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା, ଇଷ୍ଟକୋଷ୍ଟ ରେଲୱେର ସିନିୟର ଷ୍ଟେଶନ ମାଷ୍ଟର ଓ ଆସିଷ୍ଟାଣ୍ଟ ଡିଭିଜନାଲ ଇଞ୍ଜିନିୟର ଏବଂ ବ୍ୟାସନଗର ସହରର ରସାନନ୍ଦ ମହାନ୍ତି, ବିବେକାନନ୍ଦ ମହାନ୍ତି, ବିଦ୍ୟାଧର ମହାନ୍ତି, ପ୍ରଫୁଲ୍ଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶଯେ, ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ଉକ୍ତ ଲେଭଲ କ୍ରସିଂ ବନ୍ଦ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଜିଲାପାଳ ତାଙ୍କ ପତ୍ରସଂଖ୍ୟା ୪୪୨୮/୨୫।୩।୨୧ରେ ଅଞ୍ଚଳବାସୀଙ୍କ ପ୍ରତିକ୍ରିୟା ଜାଣିବାକୁ ଏକ ବୈଠକର ଆୟୋଜନ କରିବାକୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସ୍ଥାନାନ୍ତର ହେଲାନି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ରସୁଲପୁର,୩୧।୩(ଡି.ଏନ.ଏ.)

### ଡାକ୍ତରଖାନା ଗୃହ ମରାମତିକୁ ଆଳ




ରସୁଲପୁର ବ୍ଲକ ଅଧୀନ ମଧୁବନ ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଧାର୍ଯ୍ୟ ସମୟ ମଧ୍ୟରେ ନୂତନ କୋଠାକୁ ସ୍ଥାନାନ୍ତର ହୋଇ ପାରିଲା ନାହିଁ। ଡାକ୍ତରଖାନା ସ୍ଥାନାନ୍ତର ପାଇଁ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବିଶ୍ୱରଞ୍ଜନ କରଙ୍କୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ମାତ୍ର ଅବଧି ଶେଷ ହୋଇଥିଲେ ମଧ ନିର୍ମାଣ କାର୍ଯ୍ୟ ସରି ନ ଥିବା ଦର୍ଶାଇ ସ୍ଥାନାନ୍ତରଣକୁ ରୋକାଯାଇଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଧାଂଶୁ ଶେଖର ବଳ ସୂଚନା ଦେଇଛନ୍ତି।

ତାଙ୍କ କହିବା ଅନୁସାରେ, ମାର୍ଚ୍ଚ ୯ରେ ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ୩୧ ମାର୍ଚ୍ଚ ସୁଦ୍ଧା ନୂତନ କୋଠାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ସହ ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ା ଓ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ମଧ ଉପସ୍ଥିତ ଥିଲେ। ସମସ୍ତ ଅଧିକାରୀ ଡାକ୍ତରଖାନାରେ ପହଞ୍ଚି ଉଭୟ ପୁରୁଣା ଓ ନୂଆ ଡାକ୍ତରଖାନାର ସ୍ଥିତି ପରଖିବା ପରେ ଏଭଳି ନିଷ୍ପତ୍ତି ନେଇଥିଲେ। ମାତ୍ର ଏସବୁ ସତ୍ତ୍ୱେ ଡାକ୍ତରଖାନା ସ୍ଥାନାନ୍ତର ହୋଇପାରି ନାହିଁ। ପୂର୍ବଭଳି ନୂତନ କୋଠା ପରିସରରେ କେବଳ ଡାକ୍ତରଖାନାର କାର୍ଯ୍ୟାଳୟ ଚାଲୁଛି। ପୁରୁଣା କୋଠା ବିପଦ ସଂକୁଳ ଅବସ୍ଥାରେ ଥିବାରୁ ସ୍ୱାସ୍ଥ୍ୟସେବାରେ ବ୍ୟାଘାତ ପହଁଚୁଛି।

ଅନ୍ୟପକ୍ଷରେ ମରାମତି ପାଇଁ ଆବଶ୍ୟକତାଠାରୁ ଅଧିକ ଟଙ୍କା ମଗାଯାଇଥିବାରୁ ପ୍ରଥମ ଦଫାରେ ୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ମରାମତି ଦାୟିତ୍ୱ ରସୁଲପୁର ପଞ୍ଚାୟତ ସମିତି ଉପରେ ନ୍ୟସ୍ତ କରାଯାଉଛି। ସମିତି ପକ୍ଷରୁ ପ୍ରଦାନ କରାଯାଇଥିବା ଆକଳନକୁ ଜିଲାପାଳଙ୍କ ଅନୁମୋଦନ ପାଇଁ ପଠାଯାଇଛି। ପରବର୍ତ୍ତୀ ଅବସ୍ଥାରେ ଆବଶ୍ୟକ ଅର୍ଥ ପ୍ରଦାନ କରାଯିବ। ହେଲେ ଡାକ୍ତରଖାନା ସ୍ଥାନାନ୍ତର କରାଯିବା ପରେ ମରାମତି କରିଥିଲେ ବି କୌଣସି ଅସୁବିଧା ହୋଇ ନ ଥାନ୍ତା। ମରାମତିକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରାଥମିକତା ଦେବାରୁ ସେ କାର୍ଯ୍ୟ ଆଗ କରାଯାଉଛି । ମାର୍ଚ୍ଚ ମାସ ପାଇଁ ମରାମତି କାର୍ଯ୍ୟରେ ବିଳମ୍ବ ହେଉଛି। ତେବେ ଡାକ୍ତରଖାନା ଶୀଘ୍ର ସ୍ଥାନାନ୍ତର ହେବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବଳ ଆଶାବାଦୀ ଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ କର କହିଛନ୍ତି, ନିର୍ମାଣ କାର୍ଯ୍ୟ ଶେଷ ହେବାପରେ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର ହେବ। ଏବେ ଦେଖିବାକୁ ଅପେକ୍ଷା ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର ଲାଗି ଆଉ କେତେଦିନ ସମୟ ଲାଗୁଛି।

ଧରିତ୍ରୀ
DHARITRI
ଗୁରୁବାର, ୧ ଏପ୍ରିଲ ୨୦୨୧

**ସଫ୍‌ଦରଜଙ୍ଗ ହସ୍ପିଟାଲରେ ଅଗ୍ନିକାଣ୍ଡ**

ନୂଆଦିଲ୍ଲୀସ୍ଥିତ ସଫ୍‌ଦରଜଙ୍ଗ ହସ୍ପିଟାଲ ଆଇସିୟୁରେ ବୁଧବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ନିଆଁ ଲାଗିଯିବା ପରେ ଆଇସିୟୁରେ ଥିବା ୫୦ ରୋଗୀଙ୍କୁ ସେଠାରୁ ଅନ୍ୟ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି।

# ବିଧାନସଭାରେ ବ୍ୟୟ ମଞ୍ଜୁରୀ ବିଲ୍ ଗୃହୀତ

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଦ୍ୱାରା ଆଗତ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୧.୭୫ ଲକ୍ଷ କୋଟି ଟଙ୍କାର ବ୍ୟୟ ମଞ୍ଜୁରୀ ବିଲ ବୁଧବାର ବିଧାନସଭାର ଅନୁମୋଦନ ଲାଭ କରିଛି। ଏହି ବିଲକୁ ଉପସ୍ଥାପନ କରି ଅର୍ଥମନ୍ତ୍ରୀ କହିଲେ 'କରୋନା' ଯୋଗୁଁ ଖର୍ଚ୍ଚର ଧାରା ପ୍ରଭାବିତ ହୋଇଛି ଏବଂ 'କେନ୍ଦ୍ରୀୟ ହସ୍ତାନ୍ତର' ଅଂଶଧନ କମିଛି। ଉପଯୁକ୍ତ ପରିଚାଳନା ଓ ସଂସ୍କାରମୂଳକ ପଦକ୍ଷେପ ଯୋଗୁଁ ତାହାକୁ ଅନେକାଂଶରେ ପ୍ରତିହତ କରାଯାଇ ପାରିଛି। ମହାମାରୀର ପ୍ରଭାବ ପରେ ମଧ୍ୟ ବଜେଟ୍ ପରିମାଣ କମିନାହିଁ। ୨୬ ପ୍ରତିଶତ ବୃଦ୍ଧି ପାଇଛି। ଏହା କିଛି କମ୍ ବଡ଼ କଥା ନୁହେଁ। ଏଥିରେ ପ୍ରଶାସନିକ ବ୍ୟୟ ନିମନ୍ତେ ୮୫ ହଜାର କୋଟି, କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୭୫ ହଜାର କୋଟି, ବିପର୍ଯ୍ୟୟ ପ୍ରଶମନ ବ୍ୟୟ ଲାଗି ୩ ହଜାର ୫୦ କୋଟି ଟଙ୍କା ଏବଂ ସ୍ଥାନୀୟ ନିକାୟ ସଂସ୍ଥା ଓ ଉନ୍ନୟନ ସଂସ୍ଥାକୁ ହସ୍ତାନ୍ତର ପାଇଁ ୬,୯ ୫୦



କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଗତ ୧୩ ତାରିଖରୁ ୩୦ ତାରିଖ ମଧ୍ୟରେ ଗୃହରେ ବିଭିନ୍ନ ଦାବୀଗୁଡ଼ିକ ଉପରେ ଆଲୋଚନା ହୋଇ ସାରିଛି। ଗୃହର ଅନୁମୋଦନ ମିଳିବା ପରେ ଏହି ଅର୍ଥ ରାଜ୍ୟର ସର୍ବାଙ୍ଗୀନ ବିକାଶ ସହ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ପାଇଁ ବିନିଯୋଗ ହେବ। ବଜେଟରେ କରୋନାର ପ୍ରଭାବ ସତ୍ତ୍ୱେ ବିକାଶ କାର୍ଯ୍ୟକୁ ଅଗ୍ରାଧିକାର ଦିଆଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନିଷ୍ପତ୍ତି ଓ ଆର୍ଥିକ ସଂସ୍କାର ପଦକ୍ଷେପ ଯୋଗୁଁ ଓଡ଼ିଶା ବିଶେଷ ଭାବରେ କିଛି କ୍ଷତିଗ୍ରସ୍ତ ହୋଇନାହିଁ। ସେଥିପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଭଳି ବହୁ ସଂସ୍ଥା ଆନ୍ତର୍ଜାତୀୟ ସଂସ୍ଥା ଓଡିଶାକୁ ପ୍ରଶଂସା କରିଛନ୍ତି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଏହି ବିଲ୍‌କୁ ଉଭୟ ବିରୋଧୀ କଂଗ୍ରେସ ଓ ଭାଜପା ସଭ୍ୟମାନେ ବିରୋଧ କରିଥିଲା ବେଳେ ଶାସକ ସଭ୍ୟମାନେ ସମର୍ଥନ କରିଥିଲେ।

ଏଠାରେ ସୂଚନା ଯୋଗ୍ୟ ଯେ ୩୩ଟି ବିଭାଗର ଖର୍ଚ୍ଚ ଦାବି ହଟ୍ଟଗୋଳ ଯୋଗୁ ଆଲୋଚନା ହୋଇ ନ ପାରିବାରୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସେ ସବୁକୁ ମାର୍ଚ୍ଚ ୩୦ ତାରିଖରେ ଗିଲୋଟିନ ମାଧ୍ୟମରେ ବିଧାନସଭାର ଅନୁମୋଦନ କରାଇଥିଲେ।

# ୧କୋଟି ୪ ଲକ୍ଷ ଚାଷୀଙ୍କୁ ମିଳିଛି 'କାଳିଆ' ସହାୟତା

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ଗତ ୩ ବର୍ଷ ମଧ୍ୟରେ କାଳିଆ ଯୋଜନାରେ ୧କୋଟି୪ ଲକ୍ଷ ୬୦ ହଜାର କ୍ଷୁଦ୍ର, ନାମମାତ୍ର ଚାଷୀଙ୍କୁ ସହାୟତା ବାବଦରେ ୬୬୯୦.୮୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଭାଜପା ସଭ୍ୟ ନାଉରୀ ନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୨୦୧୮-୧୯ ଓ ୨୦୧୯-୨୦ରେ କାଳିଆ ଯୋଜନାରେ ୫୧.୦୫ ଲକ୍ଷ କ୍ଷୁଦ୍ର, ନାମମାତ୍ର ଚାଷୀ ଓ ଭୂମିହୀନ କୃଷି ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଏଥିପାଇଁ ୨୦୧୮-୧୯ରେ ଚାଷୀ ସହାୟତା ଓ ପ୍ରଶାସନିକ ବ୍ୟୟ ବାବଦକୁ ୨୧୭୫.୬୬ କୋଟି ଏବଂ ୨୦୧୯-୨୦ରେ ୩୨୪୩.୦୧ କୋଟି ଟଙ୍କା ବ୍ୟୟ କରାଯାଇଥିଲା। ସେହିପରି ୨୦୨୦-୨୧ରେ ୫୩.୫୫ ଲକ୍ଷ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି। ସେଥିପାଇଁ ୨୦୨୧ ଫେବୃୟାରୀ ସୁଦ୍ଧା ୧୨୭୨.୧୯ କୋଟି ଟଙ୍କା ପ୍ରଦାନ କରାଯାଇଛି।

ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲଙ୍କ ଅନ୍ୟ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ୨୦୧୫-୧୬ କୃଷି ଗଣନା ଅନୁଯାୟୀ ରାଜ୍ୟରେ ଭାଗଚାଷୀ ୯,୦୫,୧୮୪ ଥିବାବେଳେ ନାମମାତ୍ର ଚାଷୀ ୩୬,୩୬,୬୫୮, କ୍ଷୁଦ୍ର ଚାଷୀ ୮,୮୭,୨୭୨, ମଧ୍ୟମ ଚାଷୀ ୩,୩୭,୯୪୫ ଏବଂ ବଡ଼ ଚାଷୀ ୩୯୭୫ ଜଣ ଅଛନ୍ତି। ଭୂମିହୀନ କୃଷକମାନଙ୍କର ଚାଷ କାର୍ଯ୍ୟ ପାଇଁ ଅର୍ଥର ଆବଶ୍ୟକତାକୁ ପୂରଣ କରିବା ପାଇଁ ବଳରାମ ଓ କାଳିଆ ଯୋଜନା ପ୍ରଣୟନ କରାଯାଇଛି।

# ୩୩.୩୪ ଲକ୍ଷ ଚାଷୀଙ୍କୁ ମିଳିଛି ୧୪,୬୯୭.୪୧ କୋଟି କୃଷିଋଣ

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ଚଳିତ ଆର୍ଥିକ ବର୍ଷରେ ଖରିଫ ଓ ରବିଋତୁ ପାଇଁ ମାର୍ଚ୍ଚ ୨୩ ତାରିଖ ସୁଦ୍ଧା ୩୩ ଲକ୍ଷ ୩୪ ହଜାର ୬୦୮ ଜଣ ଚାଷୀଙ୍କୁ ୧୪,୬୯୭.୪୧ କୋଟି ଟଙ୍କାର ଫସଲ ଋଣ ଦିଆଯାଇଛି। ବିଧାୟକ ଗଣେଶରାମ ଖୁଣ୍ଟିଆଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ସମବାୟ କ୍ଷେତ୍ରରେ ୩୦ ଜିଲାରେ ୨୭୦ ପ୍ରାଥମିକ କୃଷି ସମବାୟ ସମିତି , ୧୭ କେନ୍ଦ୍ର ସମବାୟ ବ୍ୟାଙ୍କ ଏବଂ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କକୁ ନେଇ କୃଷି ଋଣ ବଣ୍ଟନ କରାଯାଉଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ନିୟମିତ ଋଣ ପରିଶୋଧ କଲେ ଚାଷୀଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଉପରେ କୌଣସି ସୁଧ ଦେବାକୁ ପଡ଼ିବ ନାହିଁ। ୫୦ ହଜାରରୁ ୩ ଲକ୍ଷ ପର୍ଯ୍ୟନ୍ତ ଋଣ ଉପରେ ୨ ପ୍ରତିଶତ ସୁଧ ଦେବାକୁ ହେବ। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ସୂଚିତ ଫସଲର କ୍ଷୟକ୍ଷତି ହେଲେ ଫସଲ ବୁଣା ବା ରୁଆ ପରଠାରୁ ଅମଳ ପରବର୍ତ୍ତୀ ଅବସ୍ଥା ଯାଏ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ କରାଯାଉଛି।

## ୧୦୨ ସରକାରୀ, ୪୪ ବେସରକାରୀ ଗୋଦାମରେ ପିଡିଏସ୍ ସାମଗ୍ରୀ ରହୁଛି

ଭୁବନେଶ୍ୱର,୩୧।୩(ବ୍ୟୁରୋ): ରାଜ୍ୟରେ ପିଡିଏସ୍ ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା ପାଇଁ ୧୦୨ ସରକାରୀ ଗୋଦାମ ଓ ୪୪ଟି ବେସରକାରୀ ଗୋଦାମକୁ ଭଡ଼ା ସୂତ୍ରରେ ବ୍ୟବହାର କରାଯାଉଛି। ସରକାରୀ ଗୋଦାମର ସଂରକ୍ଷଣ କ୍ଷମତା ୪,୮୬,୬୭୪ ମେଟ୍ରିକ ଟନ୍ ହୋଇଥିବାବେଳେ ବେସରକାରୀ ଗୋଦାମର ସଂରକ୍ଷଣ କ୍ଷମତା ୧,୭୨,୮୭୨ ମେଟ୍ରିକ୍ ଟନ୍। ଏହାଛଡ଼ା ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ନିଜସ୍ୱ ୨୫ଟି ଗୋଦାମକୁ ଖାଦ୍ୟ ସାମଗ୍ରୀ ସଂରକ୍ଷଣ ପାଇଁ ବ୍ୟବହାର କରୁଛି। ଏହାର ସାମଗ୍ରୀକ ସଂରକ୍ଷଣ କ୍ଷମତା ୩୪,୧୦୦ ମେଟ୍ରିକ୍ ଟନ୍। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।



ଦିଲ୍ଲୀ ଚିଡ଼ିଆଖାନାରେ ବୁଧବାର ଜଣେ କର୍ମଚାରୀ ହାତୀକୁ ଗାଧୋଇ ଦେଉଛନ୍ତି। କରୋନା ମହାମାରୀ ଯୋଗୁ ବର୍ଷକରୁ ଊର୍ଦ୍ଧ୍ୱ ସମୟ ଧରି ଚିଡ଼ିଆଖାନା ବନ୍ଦ ରହିଥିବା ବେଳେ ଗୁରୁବାରଠାରୁ ଏହା ଦର୍ଶକମାନଙ୍କ ପାଇଁ ଖୋଲିବାକୁ ଯାଉଛି। (ଫଟୋ: ଚମନ ଗୌତମ)

# ମାଲକାନଗିରିରେ ସର୍ବାଧିକ ଡ୍ରପ୍‌ଆଉଟ

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ସ୍କୁଲରେ ଗତ ୫ ବର୍ଷରେ ୨୦୧୫-୧୬ ତୁଳନାରେ ଡ୍ରପ୍‌ଆଉଟ ହାର ବଢ଼ିଛି। ୨୦୧୫-୧୬ରେ ପ୍ରାଥମିକ ସ୍କୁଲରେ ଡ୍ରପ୍‌ଆଉଟ ୨.୮୩ ପ୍ରତିଶତ ଥିବାବେଳେ ଉଚ୍ଚ ପ୍ରାଥମିକ ସ୍କୁଲରେ ୩.୮୭ ପ୍ରତିଶତ ଥିଲା। ମାତ୍ର ୨୦୧୬-୧୭ରେ ଏହା ଯଥାକ୍ରମେ ୪.୨୦ ଓ ୫.୧୫ , ୨୦୧୭-୧୮ରେ ୫.୮୧ ଓ ୫.୪୫, ୨୦୧୮-୧୯ରେ ୫.୪୨ ଓ ୬.୯୩ ଏବଂ ୨୦୧୯-୨୦ରେ ୧.୫୩ ଓ ୪.୭୫ ପ୍ରତିଶତ ରହିଛି। ମାଲକାନଗିରିରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ସର୍ବାଧିକ ୫.୩୨ ଓ ୧୩ ପ୍ରତିଶତ ଛାତ୍ରୀଛାତ୍ର ସ୍କୁଲ ଛାଡ଼ିଛନ୍ତି। ସେହିପରି ନବରଙ୍ଗପୁରରେ ୩.୨୧ ଓ ୧୩.୩୫ ପ୍ରତିଶତ ପିଲା ପ୍ରାଥମିକ ସ୍କୁଲ ଛାଡ଼ିଛନ୍ତି। ଖୋର୍ଦ୍ଧା ଜିଲାର କୌଣସି ପିଲା ସ୍କୁଲ ଛାଡ଼ିନାହାନ୍ତି। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

# ୱାଜେଙ୍କ ଡ୍ରାଇଭର ରଖିଥିଲେ ବିସ୍ଫୋରକ ଭର୍ତ୍ତି ସ୍କର୍ପିଓ



**ଆଣ୍ଟିଲିଆ ମାମଲା**

ମୁମ୍ବାଇ,୩୧।୩

ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ବାସଭବନ ଆଣ୍ଟିଲିଆ ନିକଟରୁ ଫେବୃୟାରୀ ୨୫ରେ ମିଳିଥିବା ବିସ୍ଫୋରକ ଭର୍ତ୍ତି ସ୍କର୍ପିଓକୁ ମୁମ୍ବାଇ ପୋଲିସ ଅଧିକାରୀ ସଚିନ ୱାଜେ ରଖି ନ ଥିଲେ, ଏହି କାର୍ଯ୍ୟ ତାଙ୍କ ବ୍ୟକ୍ତିଗତ ଡ୍ରାଇଭର କରିଥିଲେ ବୋଲି ଘଟଣାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କହିଛି। ତେବେ ଉକ୍ତ ସ୍କର୍ପିଓ ପଛରେ ୱାଜେ ଏକ ଇନୋଭା ଚଳାଇ ଯାଇଥିଲେ।



ସଚିନ ୱାଜେ

ବ୍ୟବସାୟୀ ମନସୁଖ ହିରେନଙ୍କ ଉକ୍ତ ସ୍କର୍ପିଓ ଫେବୃୟାରୀ ୧୭ରେ ମୁଲୁଣ୍ଡ-ଐରୋଲି ରୋଡ୍‌ରେ ଖରାପ ହେବାରୁ ସେ ପୋଲିସ ମୁଖ୍ୟାଳୟକୁ ଆସି ଗାଡ଼ିର ଚାବି ପୋଲିସ ଅଧିକାରୀ ସଚିନ ୱାଜେଙ୍କୁ ଦେଇଥିବା ଏନ୍‌ଆଇଏ ବିଶ୍ୱାସ କରୁଛି। ୱାଜେଙ୍କ ନିର୍ଦ୍ଦେଶରେ ତାଙ୍କ ବ୍ୟକ୍ତିଗତ ଡ୍ରାଇଭର ଘଟଣାସ୍ଥଳରୁ ସ୍କର୍ପିଓକୁ ଆଣି ସାକେତ୍ ହାଉସିଂ ସୋସାଇଟିରେ ଥିବା ୱାଜେଙ୍କ ଘର ପାଖରେ ରଖିଥିଲେ। ୨୫ ତାରିଖରେ ଡ୍ରାଇଭର ଉକ୍ତ ସ୍କର୍ପିଓକୁ ନେଇ ଆଣ୍ଟିଲିଆ ବାହାରେ ରଖିଥିଲେ। ଏହା ପରେ ସେ ୱାଜେଙ୍କ ଇନୋଭାରେ ସେଠାରୁ ପଳାଇ ଆସିଥିଲେ। ପରେ ୱାଜେ ଇନୋଭା ନମ୍ବର ପ୍ଲେଟ୍ ବଦଳାଇ ସ୍କର୍ପିଓ ନିକଟକୁ ଯାଇ ସେଠାରେ ଏକ ଧମକପୂର୍ଣ୍ଣ ଚିଠି ରଖିଥିଲେ ବୋଲି ଏନ୍‌ଆଇଏ ଅଧିକାରୀ କହିଛନ୍ତି। ମାର୍ଚ୍ଚ ୧୩ରେ ଏନ୍‌ଆଇଏ ୱାଜେଙ୍କୁ ଗିରଫ କରିଥିଲା।

# ଦେଶମୁଖଙ୍କ ନାଁରେ ଏତଲା ଦେଲନି କାହିଁକି

ମୁମ୍ବାଇ,୩୧।୩



**ପରମବୀର ସିଂଙ୍କୁ ହାଇକୋର୍ଟଙ୍କ ପ୍ରଶ୍ନ**

ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖ ଦୁର୍ନୀତିରେ ଲିପ୍ତ ଥିବା ଜାଣିବା ସତ୍ତ୍ୱେ ତାଙ୍କ ବିରୋଧରେ ଏତଲା କାହିଁକି ଦେଲନି ବୋଲି ବମ୍ବେ ହାଇକୋର୍ଟ ବୁଧବାର ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂଙ୍କୁ ପ୍ରଶ୍ନ କରିଛନ୍ତି। ଦେଶମୁଖ ପ୍ରତି ମାସରେ ବାର୍ ଓ ରେଷ୍ଟୁରାଣ୍ଟଗୁଡ଼ିକରୁ ୧୦୦ କୋଟି ଟଙ୍କା ବଟି ଆଦାୟ ପାଇଁ କେତେଜଣ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିବା ପରମବୀର ଅଭିଯୋଗ କରିଥିଲେ। ଏହାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବା ନିମନ୍ତେ ସେ ବମ୍ବେ ହାଇକୋର୍ଟରେ ଆବେଦନ କରିଥିଲେ। ଏତଲା ହୋଇ ନ ଥିବାରୁ କୋର୍ଟ ଏଥିରେ ହସ୍ତକ୍ଷେପ କରିପାରିବେ ନାହିଁ କିମ୍ବା ନିରପେକ୍ଷ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ହାଇକୋର୍ଟ ଖଣ୍ଡପୀଠ କହିଥିଲେ। ପରମବୀରଙ୍କୁ ହାଇକୋର୍ଟ କହିଥିଲେ, ଆପଣ ଜଣେ ବରିଷ୍ଠ ପୋଲିସ ଅଧିକାରୀ। ଯେକୌଣସି ଭୁଲ୍ କାର୍ଯ୍ୟ ବିରୋଧରେ ଏତଲା ଦାଏର କରିବା ଆପଣଙ୍କ କର୍ତ୍ତବ୍ୟ। ଆପଣଙ୍କ ମନ୍ତ୍ରୀ ଦୁର୍ନୀତିରେ ଲିପ୍ତ ଥିବା ଜାଣି ମଧ୍ୟ କାହିଁକି ନୀରବ ରହିଥିଲ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ଦୀପଙ୍କର ଦତ୍ତ ପ୍ରଶ୍ନ କରିଥିଲେ। ପ୍ରଥମେ ଦେଶମୁଖଙ୍କ ବିରୋଧରେ ପୋଲିସରେ ଏତଲା ଦିଅ। ଯଦି ପୋଲିସ ଏତଲା ଦାଏର ନ କରୁଛି ତେବେ ମାଜିଷ୍ଟ୍ରେଟଙ୍କ ଆଗରେ ଏତଲା ଦାଏର କରିପାରିବ ବୋଲି ପରମବୀରଙ୍କୁ ଖଣ୍ଡପୀଠ କହିଥିଲେ। ପରମବୀର ଚକ୍ରବ୍ୟୂହରେ ଫସିବାକୁ ଚାହିଁ ନ ଥିଲେ ବୋଲି ତାଙ୍କ ଓକିଲ ବିକ୍ରମ ନନ୍‌କାନି କହିବା ପରେ ଖଣ୍ଡପୀଠ କହିଥିଲେ, ଏହା ଆଇନର ପ୍ରକ୍ରିୟା। ପରମବୀର କ'ଣ ଆଇନର ଊର୍ଦ୍ଧ୍ୱରେ କି ବୋଲି ଅଦାଲତ ପ୍ରଶ୍ନ କରିଥିଲେ।

# ନ୍ୟୁୟର୍କରେ ଗଞ୍ଜେଇ ବିଲ୍ ଗୃହୀତ

ନ୍ୟୁୟର୍କ, ୩୧।୩



ଗଞ୍ଜେଇ ବ୍ୟବହାର ବୈଧ କରିବାକୁ ଆମେରିକା ରାଜ୍ୟ ନ୍ୟୁୟର୍କ ସିନେଟ୍‌ରେ ମଙ୍ଗଳବାର ଏକ ବିଲ୍ ଗୃହୀତ ହୋଇଛି। ଏପରି କରିବାରେ ନ୍ୟୁୟର୍କ ଆମେରିକାର ୧୫ତମ ରାଜ୍ୟ ହୋଇଛି। ଏହି ନିୟମ ଲାଗୁ ହେଲେ ତାହା ଦ୍ୱାରା ବାର୍ଷିକ ପ୍ରାୟ ୨,୫୬୦ କୋଟି ଟଙ୍କା ଆୟ ହେବ ବୋଲି ଗଭର୍ନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ପ୍ରାୟ ୮୫ ଗ୍ରାମ ପର୍ଯ୍ୟନ୍ତ ଗଞ୍ଜେଇ ବ୍ୟବହାରକୁ ଅନୁମତି ମିଳିବ ଏବଂ ଏ ନେଇ ପୂର୍ବରୁ ଲୋକଙ୍କ ନାମରେ ଥିବା ମାମଲା ଉଠାଇ ନିଆଯିବ। ଏହାର ବିକ୍ରି ଉପରେ ୧୩ ପ୍ରତିଶତ ଟିକସ ଲାଗିବ। ୨୧ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗଞ୍ଜେଇ ବ୍ୟବହାର କରିପାରିବେ। ଜଣେ ବ୍ୟକ୍ତି ବ୍ୟକ୍ତିଗତ ବ୍ୟବହାର ପାଇଁ ସର୍ବାଧିକ ୬ଟି ଗଛ ଲଗାଇପାରିବେ। ଏ ସବୁ ନିମନ୍ତେ ଲାଇସେନ୍ସ ପ୍ରଦାନ କରିବାକୁ ଏକ କାର୍ଯ୍ୟାଳୟ ଖୋଲିବ ବୋଲି ରିପୋର୍ଟ ପ୍ରକାଶ ପାଇଛି।

# ସୋନାଲଙ୍କ ନାଁରେ ନାମିତ ହେବ ଟେକ୍ସାସ୍ ସ୍କୁଲ

ୱାଶିଂଟନ୍, ୩୧।୩

ଆମେରିକାର ଟେକ୍ସାସ ରାଜ୍ୟରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟ ଭାରତୀୟ ବଂଶୋଦ୍ଭବ ସ୍ୱର୍ଗତଃ ସୋନାଲ ଭୁଚାରଙ୍କ ନାମରେ ନାମିତ ହେବ। 'ଦି ଫର୍ଟ ବେଣ୍ଡ ଇଣ୍ଡିପେଣ୍ଡେଣ୍ଟ ସ୍କୁଲ ଡିଷ୍ଟ୍ରିକ୍ଟ' ବିଦ୍ୟାଳୟ ଟ୍ରଷ୍ଟି ବୋର୍ଡ ପକ୍ଷରୁ ଏହି ନିଷ୍ପତ୍ତିକୁ ଅନୁମୋଦନ ମିଳିଛି। କ୍ୟାନ୍ସରରେ ପୀଡ଼ିତ ଥିବା ଭୁଚାର ୨୦୧୯ରେ ୫୮ ବର୍ଷ ବୟସରେ ହୋଇ ପ୍ରାଣ ହରାଇଥିଲେ। ରିଭରଷ୍ଟୋନ କମ୍ୟୁନିଟି ପାଇଁ ଉଦ୍ଦିଷ୍ଟ ଏହି ବିଦ୍ୟାଳୟ ୨୦୨୩ ଜାନୁୟାରୀରେ ଖୋଲିବ। ମୁମ୍ବାଇର ଭୁଚାର ଜଣେ ବୃତ୍ତିଗତ ଫିଜିଓଥେରାପିଷ୍ଟ ଥିଲେ। ୧୯୮୪ରେ ସେ ସ୍ୱାମୀଙ୍କ ସହ ହୋଷ୍ଟନ ପଳାଇଥିଲେ। ଜଣେ ସାମାଜିକକର୍ମୀ ଭାବେ ବେଶ୍ ଲୋକପ୍ରିୟତା ହାସଲ କରିଥିବା ଭୁଚାର ଉକ୍ତ କମ୍ୟୁନିଟି ନିମନ୍ତେ ସର୍ବଦା ଚିନ୍ତା କରୁଥିଲେ। ଟ୍ରଷ୍ଟିର ଫର୍ଟ ବେଣ୍ଡ୍ ବୋର୍ଡର ଅଧ୍ୟକ୍ଷ ଭାବେ ସେ ୨ ବର୍ଷ କାମ କରିବା ସହ ସେ ୱାନ ଷ୍ଟାର୍ ନ୍ୟାଶନାଲ ସର୍ଭିସ କମିଶନ ବୋର୍ଡକୁ ମଧ୍ୟ ମନୋନୀତ ହୋଇଥିଲେ।

# 'ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପି' ଉନ୍ନତ ଚିକିତ୍ସା ପଦ୍ଧତି

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

**ପୂର୍ବାଞ୍ଚଳରେ ଅଗ୍ରଣୀ ଭୁବନେଶ୍ୱର**

ପେଟରୋଗ ଚିକିତ୍ସା କ୍ଷେତ୍ରରେ 'ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପି' ଏକ ନୂଆ ପଦ୍ଧତି, ଯାହା କିଛି ବର୍ଷ ପୂର୍ବେ ଭାରତକୁ ଆସିଥିଲା। ଏହି ଚିକିତ୍ସା ପଦ୍ଧତି ବହୁତ ଉନ୍ନତମାନର। ଏହି ଟେକ୍ନୋଲୋଜି ହାସଲ ଓ ଉପଯୋଗ କରିବାରେ ଭୁବନେଶ୍ୱର ହେଉଛି ପୂର୍ବାଞ୍ଚଳର ଅଗ୍ରଣୀ ସହର। ବିଭିନ୍ନ ରାଜ୍ୟରୁ ରୋଗୀମାନେ ଏହି ଅସ୍ତ୍ରୋପଚାର ପାଇଁ ଭୁବନେଶ୍ୱରକୁ ଆସିଥାନ୍ତି ବୋଲି ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡା. ମନୋଜ କୁମାର ସାହୁ କହିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ଏହି ଅସ୍ତ୍ରୋପଚାର ସମ୍ ହସ୍ପିଟାଲରେ କରାଯାଉଛି। ଏହାର ମୂଲ୍ୟ ପ୍ରାୟ ୨୮ହଜାର ରହିଛି। ଏହା ଆମ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ ତଥା ଘରୋଇ ଡାକ୍ତରଖାନାରେ କରାଯାଇପାରିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶା ଆଗକୁ ବଢ଼ିଛି। ଭୁବନେଶ୍ୱର କେବଳ ଆମ ରାଜ୍ୟ ନୁହେଁ, ଦେଶର ଅନ୍ୟାନ୍ୟ ସ୍ଥାନରୁ ରୋଗୀଙ୍କ ପାଇଁ ଏକ ହେଲ୍‌ଥ ହବ୍ ପାଲଟିଛି ବୋଲି ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡ. ସାହୁ ସୂଚନା ଦେଇଛନ୍ତି। ସମ୍ ହସ୍ପିଟାଲର ସୁପରିଟେଣ୍ଡେଣ୍ଟ ଡା. ପୁଷ୍ପରାଜ ସାମନ୍ତ ଉପସ୍ଥିତ ଥିଲେ।




ଜଟିଳ ଗ୍ୟାଷ୍ଟ୍ରୋ ରୋଗର ଚିକିତ୍ସା ପଦ୍ଧତି ସମ୍ପର୍କରେ ସୂଚନା ଦେଉଛନ୍ତି ଡା. ମନୋଜ କୁମାର ସାହୁ।

# 'ବିଦ୍ୟୁତ୍ ଦର ହ୍ରାସ ନ ହେଲେ ଜନ ଆନ୍ଦୋଳନ'

**କଟକ ଅଫିସ, ୩୧।୩:** ବିଦ୍ୟୁତ୍ ଦର ବୃଦ୍ଧିକୁ ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘ ପକ୍ଷରୁ ନିନ୍ଦା କରାଯାଇଛି। ମହାସଂଘର ରାଷ୍ଟ୍ରୀୟ ସଭାପତି ପ୍ରଦୀପ ମିଶ୍ରଙ୍କ ନେତୃତ୍ୱରେ ଏକ ଦଶ ଜଣିଆ ପ୍ରତିନିଧି ମଣ୍ଡଳୀ ଆର୍‌ଡିସିଙ୍କୁ ଭେଟି ବିଦ୍ୟୁତ୍ ଦର ବୃଦ୍ଧି ପ୍ରତ୍ୟାହାର ପାଇଁ ସରକାର ପୁନଃ ବିଚାର କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସରକାର ପୁନଃ ବିଚାର କରି ବିଦ୍ୟୁତ୍ ଦରବୃଦ୍ଧି ପ୍ରତ୍ୟାହାର କରିବା, ବିଦ୍ୟୁତ୍‌ସଂସ୍କାର ପାଇଁ ପଡୋଶୀ ରାଜ୍ୟ ଦିଲ୍ଲୀ ମଡେଲକୁ ଆପଣେଇବା ସହିତ କରୋନା କ୍ଷତିଗ୍ରସ୍ତ ମଧ୍ୟବୀତ୍ତ ପରିବାରକୁ ଛଅ ମାସର ବିଦ୍ୟୁତ୍ ଦେୟ ସମ୍ପୂର୍ଣ୍ଣ ଛାଡ କରିବା ପାଇଁ ମହାସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ମହାସଂଘର ଏହି ପ୍ରତିନିଧି ମଣ୍ଡଳରେ କଟକ ଜିଲା ସଭାପତି ତୀର୍ଥବାସୀ ବେହେରା, କମିଟି ସଦସ୍ୟ ପ୍ରଦୀପ କୁମାର ସ୍ୱାଇଁ, ପିୟୁସ ପରିଡା, ସୌମ୍ୟଦେବ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସରକାର ବିଦ୍ୟୁତ୍ ଦର ହ୍ରାସ ନ କଲେ ରାଜ୍ୟବ୍ୟାପୀ ଜନଆନ୍ଦୋଳନ କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।



**ମୁମ୍ବାଇ:** ଡ୍ରଗ୍ସ ମାମଲାରେ ବଲିଉଡ୍ ଅଭିନେତା ତଥା ପୂର୍ବତନ ବିଗ୍‌ବସ୍ କଣ୍ଟେଷ୍ଟାଣ୍ଟ ଅଜାଜ୍ ଖାନ୍‌ଙ୍କୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ବୁଧବାର ଗିରଫ କରି ଡାକ୍ତରୀ ପରୀକ୍ଷା ପାଇଁ ନେଉଛି। ଅଜାଜ୍ ମଙ୍ଗଳବାର ରାଜସ୍ଥାନରୁ ଫେରିବା ପରେ ମୁମ୍ବାଇ ବିମାନବନ୍ଦରରୁ ଏନ୍‌ସିବି ତାଙ୍କୁ ଜେରା ପାଇଁ ନେଇଥିଲା। ଅନ୍ଧେରି ଓ ଲୋଖଣ୍ଡୱାଲାସ୍ଥିତ ଅଜାଜ୍‌ଙ୍କ ବାସଭବନରେ ଯାଞ୍ଚବେଳେ କେତୋଟି ଆଲପ୍ରଜୋଲାମ୍ ଟାବ୍‌ଲେଟ୍ ମିଳିଥିଲା।

## ଆଜିଠୁ ସାଢ଼େ ୭ଟାରେ ଖୋଲିବ ନନ୍ଦନକାନନ

ବାରଙ୍ଗ,(ଡି.ଏନ୍.ଏ.): ରାଜ୍ୟରେ ଗ୍ରୀଷ୍ମର ପ୍ରଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପର୍ଯ୍ୟଟକଙ୍କ ସୁରକ୍ଷା ଓ ସୁବିଧାକୁ ଦୃଷ୍ଟିରେ ରଖି ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଖୋଲିବା ଓ ବନ୍ଦ କରିବା ସମୟରେ ପରିବର୍ତ୍ତନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଏପ୍ରିଲ ୧ରୁ ନନ୍ଦନକାନନର ଖୋଲିବା ସମୟ ସକାଳ ୮ ବଦଳରେ ସକାଳ ସାଢ଼େ ୭ଟା ରଖାଯିବ। ସେହିପରି ଅପରାହ୍ନ ୫ଟା ବଦଳରେ ସାଢ଼େ ୫ଟାରେ ନନ୍ଦନକାନନ ବନ୍ଦ ହେବ। ଫଳରେ ପର୍ଯ୍ୟଟକମାନେ ସାଢ଼େ ୭ଟାରେ ଟିକେଟ କାଟି ଭିତରକୁ ପ୍ରବେଶ କରିପାରିବେ। ଆସନ୍ତା ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ପୁଣି ଅକ୍ଟୋବରରୁ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ସକାଳ ୮ରୁ ଅପରାହ୍ନ ୫ ପର୍ଯ୍ୟନ୍ତ ନନ୍ଦନକାନନ ଖୋଲା ରହିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ଦାୟିତ୍ୱ ନେଲେ ସଞ୍ଜୟ ନାୟକ



କଟକ ଅଫିସ,୩୧।୩: ରେଭେନ୍ସା ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି ପ୍ରଫେସର ସଞ୍ଜୟ କୁମାର ନାୟକ। ଚଳିତବର୍ଷ ଜାନୁୟାରୀ ୨୪ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସଞ୍ଜୟଙ୍କୁ କୁଳପତି ଭାବେ ନିଯୁକ୍ତ କରିଥିଲେ। ନାୟକ ୪ ବର୍ଷ ପାଇଁ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି। ସେ ପୂର୍ବରୁ ଚେନ୍ନାଇସ୍ଥିତ ସିପେଟ୍‌ର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ଗବେଷଣା, ବୈଷୟିକ ପ୍ରଯୁକ୍ତିବିଦ୍ୟାର ପରାମର୍ଶଦାତା ଭାବେ ୩୦ ବର୍ଷର ଅଭିଜ୍ଞତା ତାଙ୍କର ରହିଛି।

### ୭ବର୍ଷ ବାଳିକାଙ୍କୁ ବଳାତ୍କାର, ବୃଦ୍ଧ ଗିରଫ

ଗୋପ,୩୧।୩(ଡି.ଏନ୍.ଏ.): ଗୋପ ଥାନା ଅଞ୍ଚଳରେ ହୋଲି ଦିନ ଜଣେ ୭ ବର୍ଷର ବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗରେ ପୋଲିସ ଜଣେ ବୃଦ୍ଧଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ବେଣୁଧର ଭୋଳ(୭୦)। ମାନ୍ୟବର କୋର୍ଟ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦେଇଥିବା ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି। ଏ ନେଇ ପୋଲିସ ନଂ.୧୩୦/୨୧ରେ ଏକ ମାମଲା ରୁଜୁ କରିଛି। ହୋଲି ଦିନ ଗ୍ରାମରେ ଶିଶୁମାନେ ରଙ୍ଗ ଖେଳୁଥିଲେ। ଏହି ସମୟରେ ଅଭିଯୁକ୍ତ ବୃଦ୍ଧ ନାବାଳିକାଙ୍କୁ ଘରକୁ ଡାକି ନେଇ ବଳାତ୍କାର କରିଥିଲେ। ନାବାଳିକା ଜଣଙ୍କ କାନ୍ଦି ଘରେ ପହଞ୍ଚି ଘଟଣା ସମ୍ପର୍କରେ କହିବା ପରେ ପରିବାର ସଦସ୍ୟ ଅଭିଯୁକ୍ତଙ୍କୁ ଖୋଜିବାବେଳେ ସେ ଫେରାର ହୋଇଯାଇଥିଲେ। ଏ ଘଟଣାକୁ ନେଇ ନାବାଳିକାଙ୍କ ପରିବାର ଗାଁ କମିଟିରେ ଅଭିଯୋଗ କରିବା ପରେ କୌଣସି ସମାଧାନ ନ ହେବାରୁ ମଙ୍ଗଳବାର ରାତିରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ଗାଁରେ ପହଞ୍ଚି ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିଥିଲେ। ବୁଧବାର ଅଭିଯୁକ୍ତ ଓ ନାବାଳିକାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ମାଇନା କରାଯାଇଥିଲା। ପରେ ନାବାଳିକାଙ୍କୁ ଜିଲା ଶିଶୁ ସୁରକ୍ଷା ବିଭାଗ କୋର୍ଟରେ ହାଜର କରାଯିବା ପରେ କୋର୍ଟ ପରିବାରକୁ ହସ୍ତାନ୍ତର କରିଥିଲା।

### ଚଳିତ ଆର୍ଥିକବର୍ଷରେ ନନ୍ଦନକାନନରେ ୮ଲକ୍ଷ ପର୍ଯ୍ୟଟକ




ବାରଙ୍ଗ,୩୧।୩(ଡି.ଏନ୍.ଏ.): ଏବେ କୋଭିଡ୍ କଟକଣା ଭିତରେ ନନ୍ଦନକାନନ ଖୋଲିଛି। ୨୦୨୦ ମାର୍ଚ୍ଚ ୧୫ରେ କୋଭିଡ୍ ପାଇଁ ନନ୍ଦନକାନନକୁ ବନ୍ଦ କରିଥିଲେ ନନ୍ଦନକାନନ କର୍ତ୍ତୃପକ୍ଷ। ସ୍ଥିତି ସ୍ୱାଭାବିକ ହେବା ପରେ ଅକ୍ଟୋବର ୪ରେ ପର୍ଯ୍ୟଟକଙ୍କ ପାଇଁ ନନ୍ଦନକାନନ ଖୋଲାଯାଇଥିଲା। କିନ୍ତୁ କୋଭିଡ୍ କଟକଣା ଭିତରେ କମ୍ ସଂଖ୍ୟକ ପର୍ଯ୍ୟଟକ ବୁଲିବାକୁ ଆସିଥିଲେ। ଧୀରେଧୀରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଁ ପ୍ରବେଶ କଟକଣାରେ ମଧ୍ୟ ପରିବର୍ତ୍ତନ କରିଥିଲେ ନନ୍ଦନକାନନ କର୍ତ୍ତୃପକ୍ଷ। ତେବେ ଚଳିତ ଆର୍ଥିକବର୍ଷ ୨୦୨୦-୨୧ରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ୮ଲକ୍ଷ୨୦ ହଜାରେ ୪୮୪ ପର୍ଯ୍ୟଟକ ଆସିଛନ୍ତି। ସେହିଭଳି ଭାବେ ବଟାନିକାଲ ଗାର୍ଡେନକୁ ଚଳିତ ଆର୍ଥିକବର୍ଷରେ ୭୨ହଜାରେ ୮୨୦ ଜଣ ପର୍ଯ୍ୟଟକ ଆସିଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

# ୩ରେ ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ

**ଯୋଗଦେବେ ଉପରାଷ୍ଟ୍ରପତି**

- ସ୍ୱତନ୍ତ୍ର ସମାବର୍ତ୍ତନ ଉତ୍ସବ ଆଜି
- ୫ ପାଇବେ ଡକ୍ଟରେଟ୍ ଡିଗ୍ରୀ
- ଦୁଇ ଶିକ୍ଷାବର୍ଷ ପାଇଁ ଦିଆଯିବ ପିଏଚ୍.ଡି, ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ତଥା ୫୦ତମ ସମାବର୍ତ୍ତନ ଉତ୍ସବ ଆସନ୍ତା ୩ ତାରିଖରେ ଅନୁଷ୍ଠିତ ହେବ। ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ। ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏଥିରେ ଅଧ୍ୟକ୍ଷତା କରିବେ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଦେଶର ୫ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯିବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସେମାନେ ହେଲେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ, କମ୍ପଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ୍ ଅଫ୍ ଇଣ୍ଡିଆ(ସିଏଜି) ଗିରୀଶ ଚନ୍ଦ୍ର ମୁର୍ମୁ, ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜୁ ପଣ୍ଡା, ଭାବା ଆଟୋମିକ୍ ରିସର୍ଚ୍ଚ ସେଣ୍ଟର(ବାର୍କ)ର ନିର୍ଦ୍ଦେଶକ ଅଜିତ୍ କୁମାର ମହାନ୍ତି ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଉପଦେଷ୍ଟା ଡ. ବିଜୟ କୁମାର ସାହୁ। ଏ ନେଇ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ସେ କହିଛନ୍ତି, କୋଭିଡ୍ କଟକଣା ଯୋଗୁ ବିଶ୍ୱବିଦ୍ୟାଳୟ ଗତବର୍ଷ ସମାବର୍ତ୍ତନ ଉତ୍ସବ ପାଳନ କରି ନ ଥିଲା। ସେଥିପାଇଁ ଚଳିତ ବର୍ଷ ଓଡ଼ିଶା ଦିବସ ପାଳନ ଅବସରରେ ଗୁରୁବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ସମାବର୍ତ୍ତନ ଉତ୍ସବ ଆୟୋଜନ କରାଯାଇଛି। ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ୧୩୦ଜଣଙ୍କୁ ପିଏଚ୍.ଡି/ଡିଲିଟ୍ ଡିଗ୍ରୀ ଏବଂ ୯୦ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ଏହି ଉତ୍ସବରେ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ(ନାଇଜର)ର ନିର୍ଦ୍ଦେଶକ ଡ. ସୁଧାକର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସମାବର୍ତ୍ତନ ଉତ୍ସବରେ ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ମୋଟ୍ ୪୧ଜଣଙ୍କୁ ପିଏଚ୍.ଡି ଡିଗ୍ରୀ ଏବଂ ୯୦ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ଉପରାଷ୍ଟ୍ରପତି କେବଳ ୪୫ଜଣଙ୍କୁ ଡିଗ୍ରୀ ପ୍ରଦାନ କରିବେ।

ଏହି ଦୁଇ ସମାରୋହ ଉତ୍କଳ ବିଶ୍ୱବିଦ୍ୟାଳୟର ନୂଆ କନ୍‌ଭୋକେଶନ ହଲ୍‌ରେ ସରକାରଙ୍କ ପକ୍ଷରୁ ଜାରି କୋଭିଡ୍ ଗାଇଡ୍‌ଲାଇନ୍ ଅନୁସାରେ ଅନୁଷ୍ଠିତ ହେବ। ପ୍ରେକ୍ଷାଳୟରେ ସର୍ବାଧିକ ୫୦୦ଜଣ ରହିବେ। ମଞ୍ଚ ଓ ଅତିଥିଙ୍କ ନିକଟତର ହେଉଥିବା ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ରଙ୍କର ଆର୍‌ଟିପିସିଆର୍ ଓ ଅନ୍ୟମାନଙ୍କ ପାଇଁ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ ହେଉଛି। ଯେଉଁମାନଙ୍କର ରିପୋର୍ଟ ନେଗେଟିଭ୍ ଆସିବ ସେମାନଙ୍କୁ କେବଳ ସମାବର୍ତ୍ତନ ଉତ୍ସବରେ ଅଂଶଗ୍ରହଣ ପାଇଁ ଅନୁମତି ଦିଆଯିବ। ତେବେ ଉପରାଷ୍ଟ୍ରପତିଙ୍କୁ କୌଣସି ଫୁଲତୋଡ଼ା କିମ୍ବା ଉପହାର ନ ଦେବା ପାଇଁ ନିର୍ଦ୍ଦେଶ ରହିଥିବା କୁଳପତି ଆଚାର୍ଯ୍ୟ କହିଛନ୍ତି।



କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସମାରୋହ ସମ୍ପର୍କରେ ସୂଚନା ଦେଉଛନ୍ତି।




ସଜେଇ ହୋଇଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ।

## କାଠଯୋଡ଼ିରେ ବ୍ୟାରେଜ ନିର୍ମାଣ କରାଯାଉ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚିଠି**

କଟକ ଅଫିସ, ୩୧।୩

କାଠଯୋଡ଼ି ନଦୀରେ ବ୍ୟାରେଜ୍ ନିର୍ମାଣ କରିବା ପାଇଁ କଟକ ମହାନଗର ନାଗରିକ ମହାସଭା ଓ ମଧୁ ଓଡ଼ିଶା ପକ୍ଷରୁ କଟକ ଜିଲାପାଳଙ୍କ ମାଧ୍ୟମରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ଏହି ଚିଠିରେ ଦର୍ଶାଯାଇଛି, ଯୋବ୍ରା ବ୍ୟାରେଜ୍ ଯୋଗୁ ମହାନଦୀର କିଛି ଜଳ ସଂରକ୍ଷଣ କରାଯାଇପାରୁଛି। ହେଲେ କାଠଯୋଡିରେ ବ୍ୟାରେଜ ନ ଥିବାରୁ ତାହା ସମ୍ପୂର୍ଣ୍ଣ ଶୁଷ୍କ ହୋଇଯାଉଛି। ଅନ୍ୟପକ୍ଷରେ ଛତିଶଗଡ଼ ସରକାର ମହାନଦୀ ଉପରେ ବନ୍ଧ ନିର୍ମାଣ କରିବା ପରେ ଜଳ ପ୍ରବାହ କମ୍ ହୋଇଛି। ନଦୀରେ ଜଳ ସଂରକ୍ଷଣ ବ୍ୟବସ୍ଥା ଅପରିହାର୍ଯ୍ୟ ହୋଇପଡ଼ିଛି। ଏଣୁ କାଠଯୋଡ଼ି ନଦୀରେ ସ୍ୱଳ୍ପ ଉଚ୍ଚତାର ବ୍ୟାରେଜ ନିର୍ମାଣ କରାଗଲେ ନଦୀଜଳ ନଷ୍ଟ ହେବ ନାହିଁ। ଏଥିସହ ଗ୍ରୀଷ୍ମଋତୁରେ ଗଚ୍ଛିତ ନଦୀଜଳକୁ ବ୍ୟବହାର କରାଯାଇପାରିବ। କଟକ ମହାନଗର ନାଗରିକ ମହାସଭା ସଭାପତି ଡା. ରବି ରଞ୍ଜନ ସାହୁ ଓ ମଧୁ ଓଡ଼ିଶା ସଭାପତି ଆଡଭୋକେଟ ଗଗନ ଚନ୍ଦ୍ର ମେହେର ଉକ୍ତ ଚିଠି ଜିଲାପାଳଙ୍କୁ ଦେଇଥିଲେ।

# ଅତ୍ୟାଧୁନିକ ସ୍ମାରକୀ ପାର୍କ ଉଦ୍‌ଘାଟନ ଆଜି

**ଉଦ୍‌ଘାଟନ ହେବ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି**

କଟକ ଅଫିସ,୩୧।୩

ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ କଟକ ବେଲ୍‌ଭ୍ୟୁ ଛକଠାରେ ନିର୍ମିତ ଅତ୍ୟାଧୁନିକ ସ୍ମାରକୀ ପାର୍କକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପାର୍କରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବୁଧବାର ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ କଟକ ଡିସିପି ପ୍ରତୀକ୍ ସିଂ ଏହି ପାର୍କର ସ୍ଥିତି ଅନୁଧ୍ୟାନ କରିଥିଲେ। ୧୦୦ ବର୍ଷ ତଳେ ମହାତ୍ମା ଗାନ୍ଧୀ କାଠଯୋଡି ନଦୀପଠାରେ କରିଥିବା ସଭାର ଅବିକଳ ପ୍ରତିକୃତି ଏହି ପାର୍କରେ ନିର୍ମାଣ କରାଯାଇଛି । ପାର୍କରେ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ହୋଇଛି। ଉକ୍ତ ପାର୍କରେ ୱାଟର ଫାଉଣ୍ଟେନ, ଗ୍ୟାଲେରି, ଶୌଚାଳୟ ସୁବିଧା ରହିଛି। ଓଡ଼ିଶା ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ଏବଂ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ପ୍ରାୟ ୧.୮୬ କୋଟି ଟଙ୍କା ବ୍ୟୟରେ ଏହି ପାର୍କ ନିର୍ମାଣ କରାଯାଇଛି।



**ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ**

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୦ଟା ୧୫ ମିନିଟ୍‌ରେ ହେଲିକପ୍ଟର ଯୋଗେ କଟକ ବାଲିଯାତ୍ରା ଉପର ପଡିଆରେ ପହଞ୍ଚିବେ। ୧୦ଟା ୨୨ରେ କ୍ୟାଣ୍ଟନମେଣ୍ଟ ରୋଡ଼ସ୍ଥିତ ଗୋପବନ୍ଧୁ ଛକରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରିବେ। ୧୦ଟା ୪୩ରେ ମୁଖ୍ୟମନ୍ତ୍ରୀ ବେଲ୍‌ଭ୍ୟୁଛକଠାରେ ଅତ୍ୟାଧୁନିକ ସ୍ମାରକୀ ପାର୍କକୁ ଉଦ୍‌ଘାଟନ କରିବେ। ଏହାପରେ ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧.୧୦ରେ ବାଲିଯାତ୍ରା ଉପର ପଡିଆରୁ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଫେରିଯିବା କାର୍ଯ୍ୟକ୍ରମ ରହିଛି।



ମହାତ୍ମା ଗାନ୍ଧୀଙ୍କ କଟକ ଆଗମନର ୧୦୦ ବର୍ଷ ପୂର୍ତ୍ତି ଅବସରରେ କଟକ ସିଡିଏ ବେଲ୍‌ଭ୍ୟୁ ଛକଠାରେ ନବ ନିର୍ମିତ ପାର୍କ ପରିସରରେ ସଭା ଦୃଶ୍ୟରେ ବ୍ରୋଞ୍ଜରେ ନିର୍ମିତ ପ୍ରତିକୃତି।

## ଭୁଜାଲିରେ ହାଣି ଯୁବକଙ୍କୁ ହତ୍ୟା

ସାକ୍ଷୀଗୋପାଳ,୩୧।୩ (ଡି.ଏନ୍.ଏ./ସ୍ୱ.ପ୍ର.)

ପୁରୀ ଜିଲା ସାକ୍ଷୀଗୋପାଳ ଅଞ୍ଚଳର ଦାଶବିଦ୍ୟାଧରପୁର ପଞ୍ଚାୟତରେ ବୁଧବାର ମଧ୍ୟାହ୍ନରେ ଜଣେ ଯୁବକଙ୍କୁ ଭୁଜାଲିରେ ହାଣି ହତ୍ୟା କରାଯାଇଥିବା ସତ୍ୟବାଦୀ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଡିହପୁର ଗ୍ରାମର କୃଷ୍ଣଚନ୍ଦ୍ର ରାଉତ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ମେଡିକାଲ ପଠାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୩୮/୨୧) ରୁଜୁ କରି ଜଣେ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ମୃତ କୃଷ୍ଣଙ୍କ ସହ ସେହି ଗ୍ରାମର ଜଣେ ଯୁବକଙ୍କ ସହ ପୂର୍ବ ଶତ୍ରୁତା ଲାଗିରହିଥିଲା। ବୁଧବାର କୌଣସି କଥାକୁ ନେଇ ପରସ୍ପର ମଧ୍ୟରେ ବଚସା ହୋଇଥିଲା। ଏଥିରେ ଯୁବକ ଜଣକ ଉତ୍ତ୍ୟକ୍ତ ହୋଇ ଗାଁଦାଣ୍ଡରେ ଏକ ଭୁଜାଲିରେ ହାଣି ଦେଇଥିଲେ। କୃଷ୍ଣ ଘଟଣାସ୍ଥଳରେ ଟଳିପଡିଥିଲା। ଖବରପାଇ ପରିବାର ଲୋକେ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ସତ୍ୟବାଦୀ ଥାନା ଆଇଆଇସି ଦେବୀ ପ୍ରସାଦ ପାତ୍ର ସଦଳବଳ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛନ୍ତି।

## ୩ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ

ପୁରୀ ଅଫିସ,୩୧।୩

ପିପିଲି ଉପନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ୧୫ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୩ ଜଣଙ୍କ ନାମାଙ୍କନପତ୍ର ନାକଚ ହୋଇଛି। ସନ୍ତୋଷ କୁମାର ଦାସ, ସନ୍ତୋଷ କୁମାର ମହାପାତ୍ର ଓ ପ୍ରିୟରଞ୍ଜନ ମିଶ୍ରଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିବା ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ବୁଧବାର ସୂଚନା ଦେଇଛନ୍ତି। ଅତିରିକ୍ତ ଜିଲାପାଳ ସାହୁ କହିଛନ୍ତି, ବୁଧବାର ପୂର୍ବାହ୍ନ ୧୧ଟାରେ ପ୍ରାର୍ଥୀପତ୍ରଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ଠିକ ଭାବେ ଦାଖଲ ହୋଇ ନ ଥିବା ପ୍ରାର୍ଥିପତ୍ରଗୁଡ଼ିକୁ ନାକଚ କରାଯାଇଛି। ସେହିଭଳି କୌଣସି ପ୍ରାର୍ଥୀ ଚାହିଁଲେ ଆସନ୍ତା ୩ତାରିଖରେ ତାଙ୍କ ନାମାଙ୍କନ ପ୍ରତ୍ୟାହାର କରିପାରିବେ। ଏପ୍ରିଲ୍ ୩ ତାରିଖ ଅପରାହ୍ନରେ ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା ପ୍ରାର୍ଥୀମାନଙ୍କ ଚୂଡ଼ାନ୍ତ ନାମତାଲିକା ପ୍ରକାଶ କରାଯିବ।

**ଆଚରଣ ବିଧି ପାଳନ ପାଇଁ ୨ ପର୍ଯ୍ୟବେକ୍ଷକ ନିଯୁକ୍ତ**

ଆଦର୍ଶ ଆଚରଣ ବିଧି କଡ଼ାକଡ଼ି ଭାବେ ପାଳନ କରାଇବା ପାଇଁ ନିର୍ବାଚନ କମିଶନ ଦୁଇଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରିଛନ୍ତି। ସେମାନେ ହେଲେ ଏମ୍.ବୀରାବ୍ରହ୍ମାୟା ଓ କୁଲୱନ୍ତ ସିଂ। ସାଧାରଣ ପର୍ଯ୍ୟବେକ୍ଷକ ଏମ୍.ବୀରାବ୍ରହ୍ମାୟାଙ୍କୁ ୭୬୫୬୮୫୨୪୪୧ ଏବଂ ଖର୍ଚ୍ଚ ପର୍ଯ୍ୟବେକ୍ଷକ କୁଲୱନ୍ତ ସିଂଙ୍କୁ ୭୬୫୬୮୫୨୪୪୨ ଟେଲିଫୋନ୍ ନମ୍ବରରେ ଯୋଗାଯୋଗ କରିହେବ। ନିର୍ବାଚନ ସମ୍ପର୍କିତ କୌଣସି ଅଭିଯୋଗ ଥିଲେ, ଏହି ଦୁଇ ପର୍ଯ୍ୟବେକ୍ଷକଙ୍କୁ ଯୋଗାଯୋଗ କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ପିପିଲି ଉପନିର୍ବାଚନ ଦାୟିତ୍ୱରେ ବିଜେଡିର ୪ ବରିଷ୍ଠ ନେତା

**ମହେଶ୍ୱର, ପ୍ରତାପ, ସଞ୍ଜୟ, ଦେବୀଙ୍କୁ ଦାୟିତ୍ୱ ଦେଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୩୧।୩(ବ୍ୟୁରୋ)



ମହେଶ୍ୱର ମହାନ୍ତି



ପ୍ରତାପ ଦେବ



ସଞ୍ଜୟ ଦାସବର୍ମା



ଦେବୀ ମିଶ୍ର

ପିପିଲି ଉପନିର୍ବାଚନ ଲାଗି ରାଜ୍ୟର ୩ ପ୍ରମୁଖ ଦଳ ମଇଦାନକୁ ଓହ୍ଲାଇ ସାରିଛନ୍ତି। ତେବେ ସବୁ ଦଳ ଉପନିର୍ବାଚନକୁ ଗୁରୁତର ସହକାରେ ଲଢ଼ିବା ପାଇଁ ସବୁ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି। ତେବେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୪ ବରିଷ୍ଠ ନେତାଙ୍କ ହାତରେ ପିପିଲି ନିର୍ବାଚନମଣ୍ଡଳୀ ଦାୟିତ୍ୱ ଦିଆଯାଇଛି। ବିଜେଡି ପୁରୀ ଜିଲା ସଭାପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ବିଧାୟକ ଦେବୀ ପ୍ରସାଦ ମିଶ୍ର ଏବଂ ପ୍ରତାପ ଦେବଙ୍କ ହାତରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ବିଜେଡି ପ୍ରତ୍ୟେକ ପଞ୍ଚାୟତ ଦାୟିତ୍ୱ ଜଣେ ଲେଖା ବିଧାୟକଙ୍କ ହାତରେ ନ୍ୟସ୍ତ କରିଥିବା ବେଳେ ସେମାନଙ୍କ ଅଧିନରେ ୭ ଜଣ ଲେଖା ନେତାଙ୍କୁ ଦାୟିତ୍ୱ ବଣ୍ଟାଯାଇଛି। ସେଥିରେ ଯୁବ, ଛାତ୍ର ମହିଳା ନେତ୍ରୀ ରହିଛନ୍ତି। ଏହାସହ ପୂରା ନିର୍ବାଚନମଣ୍ଡଳୀ ଦାୟିତ୍ୱ ବିଧାୟକ ଅତନୁ ସବ୍ୟସାଚୀ ନାଏକଙ୍କ ହାତରେ ଥିବା ବେଳେ ନିର୍ବାଚନମଣ୍ଡଳୀର ଦୁଇ ବ୍ଲକ ଏବଂ ଏନ୍‌ଏସି ଦାୟିତ୍ୱ ଆଉ କିଛି ନେତାଙ୍କ ହାତରେ ରହିଛି। ତେବେ ଏଭଳି ସ୍ଥିତିରେ ବିଜେଡିର ୪ ବରିଷ୍ଠ ନେତାଙ୍କୁ ଏଥିରେ ସାମିଲ କରିବା ନେଇ ରାଜନୈତିକ ମହଲରେ ଭିନ୍ନ ଧରଣର ଚର୍ଚ୍ଚା ଜୋର ଧରିଛି। ପ୍ରଥମରୁ ପୁରୀ ଜିଲା ବିଜେଡିର ଦୁଇ ବରିଷ୍ଠ ନେତା ମହେଶ୍ୱର ଓ ସଞ୍ଜୟଙ୍କୁ ଦୂରେଇ ରଖାଯାଇଥିବା ବେଳେ ହଠାତ୍ ନାମାଙ୍କନ ପ୍ରକ୍ରିୟା ଶେଷ ହେବାପରେ ସେମାନଙ୍କୁ ଗୁରୁଦାୟିତ୍ୱ ମିଳିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ମିଳିଥିବା ସୂଚନା ମୁତାବକ, ପିପିଲି ନିର୍ବାଚନମଣ୍ଡଳୀରେ ପୁରୀ ଜିଲା ଏହି ଦୁଇ ନେତାଙ୍କ ଦବ୍‌ଦବା ରହିଛି। ଏହାକୁ ଦୃଷ୍ଟି ଦେଇ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନ୍ୟସ୍ତ କରାଯାଇଥିବା କୁହାଯାଉଛି। ଅନ୍ୟପଟେ କିଛିଦିନ ତଳେ ପିପିଲି ନିର୍ବାଚନମଣ୍ଡଳୀର ଏକ ପଞ୍ଚାୟତରେ ଉପନିର୍ବାଚନ ହୋଇଥିବା ବେଳେ ମାଳମାଳ ନେତା ଦାୟିତ୍ୱରେ ଥିବା ସତ୍ତ୍ୱେ ଉକ୍ତ ଆସନ ଭାଜପା ହାତକୁ ଚାଲିଯାଇଥିଲା। ତେଣୁ ଉପନିର୍ବାଚନ ଲଢ଼ିବା ଲାଗି ୪ ବରିଷ୍ଠ ନେତାଙ୍କ ଉପରେ ଦଳ ଭରସା କରିଥିବା କୁହାଯାଉଛି।

## ଶାନ୍ତିଶୃଙ୍ଖଳାରେ ନିର୍ବାଚନ ସାରିବାକୁ ଡିଜିପିଙ୍କ ନିର୍ଦ୍ଦେଶ

କଟକ ଅଫିସ, ୩୧।୩: ଏପ୍ରିଲ୍ ୧୭ ତାରିଖରେ ପିପିଲି ଉପନିର୍ବାଚନ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ବୁଧବାର ଭିଡିଓ କନଫରେନ୍ସ ଜରିଆରେ ଡିଜିପି ଅଭୟ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ନିର୍ବାଚନକୁ ଅବାଧ, ସ୍ୱଚ୍ଛ, ନିରପେକ୍ଷ ଏବଂ ଶାନ୍ତିଶୃଙ୍ଖଳାର ସହ କରିବା ଉପରେ ଡିଜିପି ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନିର୍ବାଚନ ଆୟୋଗଙ୍କ ନିୟମାନୁଯାୟୀ ଆଦର୍ଶ ଆଚରଣବିଧି, କୋଭିଡ୍ ନିୟମ ଅନୁପାଳନ କରିବାକୁ ଡିଜିପି କହିଛନ୍ତି। ସେହିପରି ୧୧୦/୧୦୭ ସିଆର୍‌ପିସିରେ ସମ୍ପୃକ୍ତ ଥିବା ଅଭିଯୁକ୍ତ, ବେଆଇନ ଭାବେ ମାରଣାସ୍ତ୍ର ରଖିଥିବା, ଏବଂ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଦଳୀୟ କର୍ମୀଙ୍କ ପ୍ରଚାର, ଭୋଟଗ୍ରହଣ ଏବଂ ଗଣତି ସମୟରେ ପୋଲିସ ସୁରକ୍ଷା ବ୍ୟବସ୍ଥା, ନିର୍ବାଚନମଣ୍ଡଳୀକୁ ଭିଆଇପି/ଭିଭିଆଇପିଙ୍କ ଗସ୍ତ ସମୟରେ ପୋଲିସର କାର୍ଯ୍ୟ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ସେହିପରି ନିର୍ବାଚନ ସମ୍ପର୍କିତ ସମସ୍ତ ମାମଲାର ତୁରନ୍ତ ପଦକ୍ଷେପ ଏବଂ ନିର୍ବାଚନମଣ୍ଡଳୀର ସମ୍ବେଦନଶୀଳ ବୁଥ୍‌ରେ ପୋଲିସ୍‌ର ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଅତିରିକ୍ତ ଡିଜିପି (ଆଇନଶୃଙ୍ଖଳା) ଯଶୋବନ୍ତ କୁମାର ଜେଠୱା ଯୋଗଦେଇ ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ କାର୍ଯ୍ୟକ୍ରମ ଓ ଯୋଜନା ବିଷୟରେ କହିଥିଲେ। ନିର୍ବାଚନମଣ୍ଡଳୀରେ ମୁତୟନ ହେବାକୁ ଥିବା ମୋବାଇଲ୍ ସ୍କ୍ୱାଡ୍, ଫ୍ଲାଇଂ ସ୍କ୍ୱାଡ୍ ଏବଂ ନାକାବନ୍ଦୀ ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ। ସେହିପରି ଗୋଇନ୍ଦା ନିର୍ଦ୍ଦେଶକ ଆର୍.କେ. ଶର୍ମା ଉପନିର୍ବାଚନ ସଂକ୍ରାନ୍ତୀୟ ତଥ୍ୟ ସମ୍ପର୍କରେ କହିଥିଲେ। ଉକ୍ତ ବୈଠକରେ ଡିଆଇଜି, କେନ୍ଦ୍ରୀୟ ରେଞ୍ଜ, କଟକ ଡିସିପି, ପୁରୀ ଏସ୍‌ପି ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆ ନାଟକର ନୂଆ ନାଟୁଆ: କୁଂଜ ରାଏ

## ପ୍ରଦକ୍ଷିଣ



କୁଂଜ ରାଏ

ଗତ ଶତାବ୍ଦୀର ସପ୍ତମ ଦଶକରେ ଓଡ଼ିଆ ନାଟ୍ୟରଚନାରେ ଆସିଥିଲା ଯେଉଁ ପ୍ରତ୍ୟାଶିତ ପରିବର୍ତ୍ତନ, ତା'ର ଅନ୍ୟତମ କର୍ଣ୍ଣଧାର ଥିଲେ କୁଂଜ ରାଏ। ୧୯୪୫ ମସିହା ମେ ମାସ ୧୬ ତାରିଖରେ ଏହି ପ୍ରତିଭାଦୀପ୍ତ ନାଟ୍ୟକାରଙ୍କର ଜନ୍ମ ହୋଇଥିଲା ବାଲେଶ୍ୱର ଜିଲା ପଦାଗାଁରେ। ବାଲେଶ୍ୱର ଜିଲାସ୍କୁଲ୍‌ରୁ ମାଟ୍ରିକ୍ ଓ ଭଦ୍ରକ କଲେଜରୁ ବି.ଏ. ପାଶ୍ ପରେ ରେଭେନ୍ସା କଲେଜରେ ଇଂଲିଶ୍‌ରେ ଏମ୍.ଏ. ପାଠ ଅଧାରୁ ଛାଡ଼ି ସେ କିଛିଦିନ ପାଇଁ ଶିକ୍ଷକତା କରିଥିଲେ। ୧୯୭୦ରେ ଏ.ଜି. ଅଫିସ୍‌ରେ ଆରମ୍ଭ ହୋଇଥିଲା ତାଙ୍କର ବୃତ୍ତି-ଜୀବନ। ଓଡ଼ିଆ ନାଟ୍ୟ-ଜଗତକୁ ନିଜର ଅମୂଲ୍ୟ ଅବଦାନ ପାଇଁ ସେ 'ଓଡ଼ିଶା ସାହିତ୍ୟ ଏକାଡେମୀ' ଓ 'ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ' ଦ୍ୱାରା ପୁରସ୍କୃତ ହୋଇଥିଲେ। ୨୦୨୧ ଫେବୃୟାରୀ ୧୨ ତାରିଖ ପ୍ରତ୍ୟୁଷରେ ହୋଇଥିଲା ନାନା ଦିଗରୁ ବିଚକ୍ଷଣ ଏହି ନାଟ୍ୟରଥୀଙ୍କର ତିରୋଧାନ।

କୁଂଜ ରାଏଙ୍କ ନାଟ୍ୟ ରଚନା ଆରମ୍ଭ ହୁଏ 'ଅଶାନ୍ତ ଝଡ଼' ନାଟକରୁ ୧୯୬୭ରେ। ପରେ ସେ କେତେକ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ରଚନା କରନ୍ତି। ଆଠଟି ଦୀର୍ଘ ଗଳ୍ପକୁ ନେଇ ତାଙ୍କ ପୁସ୍ତକ; 'ମୁଁ ଓ ଆକାଶ', ଯହିଁରେ ଫୁଟିଉଠେ ତାଙ୍କ କଥାକଳ୍ପନାର ଅନନ୍ୟତା। ପରବର୍ତ୍ତୀ କାଳରେ ଜଣେ ଯଶସ୍ୱୀ ନାଟ୍ୟକାର ରୂପେ କୁଂଜଙ୍କର ପ୍ରତିଷ୍ଠା। ଏକାଧାରରେ ଅନୁବାଦ ଓ ମୌଳିକ ଏବଂ ନାଟ୍ୟରୂପ ରଚନା ପାଇଁ ବିଶେଷ ଖ୍ୟାତି ଲାଭ କରିଥିବା ଏହି ଲେଖକଙ୍କର 'ବିଦାୟ ବଜ୍ରାଦିତ୍ୟ' ନାଟକ ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୁଏ ୧୯୭୪ରେ ଏବଂ ଏହା ଦିଏ ତାଙ୍କୁ ନାଟ୍ୟକାରର ବିଶେଷ ମାନ୍ୟତା। ନାଟକର ମୂଳ ଲେଖକ ଥିଲେ ଖ୍ୟାତନାମା ଫରାସୀ ନାଟ୍ୟକାର ଇଉଜିନି ଆଇଓନେସ୍କୋ। ନାଟକର ନାଁ ଥିଲା– 'ଏକ୍ସିଟ୍ ଦ କିଙ୍ଗ୍'। ରାଏଙ୍କ ଅନୁବାଦ ଓ ଅନୁସୃଜନ ସମୃଦ୍ଧ ହୋଇଛି ଫରାସୀ ନାଟ୍ୟକାର ଜାଁ କାକ୍‌ତ୍ୟୁଙ୍କ 'ଇନ୍‌ଫରନାଲ୍ ମେସିନ୍', ଜାଁ ଜିରାଦୋଙ୍କ 'ଜୁଡିଥ୍', ଜର୍ମାନୀ ନାଟ୍ୟକାର ବର୍‌ଟୋଲ୍‌ଟ ବ୍ରେକ୍‌ଥଙ୍କ 'ଗୁଡ୍ ଓମାନ୍ ଅଫ୍ ସେଜୁଆଁ', ଇଂରାଜୀର ଉଇଲିୟମ୍ ସେକ୍ସପିଅର୍‌ଙ୍କ 'ମ୍ୟାକ୍‌ବେଥ୍' ଓ ଜେ.ବି. ପ୍ରିସ୍‌ଲେଙ୍କ 'ମିଷ୍ଟର୍ କେଟିଲ୍ ଆଣ୍ଡ ମିସେସ୍ ମୁନ୍', ମରାଠୀ ନାଟ୍ୟକାର ବସନ୍ତ କାନେଟ୍‌କର୍‌ଙ୍କ 'ହିମାଲୟଚି ସାଓ୍ୱଲି' ତଥା ବଙ୍ଗଳା ନାଟ୍ୟକାର ବୁଦ୍ଧଦେବ ବସୁଙ୍କ ତିନୋଟି କାବ୍ୟ ନାଟକ (ଅନାମ୍ନୀ ଅଙ୍ଗନା, ତପସ୍ୱୀ ତରଙ୍ଗିଣୀ ଓ କାଳସନ୍ଧ୍ୟା)ର ଓଡ଼ିଆ ରୂପାନ୍ତରରେ।

ଅନୁବାଦ ସମ୍ବନ୍ଧରେ ଏହି ମର୍ମରେ ସେ ଲେଖିଛନ୍ତି– ଭାଷାରେ ପାର୍ଥକ୍ୟ ସତ୍ତ୍ୱେ ଭାବରେ ଐକ୍ୟ ପ୍ରଚୁର। ଯେମିତି Eugene Ionescoଙ୍କ Berenger ଏବଂ Jean Giraudouxଙ୍କ Judith ଚରିତ୍ର ଦୁଇଟି ସହିତ ମୋ' ଭାଷାରେ ରଚିତ ନାଟ୍ୟ-ଚରିତ୍ର ଓ ଘଟଣାର ପ୍ରଚୁର ସାମ୍ୟ। ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି : ''ଅନ୍ୟ ଭାଷାଭାଷୀ ଗପ, ନାଟକ ମାଧ୍ୟମରେ ସେମାନଙ୍କ ବିଷୟ ଚୟନ, ଉପସ୍ଥାପନା ଶୈଳୀ, ସେସବୁ ସ୍ଥାନ ଓ ସମୟର ସାମାଜିକ, ସାଂସ୍କୃତିକ ବ୍ୟବସ୍ଥା ଏବଂ ସର୍ବୋପରି ସେମାନଙ୍କ ରଚନା ଦକ୍ଷତା ଆମେମାନେ ଜାଣିବା ଦରକାର।''

ସାରଳା ମହାଭାରତ ଆଧାରରେ ପରିକଳ୍ପିତ ରାଏଙ୍କର ଅନବଦ୍ୟ ନାଟକ 'କାଳାନ୍ତର'। ଏହା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ନାଟକ ମହୋତ୍ସବ (୧୯୭୯)ରେ ଶ୍ରେଷ୍ଠ ନାଟକର ମାନ୍ୟତାପ୍ରାପ୍ତ। ସେହିବର୍ଷ ରଚିତ ତାଙ୍କର ଐତିହାସିକ ନାଟକ 'ଅପ୍ରତିହତ ଖାରବେଳ' ମଞ୍ଚସ୍ଥ ହୁଏ ଖଣ୍ଡଗିରିର ରାଣୀଗୁମ୍ଫା ଦ୍ୱିତଳ ମଞ୍ଚରେ, ଯହିଁରେ ସାବ୍ୟସ୍ତ ହୋଇଥିଲା ନାଟ୍ୟକାରଙ୍କ ମଞ୍ଚକୌଶଳ ଓ ପ୍ରଯୋଜନାର ଏକ ନୂତନ ଦିଶା। କୁଂଜ ତାଙ୍କର ଅନ୍ୟତମ ଚର୍ଚ୍ଚିତ ନାଟକ 'ନାୟକ ଚନ୍ଦ୍ରସେଣ'ର ଲେଖକୀୟରେ ଲେଖିଛନ୍ତି: ''ବୈଷ୍ଣବ କବି ମହାଜନ ଓ ତାଙ୍କ ଉତ୍ତରସୂରୀବୃନ୍ଦଙ୍କୁ ମୋର ସଭକ୍ତି ପ୍ରଣାମ। ସେମାନଙ୍କ ରଚନା ହିଁ ମୋର ଆଦ୍ୟ ସାହିତ୍ୟାନୁରାଗ ଓ ପରବର୍ତ୍ତୀ ରଚନାକର୍ମର ମୁଖ୍ୟ ଉତ୍ସ ଓ ମୂଳଭିତ୍ତି। ସେମାନଙ୍କ ବର୍ଣ୍ଣିତ କୃଷ୍ଣକଥାର ଘଟଣା ପ୍ରବାହରେ ବ୍ୟତିକ୍ରମ ନ ଘଟାଇ କେବଳ ମାତ୍ର ନୂତନ ଅନୁପୁଙ୍ଖ ପ୍ରୟୋଗ ମାଧ୍ୟମରେ ସେହି ବର୍ଣ୍ଣୋଜ୍ଜ୍ୱଳ ଘଟଣା ଓ ଚରିତ୍ରମାନଙ୍କର ସାମ୍ପ୍ରତିକତାର ମାନଦଣ୍ଡରେ ପୁନର୍ମୂଲ୍ୟାୟନ ଏ ନାଟକର ଉଦ୍ଦେଶ୍ୟ।'' 'କେଉଁ ନଈ ମୁହାଣରେ', 'ଧନଂ ଦେହି ଜୟଂ ଦେହି', 'ଅଗ୍ନିସ୍ନାନ', 'ଅନାମ ଉବାଚ' ଆଦି ଅନେକ ମୌଳିକ ନାଟକ ସେ ଲେଖିଛନ୍ତି। ତାଙ୍କର ପ୍ରାୟ ନାଟକ ଲବ୍ଧପ୍ରତିଷ୍ଠ ନାଟ୍ୟ ନିର୍ଦ୍ଦେଶକ ବିଶ୍ୱଜିତ ଦାସ, ରାଇଚରଣ ଦାସ, ଧୀରେନ୍ ଦାଶ, ମିହିର ମେହେର, ଦୋଳଗୋବିନ୍ଦ ରଥ, ନାରାୟଣ ପତି, ସୀତାକାନ୍ତ ମହାନ୍ତି, ପ୍ରେମାଞ୍ଜନ ପରିଡ଼ା, ହରେନ୍ ସାହୁ, ପରାଗ ପଟ୍ଟନାୟକ, ଭାନୁ ଭାରତୀ, ଅଜିତ ଦାସ, ପ୍ରତାପ ମହାନ୍ତି ଓ ଶ୍ୱେତା ମହାନ୍ତି ପ୍ରମୁଖଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇ ମଞ୍ଚ ସଫଳତା ହାସଲ କରିଛି।

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ଦ୍ୱାରା ପ୍ରକାଶିତ 'ଅନୁଭୂତି ଦର୍ପଣରେ ଓଡ଼ିଆ ନାଟକ' ପୁସ୍ତକରେ ନିଜ ନାଟ୍ୟରଚନା ସମ୍ପର୍କରେ ସେ କହିଛନ୍ତି: ''ମୋର ସ୍ୱଳ୍ପ ବୁଦ୍ଧି, ସ୍ୱଳ୍ପ ବିଦ୍ୟା, ସ୍ୱଳ୍ପ ଅଭିଜ୍ଞତା ଓ ଉପଲବ୍ଧିକୁ ସମ୍ବଳ କରି ମୁଁ ପ୍ରତିପାଦନ କରିବାକୁ ଚେଷ୍ଟା କରିଛି ପରିବେଶ ଓ ପରିସ୍ଥିତିର ପ୍ରତିକୂଳତା ସତ୍ତ୍ୱେ କେବଳମାତ୍ର ସହଜାତ ଉତ୍ତରଣ ଆକାଙ୍କ୍ଷା ବଳରେ ମନୁଷ୍ୟ ସକଳ ଦୁଃସ୍ଥିତିର ଊର୍ଦ୍ଧ୍ୱକୁ ଉଠିପାରେ।''




କୁଂଜ ରାଏ ଥିଲେ ଓଡ଼ିଆ ନୂଆ ନାଟକର ନୂଆ ନାଟୁଆ। ନାଟ୍ୟରଚନା କ୍ଷେତ୍ରରେ ଉଚ୍ଚମାନ ପ୍ରତିଷ୍ଠା କରି କୃତିତ୍ୱ ଲାଭ କରିଥିବା ଏହି ପ୍ରତିଭାଧରଙ୍କ ରଚନାରେ କଳାତ୍ମକ ସୌକୁମାର୍ଯ୍ୟ ସହଜରେ ବାରି ହୋଇପଡ଼େ। ତେଜସ୍ୱୀ ସଂଳାପ ରଚନା ନିମନ୍ତେ ଆଦୃତ ଏହାଙ୍କ ସମ୍ଭ୍ରାନ୍ତ ସଂଳାପ। ଶବ୍ଦର ପ୍ରାବଲ୍ୟ ଭିତରେ ନାଟ୍ୟତତ୍ତ୍ୱ କୁତ୍ରାପି ବାଧାପ୍ରାପ୍ତ ନୁହେଁ। ଲଳିତ ଗଦ୍ୟରେ ରଚିତ ତାଙ୍କ ନାଟକରେ ଅନୁଭୂତ ହୁଏ ଏକ କାବ୍ୟିକ ମୂର୍ଚ୍ଛନା। ନିଜର ନାଟ୍ୟଧାରା ଓ ନାଟ୍ୟଭାଷା ସମ୍ପର୍କରେ କୁଂଜ କହନ୍ତି: ''ଐତିହାସିକ, ପୌରାଣିକ ବିଷୟକୁ ଆଧାର କରି ସାମ୍ପ୍ରତିକ ଚେତନା ଖଂଜି ନାଟକ ଲେଖିଛି। x x ଚରିତ୍ରମାନେ ଯେହେତୁ ଅତିମାନବୀୟ, ତେଣୁ ସଂଳାପ ମଧ୍ୟ ଅନୁରୂପ। x x ଯେଭଳି ବିଷୟ ସେଭଳି ଭାଷା। x x ପ୍ରଚଳିତ କଥିତ ଭାଷାରେ ନାଟକ ରଚିତ ହେବା ଉଚିତ। କିନ୍ତୁ ଯଦି ଚରିତ୍ରମାନେ ଐତିହାସିକ, ପୌରାଣିକ, ତେବେ କିଛି ବ୍ୟତିକ୍ରମ ରହିବ।''

**ଉପସ୍ଥାପନା: ସୀମନ୍ତ ମହାନ୍ତି**
ମୋ: ୭୬୫୩୯୫୪୨୭୮

## ପୁରାଣର ପୁନର୍ଜନ୍ମ

['ନାୟକ ଚନ୍ଦ୍ରସେଣ'ର 'ଲେଖକୀୟ': ନୂଆ ଶୀର୍ଷକରେ କିୟଦଂଶ]

ଭାରତୀୟ ସଂସ୍କୃତି ଓ ସାହିତ୍ୟର ଅନ୍ୟତମ ମୂଳାଧାର ଋକ୍‌ବେଦରେ ଉଲ୍ଲେଖ ଅଛି– 'ପୁନଃପୁନଃ ଜାୟମାନା ପୁରାଣୀ', ଅର୍ଥାତ୍ ସ୍ଥାନ ଓ କାଳ ଭେଦରେ ପୁରାଣ କଥାର ମଧ୍ୟ ପୁନର୍ଜନ୍ମ ଘଟେ। ମହାଭାରତକାର ବ୍ୟାସଙ୍କ ଭାଷାରେ– ''ଆଚକ୍ଷୁଃ କବୟଃ କେଚିତ୍ ସଂପ୍ରତ୍ୟାଚକ୍ଷତେ ପରେ।/ ଆଖ୍ୟାସ୍ୟନ୍ତି ତଥୈବାନ୍ୟେ ଇତିହାସମିମଂ ଭୁବି।'' ତେଣୁ ଅଦ୍ୟାବଧି ଅକର୍ମଣ୍ୟତା, ନିର୍ବୋଧତା ଓ ନିଷ୍ଫଳତାର ଚୂଡ଼ାନ୍ତ ପ୍ରତୀକ ଭାବେ ଗୃହୀତ କୃଷ୍ଣକଥାମାଳାର ସେହି ଦୟନୀୟ ଚରିତ୍ର 'ଚନ୍ଦ୍ରସେଣା' ନାମରୁ ଅବଜ୍ଞାସୂଚକ ଆ'କାରଟି ଉଠାଇବା ଉଦ୍ଦେଶ୍ୟରେ ଏ ନାଟକ 'ନାୟକ ଚନ୍ଦ୍ରସେଣ'।

'ଚନ୍ଦ୍ରସେଣ'ଙ୍କୁ ଯେ କାହିଁକି ନପୁଂସକ, ବୋକା, ଅନ୍ଧାରକଣା ଭଳି ଉପହାସଜନକ ଭାବେ ଚିତ୍ରିତ କରାଯାଇଛି, ତାହା ଆପାତତଃ ମୋର ସ୍ଥୂଳବୁଦ୍ଧିର ବାହାରେ। ଏହି ନାମର ଯେଉଁ ଅନ୍ୟ ବ୍ୟାଖ୍ୟା: ସେହ୍ନା ବା ବକ୍ଷଦେଶରେ ଚନ୍ଦ୍ରଙ୍କ ଅବସ୍ଥିତି ଯୋଗୁଁ ସେ ଥିଲେ ପୁରୁଷ ରୂପରେ କ୍ଲୀବ। ତାହା ମଧ୍ୟ ଜଣାପଡ଼େ ଅତ୍ୟନ୍ତ କ୍ଲିଷ୍ଟ, ବୟାକରଣିକ ସୂତ୍ରର ନିଷ୍ପ୍ରାଣ ସଂପ୍ରସାରଣ। ବରଂ ବ୍ରହ୍ମବୈବର୍ତ୍ତ ଓ ପଦ୍ମପୁରାଣରେ ରାଧା ଓ ଚନ୍ଦ୍ରସେଣ ଚରିତ୍ର ଦ୍ୱୟର ଯେଉଁ ପୂର୍ବ ବୃତ୍ତାନ୍ତର ଉଲ୍ଲେଖ ରହିଛି, ସେଥିରେ ଚନ୍ଦ୍ରସେଣଙ୍କୁ ଏକ ଗଭୀର ମାନବିକ ତ୍ରାସଦୀୟ ଚରିତ୍ର ଭାବେ ଉପସ୍ଥାପନର ଯଥେଷ୍ଟ ଇଙ୍ଗିତ ରହିଛି। ତା' ସତ୍ତ୍ୱେ ଚନ୍ଦ୍ରସେଣ ଚରିତ୍ରଟି ପ୍ରତି ଆମର କବି ଲେଖକମାନଙ୍କର ଅନୀହା ଓ ଅବଜ୍ଞାର କାରଣ ହୁଏତ ଶ୍ରୀକୃଷ୍ଣଙ୍କୁ ପୁରୁଷଶ୍ରେଷ୍ଠ ରୂପେ ପ୍ରତିପାଦିତ କରାଇବା ପାଇଁ ସେମାନଙ୍କ ଉତ୍ସାହର ମାତ୍ରାତିରିକ୍ତ ଆଗ୍ରହ। କିନ୍ତୁ ପ୍ରତିପକ୍ଷ ବା ସହାୟକ ଚରିତ୍ରମାନଙ୍କୁ ଦୀନହୀନ ଦୁର୍ବଳ ରୂପରେ ଚିତ୍ରିତ କରି ମୁଖ୍ୟ ନାୟକର ଚାରିତ୍ରିକ ବୈଶିଷ୍ଟ୍ୟ ଓ ପରାକାଷ୍ଠା ପ୍ରତିଷ୍ଠା ସମ୍ଭବ କି? ଏକ ବିବର୍ଣ୍ଣ ପଟ୍ଟଭୂମିରେ ଅଂକିତ ଚିତ୍ରଟିଏ କେତେ ବର୍ଣ୍ଣାଢ୍ୟ ହୋଇପାରେ ଓ ସେଭଳି ହେବା ଶିଳ୍ପ ଶାସ୍ତ୍ରସମ୍ମତ କି?

ଏ ପ୍ରଶ୍ନଗୁଡ଼ିକର କୌଣସି ସନ୍ତୋଷଜନକ ଉତ୍ତର ମୁଁ ଖୋଜି ପାଇନାହିଁ। ବରଂ ଏହି ପରିପ୍ରେକ୍ଷୀରେ ମନେହୋଇଛି ଯେମିତି ପୂର୍ବସୂରୀ କବି ଓ ଲେଖକବୃନ୍ଦ ଭବିଷ୍ୟତ ପ୍ରତି କରୁଣା ପରବଶ ହୋଇ ମୋ' ଭଳି ଅର୍ବାଚୀନ କ୍ଷୁଦ୍ର ଲେଖକକୁ ମଧ୍ୟ ସେମାନଙ୍କ ବର୍ଣ୍ଣିତ କୃଷ୍ଣକଥାରେ କାଳାନ୍ତରେ ପରିଲକ୍ଷିତ ବୈସାଦୃଶ୍ୟ ଓ ଅସଂଗତି ଦୂରକରି ଏକ ନୂତନ ନାଟକ ରଚନାର ସୁଯୋଗ ଦେବା ପାଇଁ ସ୍ୱେଚ୍ଛାକୃତ ଭାବେ ଉପରୋକ୍ତ ପ୍ରଶ୍ନର ଉତ୍ତରଗୁଡ଼ିକୁ ଅନୁକ୍ତ ରଖି ଯାଇଥିଲେ। ସେଇଥିପାଇଁ କୃଷ୍ଣାବତାରର ପ୍ରଣେତା ମହାମନୀଷୀ କୁଳପତି ମୁନ୍‌ସୀଜୀଙ୍କ ପ୍ରଦତ୍ତ ଅୟାନ୍ (ହିନ୍ଦୀଭାଷୀ ଅଞ୍ଚଳରେ ପ୍ରଚଳିତ ଚନ୍ଦ୍ରସେଣଙ୍କ ଅନ୍ୟନାମ) ଚରିତ୍ରର ସାମାଜିକ ସ୍ଥିତି ଓ ସମ୍ପର୍କର ସୂଚନାକୁ ଆଧାର ରୂପେ ଗ୍ରହଣ କରି ଚନ୍ଦ୍ରସେଣ ଚରିତ୍ରର ସମନ୍ୱୟ ଓ ବିକାଶ ସାଧନକୁ ମୁଁ ଏ ନାଟକର ମୁଖ୍ୟ ଉପଜୀବ୍ୟ ରୂପେ ଗ୍ରହଣ କରିଛି।

ସକଳ କର୍ମର ନିରସନ ପରେ, ସବୁ ଆଶ୍ରୟ ଭାଙ୍ଗିଯିବା ପରେ ଜୀବନରେ ଯାହା କିଛି ଅବଶିଷ୍ଟ ରହିଯାଏ, ଯାହା ନିଜସ୍ୱ ନିଃସଙ୍ଗତା ଓ ସ୍ଥିରଚିତ୍ତତା ବଳରେ ମନୁଷ୍ୟର ସ୍ୱପାର୍ଜିତ– ତାହା ହୋଇପାରେ କେଉଁ ସ୍ୱୟଂପ୍ରକାଶ ଜ୍ଞାନର କ୍ଷୀଣ ରଶ୍ମିରେଖା ବା ଅତିମନ୍ଥର ବେଗରେ ଗଢ଼ି ଉଠିଥିବା କୌଣସି ନୂତନ ଉପଲବ୍ଧିର ହୀରକବିନ୍ଦୁ କିମ୍ବା ବେଦନାର ଅନ୍ତର୍ନିହିତ ଅନନ୍ୟ କୌଣସି ଏକ ଆନନ୍ଦବୋଧ ଅଥବା ଅବଲୁପ୍ତ ପ୍ରେମର ନିର୍ଯାସ କେଉଁ ଅମର୍ତ୍ତ୍ୟ ସୌନ୍ଦର୍ଯ୍ୟର ଆଭାସ– ମାନବ ଚରିତ୍ରର ସେହି ଶେଷ ସମ୍ପଦର ପ୍ରତୀକ, ଦୁର୍ଲଭ ଅଥଚ ପ୍ରାପଣୀୟ ସେହି ସାର୍ଥକତାର ପ୍ରତିଭୂ ରୂପେ 'ଚନ୍ଦ୍ରସେଣ' ଚରିତ୍ରର ପରିକଳ୍ପନା।

ଏ ନାଟକ ବେତାର ମାଧ୍ୟମରେ ପ୍ରଚାରିତ ହୋଇଛି, ମାତ୍ର ଏହାର ମଞ୍ଚାୟନ ସମ୍ଭବ ହୋଇ ପାରିନାହିଁ। ୧୯୮୬ରେ ରଚିତ ଏ ନାଟକ। x x x କୃତଜ୍ଞତା ସ୍ୱୀକାର କରୁଛି ସେହି ପୂର୍ବସୂରୀ କବିମାନଙ୍କଠାରେ, ଯେଉଁମାନଙ୍କଠାରୁ ଶବ୍ଦ, ରୂପକଳ୍ପ, ଚିତ୍ରକଳ୍ପ ଓ ବ୍ୟଞ୍ଜନା ଉଧାର ଆଣି ନାଟକରେ ପ୍ରୟୋଗ କରିଛି।

## କବିତା

### ଏକା ଏକା ଅନ୍ତରଙ୍ଗ

ଚକ୍ରପାଣି ପରିଚ୍ଛା

ବିୟୋଗାନ୍ତକ ନାଟକର ଶେଷଦୃଶ୍ୟଠୁଁ
କିଛି ବି କମ୍ ନ ଥିଲା ଶବ୍ଦମାନଙ୍କ
ମୃତ୍ୟୁକାଳୀନ ଜମାନବନ୍ଦୀ
କେହି ଜଣେ ମୁହଁରୁ ରଙ୍ଗ ଛଡ଼ଉ ଛଡ଼ଉ
ଗୁଣୁଗୁଣଉଥିଲା ବାକି ରହିଯାଇଥିବା ସଂଳାପ ସବୁକୁ॥

ମଞ୍ଚସାରା ଶବ୍ଦମାନଙ୍କ
ଆହତଜନିତ ମୁମୂର୍ଷୁ ଉଚ୍ଚାରଣ
ଯନ୍ତ୍ରଣାର ରଙ୍ଗ ଗାଢ଼ ହେଉ ଅଥବା ହାଲୁକା
କିଛି ବି ଫରକ ପଡ଼େନା, ବାରମ୍ବାର
ଚେହେରା ବଦଳଉଥିବା ଚରିତ୍ରମାନଙ୍କର।

ନୂଆନୂଆ କାନ୍ଦଣା ଶିଖୁଥିବା ଝିଅଟି
ଜାଣିସାରିଲାଣି ଯେ ଛାତି ଭିତରେ
ମଳି ହେଉଯାଉଥିବା ସତକୁ କେମିତି
ଉଡ଼େଇ ଦିଆଯାଇପାରେ ମିଛର ଡେଣା ଖଞ୍ଜି।
ଫାଳେ ଅନ୍ଧାରର ଓହଳରେ
ରାତିସାରା ଝୁଲୁଥାଏ ସୂର୍ଯ୍ୟ
କେହି ଜଣେ ଗାଉଥାଏ ରାଗ ବିଳମ୍ବିତ
ରାତିର ରଙ୍ଗଶାଳାରେ॥

ଶବ୍ଦମାନଙ୍କର କିନ୍ତୁ
ଖାତିର ନ ଥାଏ
ସେମାନଙ୍କୁ ତ ମରିବାକୁ ହେବ
କାହାର ନା କାହାର
ଅବିଶ୍ୱସ୍ତ ଆଲିଙ୍ଗନରେ॥

ମୋ: ୯୧୭୮୬୪୭୧୩୭

### ଯିବାକୁ ହେବ

ପ୍ରଭାତ ନଳିନୀ ମହାପାତ୍ର

ପବନରେ ଧୂଳିର ବେହରଣ
ପକ୍ଷୀଙ୍କ କଣ୍ଠରେ ବି ଭୟାର୍ତ୍ତସ୍ୱର
ଅଜଣା ଭୟରେ ସନ୍ତ୍ରସ୍ତ ଗଛବୃଚ୍ଛ
ଆତଙ୍କିତ ସମଗ୍ର ଜଗତ।

ପବନରେ କେମିତି ଗୋଟେ
ରୁଦ୍ଧ ଆର୍ତ୍ତନାଦ,
କିଏ ଜଣେ କାନ୍ଦୁଛି କୋଉଠି
କୋଉଠି ଭାଙ୍ଗି ଯାଉଛି
କାହା କଷ୍ଟ ଗଢ଼ା ଇମାରତ୍।
କାହା ସ୍ୱପ୍ନର ମହଲ
ଜଳି ଯାଉଛି ଯେମିତି ସୁନ୍ଦର ରୋମ୍।

ଏତିକି ବେଳେ ବଡ଼ ଅଜବ ଲାଗେ
ଚୁପ୍‌ଚାପ୍ ନୀରବତା।
ବିହ୍ୱଳ ବଂଶୀର ସ୍ୱର,
ଫୁଲବନ ଜଳିଗଲା ବେଳେ
କେହି କ'ଣ ଶୋଇପାରେ ନିଶ୍ଚିନ୍ତ ନିଦରେ!

ଅନ୍ଧାର ଚିରି
ଯିବାକୁ ହେବ ଆଗକୁ ଆଗକୁ
ଦେଖିବାକୁ ନୂତନ ସୂର୍ଯ୍ୟୋଦୟ
ଆଶାର ସଂକେତ ପାଇଁ
ପାରିହେବାକୁ ହେବ ଦୁର୍ଗମ ପଥ
ତେବେ ତ ଶୁଭିବ ଚାରିଆଡ଼େ ବସନ୍ତର ପାଦଶବ୍ଦ।

ମୋ: ୮୨୪୯୯୮୨୨୭୬

## କାଳକାଳକୁ



''ମଣିଷ ଜୀବନର ସର୍ବୋତ୍ତମ ଅଂଶ ହେଉଛି ତା' ଦୟା ଓ ପ୍ରେମର ଛୋଟଛୋଟ, ନାମହୀନ, ବିସ୍ମୃତ ଘଟଣାବଳୀ।''
–ଉଇଲିୟମ୍ ୱାର୍ଡସୱର୍ଥ

**ଉଇଲିୟମ୍ ୱାର୍ଡସୱର୍ଥଙ୍କ** ଜନ୍ମ ୭ ଏପ୍ରିଲ ୧୭୭୦ରେ, ଇଂଲଣ୍ଡର କୋକେର୍‌ମାଉଥ୍‌ରେ ଓ ପରଲୋକ ୨୩ ଏପ୍ରିଲ ୧୮୫୦ରେ ସେଇ ଇଂଲଣ୍ଡର ରିଡାଲରେ। ବନ୍ଧୁ ସାମୁଏଲ ଟେଲର୍ କଲେରିଜ୍‌ଙ୍କ ସହ ମିଶି ସେ ଇଂଲିଶ୍ ସାହିତ୍ୟରେ ପ୍ରବର୍ତ୍ତନ କରିଥିଲେ ରୋମାଣ୍ଟିକ୍ ଯୁଗ। ଦୁଇ କବିଙ୍କର ମିଳିତ କବିତା ଗ୍ରନ୍ଥ "Lyrical Ballads" ପ୍ରକାଶ ପାଇଥିଲା ୧୭୯୮ରେ, ଯହିଁରେ ୱାର୍ଡସ୍‌ୱର୍ଥ ଲେଖିଥିଲେ କବିତାର ନୂଆ ଇସ୍ତାହାର। "The Prelude" ହେଉଛି ତାଙ୍କ ଆତ୍ମଜୀବନୀ ପ୍ରତିମ ଏପରି କବିତା, ଯାହା ପାଇଁ ସେ ବିଶ୍ୱବିଦିତ। ୧୮୪୭ରେ ମାତ୍ର ୪୨ ବର୍ଷ ବୟସରେ ଝିଅ ଡୋରାର ମୃତ୍ୟୁ ତାଙ୍କ ପାଇଁ ଅସହ୍ୟ ଥିଲା ଓ ତା' ପରଠାରୁ ସେ ନୂଆ କିଛି ଲେଖି ନ ଥିଲେ।

## ପୁସ୍ତକ ପରିଚୟ

### ଅଯୋଧ୍ୟା

**କବି:** ଅମରେନ୍ଦ୍ର ମାଧବ ଦାଶ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୩୦/-




ଅଯୋଧ୍ୟାକୁ ପ୍ରସଙ୍ଗ କରି ଆଲୋଚ୍ୟ କାବ୍ୟଗ୍ରନ୍ଥରେ ୫୫ଟି ସ୍ତବକ ରହିଛି ଏବଂ ପ୍ରତ୍ୟେକଟି ସ୍ତବକ ସ୍ୱୟଂସମ୍ପୂର୍ଣ୍ଣ କବିତାର ଗୌରବପ୍ରାପ୍ତ। ଅଯୋଧ୍ୟା ମହାସମୟର ଏକ କ୍ରମିକ ବିସ୍ତାର, ଯେଉଁ ବିସ୍ତାରର ପ୍ରତିଟି ସ୍ପନ୍ଦନକୁ ଧରି ରଖିବାକୁ ଚାହିଁଛନ୍ତି କବି ଅତି ବିଶ୍ୱସ୍ତ ଭାବରେ ବହିର ପ୍ରାୟ କବିତାରେ। ଅଯୋଧ୍ୟା ଜାଗରଣରେ ଓ ସ୍ୱପ୍ନ ଧରା ଦେଉଛି, ଧରା ଦେଉଦେଉ ଖସିଯାଉଛି। ରକ୍ତ ଓ ଦୀର୍ଘଶ୍ୱାସର ଦୁଃଖଦ ସ୍ମାରକୀ କେଉଁଠି ତ କେଉଁଠି ଧର୍ମ ଓ ଆଧ୍ୟାତ୍ମିକତାର ଜଟିଳ ଦ୍ୱନ୍ଦ୍ୱ। କବି ଲେଖନ୍ତି: ''ଯେଉଁଠି ମସ୍‌ଜିଦ୍/ ଗିର୍ଜା, ଗୁରୁଦ୍ୱାର/ ମଠ, ମୁକବରା/ ନାଁରେ ହୁଏ ସଂଘର୍ଷ,/ ହୁଏ ରକ୍ତପାତ/ ଲାଗେ ସେଇଟା/ ଗୋଟେଗୋଟେ ଅଯୋଧ୍ୟା।'' (ପୃ: ୨୯)। ପୁଣି ବ୍ୟକ୍ତ କରନ୍ତି କ୍ଷୋଭ ଅଯୋଧ୍ୟାର ନିଜର ମନ ଓ ଚେତନାରେ ପୂରାପୂରି ଧରି ନ ପାରିବାର ଅକ୍ଷମତାରେ: ''ସତରେ, ଯେତେଥର ବି ବୁଝିବାକୁ/ ଚେଷ୍ଟା କରିଛି ଅଯୋଧ୍ୟା କ'ଣ? ×× ସବୁବେଳେ କେଉଁଠି ନା କେଉଁଠି/ ଅଟକିଯାଇଛି,/ କେଉଁ ଏକ ପାରାରେ/ କେଉଁ ଏକ ବାକ୍ୟରେ/ କେଉଁ ଏକ ଶବ୍ଦ ପାଖରେ.../ ପୁଣି ଥରେ ବୁଝିବାକୁ ଆରମ୍ଭ କଲାବେଳକୁ/ ଆଉ ଅଯୋଧ୍ୟା ନ ଥାଏ ଅଯୋଧ୍ୟାରେ...।'' (ପୃ: ୧୦) ଅମରେନ୍ଦ୍ରଙ୍କ କବିତ୍ୱ ଗ୍ରନ୍ଥରେ ପରିଣତମୁଖୀ, କାବ୍ୟଭାଷା ସନ୍ତୁଳିତ, ଯଦିଓ ଉପସଂହାର କିୟତ୍ ଶିଥିଳ। ବହିଟି ସମକାଳର ଓଡ଼ିଆ କାବ୍ୟ ଭଣ୍ଡାରରେ ଏକ ମୂଲ୍ୟବାନ ସଂଚୟ ହେବାର ସାମର୍ଥ୍ୟ ରଖେ।

### ପ୍ରସଙ୍ଗଭିତ୍ତିକ ଢଗଢମାଳି

**ସଂକଳକ:** ଡ. ସଦାନନ୍ଦ ପାତ୍ର
**ପ୍ରକାଶକ:** ଜ୍ୟୋତ୍ସ୍ନା ପ୍ରକାଶନ, ବ୍ରହ୍ମପୁର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୫୦/-




ନାନା ପ୍ରସଙ୍ଗ ଓ ସାମାଜିକ ସ୍ଥିତିକୁ ଭିତ୍ତିକରି ପ୍ରାୟ ପାଞ୍ଚ ହଜାର ଢଗଢମାଳି ଆଲୋଚ୍ୟ ଗ୍ରନ୍ଥରେ ସଂକଳିତ। ବହି ପ୍ରକାଶର ଉଦ୍ଦେଶ୍ୟ ଭାବେ ଢଗର ସହଜଲଭ୍ୟତା, ସଂଗ୍ରହ ଓ ସଂରକ୍ଷଣ ଏବଂ ସର୍ବୋପରି ଢଗର ଆଦର ବୃଦ୍ଧିକୁ ଲେଖକ ଇଙ୍ଗିତ କରିଛନ୍ତି। ବେଳେବେଳେ କୌଣସି ଉପଗତ ପ୍ରେକ୍ଷାପଟକୁ ଖାପଖାଇଲା ଭଳି ଢଗ ବ୍ୟକ୍ତିର ସ୍ମରଣକୁ ଆସେ ନାହିଁ, ଫଳରେ ରସାଳ କରି ବକ୍ତବ୍ୟ ପ୍ରକାଶ ଅସମ୍ଭବ ହୋଇପଡ଼େ। ଏହି ସମସ୍ୟାର ଦୂରୀକରଣକୁ ଦୃଷ୍ଟିରେ ରଖି ଡ. ପାତ୍ର ଏଥିରେ ପ୍ରସଙ୍ଗଭିତ୍ତିକ ଏକାଧିକ ଢଗ ଏକତ୍ର କରିଛନ୍ତି। ଗ୍ରନ୍ଥର ପୃଷ୍ଠଭୂମି ଭାବେ ନେଇଛନ୍ତି ଢଗଢମାଳି ସମ୍ବନ୍ଧିତ କେତେକ ଗୁରୁତ୍ୱପୂର୍ଣ୍ଣ ପୁସ୍ତକ। ସବୁଠୁଁ ବଡ଼ ପ୍ରସ୍ତୁତିଟି ତାଙ୍କର ଆରମ୍ଭ ହୋଇଛି ନିଜ ପରିବାରରୁ। ମାଆ, ଭାଉଜ ଓ ଭଉଣୀଙ୍କ ତୁଣ୍ଡରୁ ସମୟ ଅସମୟରେ ଖସି ପଡୁଥିବା ଛଟାକୁ ଲେଖକ ଏହି ଗ୍ରନ୍ଥରେ ଟିପି ରଖିଛନ୍ତି ଅକ୍ଷର କ୍ରମେ। କେତୋଟି ଅର୍ଥପୂର୍ଣ୍ଣ ଢଗର ଉଦାହରଣ: ''ମୂର୍ଖ ପୁଅ, ବିଧବା ଝିଅ ଯାହାର, ନିଇତି ମରଣ ତାହାର'', ''ଦହି ସୁନ୍ଦର ଚୁଡ଼ାକୁ, ଫୁଲ ସୁନ୍ଦର ଜୁଡ଼ାକୁ'', ''ଯିଏ ଖାଇଚି ଦୋହରା ଖାଉ, ଯିଏ ନ ଖାଇଛି ଓପାସେ ଶୋଉ'' ଏବଂ ''ଟୋକା ଦେଖାଉଛି ଚାତର, ବାପ ବିକୁଥିଲା ଚିଙ୍ଗୁଡ଼ି ଶୁଖୁଆ, ମାଆ ବିକୁଥିଲା ପତର'' ଇତ୍ୟାଦି। ଘରେଘରେ ବହିଟି ଆଦର ପାଇବ ବୋଲି ଆଶା।

## ବୋଝ

ଗଳ୍ପ

ଛନ୍ଦା ମିଶ୍ର

**ଏକ**

ମନ୍ଦିର ଗଲାବେଳକୁ ଘରୁ ଡାଲାରେ ଫୁଲ ଓ ବେଲପତ୍ର ନେଇଥିଲେ ବି ଭରତ ପାଖରୁ ଅରଖମାଳଟିଏ କିଣିବାଟା ଏକରକମ ଧରାବନ୍ଧା ନିୟମ ଥିଲା କହିଲେ ଚଳେ। ଏମିତି ନୁହେଁ ଯେ, ସେ ମତେ ମାଗଣାରେ ଦିଏ ଅବା ଶସ୍ତାରେ, ଓଲଟି ଅନ୍ୟମାନଙ୍କଠାରୁ ତା' ପାଖରେ ପାଞ୍ଚଟଙ୍କା ଅଧିକ ଦେବାକୁ ହୁଏ। କାରଣ, ତା'ର ଯୁକ୍ତି ହେଉଛି, ଅନ୍ୟମାନେ ଶୌଚ ଅଶୌଚ ନ ମାନି ଫୁଲ ତୋଳି ଥିଲା ବେଳେ ସେ ଏଥିପ୍ରତି ଭାରି ସତର୍କ। ହେଲେ ମୋ' ପାଇଁ ଆକର୍ଷଣ ତା'ର ଫୁଲ ନ ଥିଲା, ଥିଲା ତା' ପୁଅ ବାସୁ। ଘରୁ ତିଆରିକରି ନେଇଥିବା ଜଳଖିଆ ପୁଡ଼ିଆଟାକୁ ତା' ହାତକୁ ବଢ଼େଇ ଦେଇ ତା' ଆଖିରେ ଝଲସି ଉଠୁଥିବା ଖୁସି ଟିକକ ଦେଖି ଏକ ଅବର୍ଣ୍ଣନୀୟ ତୃପ୍ତି ଲାଭ କରୁଥିଲି। ଏବେ ଏବେ ବାସୁକୁ କେହି 'ଥ୍ୟାଙ୍କ୍ ୟୁ' କହିବା ଶିଖେଇ ଦେଇଥିଲା। ତା'ର ଲାଳ ବୋହି ଯାଉଥିବା ଓଠକୁ ଚାଟି ସେ 'ଥେଙ୍କୁ' କହି ନିଜେ ହିଁ ଲାଜେଇ ଯାଉଥିଲା।

ଭରତକୁ ଭରତ ନାମରେ ଖୁବ୍ କ୍ୱଚିତ ଲୋକ ଜାଣନ୍ତି। ଅନ୍ୟଥା ସମସ୍ତେ ତାକୁ ବାସୁର ବା' କହି ସମ୍ବୋଧନ କରନ୍ତି। ଆଗେ ବାସୁର ମା' ବି ଆସୁଥିଲା। ସେ ନଡ଼ିଆ, କଦଳୀ ବିକୁଥିଲା। ଗୋଟେ ପଟେ ବାପା, ଗୋଟେ ପଟେ ମା' ଓ ମଝିରେ ବାସୁ। ଦିନେ ପଚାରି ଦେଇଥିଲି– ''ବାସୁର ଭଲ ନାଁ କ'ଣ ବାସୁଦେବ କି?'' ସଙ୍ଗେ ସଙ୍ଗେ ତା' ମା' ଉତ୍ତର ଦେଇଥିଲା– ''ନାଁ ମ ଝିଅ, ଏଇ ଲୋକନାଥଙ୍କୁ ଡାକି ପରା ପାଇଛି ତାକୁ, ସେଇ ତାଙ୍କ ବାହନ ବାସୁଆ। ହେଲେ ମୁଁ କ'ଣ ଜାଣିଥିଲି ଠାକୁର ମୋ' କପାଳକୁ ଏତେ ଦୁଃଖ ରଖିଛନ୍ତି ବୋଲି...!'' ଏହା କହି ସୁଁ ସୁଁ ହୋଇ ଆଖି ପୋଛିଲା ବାସୁର ମା'।

''ଛି ଛି... ଏଡ଼େ କଥା କହିପାରିଲୁ ବାସୁର ମା'? ସେ ପରା ଠାକୁରଙ୍କ ପ୍ରସାଦ। ପ୍ରସାଦେ ଭଲମନ୍ଦ ନାହିଁ...'' ତାକୁ ବାରଣ କଲା ବାସୁର ବା'।

ବା' ଓ ମା'ର କଥାକୁ ନିଘା ନ ଥିଲା ବାସୁର। ଦେଇଥିବା ଗୋଲାପଜାମୁଟିକୁ ଧରି ଆଇସକ୍ରିମ୍ ଚାଟିଲା ପରି ଚାଟି ଚାଲିଥିଲା ସେ। ପଚାଶ ପଞ୍ଚାବନ ବର୍ଷର ଦରବୁଢ଼ା ପୁଅଟିର ତିନି ଚାରିବର୍ଷର ଅବୋଧ ଶିଶୁପରି ଥିଲା ଆଚରଣ। ଅଝଟ ଯେତିକି ଅମାନିଆ ବି ସେତିକି। ତାକୁ ଶାନ୍ତ କରିବା ପାଇଁ ଏକମାତ୍ର ଉପାୟ ଥିଲା ଖାଦ୍ୟ। ସବୁବେଳେ ତାକୁ କିଛି ନା କିଛି ଧରାଇ ଦେଇ ବାପା ମା' ଦୁହେଁ ନିଜ କାମରେ ଲାଗି ରହୁଥିଲେ। ତେଣୁ କେବଳ ବସି ବସି ଖାଇ ଖାଇ ପିଲାଟା ଅସମ୍ଭବ ମୋଟା ହୋଇ ଯାଇଥିଲା। ଆଉ ଅଣ୍ଟା ନଇଁ ଯାଇଥିବା ବୁଢ଼ାବୁଢ଼ୀ ଦିଇଟା ଯେତେବେଳେ ତାକୁ କାଖେଇ କାଖେଇ ଆଣୁଥିଲେ, ସେମାନଙ୍କୁ ଦେଖିଲେ ଭାରି ଦୟା ଲାଗୁଥିଲା। ଗଲାବର୍ଷ ସାମାନ୍ୟ ଟିକେ ଜରରେ ବାସୁର ମା' ଚାଲିଗଲା। ସେବେଠାରୁ ଏଡ଼େ ମୋଟା ଦରବୁଢ଼ା ପୁଅଟାକୁ ବୋହି ଭରତ ମନ୍ଦିର ନିକଟକୁ ଆସୁଥିଲା। ଥରେ ସେହି ମନ୍ଦିର ଭିତରେ ଦେଖା ହୋଇଗଲା ସହରର ମେୟରଙ୍କ ସହ। ଠାକୁରଙ୍କୁ ଯଥାକଥା ମୁଣ୍ଡିଆଟିଏ ମାରି, ତରବର ହୋଇ ଭରତ ନିକଟରେ ପହଞ୍ଚିଲି। କହିଲି– ''ଭରତ, ମନ୍ଦିର ଭିତରେ ମେୟରଙ୍କୁ ଦେଖିଲି, ସେ ଏବେ ପୂଜାସାରି ଫେରିବେ। ଚାଲ୍ ବାସୁ ଲାଗି ତିନିଚକିଆ ଗାଡ଼ିଟାଏ ପାଇଁ ତାଙ୍କୁ କହିବା। କେତେଦିନ ଆଉ ତୁମେ ତା'ର ବୋଝ ବୋହୁଥିବ?''

କିଛି ବୁଝି ନ ପାରିଲା ପରି ଭରତ ମତେ ଆବାକାବା ହୋଇ ଚାହିଁଲା। କିଛିକ୍ଷଣ ପରେ କହିଲା– ''ମା', ଛୁଆ କ'ଣ ବାପା ମା'ଙ୍କ ପାଇଁ କେବେ ବୋଝ ହୋଇପାରେ?'' ଚକିତ ହେଲି ବୁଢ଼ାର କଥା ଶୁଣି। ତେବେ, ମ୍ୟୁନିସିପାଲିଟି ତରଫରୁ ତିନିଚକିଆ ଗାଡ଼ିଟାଏ ମିଳିଥିଲା ତାକୁ ସେଥର ଗଣତନ୍ତ୍ର ଦିବସରେ। କିନ୍ତୁ ବାସୁର ଏକାଜିଦ୍ ସେ ତା' ବା' ପିଠିରେ ଲାଉ ହେବ ହିଁ ହେବ। ଆଉ ଦିନେ ପଚାରିଥିଲି– ''ଭରତ! ତୁମର କ'ଣ ଆଉ କେହି ନାହାନ୍ତି?''

ଭରତ ହସି ହସି କହିଥିଲା– ନାହାନ୍ତି କାହିଁକି ମା'? ସମସ୍ତେ ଅଛନ୍ତି– ତିନିପୁଅ, ଦୁଇଝିଅ। ସବୁ ଅଛନ୍ତି ଗାଁରେ। ହେଲେ ଏ ତୁମ ବୋଝ ଆମେ ମୁଣ୍ଡେଇ ପାରିବୁନି ବୋଲି କହିଲାରୁ ପୁଅକୁ ଧରି ଆମେ ବୁଢ଼ାବୁଢ଼ୀ ଚାଲିଆସିଲୁ ଗାଁରୁ। ବୁଢ଼ୀ ତ ମତେ ଏକା କରି ଚାଲିଗଲା। ମହାଦେବଙ୍କୁ କହିଛି, ମୋ' ଆଗରୁ ଏଇ ବାସୁଟାକୁ ନେଇଯାଆନ୍ତୁ। ନ ହେଲେ ଛୁଆଟା ମୋର ଭାରି ହଇରାଣ ହେବ... ତା' କଥା କିଏ ବୁଝିବ?'' ଏହା କହି ଭରତ ତା' ଗାମୁଛାରେ ଲୁହ ପୋଛିଲା ଓ ପରମୁହୂର୍ତ୍ତରେ ପାକୁଆ ପାଟିରେ ହସ ଟେନାଏ ଖେଳାଇ କହିଲା– ''ମା', ଗଲାଥର ତମେ ବାସୁ ପାଇଁ ଯେଉଁ ପକୁଡ଼ି ଆଣିଥିଲ, ସେମିତି ଆଉଥରେ ଆଣିବ; ସେ ଖାଇ ଭାରି ଖୁସି ହେଉଥିଲା।''

''ନିଶ୍ଚୟ... ନିଶ୍ଚୟ...'' କହି ବୁଲିପଡ଼ିଥିଲି। ମୋ' ଆଖିରେ ଜକେଇ ଆସୁଥିବା ଲୁହ ତା' ସ୍ୱାଭିମାନକୁ ଆଘାତ ନ ପହଞ୍ଚାଉ ବୋଲି...।



**ଦୁଇ**

ଦୁଇ ବାନ୍ଧବୀ ରୀତା ଓ ରିନି। ସଂଯୋଗକୁ ଦୁହେଁ ଦୁଇବନ୍ଧୁ ରାକେଶ ଓ ରଂଜିତଙ୍କ ପ୍ରେମରେ ପଡ଼ିଗଲେ। ଏକାଠି ବସି, ଏକାଠି ହସି, ଏକାଠି ମୌଜମଜଲିସ୍ ଭିତରେ ଚାରିବର୍ଷ କୁଆଡ଼େ ଚାଲିଗଲା ଜଣାପଡ଼ିଲାନି। ଚାରିଜଣ ଯାକ ଇଞ୍ଜିନିୟରିଂ ପରେ ପାଇଗଲେ ଭଲ ଚାକିରିମାନ।

ଏହାର ପ୍ରାୟ ବର୍ଷକ ପରେ ରୀତା ସହ ଦେଖା ହୋଇଥିଲା ଜଣେ ସମ୍ପର୍କୀୟଙ୍କ ବାହାଘରରେ। ସାଙ୍ଗରେ ରାକେଶ ଓ ଛଅ ମାସର ଛୁଆ ଧରି ବେଶ୍ ପରିପୂର୍ଣ୍ଣା ଦିଶୁଥିଲା ସେ। ରିନି ବିଷୟରେ ପଚାରିଲାରୁ ମତେ ଗୋଟାଏ କଡ଼କୁ ଭିଡ଼ିନେଇ ଲୁହ ଛଳଛଳ ଆଖି ନେଇ କହିଲା– ''ରିନିର ଅବସ୍ଥା ବହୁତ ଖରାପ, ସିରିଅସ୍ ଡିପ୍ରେସନ ଭିତର ଦେଇ ସେ ଗତି କରୁଛି।''

''କାରଣ?'' ପୁଚ୍ଛା କଲି ମୁଁ।

''ଦିଦି ତମକୁ କିଛି ଲୁଚେଇବିନି। ଚାକିରି ପାଇଲା ପରେ ଆମେ ଚାରିଜଣଯାକ ସାଙ୍ଗ ଗୋଆ ଯାଇଥିଲୁ ସେଲିବ୍ରେସନ କରିବାକୁ। ସେଠାରୁ ଫେରି ଜାଣିଲୁ ଯେ ଦୁହେଁ ହୋଇଛୁ ପ୍ରେଗ୍‌ନାଣ୍ଟ ବୋଲି। ଏ କଥା ଶୁଣି ରାକେଶ ସାଙ୍ଗେ ସାଙ୍ଗେ ଖୁସିରେ ଆକ୍‌ସେପ୍ଟ କରିଗଲେ ମତେ ଓ ତାଙ୍କ ଛୁଆକୁ। ଆମର ମ୍ୟାରେଜ୍ ହୋଇଗଲା, ମାତ୍ର ରଂଜିତ ମନା କରିଦେଲା। କହିଲା, ବର୍ତ୍ତମାନ ମୁଁ ଏ ବୋଝ ମୁଣ୍ଡେଇବା ପାଇଁ ପ୍ରସ୍ତୁତ ନୁହେଁ। ଏବେ ମତେ ଆହୁରି ସିଭିଲ ପାଇଁ ପ୍ରିପେୟାର କରିବାର ଅଛି। ଯଦି ତମେ ୱେଟ୍ କରିବ ତ...।''

ମଉସା ମାଉସୀଙ୍କ ଚାପରେ ଆସି ରିନି ଆବରସନ ତ କରେଇଲା, କିନ୍ତୁ ଯେଉଁ ମାନସିକ ଧକ୍କାଟା ହେଲା ତାକୁ ସମ୍ଭାଳି ପାରିଲାନି...।

ମନକୁ ମନ ଅନେକ ସମୟ ପର୍ଯ୍ୟନ୍ତ ଘାରି ହୋଇଥିଲି। କେବଳ ଗୋଟିଏ ମାନସିକ ସ୍ୱୀକୃତିର ଅଭାବରେ ଦେବଶିଶୁଟିଏ କିପରି ଆଶୀର୍ବାଦ ପରିବର୍ତ୍ତେ ଅବାଞ୍ଛିତ ବୋଝ ପାଲଟିଗଲା ତାହା ଭାବି ହୋଇ ଉଠୁଥିଲି ମ୍ରିୟମାଣ।

ମୋ: ୯୪୩୭୪୫୩୬୧୦

**କୋର ସେକ୍ଟର ଉତ୍ପାଦନ ୪.୬% ଖସିଲା**

ଚଳିତ ବର୍ଷ ଫେବୃୟାରୀରେ ଦେଶର କୋର୍ ସେକ୍ଟର ଭିତ୍ତିଭୂମି କ୍ଷେତ୍ର ଉତ୍ପାଦନ ୪.୬% ହ୍ରାସ ହୋଇଛି। ବୁଧବାର ସରକାର ଏ ନେଇ ଜାରି କରିଥିବା ଡାଟା ମୁତାବକ, ୮ କୋର୍ ସେକ୍ଟର ଶିଳ୍ପ କ୍ଷେତ୍ର ୧୨୭.୮% ସ୍ତରରେ ରହିଛି। ଗତ ବର୍ଷ ଏପ୍ରିଲରୁ ଚଳିତ ବର୍ଷ ଫେବୃୟାରୀ ମଧ୍ୟରେ କୋର୍ ସେକ୍ଟର ୮.୩% ହ୍ରାସ ହୋଇଛି। କୋଇଲା ଉତ୍ପାଦନ ୪.୪% ହ୍ରାସ ହୋଇଥିବା ବେଳେ ପେଟ୍ରୋଲିୟମ ୧୦.୯%, ପ୍ରାକୃତିକ ବାଷ୍ପ ୧% ଏବଂ ଅଶୋଧିତ ତୈଳ ଉତ୍ପାଦନ ୩.୨% ଖସିଥିବା ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

# ୬୨୭ ପଏଣ୍ଟ ଖସିଲା ସେନ୍‌ସେକ୍ସ

**ମୁମ୍ବାଇ,୩୧।୩**



ବୁଧବାର ଭାରତୀୟ ପୁଞ୍ଜିବଜାର ପୁଣି ଥରେ ପ୍ରଭାବିତ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୬୨୭ ପଏଣ୍ଟ (୧.୨୫%) ହ୍ରାସ ହେବା ଫଳରେ ଏହା ୪୯,୫୦୯ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୧୫୪ ପଏଣ୍ଟ (୧.୦୪%) ନିମ୍ନରେ ରହିବା ଯୋଗୁ ଏହା ୧୪,୬୯୧ ପଏଣ୍ଟ ସ୍ତରକୁ ଖସିଛି। ବ୍ୟାଙ୍କିଙ୍ଗ୍ ଏବଂ ଫାଇନାନ୍ସିଆଲ ଷ୍ଟକ୍ କାରବାର ଖସିବା ଯୋଗୁ ଏଭଳି ସ୍ଥିତି ଦେଖାଯାଇଛି। ଏଚ୍‌ଡିଏଫ୍‌ସିର ଶେୟାର ସବୁଠାରୁ ବେଶି ପ୍ରଭାବିତ ହେବା ଯୋଗୁ ୪.୦୬% ଖସିଥିବା ନଜରକୁ ଆସିଛି। ସେହିଭଳି ପାୱାର ଗ୍ରୀଡ୍, ଟେକ୍ ମହିନ୍ଦ୍ରା, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଓଏନ୍‌ଜିସି ଭଳି କମ୍ପାନୀର ଶେୟାର ପ୍ରଭାବିତ ସ୍ଥିତିରେ ରହିଛି।

ସେନ୍‌ସେକ୍ସରେ ଆଇଟିସି, ବଜାଜ ଫିନ୍‌ସର୍ଭ, ହିନ୍ଦୁସ୍ଥାନ ୟୁନିଲିଭର, ଏସ୍‌ବିଆଇ, ଟିସିଏସ୍ ଭଳି କମ୍ପାନୀର ଶେୟାର କାରବାର ୧.୮୨% ବୃଦ୍ଧି ପାଇଛି। ଏନ୍‌ଏସ୍‌ଇ ପ୍ଲାଟ୍‌ଫର୍ମରେ ନିଫ୍ଟି ଫାଇନାନ୍ସିଆଲ ସର୍ଭିସ, ବ୍ୟାଙ୍କ, ଆଇଟି ଶେୟାର ୨.୦୧% ହ୍ରାସ ହୋଇଛି। ଘରୋଇ ବ୍ୟାଙ୍କ ଶେୟାରଗୁଡିକରେ ପ୍ରଫିଟ ବୁକିଂ ଏବଂ ଆଇଟି ଷ୍ଟକ୍‌ଗୁଡିକରେ ସେଲିଂ ପ୍ରେସର ଦେଖାଯାଇଛି। ଏସିଆର ଅନ୍ୟ ଶେୟାର ବଜାର ଯଥା ସାଂଘାଇ, ହଂକଂ, ସିଓଲ ଏବଂ ଟୋକିଓ ଭଳି ଶେୟାର ବଜାରଗୁଡିକ ମଧ୍ୟ ପ୍ରଭାବିତ ସ୍ଥିତିରେ ବନ୍ଦ ହୋଇଛି। ଏଭଳି ସ୍ଥିତିରେ ଫରେନ ପୋର୍ଟଫୋଲିଓ ନିବେଶକମାନେ ପୁଞ୍ଜି ବଜାରରୁ ନେଟ୍ ୭୬୯ କୋଟି ଟଙ୍କାର ଶେୟାର କ୍ରୟ କରିଛନ୍ତି।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୭୦.୫୩ %




**ଭୁବନେଶ୍ୱର,୩୧।୩**

ଦେଶର ବିଭିନ୍ନ ବର୍ଗର ଶିଳ୍ପ ଶ୍ରମିକଙ୍କ ପାଇଁ ସର୍ବଭାରତୀୟ ଖାଉଟି ମୂଲ୍ୟସୂଚୀ ବୁଧବାର ପ୍ରକାଶ ପାଇଛି। ଏହି ସୂଚୀ ଅନୁସାରେ ୨୦୨୧ ଜାନୁୟାରୀରେ ଏହା ୧୧୮.୨ ପଏଣ୍ଟ ରହିଥିଲା। ଫେବୃୟାରୀରେ ଏହା ୦.୮% ବୃଦ୍ଧି ପାଇ ୧୧୯.୦ ପଏଣ୍ଟରେ ରହିଛି। ସେହିଭଳି ଓଡ଼ିଶାର ତାଳଚେର ଓ ଅନୁଗୋଳରେ ମଧ୍ୟ ଏହା ୧୨୫.୪ ପଏଣ୍ଟରେ ଥିବା ବେଳେ ଫେବୃୟାରୀ ଏହା ୧.୦ ପଏଣ୍ଟ ବଢି ୧୨୬.୪ ପଏଣ୍ଟ ହୋଇଛି। ସେହିପରି କଟକରେ ମଧ୍ୟ ୧୨୪.୬ ଥିଲା ବେଳେ ଏହା ୧.୭ ପଏଣ୍ଟ ବୃଦ୍ଧି ଘଟି ଫେବୃୟାରୀରେ ୧୨୬.୩ ପଏଣ୍ଟରେ ପହଞ୍ଚିଛି। କେନ୍ଦୁଝରରେ ମଧ୍ୟ ଏହା ୧୨୪.୮ ପଏଣ୍ଟରେ ରହିଥିଲା। ଫେବୃୟାରୀରେ ଏହା ୦.୭ ପଏଣ୍ଟ ବଢି ୧୨୫.୫ ପଏଣ୍ଟ ହୋଇଛି।

ଅନ୍ୟପକ୍ଷରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗର କର୍ମଚାରୀମାନେ ବର୍ତ୍ତମାନ ୧୭୧.୬% ଭତ୍ତା ପାଉଛନ୍ତି। ବର୍ତ୍ତମାନ ଏହା ୧.୦୭% କମି ୧୭୦.୫୩% ରେ ପହଞ୍ଚିଛି। ଏହି ରାଶିକୁ ସେମାନେ ଏପ୍ରିଲ ପହିଲାରୁ ପାଇପାରିବେ ବୋଲି ସୂଚନା ମିଳିଛି। ବର୍ତ୍ତମାନ ସମୟରେ ବ୍ୟାଙ୍କ କର୍ମଚାରୀମାନେ ୮୫.୨% ଭତ୍ତା ପାଉଛନ୍ତି। ଏହି ଭତ୍ତା ସଂଶୋଧିତ ହାର ଅନୁସାରେ ୨୫.୪୧% ମେ'ପହିଲା ଠାରୁ ପାଇବେ ବୋଲି ଜଣାପଡ଼ିଛି। ବୀମା କର୍ମଚାରୀମାନେ ମଧ୍ୟ ବର୍ତ୍ତମାନ ସମୟରେ ୭୮.୫% ପାଉଥିବା ବେଳେ ଏହା ୧.୦୭% ହ୍ରାସ ପାଇଛି। ଫଳରେ ସେମାନେ ୭୭.୪୩% ମେ ପହିଲାରୁ ପାଇପାରିବେ। ସରକାରୀ କର୍ମଚାରୀ ବର୍ତ୍ତମାନ ସମୟରେ ୧୭% ଭତ୍ତା ପାଉଛନ୍ତି। ଏହା ଆଉ ୧୪% ବୃଦ୍ଧି ପାଇ ୩୧% ହୋଇଛି। ଏହି ବୃଦ୍ଧି ପରିମାଣ ରାଶିକୁ ସେମାନଙ୍କୁ ୨୦୨୦ ଜାନୁୟାରୀରେ ୪%, ୨୦୨୦ ଜୁଲାଇରୁ ୩% ଏବଂ ୨୦୨୧ ଜାନୁୟାରୀରେ ୪% ଏବଂ ଜୁଲାଇରେ ବଳକା ୩ % ମିଳିବ ବୋଲି ଜଣାପଡିଛି।

# ଆଦର୍ଶ ମହାପାତ୍ର ଟାଟା କ୍ରୁସିବୁଲ କୁଇଜର ବିଜେତା



**ଭୁବନେଶ୍ୱର,୩୧।୩**

ଟାଟା କ୍ରୁସିବୁଲ କୁଇଜର ଅନ୍‌ଲାଇନ ସଂସ୍କରଣ ୨୧ର କ୍ଲଷ୍ଟର ବିଜେତା ଭାବେ ଏମ୍ସ ଭୁବନେଶ୍ୱରର ଆଦର୍ଶ କୁମାର ମହାପାତ୍ରଙ୍କ ନାମ ଘୋଷଣା କରାଯାଇଛି। ଏହା କ୍ୟାମ୍ପସଗୁଡିକ ଲାଗି ଭାରତର ସର୍ବବୃହତ୍ ବିଜ୍‌ନେସ କୁଇଜ। ବିଜେତାଙ୍କୁ ପୁରସ୍କାର ରାଶି ଭାବେ ନଗଦ ୩୫ ହଜାର ଟଙ୍କା ମିଳିଛି। ଜାତୀୟ ଫାଇନାଲକୁ ଯୋଗ୍ୟ ବିବେଚିତ ହେବା ଲାଗି ଜୋନାଲ ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବିଜେତା ଯୋଗ୍ୟତା ହାସଲ କରିଛନ୍ତି। ଏଥିରେ ଏନ୍‌ଆଇଟି ରାଉରକେଲାର ଦିବ୍ୟମ ଦେବାଶିଷ ସାହୁ ରନର୍ସ ଅପ୍ ଭାବେ ୧୮ ହଜାର ଟଙ୍କା ଲାଭ କରିଛନ୍ତି। ଟିସିଏସ୍ ଭୁବନେଶ୍ୱରର ସେଣ୍ଟର ହେଡ୍ ମିସ୍ ସରିତା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଛନ୍ତି।

# ଆଇପିସିଏ ପକ୍ଷରୁ ମେଧାବୃତ୍ତି ପ୍ରଦାନ



**ଭୁବନେଶ୍ୱର,୩୧।୩**

ଇଲା ପଣ୍ଡା ସେଣ୍ଟର ଫର୍ ଆର୍ଟସ(ଆଇପିସିଏ) ପକ୍ଷରୁ ପୁସ୍ତକ ଉନ୍ମୋଚନ ତଥା ମେଧାବୃତ୍ତି ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିଳ୍ପୀ ଦୁର୍ଗାପ୍ରସାଦ ଦାସଙ୍କ ଦ୍ୱାରା ନନ୍ଦଲାଲ ବୋଷ ଏବଂ ଶାନ୍ତିନିକେତନ ଶୀର୍ଷକ ଏକ ପୁସ୍ତକ ପ୍ରକାଶ ପାଇଛି। ଆଇପିସିଏ ଏମ୍‌ଏଫ୍‌ଏ ବୃତ୍ତି ୨୦୨୦-୨୧ ପାଇଁ ୫ଜଣ ଛାତ୍ରଙ୍କୁ ମନୋନୀତ କରାଯାଇଛି। ଏମାନଙ୍କ ମଧ୍ୟରେ ସ୍କଲ୍‌ପଚର ପାଇଁ ମହେଶ ମେହେର, ପ୍ରିଣ୍ଟ ମେକିଂ ପାଇଁ ଦୀପକ କୁମାର ମଣ୍ଡଳ, ସୁଜିତ କୁମାର ସ୍ୱାଇଁ, ସେରାମିକ ପାଇଁ ରଶ୍ମିରଞ୍ଜନ ମହାନ୍ତି ଏବଂ ପେଣ୍ଟିଂ ପାଇଁ ଅମିତା ଓଝା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୌରହରି ଦାସ, ଦୁର୍ଗା ପ୍ରଶାଦ ଦାସ ଯୋଗ ଦେଇଥିଲେ। ସେହିଭଳି ଆଇପିସିଏର ଇଡି ସୁନିତା ମହାପାତ୍ର, ଚେୟାରପର୍ସନ ପଞ୍ଚମି ମାନୋ ଉକିଲ, ଫାଉଣ୍ଡର ଟ୍ରଷ୍ଟି ପାରମିତା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ୨୦୨୧-୨୨ରେ ୬ ଏମ୍‌ପିସି ବୈଠକ

**ମୁମ୍ବାଇ,୩୧।୩**

୨୦୨୧-୨୨ରେ ୬ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ବସିବ। ବୁଧବାର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏ ନେଇ ସ୍ପଷ୍ଟ କରାଯାଇଛି। ଆର୍ଥିକ ବର୍ଷ ୨୦୨୧-୨୨ର ପ୍ରଥମ ଦ୍ୱିମାସିକ ମୁଦ୍ରାନୀତି କମିଟି ବୈଠକ ଏପ୍ରିଲ ୫ରୁ ୭ ଯାଏ ଅନୁଷ୍ଠିତ ହେବ। କମିଟି ଏପ୍ରିଲ ୭ରେ ଏହାର ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିବ। କମିଟିରେ ଅଧ୍ୟକ୍ଷ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଥିବା ବେଳେ ଏହାର ଅଧା ସଦସ୍ୟ ବାହ୍ୟ ଏବଂ ସ୍ୱାଧୀନ। ଆର୍‌ବିଆଇ ସୂଚନା ମୁତାବକ, ଦ୍ୱିତୀୟ ବୈଠକ ଜୁନ ୨,୩ ଏବଂ ୪, ତୃତୀୟ ବୈଠକ ଅଗଷ୍ଟ ୪ରୁ ୬, ଚତୁର୍ଥ ବୈଠକ ଅକ୍ଟୋବର ୬ରୁ ୮, ପଞ୍ଚମ ବୈଠକ ଡିସେମ୍ବର ୬ରୁ ୮, ଷଷ୍ଠ ବୈଠକ ୨୦୨୨ ଫେବୃୟାରୀ ୭ରୁ ୯ ଯାଏ ଅନୁଷ୍ଠିତ ହେବ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୩.୩୩ ଲକ୍ଷ ଦାନ କଲା ଇଣ୍ଡିଆନ ବ୍ୟାଙ୍କ

**ଭୁବନେଶ୍ୱର, ୩୧।୩(ବ୍ୟୁରୋ)**

ରାଜ୍ୟର କରୋନା ଲଢେଇରେ ଯୋଗଦାନ ସ୍ୱରୂପ ଇଣ୍ଡିଆନ ବ୍ୟାଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୩.୩୩ ଲକ୍ଷ ଟଙ୍କା ଦାନ କରାଯାଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଲୋକସେବା ଭବନରେ ବ୍ୟାଙ୍କର ଜେନେରାଲ ମ୍ୟାନେଜର ବି. ସୁରିବାବୁଙ୍କ ଠାରୁ ଏହି ରାଶିର ଚେକ୍ ଗ୍ରହଣ କରିଛନ୍ତି। ଏହି ଅବସରରେ ବ୍ୟାଙ୍କର ଜେନେରାଲ ମ୍ୟାନେଜର କହିଛନ୍ତି, ପୂର୍ବରୁ କରୋନା ଲଢେଇ ପାଇଁ ବ୍ୟାଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୫ ଲକ୍ଷ ଟଙ୍କା ଦାନ କରାଯାଇଥିଲା। ଏହିଭଳି ସହଯୋଗ ପାଇଁ ମୁଖ୍ୟ ଶାସନ ସଚିବ ବ୍ୟାଙ୍କକୁ ସାଧୁବାଦ ଜଣାଇବା ସହ ନିଜ ସ୍ତରରେ ସମସ୍ତ କରୋନା ନିୟମର ଅନୁପାଳନ ସହ ସଚେତନତା କାର୍ଯ୍ୟ ଚଳାଇ ରଖିବା ଲାଗି ଅନୁରୋଧ କରିଛନ୍ତି। ଚେକ୍ ପ୍ରଦାନ ସମୟରେ ବ୍ୟାଙ୍କ ଡେପୁଟି ଜେନେରାଲ ମ୍ୟାନେଜର ଲକ୍ଷ୍ମୀଧର ନାୟକ ଉପସ୍ଥିତ ଥିଲେ।

# ସେପ୍ଟେମ୍ବର ୩୦ଯାଏ ବଢ଼ିଲା ଅଟୋ ଡେବିଟ ପେମେଣ୍ଟ

**ନୂଆଦିଲ୍ଲୀ,୩୧।୩**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବୁଧବାର ଅଟୋ ଡେବିଟ୍ ପେମେଣ୍ଟ ସୁବିଧାକୁ ପୂର୍ବପରି ବଳବତ୍ତର ରଖିଛନ୍ତି। ଚଳିତ ବର୍ଷ ଏପ୍ରିଲ ପହିଲାରୁ ଲାଗୁହେବାକୁ ନୂଆ ନିୟମକୁ କେନ୍ଦ୍ରୀୟ ବ୍ୟାଙ୍କ୍ ବର୍ତ୍ତମାନ କିଛି ମାସ ଲାଗି ରୋକ୍ ଲଗାଇଛନ୍ତି। ଗ୍ରାହକଙ୍କ ଅସୁବିଧାକୁ ଆଖି ଆଗରେ ରଖି ଆର୍‌ବିଆଇ ଆଉ ୬ମାସ ଏହି ନିୟମର ଶେଷ ତାରିଖ ପୂର୍ବରୁ ପୁଣି ଥରେ ତାରିଖ ପରିବର୍ତ୍ତନ କରିଛି। ବର୍ତ୍ତମାନ ଏହି ନିର୍ଦ୍ଦେଶାବଳୀକୁ ଦେଶର ସମସ୍ତ ବ୍ୟାଙ୍କ ପାଳନ କରିବା ପାଇଁ ବିଜ୍ଞପ୍ତି ଜାରି ହୋଇଛି। ଫଳରେ ୩୦ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ଏହାର ସମସ୍ତ ଗ୍ରାହକ ପୂର୍ବ ପରି ସେବା ପାଇପାରିବେ।

ଆର୍‌ବିଆଇ ପକ୍ଷରୁ ନୂଆ ନିର୍ଦ୍ଦେଶାବଳୀ ଜାରି ହେବା ପରେ ଏହି ନିୟମ ଲାଗୁ ହେବ ବୋଲି କେନ୍ଦ୍ରୀୟ ବ୍ୟାଙ୍କର ବରିଷ୍ଠ ଅଧିକାରୀ ମତ ଦେଇଛନ୍ତି। ଡେବିଟ୍ ଓ କ୍ରେଡିଟ୍ କାର୍ଡ ଟ୍ରାଞ୍ଜାକ୍ସନର ସୁରକ୍ଷା ଓ ସୁବିଧା ଲାଗି ଆର୍‌ବିଆଇ ଦେଶରେ ଏହି ନୂଆ ନିୟମ ଆଣିବାକୁ ଯାଉଛି। ଏଥିଲାଗି ବ୍ୟାଙ୍କଗୁଡିକ ଆଡିସନାଲ ଫ୍ୟାକ୍ଟର ଅଥେଣ୍ଟିକେସନ ନିୟମକୁ ପୂରାପୂରି ଲାଗୁ କରିପାରି ନ ଥିବା ଜଣାପଡିଛି। ଫଳରେ କେନ୍ଦ୍ରୀୟ ବ୍ୟାଙ୍କର ନୂଆ ନିୟମ ଲାଗୁ କରିବାରେ ଆଉ କିଛି ମାସ ଲାଗିପାରେ ବୋଲି ସୂଚନା ମିଳିଛି।

# ଶୀଘ୍ର ସଞ୍ଚୟ କରିବା ଜରୁରୀ

**ଅର୍ଥର ଅର୍ଥ**



Rupkumar Pradhan
**CERTIFIED FINANCIAL PLANNER$^{CM}$, CHARTERED WEALTH MANAGER**
"Director, SmartMantra Financial Services Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

■ ଆସନ୍ତା ବର୍ଷ ମୋର ବାହାଘର ହେବ । ମୋର ବୟସ ୨୯ ବର୍ଷ ଓ ଏକ ଆଇଟି କମ୍ପାନୀରେ କାମ କରୁଛି। ଆଗକୁ ନିଜର ଭବିଷ୍ୟତ କ୍ୟାରିୟର ପାଇଁ କିଛି ଆଇଟି କୋର୍ସ କରିବି । ବର୍ତ୍ତମାନଠାରୁ କ'ଣ ଅବସରକାଳୀନ ପାଣ୍ଠି ଗଠନ କରିବା ପାଇଁ ପଦକ୍ଷେପ ନେବା ଦରକାର? ମୋ କମ୍ପାନୀ ମାସିକ ପିଏଫ୍ ଜମା କରୁଛି। ଏହା ଯଥେଷ୍ଟ ହେବ କି? କ'ଣ କରିବା ଉଚିତ?

— ସଂଗ୍ରାମ ସାହୁ, କଟକ

◆ ଅବସରକାଳୀନ ପାଣ୍ଠି ଗଠନ ପାଇଁ ଏବେଠୁ ଚିନ୍ତା କରିବା ହିଁ ବଡ଼ ବିଷୟ। ଅବସରକାଳୀନ ସମୟର ମାନେ ଆପଣ କ'ଣ ଭାବନ୍ତି। ଯେଉଁମାନେ ବର୍ତ୍ତମାନ ବୟସ ୨୫-୨୬ ବର୍ଷ ଓ ସେମାନଙ୍କର ରୋଜଗାର ବା ଚାକିରି ଜୀବନ ଆରମ୍ଭ ମାତ୍ର। ଅବସରକାଳୀନ ବିଷୟରେ ଚିନ୍ତା କରିବାକୁ ଜମା ଭଲ ପାଆନ୍ତି ନାହିଁ ଓ ଏହା ଭବିଷ୍ୟତ ଦୃଷ୍ଟି କ୍ଷେତ୍ରରେ ଏକଦା ଜମା ପାଖାପାଖି ନାହିଁ। ଏତେ ଦୂରରେ ଅଛି ଯେ ଏ ବିଷୟରେ ପଦକ୍ଷେପ ନେବାକୁ ଚିନ୍ତା କରନ୍ତି ନାହିଁ।

ପ୍ରାୟତଃ ଅଧିକାଂଶ ଲୋକ ଭାବନ୍ତି ଯେ, ଅବସରକାଳୀନ ପାଣ୍ଠି ଗଠନ ପାଇଁ ଏତେ ଜଲ୍‌ଦି କାହିଁକି? ସମସ୍ତ କାମ ଶେଷକରି ଏ ବିଷୟରେ ଭାବିବା ବା କିଛି ସଞ୍ଚୟ କରିବାକୁ ସମସ୍ତେ ମନ ବଳାଇଥାନ୍ତି। ଏହା ଏକ ଭ୍ରାନ୍ତ ଧାରଣା।

ସବୁଠାରୁ ମୁଖ୍ୟ ପ୍ରଶ୍ନ ସବୁ କ'ଣ ହୋଇପାରେ। ମୁଁ ଅବସରକାଳୀନ ସମୟ ପାଇଁ ଯଥେଷ୍ଟ— ପରିମାଣର ପାଣ୍ଠି ଗଠନ କରିପାରିବି କି? ଏହା କ'ଣ ଯଥେଷ୍ଟ ହେବ କି? ସବୁଠାରୁ ମୁଖ୍ୟ ଦିଗ ହେଉଛି ଆଜିର ଉନ୍ନତ ସ୍ୱାସ୍ଥ୍ୟସେବା ଓ ଦୈନନ୍ଦିନ ଜୀବନଶୈଳୀର ମାନ ଉନ୍ନତ ଯାହାକି ଅନେକ ବର୍ଷ ପର୍ଯ୍ୟନ୍ତ ଜୀବିତ ରଖିଥାଏ। ଏହା କେବେ ଅସାଧାରଣ ହେବ ନାହିଁ ଯେ ଭବିଷ୍ୟତରେ ଲୋକମାନେ ୮୫/୯୦ ବର୍ଷ ପର୍ଯ୍ୟନ୍ତ ଅତି ସହଜରେ ଜୀବିତ ରହିପାରିବେ। ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ଓ ମାସିକ ଔଷଧ ଖର୍ଚ୍ଚ ଅବସରକାଳୀନ ସମୟରେ ନିଶ୍ଚିତ ରହିବ। ଯଦି ଅଧିକ ବର୍ଷ ବଞ୍ଚିରୁହନ୍ତି ତାହା ପାଇଁ ମଧ୍ୟ ଖର୍ଚ୍ଚ ଆବଶ୍ୟକତା ରହିବ। ମୁଦ୍ରାସ୍ଫୀତିର ପ୍ରଭାବ ମଧ୍ୟ ରହିବ। ଅନେକ ବର୍ଷ ଜୀବିତ ରହିବା, ମୁଦ୍ରାସ୍ଫୀତି, ମାସିକ ଔଷଧ ଖର୍ଚ୍ଚ, ଜୀବନଶୈଳୀ ଖର୍ଚ୍ଚ, କମ୍ କର୍ମମୟ ଜୀବନ, ଏସବୁ ବିଷୟରେ ଧ୍ୟାନ ଦେବା ନିହାତି ଜରୁରୀ।

ଜୀବନର ଅଧିକାଂଶ କାର୍ଯ୍ୟ ଆଗୁଆ କରିନେବା ହିଁ ବୁଦ୍ଧିମାନର ପରିଚୟ। ନିମ୍ନଲିଖିତ ଟେବୁଲକୁ ଦୃଷ୍ଟିଦେଲେ ବୁଝିପାରିବେ ଯେ 'ପରବର୍ତ୍ତୀ ସମୟକୁ ଘୁଞ୍ଚାଇବାର ମୂଲ୍ୟ ଦେବାକୁ ପଡ଼ିଥାଏ। ଅତି ବାସ୍ତବ ବିଷୟରେ ଦୃଷ୍ଟି ଆକର୍ଷଣ କରୁଛି। ସମର ଆଗୁଆ ସଞ୍ଚୟ ଗୁରୁତ୍ୱକୁ ବୁଝିପାରିଛି ଓ ୨୫ ବର୍ଷ ବୟସରୁ ସଞ୍ଚୟ ଆରମ୍ଭ କରିଛି। ସେତେବେଳେ ସୁମନ ୧୦ ବର୍ଷ ବିଳମ୍ବରେ ଆରମ୍ଭ କରିଛି। ତଥାପି ସୁଜିତ ଅବସ୍ଥାଠାରୁ ଭଲରେ ଅଛି।

ଯଦି ଅବସରକାଳୀନ ବୟସକୁ ୬୦ ବର୍ଷ ଧରିନେବା ତେବେ ସମର ୮୬,୦୫,୪୫୧ ଟଙ୍କାର ଏକ ପାଣ୍ଠି ଗଠନ କରିପାରିବ। ସବୁଠାରୁ ଅଧିକ ପାଣ୍ଠି ଗଠନ କରିପାରିବ। ଯେତେବେଳେ ସୁମନ ପାଖରେ ୪୭,୨୪,୮୧୬ ଟଙ୍କାର ଏକ ପାଣ୍ଠି ଥିବ ଓ ସୁଜିତ ପାଖରେ ୨୧,୯୦,୦୪୭ ଟଙ୍କାର ପାଣ୍ଠି ତିଆରି କରିପାରିବ।

ସବୁଠାରୁ ମୁଖ୍ୟ ଦିଗ ହେଉଛି ଯେକୌଣସି ଆର୍ଥିକ ଭଙ୍ଗୀ ହାସଲ କରିବା ପାଇଁ ଯେତେ ଶୀଘ୍ର ସଞ୍ଚୟ ଆରମ୍ଭ କରିବେ ସେତେ ଭଲ ହେବ। ଆମର ପରାମର୍ଶ ଆପଣ ଜଣେ ଚାର୍ଟାର୍ଡ ୱେଲ୍‌ଥ ମ୍ୟାନେଜର କିମ୍ବା ସାର୍ଟିଫାଏଡ୍ ଫାଇନାନସିଆଲ ପ୍ଲାନରଙ୍କ ସହ ଆଲୋଚନା କରି ଆରମ୍ଭ କରନ୍ତୁ।

**ଚକ୍ରବୃଦ୍ଧି ସୁଧହାରର ଶକ୍ତିକୁ ନିଜ ସପକ୍ଷରେ ବ୍ୟବହାର କରନ୍ତୁ**

| | ସମର | ସୁମନ | ସୁଜିତ |
|---|---|---|---|
| ବର୍ତ୍ତମାନ ବୟସ | ୨୫ | ୩୫ | ୪୫ |
| ଅବସରକାଳୀନ ବୟସ | ୬୦ | ୬୦ | ୬୦ |
| ମାସିକ ନିବେଶ ଟଙ୍କା | ୫୦୦୦ | ୬୦୦୦ | ୭୦୦୦ |
| ସମୁଦାୟ କିସ୍ତି ମାସ | ୪୨୦ | ୩୦୦ | ୧୮୦ |
| ୬୦ ବର୍ଷ ବୟସ ପାଣ୍ଠି | ୮୬,୦୫,୪୫୧ | ୪୭,୨୪,୮୧୬ | ୨୧,୯୦,୦୪୭ |
| ବାର୍ଷିକ ସୁଧହାର | ୭% | ୭% | ୭% |
| ପାଣ୍ଠିର ତଫାତ | ୩୮,୮୦,୬୩୪ | ୨୫,୩୪.୭୬୯ | |

■ ନିଜ ଘରକୁ ବୀମାଭୁକ୍ତ ପାଇଁ କ'ଣ ଆୟକର, ସୁବିଧା ପାଇବି କି? ଏହା କ'ଣ ଆୟକର ଛାଡ଼ ୧.୫ ଲକ୍ଷ ଭିତରେ ଆସିବ କି?

— ଅନ୍ତର୍ଯ୍ୟାମୀ ପଲାଇ, ଭବାନୀପାଟଣା

◆ ଆପଣ ଘରକୁ ବୀମାଭୁକ୍ତ କରିବା ପାଇଁ ପ୍ରିମିୟମ ଦେୟ ରାଶି ଉପରେ ଆୟକର ଛାଡ଼ ଦାବି କରିପାରିବେ ନାହିଁ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦**


**PARADIP PORT TRUST**
**e-TENDERING NOTICE**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from interested bidders for supply of **Electrical Items**. The last date and time of submission of the tender is 17.15 Hours on **Dt. 12-04-2021**.
For details, please log on to Website:
**https://eprocure.gov.in/eprocure/app**
**Sr. Dy. Materials Manager**
**PPT/PR/456/20-21 Dated:31.03.2021**

**DISTRICT EDUCATION OFFICE, SONEPUR**
**NOTIFICATION OF ENGAGEMENT OF JR. CLERK-CUM-ACCOUNTANT**
**No. 1900** **Date: 31.03.2021**
Applications are invited in prescribed proforma for filling up 01 (One) number of Junior Clerk-cum-Accountant Post (Un-reserved Category) on contractual basis in Odisha Adarsha Vidyalayas, Binka of Binka Block in Subarnapur District by 16.04.2021 by Registered Post/Speed Post to the District Education Officer, Sonepur, At/P.O.-Sonepur, District- Subarnapur, PIN - 767017. The application form and guidelines are available in the District website: **www.subarnapur.nic.in**.
By the order of DM & Collector, Subarnapur
**Sd./- District Education Officer**
**Sonepur**

GOVERNMENT OF ODISHA
**DISTRICT PROJECT OFFICE**
**SAMAGRA SIKSHYA, SUNDARGARH**
**E-mail ID: dpcsndgssa.opepa@nic.in**
**"e" Procurement Notice**
**Bid Identification No.DPC/SS/SNG/03 of 2020-21**
**Letter No. 726/Civil/Date 30.03.2021**
District Project Co-ordinator, Samagra Sikshya, Sundargarh on behalf of Governor of Odisha inviting percentage rate bid in double cover system on ONLINE mode from eligible contractors with valid licences for "Improvement of infrastructure (Civil+Electrical+PH+Renovation) in the Schools" as detailed in DTCN.

| | |
|---|---|
| Nature of work | - Improvement of Infrastructure (Civil+Electrical+PH+Repair & Renovation) in the Schools |
| No. of works | - 102 (One hundred two Nos.) |
| Cost of tender paper | - Rs.10,000/-. In 97 Projects & Rs.6,000/- in 5 Projects |
| Class of contractor | - 'B' & 'A' in 97 Projects 'C' & 'B' in 5 Projects |
| Availability of bid document in the website | - From 10.00 hours of date-03.04.2021 to 17.00 hours of date 19.04.2021. |
| Date of opening of bid | - 11.00 A.M. on Dt.20.04.2021. |

The bidders have to particiapte in ONLINE bidding only. Further details can be seen from the website (https://tendersodisha.gov.in). Any addendum/corrigendum/cancellation of tender can also be seen in the said website only.
**Sd./- District Project Co-ordinator**
**Samagra Sikshya, Sundargarh**

**OFFICE OF THE PROJECT ENGINEER**
**Project Management Unit (Drainage), OISIP, JICA,**
**Orissa Water Supply & Sewerage Board**
At : Mahanadivihar, P.O. : Nayabazar, Cuttack-753004
Phone: 0671-2440381, email: pe_cd@owssb.in
**NATIONAL COMPETITIVE BIDDING THROUGH e-PROCUREMENT**
**Invitation for Bids (IFB) Dtd. 31.03.2021**

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding From | To |
|---|---|---|---|---|---|---|
| 1. | Drain Cleaning During Monsoon 2021- Desilting of drain including disposal of desilted material and Maintenance of Free Flow during Rainy season, From Revenue Colony to Goshala at Main Drain-1 and Link Drain (From Seminary Chowk to Rouspatana and From Matrubhawan to Kathjodi River). | OISIP-JICA-Drainage-01/2020-21 | 80.07 (Excluding GST) | Six Months | 11.00 Hrs. of 02.04.2021 | 15.30 Hrs. of 12.04.2021 |

- Name & Address of Officer Inviting Bid:
  **The Project Engineer, Project Management Unit (Drainage), OISIP, JICA, OWSSB, Odisha.**
  **At: Mahanadivihar, P.O.: Nayabazar, Cuttack - 753004**
  **Phone: 0671-2440381**
  **Email: pe_cd@owssb.in**
- Further details can be seen from the e-Procurement portal **"https://www.tendersodisha.gov.in"**
- **All amendments, time extension, clarification etc. will be uploaded in the website only. Bidders should regularly visit the above website to keep themselves updated.**

Sd/-
Project Engineer, PMU, Drainage
OISIP, OWSSB, Cuttack

**TPWODL**
**ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍**
**କର୍ପୋରେଟ୍ କାର୍ଯ୍ୟାଳୟ : ବୁର୍ଲା, ଜିଲ୍ଲା: ସମ୍ବଲପୁର-୭୬୮୦୧୭ (ଓଡ଼ିଶା)**
**ଓପନ୍ ଆକ୍ସେସ୍ ଦେୟ ଅଧିସୂଚନା**
**୧ ମେଗାୱାଟ୍ ଏବଂ ତଦୂର୍ଦ୍ଧ୍ୱ ଓପନ୍ ଆକ୍ସେସ୍ ଉପଭୋକ୍ତାଙ୍କ ପାଇଁ ସରଚାର୍ଜ, ହ୍ୱିଲିଂ ଦେୟ ଏବଂ ଟ୍ରାନ୍ସମିଶନ ଦେୟ**
**୪ ଏପ୍ରିଲ, ୨୦୨୧ଠାରୁ ଲାଗୁ**

ବିଦ୍ୟୁତ୍ ଅଧିନିୟମ, ୨୦୦୩ର ଧାରା ୩୯, ୪୦ ଓ ୪୨ ସହିତ ପଠନପୂର୍ବକ ଓଇଆର୍‌ସି (ଅନ୍ତଃରାଜ୍ୟ ଓପନ୍ ଆକ୍ସେସ୍‌ର ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୨୦ର ବ୍ୟବସ୍ଥାପନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଓପନ୍ ଆକ୍ସେସ୍ ଦେୟ (ଟ୍ରାନ୍ସମିଶନ୍/ହ୍ୱିଲିଂ ଦେୟ, ସରଚାର୍ଜ ଏବଂ ଅନ୍ତଃରାଜ୍ୟ ଟ୍ରାନ୍ସମିଶନ୍/ବିତରଣ ପ୍ରଣାଳୀର ଉପଯୋଗ ପାଇଁ ଓପନ୍ ଆକ୍ସେସ୍ ଉପଭୋକ୍ତାଙ୍କ ଲାଗି ପ୍ରଯୁଜ୍ୟ ଅତିରିକ୍ତ ସରଚାର୍ଜ) ଅନୁମୋଦନ ସଂକ୍ରାନ୍ତୀୟ ୨୦୨୦ର ମାମଲା ସଂଖ୍ୟା ୭୯, ୮୦, ୮୧ ଓ ୮୨(ଏ)ରେ ତା୨୬।୦୩।୨୦୨୧ରିଖ ଦିନ ଏକ ସାଧାରଣ ନିର୍ଦ୍ଦେଶ ଗୃହୀତ କରିଛନ୍ତି ଯାହା ୪ ଏପ୍ରିଲ, ୨୦୨୧ଠାରୁ ଲାଗୁ ହେବ।

୨. ନିମ୍ନ ସାରଣୀରେ ଦର୍ଶାଯାଇଥିବା ଅନୁଯାୟୀ ହ୍ୱିଲିଂ ଦେୟ ଏବଂ ସରଚାର୍ଜ ତା୦୪।୦୪।୨୦୨୧ରିଖଠାରୁ ଲାଗୁ ହେବ।

**୧ ମେଗାୱାଟ୍ ଏବଂ ତଦୂର୍ଦ୍ଧ୍ୱ ଓପନ୍ ଆକ୍ସେସ୍ ଉପଭୋକ୍ତାଙ୍କ ପାଇଁ ସରଚାର୍ଜ, ହ୍ୱିଲିଂ ଦେୟ ଏବଂ ଟ୍ରାନ୍ସମିଶନ୍ ଦେୟ**

| ଲାଇସେନ୍ସିଙ୍କ ନାମ | କ୍ରସ୍ ସବ୍‌ସିଡି ସରଚାର୍ଜ (ପି/ୟୁ) ଇଏଚ୍‌ଟି | କ୍ରସ୍ ସବ୍‌ସିଡି ସରଚାର୍ଜ (ପି/ୟୁ) ଏଚ୍‌ଟି | କେବଳ ଏଚ୍‌ଟି ଉପଭୋକ୍ତାଙ୍କ ପାଇଁ ପ୍ରଯୁଜ୍ୟ ହ୍ୱିଲିଂ ଦେୟ ପି/ୟୁ | ଓପନ୍ ଆକ୍ସେସ୍ ଗ୍ରାହକଙ୍କ ପାଇଁ ଟ୍ରାନ୍ସମିଶନ୍ ଦେୟ (ଏଚ୍‌ଟି ଓ ଇଏଚ୍‌ଟି ଉପଭୋକ୍ତାଙ୍କ ପାଇଁ ପ୍ରଯୁଜ୍ୟ) |
|---|---|---|---|---|
| ଟିପିସିଓଡିଏଲ୍ | ୧୬୪.୩୫ | ୧୦୨.୫୪ | ୬୮.୦୬ | ଓପନ୍ ଆକ୍ସେସ୍‌ର ସୁବିଧା ନେଉଥିବା ଓପନ୍ ଆକ୍ସେସ୍ ଉପଭୋକ୍ତା ଟ୍ରାନ୍ସମିଶନ୍ ଦେୟ ଭାବେ ଟ.୬୭୨୦/ମେଗାୱାଟ୍-ଦିନ (ଟ.୨୮୦/ଏମ୍‌ଡବ୍ଲ୍ୟୁଏଚ୍) ପୈଠ କରିବେ। |
| ନେସ୍କୋ ୟୁଟିଲିଟି | ୧୪୧.୦୪ | ୬୬.୯୭ | ୯୪.୩୦ | |
| ଟିପିଡବ୍ଲ୍ୟୁଓଡିଏଲ୍ | ୧୩୦.୩୩ | ୭୬.୮୩ | ୬୦.୧୭ | |
| ଟିପିଏସ୍‌ଓଡିଏଲ୍ | ୨୧୨.୨୩ | ୧୪୧.୪୩ | ୯୮.୯୪ | |

୩. ଇଏଚ୍‌ଟିରେ ନର୍ମେଟିଭ୍ ଟ୍ରାନ୍ସମିଶନ୍ କ୍ଷତି (୩.୦%) ଏବଂ ଏଚ୍‌ଟି ସ୍ତରରେ ନର୍ମେଟିଭ୍ ହ୍ୱିଲିଂ କ୍ଷତି (୮%) ବର୍ଷ ୨୦୨୧-୨୨ ପାଇଁ ପ୍ରଯୁଜ୍ୟ।
୪. ଅତିରିକ୍ତ ସରଚାର୍ଜ: ଏମ୍ବେଡେଡ୍ ଲାଇସେନ୍‌ସିଙ୍କୁ କ୍ରସ୍ ସବ୍‌ସିଡି ସରଚାର୍ଜରୁ ଉପରେ ଓ ଉର୍ଦ୍ଧ୍ୱରେ ସରଚାର୍ଜ ପୈଠଯୋଗ୍ୟ ହେବନାହିଁ।
୫. ଅକ୍ଷୟ ଶକ୍ତିର ସୁବିଧା ନେଉଥିବା ଉପଭୋକ୍ତାଙ୍କ ଦ୍ୱାରା କୌଣସି କ୍ରସ୍-ସବ୍‌ସିଡି ସରଚାର୍ଜ ପୈଠଯୋଗ୍ୟ ହେବନାହିଁ।
୬. କୋ-ଜେନେରେଶନ ଓ ବାୟୋ ମାସ୍ ପାୱାର୍ ପ୍ଲାଣ୍ଟକୁ ଛାଡ଼ି ଅକ୍ଷୟ ଉତ୍ସରୁ ଶକ୍ତି ହାସଲ କରୁଥିବା ଉପଭୋକ୍ତାଙ୍କ ଦ୍ୱାରା ୨୦% ଟ୍ରାନ୍ସମିଶନ୍ ଓ ହ୍ୱିଲିଂ ଦେୟ ପୈଠଯୋଗ୍ୟ।
୭. ଆର୍ଥିକବର୍ଷ ୨୦୨୧-୨୨ ପାଇଁ ଅଧିସୂଚିତ ଏହି ଦେୟଗୁଡ଼ିକ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ।

ସର୍ବସାଧାରଣ ତଥା ଏ ବିଷୟରେ ଆଗ୍ରହ ରଖୁଥିବା ବ୍ୟକ୍ତିବିଶେଷଙ୍କ ସୂଚନାର୍ଥେ ଆୟୋଗ ଏତଦ୍ୱାରା ଏଚ୍‌ଟି ଏବଂ ଇଏଚ୍‌ଟିର ସମସ୍ତ ଶ୍ରେଣୀର ଉପଭୋକ୍ତାଙ୍କ ପାଇଁ ଲାଗୁ ଦେୟଗୁଡ଼ିକୁ ପ୍ରକାଶିତ କରୁଛନ୍ତି। କଥିତ ନିର୍ଦ୍ଦେଶ ଆୟୋଗଙ୍କ ୱେବ୍‌ସାଇଟ୍ www.orierc.orgରେ ତଥା ଡିସ୍‌କମ୍ ୱେବ୍‌ସାଇଟ୍ www.tpwesternodisha.comରେ ଉପଲବ୍ଧ।

ସ୍ଥାନ: ବୁର୍ଲା
ତାରିଖ: ୩୧।୦୩।୨୦୨୧
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

# ସେହି ୯ ବର୍ଷ



ମହେଶ ବାବୁ

ଦକ୍ଷିଣ ଭାରତୀୟ ସିନେମାରେ ମହେଶ ବାବୁ କେତେ ଲୋକପ୍ରିୟ ତାହା କହିବା ବାହୁଲ୍ୟ। ନିଜର ଅଲରାଉଣ୍ଡର ପରଫରମାନ୍ସରେ ସେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ଦୀର୍ଘ ୧୫ବର୍ଷରୁ ଊର୍ଦ୍ଧ୍ୱ ଧରି ସେ ବଡ଼ ପରଦାରେ ନା ୟ କ ସାଜିଆସିଛନ୍ତି।

ନିଜର ଆକ୍ଟିଂ କ୍ୟାରିୟରରେ ଗୋଟିଏ କଥାକୁ ସେ କେବେ ଭୁଲିପାରି ନାହାନ୍ତି। ମହେଶ ବାବୁଙ୍କ ଜଣେ ଶିଶୁ କଳାକାର ଭାବରେ ନିଜର ଅଭିନୟ ଜୀବନ ଆରମ୍ଭ କରିଥିଲେ। ଦଶାରୀ ନାରାୟଣ ରାଓଙ୍କ 'ନିଡ୍ଡା'ରେ ତାଙ୍କୁ ଏହି ସରପ୍ରାଇଜ ଅଫର ମିଳିଥିଲା। ତା'ପରେ କେତୋଟି ଫିଲ୍ମରେ ସେ ଶିଶୁ କଳାକାର ଭାବରେ ଅଭିନୟ କରିବା ପରେ ହଠାତ୍ ତାଙ୍କର ପିତା ତଥା ବିଶିଷ୍ଟ ଅଭିନେତା କ୍ରିଷ୍ଣା ତାଙ୍କୁ କହିଥିଲେ ଯେ, 'ଏବେ ତୁ ପାଠପଢ଼ା ପ୍ରତି ନଜର ଦେ।' ତେଣୁ ଦୀର୍ଘ ନଅ ବର୍ଷ (୧୯୯୦-୧୯୯୯) ସେ ଅଭିନୟଠାରୁ ଦୂରେଇ ଯାଇ ପାଠପଢ଼ାରେ ମନୋନିବେଶ କରିଥିଲେ। ତା'ପରେ ପୁଣି ଥରେ ଆକ୍ଟିଂ ମଇଦାନକୁ ଓହ୍ଲାଇ ଥିଲେ ମହେଶ ବାବୁ। ନାୟକ ଭାବରେ ତାଙ୍କର ପ୍ରଥମ ସିନେମା ଥିଲା 'ରାଜା କୁମାରୁଡ୍ଡୁ'। କେ. ରାଘବେନ୍ଦ୍ର ରାଓଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ମହେଶ ବାବୁଙ୍କ ନାୟିକା ସାଜିଥିଲେ ପ୍ରୀତି ଜିଣ୍ଟା।

## ବଲିଉଡ୍ ହାଲ୍‌ଚାଲ୍

- ଅକ୍ଷୟ କୁମାର ଅଭିନୟ କରୁଥିବା ନୂଆ ସିନେମା 'ରାମ ସେତୁ'ର ଶୁଟିଂ ଆରମ୍ଭ ହୋଇଯାଇଛି। ଏଥିରେ ସେ ଜଣେ ଆର୍ଚିଟେକ୍ ଇଞ୍ଜିନିୟର ଭୂମିକାରେ ଅଭିନୟ କରିଛନ୍ତି।
- ନୂଆ ସିନେମା 'ମିଷ୍ଟେସ ଅଣ୍ଡରକଭର'ରେ ରାଧିକା ଆପ୍ଟେ ଜଣେ ଏଜେଣ୍ଟ ଭୂମିକାରେ ଦେଖାଦେବେ। ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ନବାଗତା ଅନୁଶ୍ରୀ ମେହେଟ୍ଟା।
- ନିର୍ଦ୍ଦେଶକ ଅମୋଲ ଗୁପ୍ତେ ତାଙ୍କର ଆଗାମୀ ସିନେମାରେ ପରିଣିତି ଚୋପ୍ରାଙ୍କୁ ରିପିଟ୍ କରିବାର ଯୋଜନା ରହିଛି।
- ଯଶରାଜ ଫିଲ୍ମସ ବ୍ୟାନରରେ ନିର୍ମିତ 'ବଣ୍ଟି ଔର ବବଲି-୨' ଚଳିତ ବର୍ଷ ଏପ୍ରିଲ ୨୩ରେ ରିଲିଜ ହୋଇଥାଆନ୍ତା। ହେଲେ ଏବେ କରୋନା ପୁଣି ଥରେ ତାହାର କାୟା ବିସ୍ତାର କରୁଥିବାରୁ ଏ ହି ଡେଟ୍‌କୁ ବାତିଲ୍ କରାଯାଇଛି। ଏହି ଫିଲ୍ମରେ ସୈଫ ଅଲ୍ଲୀ ଖାଁ, ରାଣୀ ମୁର୍ଖାଜୀ ଅଭିନୟ କରିଛନ୍ତି।

## କେବଳ ଡେଟ୍ ପାଇଁ..



କରୀନା

ଦ୍ୱିତୀୟ ସନ୍ତାନର ଜନନୀ ହେବା ପରେ କରୀନା ଏବେ ପୁଣି ଥରେ ଶୁଟିଂରେ ବ୍ୟସ୍ତ ଅଛନ୍ତି। ହେଲେ ନିକଟରେ ସେ ଏକ ଭଲ ଅଫର ହାତଛଡ଼ା କରିଛନ୍ତି। ଅବଶ୍ୟ ଏହି ଫିଲ୍ମର କାହାଣୀ ଶୁଣିବା ପରେ ସେ ଏଥିରେ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ହେଲେ ତାଙ୍କ ପାଇଁ ଏକ ସମସ୍ୟା ଭାବରେ ଉଭା ହୋଇଥିଲା ଡେଟ୍। ଅର୍ଥାତ୍ ସେ ସାଇନ୍ କରିଥିବା ପୂର୍ବ ସିନେମାଗୁଡ଼ିକ ପାଇଁ ସେ ଏତେ ବ୍ୟସ୍ତ ରହିବେ ଯେ ନୂଆ ଫିଲ୍ମ ସାଇନ୍ କରି ତାହାର ଶୁଟିଂ ପାଇଁ ସମୟ ଦେବାକୁ ସେ ଏବେ ଅସମର୍ଥ ବୋଲି କହିଛନ୍ତି। ତେଣୁ ନିକଟରେ ସେ ଭଲ ଭଲ ୨-୩ଟି ଅଫର ବାଧ୍ୟ ହୋଇ ହାତଛଡା କରିଛନ୍ତି। ସୂଚନାଯୋଗ୍ୟ କରୀନା କପୁର ଏବଂ ଆମୀର ଖାଁଙ୍କୁ ନେଇ ନିର୍ମିତ 'ଲାଲ୍ ସିଂ ଚଡ୍ଢା' ରିଲିଜ ଅପେକ୍ଷାରେ ରହିଛି।

### ପରଦାରେ

## 'ତୁମେ ମୋ ଶଙ୍ଖା ତୁମେ ମୋ ସିନ୍ଦୂର'

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ତୁମେ ମୋ ଶଙ୍ଖା ତୁମେ ମୋ ସିନ୍ଦୂର' ଆଜି ଅର୍ଥାତ୍ ଏପ୍ରିଲ ୧ରେ ପରଦା ଉପରକୁ ଆସୁଛି। ବନସ୍ୱର୍ଣ୍ଣ ଟେଲିଭିଜନ ପ୍ରା.ଲି. ବ୍ୟାନରରେ ପ୍ରସ୍ତୁତ ଏହି ସିନେମା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଆଶା ରଖିଛନ୍ତି ଏହାର ପ୍ରଯୋଜକ ବଦ୍ରିନାଥ ପଟ୍ଟନାୟକ। ଅନ୍ୟପକ୍ଷରେ ଏହି ଫିଲ୍ମରେ କେବଳ ଲଭ୍ ନୁହେଁ ପାରିବାରିକ ଏବଂ ଇମୋଶନର ସ୍ୱାଦ ରହିଛି ବୋଲି କହନ୍ତି ଏହାର ନିର୍ଦ୍ଦେଶକ ରଣଜିତ ବାରିକ। ବିଶେଷଭାବରେ ଏଥିରେ ନିଜ ଭୂମିକାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ଅଭିଷେକ। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଦୁଇଜଣ ନାୟିକା-ଅଙ୍କିତା ଏବଂ ମହିମା। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର ଏବଂ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ସ୍ୱୟମ୍ ପାଢ଼ୀ, ଇରା ମହାନ୍ତି, ରୋଜାଲିନ୍, ନେହା, ଓ ନୀହାରିକା। ରୋମାନ୍ସ, ଫ୍ୟାମିଲି ଡ୍ରାମା ଓ ଆଇଟମ ନମ୍ବର ତଡକା ଥିବା ଏହି ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।



ଅଙ୍କିତା-ଅଭିଷେକ-ମହିମା

## ଖୋଜିଲା ଚିଜ ମିଳିଗଲା



ଅଂଶୁମାନ-ବ୍ରିଜେଶ

'ଆଇଲାରେ ଓଡ଼ିଆ ପୁଅ'ରୁ ସେ ଆରମ୍ଭ କରିଥିଲେ ତାଙ୍କର ଓଲିଉଡ୍ କ୍ୟାରିୟର। ଏବେ ତାଙ୍କ ଅଭିନୀତ 'ତୁ ମୋ ନିହାତି ଦରକାର' ରିଲିଜ ଅପେକ୍ଷାରେ ରହିଛି। ସେ ହେଲେ ଅଂଶୁମାନ ସାମନ୍ତରାୟ। କୋଭିଡ୍ ସମୟରେ ବିଗ୍ ବଜେଟ ମ୍ୟୁଜିକ ଆଲବମରେ ଅଭିନୟ କରିବାକୁ ସେ ଯୋଜନା ପ୍ରସ୍ତୁତ କରିଥିଲେ। ଆଉ ଏବେ ନିଜର ଅନ୍ତରଙ୍ଗ ବନ୍ଧୁ ସଞ୍ଜୟ ଏବଂ ବ୍ରିଜେଶଙ୍କ ସହ ମିଶି ସେ ଏକ ରୋମାଣ୍ଟିକ ଆଲବମ୍‌ରେ ମୁହଁ ଦେଖାଇବେ। କେବଳ ସେତିକି ନୁହେଁ, ଦୁହେଁ ମିଳିତ ଭାବରେ ଏକ ଆକ୍ସନଭିତ୍ତିକ ସିନେମାର କାହାଣୀଟିଏ ଖୋଜିପାଇଛନ୍ତି। 'ବର୍ତ୍ତମାନ ମୁଁ ଏବଂ ମୋର ବନ୍ଧୁ ମିଳିତ ଭାବରେ ୩-୪ଟି ଆଲବମ୍‌ରେ ଆକ୍ଟିଂ କରିବୁ। ଯେଉଁ କାହାଣୀଟି ଚୟନ କରିଛୁ ତାହାକୁ ନେଇ ସିନେମା ନିର୍ମାଣ ପାଇଁ କଥାବାର୍ତ୍ତା ଚାଲିଛି ବୋଲି କହନ୍ତି ଅଂଶୁମାନ। ଚଳିତ ବର୍ଷ ମେ' ମାସରୁ ଶୁଟିଂ ଆରମ୍ଭ ହେଉଥିବା ଏହି ଆଲବମ୍‌ରେ ବାବୁ ଏବଂ ବବଲୁ ମଧ୍ୟ ଅଭିନୟ କରିବେ।

### ନୂଆ ସିନେମା

## ଅତିଥି

ଜଣେ ଅତିଥି ପାଇଁ ଏକ ପରିବାରର ସୁଖ ଶାନ୍ତି କିପରି ମାଟିରେ ମିଶିଯାଉଛି ତାହାକୁ ନେଇ କାହାଣୀ ଗତିଶୀଳ। ଆଉ ଏପରି ଏକ କାହାଣୀକୁ ଆଧାର କରି ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ଅତିଥି'। ରିଲସ ଆଣ୍ଡ ରିଲସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ସ୍ମିତ ପଟ୍ଟନାୟକ। ଏହାପୂର୍ବରୁ ସେ କେତୋଟି ମ୍ୟୁଜିକ ଆଲବମ ଏବଂ ୱେବ୍ ସିରିଜ ପ୍ରଯୋଜନା କରିସାରିଛନ୍ତି। ଏହି ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ଅଜୟ ପାଢ଼ୀ ଏବଂ ମାନସ ପଢ଼ିହାରୀଙ୍କ କାହାଣୀକୁ ନେଇ ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ରବିନାରାୟଣ ଦାସ। ସୋମେଶ ଶତପଥୀଙ୍କ ସ୍ୱର ସଂଯୋଜନାରେ ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, କୁଳଦୀପ ପଟ୍ଟନାୟକ, ଅର୍ପିତା ଚୌଧୁରୀ ଏବଂ ସଞ୍ଚିତା ଶୁଭଦର୍ଶିନୀ। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି ମନୋଜ ମିଶ୍ର, ଅନୁ ଚୌଧୁରୀ, ସୁକାନ୍ତ ରଥ, ଚିନ୍ମୟ ମିଶ୍ର, ଦିବ୍ୟା ମହାନ୍ତି, ଅଭିଷେକ ଗିରି ପ୍ରମୁଖ କଳାକାର।



ଅନୁ-ମନୋଜ-ଦିବ୍ୟା

## ତିନି ରାତି ଅନିଦ୍ରାରେ କଟିଥିଲା

ବେଳେବେଳେ ମଣିଷ ଆଶା କରୁଥିବା ଜିନିଷଟି ହାତପାଆନ୍ତାରେ ମିଳିଯାଇଥାଏ। ଆଉ ତାକୁ ପାଇବା ପରେ ସଂପୃକ୍ତ ବ୍ୟକ୍ତିଙ୍କର ଖୁସିର ସୀମା ରହି ନ ଥାଏ। ଦେଖୁନାହାନ୍ତି, ଯେତେବେଳେ ନିଜ ମନ ପସନ୍ଦର ଭୂମିକାଟିଏ ପାଇଲେ ସେତେବେଳେ ସେ କେମିତି ତିନି ରାତି ଶୋଇପାରି ନ ଥିଲେ। ସେ ହେଲେ ନବାଗତ ରାଜବୀର। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଲଭ୍ ଫିଭର'। ତା'ପରେ ସେ ଆକ୍ଟିଂ କରିଥିବା ଆକ୍ସନଭିତ୍ତିକ ଫିଲ୍ମ 'ଅରୁନ୍ଧତୀ' ଖୁବ୍ ଶୀଘ୍ର ରିଲିଜ ହେବାକୁ ଯାଉଛି ବୋଲି ରାଜବୀର ସୂଚନା ଦେଇଛନ୍ତି। ହେଲେ ଯେତେବେଳେ ସେ 'ଅରୁନ୍ଧତୀ'ର କାହାଣୀ ଏବଂ ନିଜ ଭୂମିକା ବିଷୟରେ ଜାଣିଲେ ସେତେବେଳେ ସେ ତିନି ରାତି ଶୋଇପାରି ନ ଥିଲେ। ''ଏହି ଫିଲ୍ମର କାହାଣୀ ଏବଂ ମୋ ଭୂମିକା ମୋତେ ଏତେ ପ୍ରଭାବିତ କରିଥିଲା ଯେ ମୋ ଖୁସି ବନ୍ଧବାଡ ମାନି ନଥିଲା। ଏପରି କି ମୁଁ ତିନି ରାତି ଖୁସିରେ ଶୋଇ ପାରି ନ ଥିଲି। ଫିଲ୍ମଟି ଦର୍ଶକ ନିଶ୍ଚୟ ଗ୍ରହଣ କରିବେ ବୋଲି ମୋର ଆଶା ରହିଛି ବୋଲି କହନ୍ତି ରାଜବୀର।'' ରମେଶ ରାଉତଙ୍କ ପ୍ରଯୋଜିତ ଏହି ସିନେମାରେ ତାଙ୍କର ନାୟିକା ସାଜିଛନ୍ତି ଏଲିନା ପ୍ରିୟଦର୍ଶିନୀ।



ରାଜବୀର

## ପ୍ରଥମ ପୃଷ୍ଠାରୁ...

### ବନ୍ଦ ହେଲା ଟିଟିପିଏସ୍...

ବୋର୍ଡର ନିର୍ଦ୍ଦେଶ କାର୍ଯ୍ୟକାରୀ କରି ନ ଥିବାରୁ ୫୪ ବର୍ଷର ଏହି ପୁରୁଣା ତାପଜ ବିଦ୍ୟୁତ୍ କେନ୍ଦ୍ରର ପରିଚାଳନା ପାଇଁ ମାର୍ଚ୍ଚ ୩୧ ତାରିଖ ପରେ ଏନ୍‌ଟିପିସି ନିକଟରେ ଆବଶ୍ୟକ ଅନୁମତି ନ ଥିଲା। ତେଣୁ ପୂର୍ବାହ୍ନ ୮ଟା ୪୩ରେ ପ୍ଲାଣ୍ଟରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ସହ ଲାଇଟ୍ ଲିଭାଇ ଦିଆଯାଇଥିଲା। ତେବେ ଶ୍ରମିକଙ୍କ ମଧ୍ୟରେ ଉତ୍ତେଜନାକୁ ଦୃଷ୍ଟିରେ ରଖି ସେଠାରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ପ୍ରକାଶ ଯେ, ଗତ ୨୨ ତାରିଖ ରାତିରେ ହଠାତ୍ ଏନ୍‌ଟିପିସି କର୍ତ୍ତୃପକ୍ଷ ଟିଟିପିଏସ୍‌ର ସମସ୍ତ ୬ଟି ୟୁନିଟ୍‌କୁ ବନ୍ଦ କରିଦେଇଥିଲେ। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କ୍ଲିୟରାନ୍ସ କମିଟି ଷ୍ଟେଜ୍-୩ ପ୍ରକଳ୍ପ ସ୍ଥାପନ କରିବାକୁ ଅନୁମୋଦନ ଦେଇସାରିଥିବାରୁ ତୁରନ୍ତ ଉକ୍ତ କାର୍ଯ୍ୟ ଆରମ୍ଭ ନିମନ୍ତେ କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଆର.କେ. ସିଂଙ୍କୁ ମୁଖ୍ୟମନ୍ତ୍ରୀ ଗତ ୨୪ ତାରିଖରେ ଚିଠି ଲେଖିଥିଲେ। ଏହାପରେ ପ୍ଲାଣ୍ଟର କେବଳ ୩ନଂ. ୟୁନିଟ୍‌ରୁ ବିଦ୍ୟୁତ୍ ଉତ୍ପାଦନ କରାଯାଉଥିଲା। ତେବେ ୩୧ ତାରିଖଠାରୁ ଟିଟିପିଏସ୍ ବନ୍ଦ ହେବାକୁ ଯାଉଥିବା ନେଇ ଏନ୍‌ଟିପିସି ସେକ୍ରେଟାରୀ ନନ୍ଦିନୀ ସରକାର ଗତ ୩୦ ତାରିଖରେ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଟିଟିପିଏସ୍ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଜଣାଇ ଦେଇଥିଲେ। ତଦନୁଯାୟୀ ପ୍ଲାଣ୍ଟର ୬ଟି ୟୁନିଟ୍ ମଧ୍ୟରୁ କାର୍ଯ୍ୟକ୍ଷମ ଥିବା ଏକମାତ୍ର ୩ନଂ. ୟୁନିଟ୍‌ରୁ ସକାଳେ ବିଦ୍ୟୁତ୍ ଉତ୍ପାଦନ ବନ୍ଦ କରାଯାଇଥିଲା।

### ନୂଆ ୟୁନିଟ୍ ସ୍ଥାପନ...

ଖୁବଶୀଘ୍ର ଗ୍ରୀଡକୋ, ଏନଟିପିସି, ଶକ୍ତି ଓ ଅନ୍ୟାନ୍ୟ ବିଭାଗଗୁଡିକ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ନୂଆ ୟୁନିଟ ପ୍ରତିଷ୍ଠା ଏବଂ ସ୍ଥାନୀୟ ବାସିନ୍ଦାଙ୍କର ଆପତ୍ତି ଅଭିଯୋଗର ଆଶୁ ସମାଧାନ ନିମନ୍ତେ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ ହେବ । ଏହି ମିଳିତ ଯୋଜନାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଟିଟିପିଏସର ନୂଆ ୟୁନିଟ ଓ ସ୍ଥାନୀୟ ଲୋକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଉଭୟ ଆଲୋଚନା କରିଥିଲେ। ସୂଚନା ଯୋଗ୍ୟ ଯେ ଟିଟିପିଏସ ସମସ୍ତ ୟୁନିଟ ମାର୍ଚ୍ଚ ୩୧ରେ ବନ୍ଦ ହେବା ନେଇ ଖବର ମାର୍ଚ୍ଚ ୨୩ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହା ପରେ ଟିଟିପିଏସ ବନ୍ଦ ନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାର୍ଚ୍ଚ ୨୪ ତାରିଖରେ କେନ୍ଦ୍ର ଶକ୍ତି ରାଷ୍ଟ୍ର ମନ୍ତ୍ରୀ(ସ୍ୱାଧିନ) ଆର.କେ. ସିଂଙ୍କୁ ଚିଠି ଲେଖିଥିଲେ। ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଟିଟିପିଏସ ବନ୍ଦକୁ ନେଇ ବିଧାନସଭାରେ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଥିଲା। ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ମାର୍ଚ୍ଚ ୨୫ ତାରିଖ ଶୂନ୍ୟକାଳରେ ଟିଟିପିଏସ ବନ୍ଦ ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କ ଦୃଷ୍ଟି ଦୃଷ୍ଟି ଆକର୍ଷଣ କରିଥିଲେ। ସେହି କାରଖାନାକୁ କିପରି ପୁନଃ କାର୍ଯ୍ୟକ୍ଷମ କରାଯିବ ସେ ନେଇ ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏକ କମିଟି ଡାକି ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।

### ପିଏମ୍ଏୱାଇ-ବିପିଜିୱାଇ ...

ସେହି ସବୁ ଯୋଜନାରେ କୌଣସି ଲୋଗୋ ଲଗାଇବା ରାଜ୍ୟ ସରକାରଙ୍କ ଅଧିକାର ପରିସରଭୁକ୍ତ ନୁହେଁ । ପିଏମ୍ଏୱାଇ ଯୋଜନାରେ ବିପିଜିୱାଇ ଲୋଗୋ ବ୍ୟବହାରକୁ ଅନୁମତି ଦିଆଯାଇନାହିଁ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏହି ପ୍ରସଙ୍ଗରେ ଭାଜପା ସଦସ୍ୟମାନେ ବୁଧବାର ବିଧାନସଭାରେ ହଟ୍ଟଗୋଳ କରିଛନ୍ତି। ରାଜ୍ୟ ସରକାର ନିଜର ରାଜନୈତିକ ଉଦ୍ଦେଶ୍ୟକୁ ହାସଲ କରିବାକୁ ବିପିଜିୱାଇ ଲୋଗୋକୁ ଜାଣିଶୁଣି ପିଏମ୍ଏୱାଇ ଯୋଜନାରେ ନିର୍ମାଣ ହେଉଥିବା ଘରେ ଲଗାଉଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କହିଲେ, ଭାଜପା ଡିସେମ୍ବରରୁ କହିଆସୁଛି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଜୁ ପକ୍କାଘର ଲୋଗୋ ଲଗା ନ ଯାଉ। ଏହାକୁ ନେଇ ଭାଜପା କର୍ମକର୍ତ୍ତାମାନେ ପଞ୍ଚାୟତ ଘେରାଉ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଫେବୃୟାରୀ ୧୨ରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ନିକଟରେ ଏ ବାବଦରେ ଆଲୋଚନା କରିଥିଲେ। ମନ୍ତ୍ରଣାଳୟ ସଚିବ ନଗେନ୍ଦ୍ର ନାଥ ସିହ୍ନା ଲୋଗୋ ନ ଲଗାଇବାକୁ ଚିଠି ଲେଖିଛନ୍ତି। ଲୋଗୋ ନ ଲଗାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ନାଏକ ଦାବି କରିଥିଲେ। ଅଭିଯୋଗ ସମ୍ପର୍କରେ ଅନୁଧ୍ୟାନ କରିବାକୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଭାଜପା ବିରୋଧରେ ...

ସଂଘୀୟବାଦ ଉପରେ ଭାଜପା କ୍ରମାଗତ ଆକ୍ରମଣ କରୁଥିବାରୁ ସେ ତାଙ୍କ ଉଦ୍‌ବେଗ ଜଣାଇବା ପାଇଁ ଚିଠି ଲେଖିଥିବା ମମତା ଉଲ୍ଲେଖ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ, ଆର୍‌ଜେଡି ମୁଖ୍ୟ ତେଜସ୍ୱୀ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ନ୍ୟାଶନାଲ କନ୍‌ଫରେନ୍ସ ନେତା ଫାରୁକ୍ ଅବଦୁଲା ଏବଂ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତିଙ୍କ ନିକଟକୁ ମମତା ପତ୍ର ଲେଖିଛନ୍ତି। ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ (ସଂଶୋଧନ) ବିଲ୍ ଦେଶର ସଂଘୀୟ ଢାଞ୍ଚା ଉପରେ ସିଧାସଳଖ ଆକ୍ରମଣ ବୋଲି ମମତା କହିଛନ୍ତି। ଏହା ଜାତୀୟ ରାଜଧାନୀବାସୀଙ୍କଠାରୁ କ୍ଷମତା ଛଡ଼ାଇ ନେଇଥିବା ସେ ଉଲ୍ଲେଖ କରିଛନ୍ତି। କେନ୍ଦ୍ର ସରକାର ରାଜ୍ୟପାଳ, ସିବିଆଇ, ଇଡି ମାଧ୍ୟମରେ ଅଣଭାଜପା ଶାସିତ ରାଜ୍ୟ ସରକାରଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରୁଛି। ଏହିସବୁ ରାଜ୍ୟକୁ କେନ୍ଦ୍ର କମ୍ ଅନୁଦାନ ଦେଉଥିବା ମମତା ଅଭିଯୋଗ କରିଛନ୍ତି। ଭାଜପା ଏକଦଳୀୟ ସତ୍ତାବାଦୀ ଶାସନ ପ୍ରଚଳନ କରିବାକୁ ଚାହୁଁଛି। କେନ୍ଦ୍ର-ରାଜ୍ୟ ସମ୍ପର୍କ ଏବଂ କେନ୍ଦ୍ରରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ ସମ୍ପର୍କ ଏତେ ଖରାପ କେବେ ହୋଇ ନ ଥିଲା ବୋଲି ଟିଏମ୍‌ସି ନେତ୍ରୀ କହିଛନ୍ତି। ଏଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କ ଏକଚ୍ଛତ୍ରବାଦୀ ଆଚରଣକୁ ଦାୟୀ କରିଛନ୍ତି।

### ଆଜିଠୁ ୪୫ବର୍ଷରୁ ଊର୍ଦ୍ଧ୍ୱ ...

ଗୁରୁବାରଠାରୁ ରାଜ୍ୟରେ ଦୈନିକ ୨ଲକ୍ଷ ଟିକାକରଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟରେ ଗତ ଜାନୁୟାରୀ ୧୬ରୁ ଟିକାକରଣ ଆରମ୍ଭ ହୋଇଥିବାବେଳେ ଏଯାବତ୍ ୨୪,୧୧,୦୧୩ଜଣ ଟିକା ନେଇସାରିଛନ୍ତି। ବୁଧବାର ୮୪,୦୯୯ଜଣ ଟିକା ନେଇଛନ୍ତି। ଏମାନଙ୍କ ମଧ୍ୟରେ ୩ଜଣଙ୍କ ପାଖରେ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ଗତ ୨୪ ଘଣ୍ଟାରେ ରାଜ୍ୟରେ ୨୯୭ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିରେ କଳାହାଣ୍ଡିରୁ ସର୍ବାଧିକ ୫୭ଜଣ ଥିବାବେଳେ ସୁନ୍ଦରଗଡ଼ ୩୮, ଖୋର୍ଦ୍ଧା ୩୩ ଓ ନୂଆପଡ଼ା ୩୧ଜଣ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୪୦,୯୧୭ରେ ପହଞ୍ଚିଛି।

### ବିଦ୍ୟୁତ୍ ଶୁଳ୍କ ବୃଦ୍ଧି...

ହୋଇପାରି ନ ଥିଲା। ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାଚସ୍ପତି ଯେତେ ଅନୁରୋଧ କରିଥିଲେ ସୁଦ୍ଧା ବିରୋଧୀଙ୍କ ଉପରେ କୌଣସି ପ୍ରଭାବ ପଡ଼ି ନ ଥିଲା। ଅନ୍ୟ ଉପାୟ ନ ପାଇ ବାଚସ୍ପତି ବାଧ୍ୟ ହୋଇ ଗୃହକୁ ୧୦ଟା ୩୧ ମିନିଟରୁ ୧୧ଟା ୩୦ ମିନିଟ୍ ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ପୁଣି ହଟ୍ଟଗୋଳ କରିଥିଲେ। ବାଚସ୍ପତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କୁ କହିବାକୁ ଡାକିଥିଲେ। ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସଙ୍ଗ ଉଠାଇ ସେ କହିଥିଲେ ଯେ, କୋଭିଡ୍ ସମୟରେ ଲୋକମାନେ କାମଧନ୍ଦା ହରାଇଥିବା ବେଳେ ୟୁନିଟ୍ ପିଛା ୨୦ ପଇସା ବୃଦ୍ଧି କରାଯାଇଥିଲା। ଏବେ ପୁଣି ୩୦ ପଇସା ବୃଦ୍ଧି କରାଯାଇଛି। ବିଦ୍ୟୁତ୍ ଉତ୍ପାଦନ ନ କରି ଦିଲ୍ଲୀଭଳି ରାଜ୍ୟ ଶସ୍ତାରେ ବିଜୁଳି ଦେଉଥିବା ବେଳେ ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ ହୋଇ ମଧ୍ୟ ଦର ବଢ଼ିଚାଲିଛି। ଗରିବ ଲୋକ ବଞ୍ଚିପାରିବେ ନାହିଁ। ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ବିରୋଧୀ ଦଳ ନେତା ଦାବି କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ତୀବ୍ର ଅସନ୍ତୋଷ ବ୍ୟକ୍ତ କରି କହିଥିଲେ, ବିଦ୍ୟୁତ୍ ଦର ବଢ଼ି ବଢ଼ି ଚାଲିଛି। ୨୦ ପଇସାରୁ ୫୦ ପଇସାକୁ ବୃଦ୍ଧି ହୋଇଛି। ଏହାକୁ ନେଇ ଲୋକଙ୍କ ଭିତରେ ତୀବ୍ର ଅସନ୍ତୋଷ ଦେଖାଦେଲାଣି। ସରକାର କହିବେ ଆମ ନିୟନ୍ତ୍ରଣରେ ନାହିଁ। ସରକାର ଏଥିପାଇଁ ଉତ୍ତରଦାୟୀ। ପେଟ୍ରୋଲ, ଡିଜେଲ, ରୋଷେଇ ଗ୍ୟାସ ବଢ଼ି ଚାଲିଥିବା ବେଳେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ସାଧାରଣ ଲୋକଙ୍କୁ ଅତିଷ୍ଠ କରିଛି। ଗୃହ ଚାଲିଥିବା ବେଳେ ବିଦ୍ୟୁତ୍ ଦର ବୃଦ୍ଧି ହେଉଛି। ସରକାର ଗୃହକୁ ଏ ବିଷୟରେ ଅବଗତ କରାଇବା କଥା। ସରକାରଙ୍କ ଏହା ଉପରେ କିଛି ଉତ୍ତର ନାହିଁ। ସରକାର ତୁରନ୍ତ ସର୍ବଦଳୀୟ ବୈଠକ ଡାକି ଏହା ଉପରେ ଆଲୋଚନା କରନ୍ତୁ। ଏହା ସାଧାରଣ ଲୋକଙ୍କ କଥା। ଏହାକୁ ନ କହି ଆମେ ଚୁପ୍‌ବସି ରହିପାରୁ ନାହୁଁ। ଆଜି ଗୃହରେ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା ହେବାର ଅଛି। ଏଥିରେ ଆମେ ଅଂଶଗ୍ରହଣ କରିବାକୁ ଚାହୁଁଛୁ। ତୁରନ୍ତ ବାଚସ୍ପତି ଏ ଦିଗରେ ପଦକ୍ଷେପ ନିଅନ୍ତୁ। ବିଜେଡି ସଭ୍ୟ ଅମର ଶତପଥୀ କହିଲେ, ବିରୋଧୀ ଦଳ କେବଳ ଆଲୋଚନା ନ କରି ଗୃହକୁ ଅବରୋଧ କରୁଛନ୍ତି । ସର୍ବଦଳୀୟ ବୈଠକ ଡାକି ଆଲୋଚନା କରାଯାଉ ବୋଲି ସେ କହିଥିଲେ। ଗୃହକୁ ସ୍ୱାଭାବିକ କରିବା ପାଇଁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପ୍ରଣବ ପ୍ରକାଶ ଦାଶ, ମୋହନ ମାଝିଙ୍କୁ ବୈଠକରେ ଯୋଗଦେବାକୁ ବାଚସ୍ପତି ଅନୁରୋଧ କରି ଗୃହକୁ ୧୧ଟା ୩୬ରୁ ୧୫ ମିନିଟ୍ ପାଇଁ ମୁଲତବୀ ଘୋଷଣା କରିଥିଲେ। ବୈଠକ ଶେଷ ନ ହେବାରୁ ଦୁଇଟି ପର୍ଯ୍ୟାୟରେ ପୁଣି ୨୦ ମିନିଟ୍ ମୁଲତବୀ କରାଯାଇଥିଲା। ୧୨ଟା ୧୨ ମିନିଟ୍‌ରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ବିଦ୍ୟୁତ୍ ଦର ବୃଦ୍ଧି ପ୍ରସଙ୍ଗ ଉଠାଇ ପୁଣି ହଟ୍ଟଗୋଳ କରିଥିଲେ। ବାଚସ୍ପତି ଗୃହର ଉଦ୍‌ବେଗକୁ ଦେଖି ବିଦ୍ୟୁତ୍ ବିଲ୍ ବୃଦ୍ଧି ଅଭିଯୋଗ ଉପରେ ସରକାର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ହଟ୍ଟଗୋଳ ଜାରି ରହିଥିଲା। ପାଟିତୁଣ୍ଡ ମଧ୍ୟରେ ବାଚସ୍ପତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଓଡ଼ିଶା ବେସାମରିକ ଯୋଗାଣ ନିଗମର ୩୮ତମ ବାର୍ଷିକ ରିପୋର୍ଟ, ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଓଡ଼ିଶା ଜଳବିଦ୍ୟୁତ୍ ନିଗମର ୨୪ତମ ବାର୍ଷିକ ରିପୋର୍ଟ, ବିଧାୟିକା ଉଷାଦେବୀଙ୍କୁ ମହିଳା ଓ ଶିଶୁକଲ୍ୟାଣ ଗୃହ କମିଟି ରିପୋର୍ଟ ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ ବିଧାନସଭା କାର୍ଯ୍ୟ ପରାମର୍ଶଦାତା ରିପୋର୍ଟ ଉପସ୍ଥାପନ କରିବାକୁ କହିଥିଲେ। ସେହିପରି ହଟ୍ଟଗୋଳ ମଧ୍ୟରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓଡ଼ିଶା ବ୍ୟୟମଞ୍ଜୁରୀ ବିଲ୍-୨୦୨୧କୁ ଗୃହର ଅନୁମୋଦନ ପାଇଁ ବିଧାନସଭାରେ ଆଗତ କରିଥିଲେ। ବିରୋଧୀଙ୍କ ଅଭିଯୋଗର ଜବାବ ଦେଇ ବିଜେଡି ସଭ୍ୟ ଦେବୀପ୍ରସାଦ ମିଶ୍ର କହିଲେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୨ ହଜାର କୋଟି ଖର୍ଚ୍ଚ ହୋଇଥିବା ବେଳେ ରାଜ୍ୟ ସରକାର ୬ ହଜାର କୋଟି ଖର୍ଚ୍ଚ କରିଛନ୍ତି । ହଟ୍ଟଗୋଳ ନ ଥମିବାରୁ ବାଚସ୍ପତି ଗୃହକୁ ୧୨ଟା ୨୪ ମିନିଟ୍‌ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଦେଇଥିଲେ। ଅପରାହ୍ନରେ ଶକ୍ତିମନ୍ତ୍ରୀ ବିଦ୍ୟୁତ୍ ଶୁଳ୍କ ଉପରେ ସରକାର ଓଇଆରସିଙ୍କ ନିକଟରେ ପୁନର୍ବିଚାର ପାଇଁ ଆବେଦନ କରିବେ ବୋଲି ବିଧାନସଭାରେ ଘୋଷଣା ପରେ ଗୃହ ସ୍ୱାଭାବିକ ହୋଇଥିଲା। ବିରୋଧୀ ଦଳ ସଦସ୍ୟମାନେ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନାରେ ଭାଗ ନେଇଥିଲେ।

### ପୁଣି ହେବ କଣ୍ଟେନମେଣ୍ଟ...

ଏପରି କି ଅଧିକ ଆର୍‌ଟି-ପିସିଆର ଟେଷ୍ଟ କରିବାକୁ କୁହାଯାଇଛି। ଏହାସହ ମାସ୍କ ଓ ସାମାଜିକ ଦୂରତା କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ସେପଟେ ପିପିଲି ଉପନିର୍ବାଚନ ପାଇଁ ମଧ୍ୟ ଗାଇଡଲାଇନ୍ ଜାରି ହୋଇଛି। ସଭାସମିତି ପାଇଁ କଟକଣା ଜାରି କରାଯାଇଛି। ଇନ୍‌ଡୋର ହଲ୍‌ରେ ସର୍ବାଧିକ ୨୦୦ ଲୋକଙ୍କୁ ନେଇ ସଭା କରାଯାଇପାରିବ। ଇନ୍‌ଡୋର ହଲ୍‌ରେ ୫୦% ସିଟ୍‌ରେ ଲୋକେ ବସିପାରିବେ। ସଭାରେ ମାସ୍କ ଓ ସାନିଟାଇଜର ବ୍ୟବହାର ବାଧ୍ୟତାମୂଳକ। ଖୋଲା ଜାଗାରେ ଆକାର ଦେଖି ସଂଖ୍ୟା ପ୍ରଶାସନ ନିର୍ଦ୍ଧାରଣ କରିବ। ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଆଶଙ୍କାରେ ସରକାର ଆଗୁଆ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ମାସକ ପୂର୍ବରୁ ବିବାହ ଭୋଜିରେ ୫୦୦ ଲୋକଙ୍କୁ ସାମିଲ୍ ଅନୁମତି ଦିଆଯାଇଥିଲା। ଏହି ସଂଖ୍ୟାକୁ ମାର୍ଚ୍ଚରେ ପୁଣି ୨୦୦କୁ ହ୍ରାସ କରିଦିଆଯାଇଥିଲା। ଏପ୍ରିଲ୍‌ରେ ଏହି ସୀମିତ ସଂଖ୍ୟା ବଳବତ୍ତର ରହିବ। ଏହା ସହ ଅନ୍ତ୍ୟେଷ୍ଟି କ୍ରିୟାରେ ସର୍ବାଧିକ ୫୦ ଲୋକଙ୍କୁ ଅନୁମତି ମିଳିବ। ନିର୍ଦ୍ଦେଶନାମାରେ କେବଳ ବିବାହ ଓ ଅନ୍ତ୍ୟେଷ୍ଟିକ୍ରିୟାରେ ଲୋକସଂଖ୍ୟା ଉପରେ କଟକଣା ଜାରି କରାଯାଇଛି। ଅନ୍ୟ କୌଣସି ଧାର୍ମିକ, ରାଜନୈତିକ, ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ କିଛି ସୂଚନା ଦିଆଯାଇ ନାହିଁ। ଗାଇଡଲାଇନରେ ସ୍ପଷ୍ଟ କରାଯାଇଛି ଯେ, କୌଣସି ହଲ୍‌ରେ ବିବାହ ଭୋଜି ହେଲେ ହଲ୍ କ୍ଷମତାର ୫୦ ପ୍ରତିଶତରୁ ଅଧିକ ଲୋକଙ୍କୁ ଅନୁମତି ମିଳିବ ନାହିଁ। ଖୋଲା ଜାଗାରେ ବିବାହ ଭୋଜି କରାଗଲେ, ଜାଗାର ଆକାରକୁ ଦେଖି ଅନୁମତି ଦିଆଯିବ। ତେବେ ତାହା ୨୦୦ରୁ ଅଧିକ ହେବ ନାହିଁ। ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା, ଥର୍ମାଲ୍ ସ୍କାନିଂ ଓ ହାତ ଧୁଆକୁ ବାଧ୍ୟତାମୂଳକ କରାଯିବ। ଏଥିପାଇଁ ଆୟୋଜକ ସମସ୍ତ ବନ୍ଦୋବସ୍ତ ନିଶ୍ଚିତ କରାଇବେ। ସମସ୍ତ ଜିଲାପାଳ, ଏସ୍‌ପି, ମହାନଗର ନିଗମ କମିଶନର ଓ ପୋଲିସ କମିଶନର କୋଭିଡ୍ ଗାଇଡଲାଇନ୍ ଠିକ୍ ଭାବେ ପାଳନ ହେଉଛି କି ନାହିଁ ତାହାର କଡ଼ାକଡ଼ି ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଅସୁବିଧା କେଉଁଠି...

ଓଡ଼ିଶାର ୩୦ ହଜାର ଗାଁର ଲୋକେ ଏହି ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି। କେବଳ ୩୦୦ ଗାଁର ଅନିୟମିତତା ଦର୍ଶାଇ ଓଡ଼ିଶାର ସାଢେ ୪କୋଟି ଲୋକଙ୍କ ହକ୍‌କୁ ଭାଜପା ଏମ୍‌ପିମାନେ ବାଧା ଦେଇଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ରାଜ୍ୟ ସରକାର ଯଦି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରୁଛନ୍ତି ତେବେ ବିଜୁ ପକ୍କାଘର ଲୋଗୋ ଲଗାଇବାରେ ଅସୁବିଧା କେଉଁଠି ବୋଲି ବିଜେଡି ପ୍ରଶ୍ନ କରିଛି। ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ବ୍ୟୋମକେଶ ରାୟ ଓ ଶ୍ରୀମୟୀ ମିଶ୍ର କହିଛନ୍ତି, ଫନୀ, ଅମ୍ଫନ ଭଳି ପ୍ରାକୃତିକ ଦୁର୍ବିପାକକୁ ରାଜ୍ୟବାସୀ ସାମ୍ନା କରିଛନ୍ତି। ଏଥିରେ ଅନେକ ଲୋକ ବାସହୀନ ହୋଇଗଲେ । ବର୍ତ୍ତମାନ ଘର ଖଣ୍ଡିଏ ପାଇବା ପାଇଁ ବହୁ ଲୋକ ଅପେକ୍ଷା କରି ଅଛନ୍ତି। ସେହି ବାସହୀନ ଲୋକଙ୍କ ଉପରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ପଡିପାରୁନାହିଁ। ପୂର୍ବରୁ ଗ୍ରାମୀଣ ଗୃହ ନିର୍ମାଣରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଂଶଧନ ଯଥାକ୍ରମେ ୯୦:୧୦ ଥିଲା। ବର୍ତ୍ତମାନ ଏହା ୬୦:୪୦ ହୋଇଛି। ଓଡ଼ିଶା ସରକାର ପ୍ରୋତ୍ସାହନ, ପ୍ରଶାସନିକ ସହାୟତା ଏବଂ ତଦାରଖ ବାବଦରେ ହେଉଥିବା ସମସ୍ତ ଖର୍ଚ୍ଚ ବହନ କରୁଛନ୍ତି। ଯଦି ରାଜ୍ୟବାସୀଙ୍କ ଟଙ୍କା ଘର ତିଆରିରେ ଖର୍ଚ୍ଚ ହେଉଛି ତେବେ ବିଜୁ ପକ୍କାଘର ଲୋଗୋ ଲଗାଯିବାରେ ଅସୁବିଧା କେଉଁଠି ରହିଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଗୁଜରାଟ ଓ ମଧ୍ୟପ୍ରଦେଶରେ ୨୦୧୧ରୁ ୨୦୧୪ ପର୍ଯ୍ୟନ୍ତ ତତ୍କାଳୀନ ରାଜ୍ୟ ସରକାର ଗ୍ରାମୀଣ ଆବାସ ଯୋଜନାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସହିତ ନିଜସ୍ୱ ଲୋଗୋ ବ୍ୟବହାର କରୁଥିଲେ । ଗତ ଫେବୃୟାରୀ ୧୯ରେ ବିଧାୟକ ଜୟନାରାୟଣ ମିଶ୍ରଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା ସମୟରେ ଉଭୟ ଯୋଜନାର ଲୋଗୋକୁ ହିତାଧିକାରୀଙ୍କ ଗୃହରେ ଲଗାଯିବା ପାଇଁ ମନ୍ତ୍ରୀ ଗୃହକୁ ଅବଗତ କରିଥିଲେ । ରାଜ୍ୟ ସରକାର କେନ୍ଦ୍ରକୁ ଲିଖିତ ଆକାରରେ ଏ ବିଷୟରେ ଜଣାଇଛନ୍ତି । ଦୁଃଖ ଓ ପରିତାପର ବିଷୟ, କେନ୍ଦ୍ର ସରକାର ରାଜ୍ୟବାସୀଙ୍କୁ ଧୋକା ଦେଇଛନ୍ତି। ଯଦି ରାଜ୍ୟବାସୀଙ୍କ ପଇସା ଖର୍ଚ୍ଚ ହେଉଛି ତେବେ ହିତାଧିକାରୀଙ୍କ ଗୃହରେ ବିଜୁ ପକ୍କାଘର ଲୋଗୋ ଲଗାଇବା ପାଇଁ ମନା କରାଯାଉଛି କାହିଁକି ବୋଲି ବିଜେଡି ପ୍ରଶ୍ନ କରିଛି ।

### 'ବିଜେଡି ଧର୍ତ୍ତବ୍ୟ ଅପରାଧ କରିଛି'

ଯେକୌଣସି କେନ୍ଦ୍ରୀୟ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେବା ପୂର୍ବରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ବୁଝାମଣା ହୋଇଥାଏ। ଏହି ବୁଝାମଣା ଅନୁଯାୟୀ ଉକ୍ତ କାର୍ଯ୍ୟକ୍ରମର ନାମ, ଲୋଗୋ, ପ୍ରକ୍ରିୟା ଏବଂ କାର୍ଯ୍ୟାନ୍ୱୟନ ବଦଳା ଯାଇପାରିବ ନାହିଁ। କିନ୍ତୁ ଓଡ଼ିଶାରେ ଶାସକ ବିଜେଡି ସମସ୍ତ ବୁଝାମଣାକୁ ଅବମାନନା କରି ନିଜ ଦଳୀୟ ସ୍ୱାର୍ଥ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନାମ ପରିବର୍ତ୍ତନ କରିଛି, ଯାହାକି ଏକ ଧର୍ତ୍ତବ୍ୟ ଅପରାଧ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ଦୀର୍ଘଦିନ ଧରି ନିଜର ରାଜନୈତିକ ଅଭିସନ୍ଧି ରଖି ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ହଡ଼ପ କରି ନିଜ ନାଁରେ ଶାସକ ବିଜେଡି ବ୍ରାଣ୍ଡିଂ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର କରିଛନ୍ତି । ରାଜ୍ୟରେ ଗରିବ ଲୋକଙ୍କ ପାଖରେ ପକ୍କାଘର ପହଞ୍ଚାଇବାରେ ବିଜେଡି ବାଧକ ସାଜିଛି। ଗରିବ ଲୋକଙ୍କୁ ପକ୍କାଘର ମିଳିଗଲେ ବିଜେଡିକୁ ଭୋଟବ୍ୟାଙ୍କ ରାଜନୀତି ବନ୍ଦ ହୋଇଯିବା ଭୟ ଘାରିଛି ବୋଲି ଲେଖାଶ୍ରୀ କହିଛନ୍ତି।

### ୪୭ ସ୍ଥାନରେ ଜଳୁଛି ...

ପ୍ରକାଶ ପାଇଛି। ସେହିପରି ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ବନଖଣ୍ଡ ଅଞ୍ଚଳର ବିଭିନ୍ନ ଜଙ୍ଗଲରେ ମଧ୍ୟ ନିଆଁ ଜଳୁଛି। ନିଆଁକୁ ଆୟତ୍ତ କରିବା ପାଇଁ ୪ଟି ଓ୍ୱାଚ୍ ଟିମ୍‌ରେ ୫୦ କର୍ମଚାରୀଙ୍କ ସହ ବନକର୍ମଚାରୀମାନେ ନିୟୋଜିତ ଅଛନ୍ତି। ଅତ୍ୟଧିକ ଗରମ ଯୋଗୁ ଜଙ୍ଗଲରେ ନିଆଁ ଲାଗୁଥିବା ବେଳେ୨୦ଟି ସ୍ଥାନରେ ନିଆଁ ଲାଗିଥିବା ନେଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏମ.ଜଗଜୟାନନ୍ଦ କହିଛନ୍ତି। ଜଙ୍ଗଲ ନିଆଁ ସାଙ୍ଗକୁ ଆକାଶରୁ ଅଗ୍ନିବୃଷ୍ଟି ହେଉଥିବାରୁ ଜିଲାରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ଦିନ ୧୦ଟା ପରଠାରୁ ସହରରେ ଜନସାଧାରଣଙ୍କ ଚଳପ୍ରଚଳ କମୁଥିବା ପରିଲକ୍ଷିତ ହେଉଛି। ଅଂଶୁଘାତରୁ ସୁରକ୍ଷା ଲାଗି ପ୍ରଶାସନ ପକ୍ଷରୁ ଲୋକଙ୍କୁ ବ୍ୟାପକ ସଚେତନ କରାଯାଉଛି।


No. C-790

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, PUBLIC HEALTH CIRCLE, BHAWANIPATNA**
Parmanandpur, Railway Station Road, Bhawanipatna, Dist: Kalahandi, PIN-766001; e-mail: sephcbhpt3@gmail.com
**NATIONAL COMPETITIVE BIDDING THROUGH e-Procurement Identification No. SEPHC-BHPT-03 of 2020-21/Dt.19.03.2021**
**e-Procurement Notice**

Name of the Work: Different PH Works under PH Circle, Bhawanipatna
Total No. of Works: 05 (Five)
Estimated Cost: Approx. Rs.292.00 lakh-184.00 lakh
Class of Contractor: B & A Class
Period of Completion: 6-9 Calendar Months

| Procurement Officer | Bid Identification No. | No. of Works | Availability of Tender On-line for Bidding From | Availability of Tender On-line for Bidding To | Date & time of opening of Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, P.H. Circle, Bhawanipatna | SEPHC-BHPT-03 of 2020-21 | 05 (Five) | 05.04.2021 | 19.04.2021 | 20.04.2021 |

For details can be seen from the Government website www.tendersorissa.gov.in
Sd./- 19.03.2021
OIPR-13055/11/0003/2021 Superintending Engineer, P.H. Circle, Bhawanipatna



GOVERNMENT OF ODISHA
# HIGHER EDUCATION DEPARTMENT
**(SUBMISSION OF ONLINE APPLICATION FOR AWARD OF SCHOLARSHIP FOR THE ADMISSION YEAR 2020-21)**

No. N-89: The Higher Education Department, Government of Odisha invites online application for award of Scholarship under **e-medhabruti, Vyasakabi Fakir Mohan Bhasabruti and Gopabandhu Shikhya Sahayata Yojana** for the year 2020-21 from eligible students of Odisha who are pursuing general courses i.e. UG (+3) Courses, PG Courses and Technical & Professional Courses in SAMS and Non-SAMS institutions (i.e. CBSE/ICSE affiliated School, Universities/Management/Engineering & Technical Institutions) inside and outside Odisha. **Students can apply for scholarships under URL www.scholarship.odisha.gov.in**. Detailed guidelines along with the eligibility criteria are also available at the Medhabruti website of the Higher Education Department under URL **www.medhabruti.org**.
The different categories of merit, number, rate, amount to be paid and courses applicable for the scholarship are given in a tabular form:

| Sl. No. | Category of Merit | No. of Scholarship | Rate of Scholarship per Year | Amount of Scholarship to be paid at a time | Remarks |
|---|---|---|---|---|---|
| 1 | e-Medhabruti Scholarship | | | | The number of scholarships under a particular category may be increased by the Government depending on the number of eligible students applied and validated in other categories in an academic year. |
| a. | U.G. Merit (3 year Course) | 6000 | Rs.5000/- | Rs.15,000/- (for 3 years) | |
| b. | P.G. Merit (2 Year Course) | 2500 | Rs.10,000/- | Rs.20,000/- (for 2 years) | |
| c. | Technical & Professional Merit | 6000 (Details streamwise break-up is available on the website) | Rs.10,000/- | (Rs.10,000) × (Number of course years) (Example: for 4 years Engineering Courses, Rs.40,000/- will be paid | |
| 2 | Vyasakabi Fakir Mohan Bhasabruti Scholarship (VFMB Scholarship) | 1200 (Students studying in UG with Odia Honours) / 300 (students studying in PG in Odia) | Rs.20,000/- only once for the entire duration of the course | Rs.20,000/- | |
| 3 | Gopabandhu Sikhya Sahayata Yojana Scholarship (GSSY Scholarship) | | Rs.20,000/- per year | To be paid on yearly basis | Eligible students will get GSSY Scholarship irrespective of whether they are getting other scholarship or not |

N.B.: (1) **Aadhaar is made mandatory for availing scholarship, Please provide corret Aadhaar Number of self in the Online Application form, In case it is found that Aadhaar Number provided by the Students is wrong or is not his/her, the application is liable to be rejected.**
(2) **Applicants have to be very careful while furnishing their Bank Account information in the specified box of the Online Application. Any wrong entry or mismatch of the Savings Bank Account and IFSC Code, this Department will not be held responsible for mis-credit/no credit.**

**Scheduled Timeline for Online Application**

| Sl. No. | Activities | Timeline |
|---|---|---|
| 01 | Opening date of Online Appication for Students<br>Last date of Online Application for Students | 01.04.2021<br>31.05.2021 |
| 02 | Validation of Students record by Principal/Head of the Institution (Both SAMS & Non-SAMS) | 01.04.2021 to 30.06.2021 |

**ELIGIBILITY CONDITIONS AND DOCUMENTS TO BE UPLOADED**
- Please see the concerned guidelines and Bank related Advisory.

In case of any problem faced by the Students at the time of filling up the application online, they may refer to FAQs available on the home page of the website or take the help of **Sanjog Helpline (Toll Free) Number 155335 / 18003456770** or e-mail on **scholarshiphed@gmail.com**.
**Sd./- Deputy Secretary to Government**
OIPR-11001/11/0041/2021



**DSMS DISTRICT SUPPLY AND MARKETING SOCIETY, BALANGIR**
(A district unit of ORMAS, PR Deptt.)
C/o: DRDA, Balangir
**CORRIGENDUM**
**No. CAD-1689:-** The authority has published an EOI on 27th March 2021 in Odiya Daily newspapers Dharitri & Samaj with deadline of seven days to furnish document for PG Branding activities at Balangir District. Due to official holidays which may not allow to meet the deadline, the Authority decided to circulate this Corrigendum to fix a date as follows:
Last date of submit EOI is extended to 9th April 2021 latest by 1.00 PM and the EOI documents will be opened on 12th April 2021 11.00 AM instead of the previous deadline of 2nd April 2021 in the presence of Bidders and Selection Committee.
The agencies may obtain further information and procedures for submitting the "Expression of Interest from the official website of https://www.balangir.nic.in. The authority reserves the rights to accept or reject any tender without assigning reason thereof.
OIPR-19020/11/0003/2021 **Sd./- Project Director, DRDA, Balangir**



**Office of the Project Engineer**
**Project Management Unit (Drainage), OISIP, JICA**
**Orissa Water Supply & Sewerage Board**
At- Mahanadivihar, PO- Nayabazar, Cuttack-753004
Phone: 0671-2440381, email: pe_cd@owssb.in
**Cancellation Notice for Bid Identification No. OISIP-JICA-Drainage-01/2020-21**
No. A-731:- The Bid identification No. OISIP-JICA-Drainage-01/2020-21 e-tender for the work:- Drain Cleaning During Monsoon 2021- Desilting of drain including disposal of desilted material and Maintenance of Free Flow during Rainy season, From Revenue Colony to Goshala at Main Drain-1 and Link Drain (From Seminary Chowk to Rousapatana and From Matrubhawan to Kathjodi River), is hereby cancelled due to administrative reason.
**Sd./- Project Engineer, PMU, Drainage**
OIPR-13007/11/0007/2021 **OISIP, OWSSB, Cuttack**



**GOVERNMENT OF ODISHA**
**ST & SC Development Department**
**OFFICE OF THE PROJECT ADMINISTRATOR, ITDA, NILGIRI**
**CORRIGENDUM NOTICE**
**Corrigendum to the Bid Identification No. ITDANGR-03/2020-21**
**Notice No. 347/ITDA, Dt.- 31.03.2021**
No. CAD-1692:- The Tender Called for vide this Office Bid Identification No. ITDANGR-03/2020-21 is hereby cancelled due to Administrative reasons.
**Sd./- Project Administrator, ITDA, Nilgiri**
OIPR-19058/11/0006/2021



**OFFICE OF THE CHIEF RESEARCH OFFICER**
**HIRAKUD RESEARCH STATION, HIRAKUD**
(Department of Water Resources, Govt. of Odisha)
E-Mail: cro_hrs@rocketmail.com, Phone No.: 0663-2481287
No. A-723 **1st CORRIGENDUM TO**
**QUOTATION CALL NOTICE No. 02/2020-21**
**(HIRING OF PRIVATE VEHICLE)**
1. The last date and time of submission of quotation is extended upto 07.04.2021, 5.00 P.M. due to some technical problem.
2. The Date and time of opening of quotation is 08.04.2021, 11.30 A.M.

All other terms and conditions are unchanged.
The details can be seen from the portal **http://www.dowrodisha.gov.in**.
**Sd./- Chief Research Officer**
**Hirakud Research Station, Hirakud**
OIPR-32244/11/0005/2021



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବଉଁରପାଳ**
**ନିଲାମ ନୋଟିସ ସଂଖ୍ୟା- 1337 ତାରିଖ: 22.03.2021**
No. i-94:- ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ବଉଁରପାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଗୋଦାମଘରେ ଥିବା ଆନୁମାନିକ ୧୨୬.୬୨ ଟନ୍ ଓଜନର ନଳକୂପର ପୁରୁଣା ପାଇପ୍ ରଡ୍ ତଥା ଅନ୍ୟାନ୍ୟ ଯନ୍ତ୍ରାଂଶ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରକାଶ୍ୟ ନିଲାମ କରାଯିବ । ଏଣୁ ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ଆସନ୍ତା ୦୭।୦୪।୨୦୨୧ ତାରିଖ ଘ. ୧୧.୦୦ ମିନିଟ୍ ସମୟରେ ଉପସ୍ଥିତ ରହି ନିଲାମରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଗଲା ।
**ନିଲାମ ସର୍ତ୍ତାବଳୀ**
(କ) ନିଲାମରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତି ସର୍ବନିମ୍ନ ଟ୨୦,୦୦୦/-ଙ୍କା ଅମାନତ ଦାଖଲ କରି ଭାଗନେବେ ଓ ନିଜର ପରିଚୟ ପତ୍ର (ଆଧାର କାର୍ଡ/ଭୋଟର କାର୍ଡ/ଡ୍ରାଇଭିଂ ଲାଇସେନ୍ସ) ସାଥିରେ ଆଣିବେ ।
(ଖ) ସରଞ୍ଜାମ ନେବା ପୂର୍ବରୁ କାର୍ଯ୍ୟାଳୟରେ ସମସ୍ତ ଅର୍ଥ ଦାଖଲ କରି ଉଠାଣ କରିବେ ।
(ଗ) ନିଲାମ ପୂର୍ବରୁ କାର୍ଯ୍ୟ ଦିବସ ସମୟରେ ଆସି ମହଜୁଦ ଜିନିଷ ଗୋଦାମରେ ଦେଖିପାରିବେ ।
(ଘ) ନିଲାମ ଡାକସିଦ୍ଧ ହୋଇଥିବା ବ୍ୟକ୍ତି/ସଂସ୍ଥା ସାତ ଦିନ ମଧ୍ୟରେ ସରଞ୍ଜାମ ଉଠାଣ ନ କରନ୍ତି, ତେବେ ନିମ୍ନ ସ୍ୱାକ୍ଷରକାରୀ ନିଲାମକୁ ରଦ୍ଦ କରିପାରିବେ ଓ ଅମାନତ ରାଶି ବାଜ୍ୟାପ୍ତି କରାଯିବ ।
**କାର୍ଯ୍ୟସୂଚୀ:-**
ପୁରୁଣା ଯନ୍ତ୍ରାଂଶ ନିଲାମର ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ- କି.ଗ୍ରା. ପ୍ରତି ୧୪/-ଟଙ୍କା ଦରରେ
ନିଲାମ ତାରିଖ/ସମୟ:- ୦୭।୦୪।୨୦୨୧, ଘ.୧୧.୦୦ ମିନିଟ୍
ନିଲାମ ସ୍ଥାନ- ବ୍ଲକ୍ କାର୍ଯ୍ୟାଳୟ ପରିସର ।
। ଇତି ।
OIPR-19039/11/0002/2021 ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଉଁରପାଳ



**OFFICE OF THE NOTIFIED AREA COUNCIL, BALUGAON**
Balugaon, Khordha, Odisha, Pin-752030
Phone No. 06756-250501
Email Id.eonac.balugaon2013@gmail.com, Website:- www.balugaonnac.in
No. 688 / Dt. 30.03.21
**TENDER CALL NOTICE**
**No. C-794:-** Sealed Tenders are invited from the reputed Firms/ Manufacturers/Agents/Authorized Dealers with valid License/GST Registration Certificate/PAN Card for supplying sanitary materials to the NAC, Balugaon. The tender schedule can be obtained from the following website, Balugaon from dt.31.03.2021, 11.00 AM to 13.04.2021, 1.00 PM on payment of non-refundable amount of Rs.2000/- (Rupees Two Thousand) only in shape of demand draft/ bankers cheque. The required Tender Schedule must be reached to the undersigned on or before dt.13.04.2021, 3.00 PM and the same will be opened on dt.15.04.2021, 12.30 PM in presence of tenderers or their authorized representative. The tender must be accompanied with EMD of Rs.25000.00 (Rupees Twenty five Thousand) only in shape of Demad Draft/ Bankers Cheque in favour of Executive Officer, NAC, Balugaon payable at Balugaon along with the self attested copies of valid license/GST Registration certificate/ PAN Card/ Proof of previous supply record. The rate should be quoted inclusive of all taxes & charges for supplying doorstep. Any other detials can also be downloaded from the Govt. Portal **www.khordha.nic.in / www.balugaonnac.in**.
The Authority reserves the right to accept or reject any or all tender without assigning any reason thereor.
**Sd./- Executive Officer, N.A.C., Balugaon**
OIPR-13148/11/0003/2021



ବଲିଉଡ୍ ଅଭିନେତ୍ରୀ କରୀନା କପୁର ଖାନ ଦ୍ୱିତୀୟଥର ମା' ହେବାର ଅଳ୍ପ କିଛିଦିନ ପରେ କର୍ମ କ୍ଷେତ୍ରକୁ ଫେରିଛନ୍ତି। ସେ କାମକୁ ଯାଉଥିବାର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏତେ ଛୋଟ ପୁଅକୁ ଛାଡି କାମକୁ ଫେରିବାର ନିଷ୍ପତ୍ତିକୁ ପ୍ରଶଂସକ ଗ୍ରହଣ ନ କରି କରୀନାଙ୍କୁ ଟ୍ରୋଲ କରିଥିଲେ। କରୀନା କିନ୍ତୁ କରୋନା ଯୋଗୁ ବେଶ ସଚେତନତା ଅବଲମ୍ବନ କରୁଛନ୍ତି। ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ଅବଲମ୍ବନ କରୁଛନ୍ତି। ନିଜଟରେ ଫଟୋଗ୍ରାଫର୍ ତାଙ୍କୁ ମାସ୍କ ଖୋଲିବା ପାଇଁ କହିଥିଲେ, ଏଥିପାଇଁ ବେବୋ ଏକ ସର୍ତ୍ତ ରଖିଥିଲେ। ସେ ଫଟୋଗ୍ରାଫରଙ୍କୁ କହିଥିଲେ, ଯଦି ଆପଣମାନେ ଦୂରରେ ରହିବେ ତେବେ ଯାଇ ମୁଁ ମାସ୍କ ଖୋଲିବି।

**ପୃଥିବୀର କଷ୍ଟସାଧ୍ୟ ପରୀକ୍ଷା**

# ମାଷ୍ଟର ସମେଲିଅର ଡିପ୍ଲୋମା

**ସଫଳ ବୃତ୍ତିଗତ ଜୀବନରେ ପାଦଦେବା ଆଗରୁ ମଣିଷ ସମ୍ମୁଖୀନ ହୋଇଥାଏ ଅନେକ ପରୀକ୍ଷାର। ସେଥିରୁ କେତୋଟିରେ ସହଜରେ ସଫଳତା ମିଳିଥାଏ ତ ଆଉ କେତେକରେ ବିଫଳତା। ହେଲେ ଏକଥା ହୁଏତ ଜାଣି ନ ଥିବେ ଯେ, ପୃଥିବୀର ସବୁଠାରୁ କଷ୍ଟକର ପରୀକ୍ଷା ହେଉଛି 'ମାଷ୍ଟର ସମେଲିଅର ଡିପ୍ଲୋମା'। ଏହି ପରୀକ୍ଷାରେ ମଦକୁ ଶୁଙ୍ଘିକରି ଏହା ବିଷୟରେ ବିସ୍ତୃତ ତଥ୍ୟ ଦେବାକୁ ପଡ଼ିଥାଏ। ତେଣୁ ଏଭଳି କଠିନ ପରୀକ୍ଷାରେ ଅଧିକାଂଶ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇପାରନ୍ତି ନାହିଁ।**



**ନୂଆଦିଲ୍ଲୀ:** କରୋନା ମହାମାରୀ ଭିତରେ ପରୀକ୍ଷା ଆୟୋଜନ କରିବା ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ପାଇଁ ଏକ ଚ୍ୟାଲେଞ୍ଜ ପାଲଟିଛି। ଦେଶର କେତେକ ରାଜ୍ୟର ସରକାର ପ୍ରାଥମିକ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ଚଳିତବର୍ଷ ସାମୂହିକ ପାସ୍ କରାଇଦେଇଛନ୍ତି। ଏ ତ ଗଲା ଭାରତର କଥା। ପୃଥିବୀରେ ଏମିତି ଅନେକ ପରୀକ୍ଷା ରହିଛି, ଯାହାର ସମ୍ମୁଖୀନ ହେବା ପୂର୍ବରୁ ବ୍ୟାପକ ପ୍ରସ୍ତୁତି କରିବାକୁ ପଡ଼େ। ତେବେ 'ମାଷ୍ଟର ସମେଲିଅର ଡିପ୍ଲୋମା' ପରୀକ୍ଷାକୁ ସବୁଠାରୁ କଷ୍ଟକର ପରୀକ୍ଷାର ଶୀର୍ଷରେ ରଖାଯାଇଛି। ଚାରି ପର୍ଯ୍ୟାୟରେ ଏହି ପରୀକ୍ଷା ହୋଇଥାଏ। ଅନ୍ତିମ ରାଉଣ୍ଡରେ ପରୀକ୍ଷାର୍ଥୀଙ୍କୁ ମଦକୁ ଶୁଙ୍ଘିକରି କହିବାକୁ ପଡ଼ିଥାଏ, ଏହା କେଉଁ ଦେଶର ଏବଂ କେତେ ବର୍ଷ ପୁରୁଣା। ଏଭଳି ଜଟିଳ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସହଜ ନୁହେଁ, ତେଣୁ ଅଧିକାଂଶ ପରୀକ୍ଷାର୍ଥୀ ଫେଲ ହୋଇଯାଇଥାନ୍ତି।

ବଡ଼ ବଡ଼ ରେଷ୍ଟୁରାଣ୍ଟ ଏବଂ ବାର୍‌ରେ ଗ୍ରାହକଙ୍କୁ ସେମାନଙ୍କ ମନପସନ୍ଦର ମଦ ପରିବେଷଣ କରିବାକୁ ପ୍ରଫେଶନାଲ ନିୟୋଜିତ ହୋଇଥାନ୍ତି। ସେମାନଙ୍କ ମୁଖ୍ୟକାମ ହୋଟଲକୁ ଆସୁଥିବା ବ୍ୟକ୍ତିଙ୍କୁ ଠିକ୍ ମିଶ୍ରଣଯୁକ୍ତ ମଦ ପରିବେଷଣ କରିବା। ମାଷ୍ଟର ସମେଲିଅର ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀ ଏହି କାର୍ଯ୍ୟ କରିଥାନ୍ତି। ପଞ୍ଚତାରକା ହୋଟେଲରେ ସେମାନଙ୍କ ପଦ ମର୍ଯ୍ୟାଦା ମାଷ୍ଟର ଶେଫଙ୍କ ସହ ସମକକ୍ଷ ବୋଲି ବିବେଚନା କରାଯାଏ।

ଏହି ପରୀକ୍ଷାରେ କୃତକାର୍ଯ୍ୟ ହେବାକୁ ହେଲେ ବିଭିନ୍ନ ବ୍ରାଣ୍ଡର ମଦ, ଏହାର ପ୍ରସ୍ତୁତି ପ୍ରଣାଳୀ, ମଦ୍ୟପାନ କରୁଥିବା ବ୍ୟକ୍ତି ପସନ୍ଦର ଅନୁମାନ କରିବା, ପ୍ରଚଳିତ ପାର୍ଟି ଫଙ୍କସନ୍ ଆଦି ବିଷୟରେ ଜ୍ଞାନ ରହିବା ଜରୁରୀ। ପରୀକ୍ଷାରେ ମଦକୁ ନେଇ ରହିଥିବା ଦର୍ଶନ ସମ୍ପର୍କିତ ଅନେକ ପ୍ରଶ୍ନ ପଚରାଯାଇଥାଏ। ଏହି ପରୀକ୍ଷା ଏତେ କଠିନ ଯେ, ଥରକରେ ପୂର୍ଣ୍ଣାଙ୍ଗ ହୁଏନାହିଁ। ୩ବର୍ଷ ଯାଏ କିଛି କିଛି ପରୀକ୍ଷା ଜାରି ରହିଥାଏ। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମାତ୍ର ୯ଜଣ ଥରକରେ ପାସ୍ ହେଉଥିବା ନଜିର ରହିଛି।

## ଏମିତି ହୋଇଥିଲା ଆରମ୍ଭ

ମଦକୁ ସର୍ବାଧିକ ପସନ୍ଦ କରୁଥିବା କେତେଜଣ ବ୍ୟକ୍ତି ମିଳିତ ଭାବେ ୧୯୭୭ରେ ଏକ ସଂସ୍ଥା ସ୍ଥାପନ କରିଥିଲେ। ସେମାନେ ଏହାର ନାମ ଦେଇଥିଲେ କୋର୍ଟ ଅଫ୍ ମାଷ୍ଟର ସମେଲିଅର (ସିଏମ୍ଏସ୍)। ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କୁ ତାଙ୍କ ଚାହିଦା ଏବଂ ଉତ୍କୃଷ୍ଟ ଧରଣର ମଦ ପ୍ରସ୍ତୁତ କରି ପରିବେଷଣ କରିବା ଏହାର ମୂଳ ଉଦ୍ଦେଶ୍ୟ ରହିଥିଲା। ଫଳରେ ସଂସ୍ଥା ପକ୍ଷରୁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆଲ୍‌କହଲ ସହିତ କେଉଁ ଖାଦ୍ୟ ଭଲ ସେ ସମ୍ପର୍କରେ ମଦ ପରିବେଷଣ କରୁଥିବା ବ୍ୟକ୍ତିଙ୍କୁ ଟ୍ରେନିଂ ଦିଆଯାଇଥିଲା। ୧୯୬୯ରେ ମାଷ୍ଟର ସମେଲିଅର ପରୀକ୍ଷା ହୋଇସାରିଥିଲା। ତେବେ ପରବର୍ତ୍ତୀ ସମୟରେ ସଂସ୍ଥାକୁ ନୂଆ ରୂପ ଦିଆଯାଇଥିଲା ଏବଂ ସୁବ୍ୟବସ୍ଥିତ ଢାଞ୍ଚାରେ ପରୀକ୍ଷା ଆରମ୍ଭ ହୋଇଥିଲା।

# ବ୍ରେକ୍‌ଅପ୍ କଲେ ସୁସ୍ମିତା



**ମୁମ୍ବାଇ:** ଦୀର୍ଘ ବର୍ଷ ଧରି ଡେଟ କରିବା ପରେ ପ୍ରେମିକଙ୍କଠାରୁ ଅଲଗା ହୋଇଛନ୍ତି ସୁନ୍ଦରୀ ସୁସ୍ମିତା ସେନ। ଏଭଳି କିଛି ଚର୍ଚ୍ଚା ଏବେ ଜୋର ଧରିବାରେ ଲାଗିଛି। କାରଣଟି ହେଲା ସୁସ୍ମିତାଙ୍କ ଏକ ପୋଷ୍ଟ। ଜୀବନରେ କୌଣସି ଦୁଃଖରୁ ମୁକୁଳିବା ପାଇଁ ସାଥୀଟିଏ ଖୋଜାପଡେ। ହେଲେ ସେ ମଧ୍ୟ ଆମକୁ କଷ୍ଟ ଏବଂ କେବେ ନ ଭରିବାର କ୍ଷତ ଦେଇଥାନ୍ତି। ହେଲେ ଏଥିପ୍ରତି ନିଜେ ସଚେତନ ରହିବା ଉଚିତ। ଏହା ଅଭିଜ୍ଞତାରୁ କହୁଛି। ଯଦି ଏଥିପ୍ରତି ଜଣେ ସତର୍କ ରୁହେ ତେବେ ଏହି ଦୁଃଖର ଜାଲରେ ଫଶି ନ ଥାଏ ବୋଲି ଇନ୍‌ଷ୍ଟାଗ୍ରାମରେ ଏକ ଲମ୍ବା ଚଉଡ଼ା ପୋଷ୍ଟ ଲେଖି ଅଭିନେତ୍ରୀ କହିଛନ୍ତି। ଏବେ ଏହି ପୋଷ୍ଟଟି କେଉଁ ଉଦ୍ଦେଶ୍ୟରେ ଲେଖାଯାଇଛି ତାହା ଜଣାପଡ଼ି ନ ଥିଲେ ହେଁ ପ୍ରେମିକ ରୋହମନଙ୍କ ସହ ତାଙ୍କ ସମ୍ପର୍କକୁ ଇଙ୍ଗିତ କରୁଥିବା କୁହାଯାଉଛି। ରୋହମନଙ୍କଠାରୁ ସୁସ୍ମିତା ୧୫ବର୍ଷ ବଡ଼। ଏହା ଜାଣିପାରି ପ୍ରେମିକ ସୁସ୍ମିତାଙ୍କୁ ବୟସ ବିଷୟରେ ଲୁଚାଇ ଆସୁଥିଲେ। କାରଣ ସେମାନଙ୍କର ସମ୍ପର୍କ ବଡ଼ସାନର ତଫାତ ଭିତରେ ହଜିଯାଉ ରୋହମନ ଚାହୁଁ ନ ଥିଲେ। ସୋସିଆଲ ମିଡିଆରେ ଉଭୟ ଉଭୟଙ୍କୁ ଜାଣିବା ପରେ ଧୀରେ ଧୀରେ ସମ୍ପର୍କ ଆଗକୁ ବଢ଼ିଥିଲା। ଉଭୟଙ୍କର ଅନେକ ରୋମାଣ୍ଟିକ ଫଟୋ ଏବେ ବି ଇନ୍‌ଷ୍ଟାରେ ଦେଖିବାକୁ ମିଳେ। ସୁସ୍ମିତାଙ୍କ ପାଳିତା କନ୍ୟାମାନଙ୍କ ସହ ରୋହମନଙ୍କ ସମ୍ପର୍କ ବେଶ ଭଲ ବୋଲି ଜଣାପଡେ। ମାତ୍ର କିଛି ଦିନ ଧରି ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବା ନେଇ ଖବର ଶୁଣିବାକୁ ମିଳୁଛି। ଏସବୁ ଭିତରେ ସୁସ୍ମିତାଙ୍କ ପୋଷ୍ଟ ଉଭୟଙ୍କ ବ୍ରେକଅପ୍ ଉପରେ ମୋହର ଲଗାଉଥିବା କୁହାଯାଉଛି।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେଓଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ନୟାଗଡ଼, ଖୋର୍ଦ୍ଧା, ସୋନପୁର, ବୌଦ୍ଧ, କନ୍ଧମାଳ, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ମାଲକାନଗିରି ଆଦି ଜିଲାର କେତେକ ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇପାରେ। ପ୍ରାୟ ସମସ୍ତ ସ୍ଥାନରେ ପାଗ ଶୁଖିଲା ରହିବ। ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନ ହୋଇପାରେ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ନିର୍ମଳ ରହିବ। ଗୁରୁବାର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୪୩.୦ | ୨୫.୭ |
| ଚାନ୍ଦବାଲି | ୪୨.୬ | ୨୫.୨ |
| କଟକ | ୪୦.୬ | ୨୪.୪ |
| ପାରାଦୀପ | ୩୧.୬ | ୨୮.୦ |
| ଭୁବନେଶ୍ୱର | ୪୪.୨ | ୨୫.୯ |
| ଗୋପାଳପୁର | ୩୩.୦ | ୨୪.୨ |
| ପୁରୀ | ୩୩.୬ | ୨୭.୬ |
| ଅନୁଗୋଳ | ୪୧.୭ | ୨୪.୦ |
| ବାରିପଦା | ୪୩.୬ | ୨୫.୬ |
| ଝାରସୁଗୁଡ଼ା | ୪୦.୫ | ୨୨.୮ |
| କେନ୍ଦୁଝର | ୩୯.୦ | ୨୪.୦ |
| ସମ୍ବଲପୁର | ୪୦.୮ | ୨୨.୩ |
| ସୁନ୍ଦରଗଡ଼ | ୪୦.୫ | ୨୨.୦ |
| ହୀରାକୁଦ | ୩୯.୮ | ୨୧.୧ |
| ତାଳଚେର | ୪୨.୫ | ୨୩.୩ |
| ଭବାନୀପାଟଣା | ୪୧.୫ | ୨୩.୨ |
| ବଲାଙ୍ଗୀର | ୪୧.୫ | ୨୩.୫ |
| କୋରାପୁଟ | ୩୬.୫ | ୨୦.୦ |
| ଫୁଲବାଣୀ | ୩୯.୪ | ୧୭.୦ |
| ଟିଟିଲାଗଡ଼ | ୪୧.୨ | ୨୫.୦ |
| ମାଲକାନଗିରି | ୪୨.୦ | ୨୩.୦ |
| ସୋନପୁର | ୪୦.୮ | ୨୪.୮ |
| ଦାରିଙ୍ଗିବାଡ଼ି | ୩୫.୦ | ୨୧.୦ |
| ନୟାଗଡ଼ | ୪୧.୨ | ୨୪.୦ |
| ବୌଦ୍ଧ | ୪୨.୦ | ୨୦.୫ |
| ଛତ୍ରପୁର | ୩୬.୦ | ୨୪.୦ |
| ପାରଳାଖେମୁଣ୍ଡି | --- | ୨୩.୦ |
| ରାୟଗଡ଼ା | ୪୦.୧ | --- |

ଡିଗ୍ରୀ ସେଲ୍‌ସିୟସ୍

# ଆତଙ୍କ ଖେଳାଉଛି ବାଇଡେନଙ୍କ କୁକୁର



**ୱାଶିଂଟନ:** ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କ କୁକୁର ପାଳିବାରେ ଭାରି ସଉକ। କିନ୍ତୁ ବାଇଡେନଙ୍କ ଏହି ସଉକ ଲୋକଙ୍କୁ କ୍ଷତି ପହଞ୍ଚାଉଛି। ଜୋ ବାଇଡେନଙ୍କ କୁକୁର 'ମେଜର' ହ୍ୱାଇଟ ହାଉସରେ ପୁଣି ଥରେ ଜଣେ ଲୋକଙ୍କୁ କାମୁଡ଼ିଛି। ନ୍ୟାଶନାଲ ପାର୍କ ସର୍ଭିସ କର୍ମଚାରୀଙ୍କୁ ମେଜର ଆହତ କରିଛି। ଏକ ରିପୋର୍ଟ ଅନୁଯାୟୀ, ହ୍ୱାଇଟ ହାଉସର ସାଉଥ ଲନ୍‌ରେ କାମ କରୁଥିବା ଏହି କର୍ମଚାରୀଙ୍କୁ ମେଜର କାମୁଡ଼ି ଦେଇଥିଲା। ହ୍ୱାଇଟ ହାଉସ ମେଡିକାଲ ୟୁନିଟ ଏହି କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା କହିଛନ୍ତି। ବାଇଡେନଙ୍କ ସ୍ତ୍ରୀ ଜିଲ୍ ଏ ବିଷୟରେ ସୂଚନା ଦେଇଛନ୍ତି। ବାଇଡେନଙ୍କ ପ୍ରେସ ସଚିବ ମିଶେଲ ଲା ରୋସା କହିଛନ୍ତି, ବାଇଡେନଙ୍କ କୁକୁର ମେଜର ୱାକ କରିବାକୁ ବାହାରିଥିଲା। ଏହି ସମୟରେ ସେ ନ୍ୟାଶନାଲ ପାର୍କ ସର୍ଭିସ କର୍ମଚାରୀଙ୍କୁ କାମୁଡ଼ି ଦେଇଥିଲା। ମାତ୍ର ଏବେ ସେ ଠିକ୍ ଅଛନ୍ତି। ଏହା ପ୍ରଥମ ଥର ନୁହେଁ, ପୂର୍ବରୁ ୮ ମାର୍ଚ୍ଚରେ ମେଜର ଜଣେ ସୁରକ୍ଷା ଅଧିକାରୀଙ୍କୁ କାମୁଡ଼ିଥିଲା।

**ନବମ ଜନ୍ମଦିନ ଶୁଭେଚ୍ଛା**



ବିଶ୍ୱଜିତ୍ ରାଉତ
ଗ୍ରାମ: ସାନହଳୁପଡ଼ା, ମଙ୍ଗଳପୁର, ଯାଜପୁର
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଳାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବନ୍ଧୁ ଓ ପରିବାରବର୍ଗ।
ଧ-୨୦୩୭୪

# କୋଲକାତାରେ ସବୁଠୁ ଦାମୀ ଚା'



**କୋଲକାତା:** ବିଭିନ୍ନ କାରଣକୁ ନେଇ କୋଲକତା ଏବେ ଚର୍ଚ୍ଚାରେ ରହିଛି। ରାଜନୈତିକ ଉତ୍ଥାନପତନ ମଧ୍ୟରେ ଅନ୍ୟ ଏକ କାରଣ ପାଇଁ ମଧ୍ୟ ଚର୍ଚ୍ଚାରେ ରହିଛି ଏହି ସହର। ଏଠାରେ ଦୁନିଆର ସବୁଠାରୁ ଦାମୀ ଚା' ମିଳୁଛି। ଗୋଟିଏ କପ୍ ଚା'ର ମୂଲ୍ୟ ହେଉଛି ୧ ହଜାର ଟଙ୍କା। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ସତ। ଏହି ମହଙ୍ଗା ଚା' କୌଣସି କାଫେ ବା ରେଷ୍ଟୁରାଣ୍ଟରେ ନୁହେଁ ବରଂ ରାସ୍ତାକଡ଼ର ଏକ ଠେଲାରେ ବିକ୍ରି ହେଉଛି। କୋଲକାତାର ମୁକୁନ୍ଦପୁରର ରାସ୍ତା କଡ଼ର ଏକ ଠେଲାରେ ପାର୍ଥ ପ୍ରତିମ ମାଙ୍ଗୁଲି ଚା' ବିକ୍ରି କରୁଛନ୍ତି। ଏହି ଚାକୁ ନେଇ ପାର୍ଥ ଏବେ ଚର୍ଚ୍ଚାରେ। ପାର୍ଥ 'ନିର୍‌ଜସ' ନାମରେ ଏହି ଟି ଷ୍ଟଲ ଚଳାଉଛନ୍ତି। ଏହି ଟି ଷ୍ଟଲରେ ୧୨ ଟଙ୍କାରୁ ୧ ହଜାର ମୂଲ୍ୟର ଚା ମିଳୁଛି। ଏଠାରେ ଭିନ୍ନ ଭିନ୍ନ ପ୍ରକାରର ଚା' ମିଳିଥାଏ। ୨୦୧୪ରେ ଚାକିରି ଛାଡି ପାର୍ଥ ଏହି ଟି ଷ୍ଟଲ ଆରମ୍ଭ କରିଥିଲେ। ଏଥିପାଇଁ ଅନେକ ଲୋକ ତାଙ୍କୁ ଉପହାସ କରିଥିଲେ। ହେଲେ ଆଜି ଏହି ଟି ଷ୍ଟଲ ପାଇଁ ସେ ଲୋକପ୍ରିୟ ହୋଇଛନ୍ତି। ଏଠାରେ ଯେଉଁ ଚାର ମୂଲ୍ୟ ୧ ହଜାର ଟଙ୍କା ତାହା ହେଉଛି ବୋ-ଲେ ଟି। ଏହି ଚା'ରେ ଯେଉଁ ପତି ବ୍ୟବହାର ହୋଇଥାଏ ତାର କିଲୋପ୍ରତି ବଜାର ମୂଲ୍ୟ ୩ ଲକ୍ଷ ଟଙ୍କା। ତେବେ ପାର୍ଥଙ୍କ ଟି ଷ୍ଟଲରେ ମିଳୁଥିବା ଚା ମଧ୍ୟରେ ରହିଛି, ସିଲଭର ନିଡ୍‌ଲେ, ହ୍ୱାଇଟ ଟି, ଲାଭେଣ୍ଡର ଟି, ୱାଇନ ଟି ଆଦି।

# ଟ୍ରାଫିକ୍ ପୋଷ୍ଟରେ ମୁନ୍‌ୱାକ୍

**ନୂଆଦିଲ୍ଲୀ:** ଦୁନିଆରେ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଯାହାଙ୍କ ଡ୍ୟାନ୍ସ ଏବେ ତୀବ୍ର ବେଗରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳିଛି ଜଣେ ଯୁବକ ଏକ ଟ୍ରାଫିକ ପୋଷ୍ଟରେ 'ମୁନ୍‌ୱାକ' କରୁଥିବା ନଜର ଆସିଛନ୍ତି। ତାଙ୍କର ମୁନ୍‌ୱାକ ଡ୍ୟାନ୍ସ ଲୋକଙ୍କୁ ଖୁବ ପସନ୍ଦ ଆସିଛି। ଭିଡିଓଟିକୁ ଡେଭିଡ ହରମନ ନାମକ ଜଣେ ବ୍ୟକ୍ତି ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏଥିରେ ଦେଖିବାକୁ ମିଳିଛି ଜଣେ ଯୁବକ ଟ୍ରାଫିକରେ ଗାଡ଼ି ଅଟକାଇ ମୁନ୍‌ୱାକ କରୁଛନ୍ତି। ଭିଡିଓ ଦେଖିଲେ ଲାଗୁଛି ଯେମିତି ଯୁବକଙ୍କ ଗୋଡ଼ରେ ଚକ ଲାଗିଛି। ଭିଡିଓଟିକୁ ବର୍ତ୍ତମାନ ସୁଦ୍ଧା ୭୦ ଲକ୍ଷରୁ ଅଧିକ ଲୋକ ଦେଖିସାରିଲେଣି। ଏଥିସହିତ ଲୋକେ ଖୁବ ଭଲ କମେଣ୍ଟ ବି ଦେଉଛନ୍ତି। ଯୁବକଙ୍କ ଡ୍ୟାନ୍ସ ଦର୍ଶକଙ୍କ ହୃଦୟ ଜିତି ନେଇଛି। ଯୁବକଙ୍କ ଡ୍ୟାନ୍ସ ଦେଖି ଲୋକେ କହୁଛନ୍ତି ଏମିତି କେମିତି କରିପାରୁଛନ୍ତି।

## ମନେ ପଡ଼ନ୍ତି

୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଡକ୍ଟର ସ୍ମିତା ଆଚାର୍ଯ୍ୟ (ରୋଜି)
ପିତା- ଶ୍ରୀ ଧନେଶ୍ୱର ଆଚାର୍ଯ୍ୟ
ପ୍ଲଟ୍ ନଂ.- ୨୯୦୧, ଶୁଭମ୍ ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
ତିରୋଧାନ: ଚୈତ୍ର, କୃଷ୍ଣପକ୍ଷ ଚତୁର୍ଥୀ (ତା.୧୦।୦୩।୨୦୧୫)
ମାଟି ଦେହ ସିନା ଶ୍ମଶାନ ଗ୍ରାସିଛି ମାତ୍ର ଯଶୋଦେହେ ତୁମେ ଆୟୁଷ୍ମତୀ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
-:ଶୋକସନ୍ତପ୍ତ:-
ବାପା, ବୋଉ, ଭଉଣୀ- ଭଉଣୀ ଜ୍ୱାଇଁ, ଭାଇ- ଭାଉଜ, ଝିଆରୀ-ପୁତୁରା ଓ ବନ୍ଧୁବର୍ଗ।
ଧ-୬୯୪୯୧

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁରେନ୍ଦ୍ରନାଥ ନାୟକ
ବାଲିଅନ୍ତା, ସୋମ୍‌ବିହାର, ଭୁବନେଶ୍ୱର
ଆବିର୍ଭାବ: ୦୫।୦୯।୧୯୪୮
ତିରୋଧାନ: ୨୨।୦୩।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ: ଜ୍ୟୋତ୍ସ୍ନା, ପୁଅ: ପ୍ରବୀନ, ବୋହୂ: ସୁପ୍ରିୟା, ଝିଅ: ପ୍ରତିଭା, ଜ୍ୱାଇଁ: ବିଜୟ, ପୁତୁରା: ବୁଲୁ, ପୁତୁରା ବୋହୂ: ଜବା, ନାତି: ସୋନୁ, ଗୁଡୁ, ପାପୁନ, ନାତୁଣୀ: ଲରେନ୍
ଧ-୪୬୨୯୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ ଆଶାଲତା ସାମନ୍ତରାୟ
ସ୍ୱାମୀ: ଜଗବନ୍ଧୁ ସାମନ୍ତରାୟ
ପ୍ଲଟ୍ ନଂ.: ୧୯୯୯, କପିଳ ପ୍ରସାଦ, ଭୁବନେଶ୍ୱର
ଆବିର୍ଭାବ: ୦୧.୦୪.୧୯୪୪
ତିରୋଧାନ: ୨୯.୦୩.୨୦୨୧
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ସମସ୍ତଙ୍କୁ ଭଲପାଇବା କେବେ ବି ଭୁଲି ହେବ ନାହିଁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
-: ଶୋକ ସନ୍ତପ୍ତ :-
ଜଗବନ୍ଧୁ ସାମନ୍ତରାୟ, ପ୍ରଦୀପ ସାମନ୍ତରାୟ, ଦିଲ୍ଲୀପ ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଅଜିତ୍ ପରିଡା, ସଞ୍ଜିବ ରାଉତ, ଝିଅ, ବୋହୂ, ନାତି-ନାତୁଣୀ ଓ ଆତ୍ମୀୟସ୍ୱଜନ।
ଧ-୨୦୩୮୦

CLASSIFIED DISPLAY

| TARIFF MORE SPACE • SAME PRICE | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| GST 5% | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହରଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

ନାମଲେଖା ବିଜ୍ଞାପନ
ପୁରୀ ରାମକୃଷ୍ଣ ମିଶନ ଆଶ୍ରମରେ ଆସନ୍ତା ଶିକ୍ଷାବର୍ଷ (୨୦୨୧-୨୨) ଅଷ୍ଟମ ଶ୍ରେଣୀରେ ଆଦିବାସୀ ଛାତ୍ର ନିମନ୍ତେ ଆବେଦନ ପତ୍ର ଗ୍ରହଣ କରାଯାଉଛି।
ଆବେଦନ ପତ୍ର ସଂଗ୍ରହ କରିବାର ଶେଷ ତାରିଖ - ୩୦।୦୪।୨୦୨୧। ଜମା କରିବା ଶେଷ ତାରିଖ- ୦୫।୦୫।୨୦୨୧ ।
ଫୋନ: ୦୬୭୫୨-୨୩୨୪୦୭
Sd./- Secretary
RAMAKRISHNA MISSION ASHRAM
PURI-752001, ODISHA

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

SMS JOB
Send SMS, Earn Money
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମୁମ୍ବାଇକୁ ସ୍ପିନର ଚିନ୍ତା

**ମୁମ୍ବାଇ,୩୧।୩(ପି.ଟି.)**

୫ଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟାଇଟଲ ହାସଲ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଏକାଧିକ ତାରକା ବ୍ୟାଟ୍ସମ୍ୟାନ ତଥା ପାୱାର ହିଟର ଓ ଡେଥ୍ ବୋଲର ରହିଛନ୍ତି। ଏହା ସତ୍ତ୍ୱେ ମୁମ୍ବାଇ ଦଳରେ ଏକ ସମସ୍ୟା ରହିଛି ଓ ଏହା ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି। ଦଳରେ କ୍ୱାଲିଟି ସ୍ପିନର ନାହାନ୍ତି। ଫଳରେ ମୁମ୍ବାଇର କ୍ରମାଗତ ତୃତୀୟଥର

**ଇଣ୍ଡିଆନ ପ୍ରିମିୟର ଲିଗ୍**



କୃନାଲ ପାଣ୍ଡ୍ୟା

ପାଇଁ ଟାଇଟଲ ଆଶା ପ୍ରଭାବିତ ହେବାର ସମ୍ଭାବନା ରହିଛି ବୋଲି ଟିମ୍ ମ୍ୟାନେଜମେଣ୍ଟ ହୃଦୟଙ୍ଗମ କରିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ମୁମ୍ବାଇ ଏପ୍ରିଲ ୯ ତାରିଖରେ ଚେନ୍ନାଇରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରୁ ଅଭିଯାନ ଆରମ୍ଭ କରିବ।

ମୁମ୍ବାଇ ୨୦୧୯ ଓ ୨୦୨୦ରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ବ୍ୟାଟିଂ ମୁମ୍ବାଇ ପାଇଁ ସବୁଠାରୁ ବଡ଼ ଅସ୍ତ୍ର ରହିଆସିଛି। ରୋହିତ ଶର୍ମା ଓ କ୍ୱିଣ୍ଟନ ଡିକକ୍ ଦଳର ନିର୍ଭରଯୋଗ୍ୟ ଓପନିଂ ଯୋଡି ଭାବେ ସଫଳ ରହିଛନ୍ତି। ଅଷ୍ଟ୍ରେଲିଆର ହାର୍ଡ ହିଟିଂ କ୍ରିସ୍ ଲିନ୍ ମଧ୍ୟ ଓପନିଂ ପାଇଁ ବିକଳ୍ପ ରହିଛନ୍ତି। ଦଳରେ ସୂର୍ଯ୍ୟକୁମାର ଯାଦବ, ଇଶାନ କିଷନଙ୍କ ଭଳି ଯୁବ ବିସ୍ଫୋରକ ବ୍ୟାଟ୍ସମ୍ୟାନ ରହିଛନ୍ତି। ପୁଣି ହାର୍ଦ୍ଦିକ ଓ କୃନାଲ ପାଣ୍ଡ୍ୟା ଦୁଇ ଭାଇ ମଧ୍ୟ ଦଳ ପାଇଁ ଉଭୟ ବ୍ୟାଟିଂ ଓ ବୋଲିଂରେ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ମିଡ୍‌ଲ ଅର୍ଡରରେ କିରନ ପୋଲାର୍ଡ ନିଜର ବିସ୍ଫୋରକ ବ୍ୟାଟିଂ ବଳରେ ଦଳକୁ ଆହୁରି ମଜଭୁତ କରିଛନ୍ତି।

ବୋଲିଂରେ ଯଶପ୍ରୀତ ବୁମ୍‌ରା ଓ ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ଡେଥ୍ ବୋଲର ଭାବେ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ପାୱାର ପ୍ଲେରେ ଏହି ଦୁଇ ବୋଲର ଉଇକେଟ ନେବାର କ୍ଷମତା ମୁମ୍ବାଇକୁ ଏକ ଚାମ୍ପିୟନ ଭାବେ ଗଢ଼ି ତୋଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ସେହିପରି ଅଷ୍ଟ୍ରେଲିଆର ନାଥନ କୁଲ୍ଟର ନାଇଲ ପେସ୍ ଆଟାକକୁ ଆହୁରି ଦୃଢ଼ କରିଛନ୍ତି।

ସ୍ପିନ୍ ବିଭାଗରେ ମୁମ୍ବାଇର ଦୁର୍ବଳତା ଛପିରହିଛି। କ୍ୱାଲିଟି ସ୍ପିନରଙ୍କ ଅଭାବ ରହିଛି। ଉଇକେଟ ନେବାର କ୍ଷମତା ରଖୁଥିବା ସ୍ପିନର ନ ଥିବାରୁ ମୁମ୍ବାଇ ଦଳ ଅସମ୍ପୂର୍ଣ୍ଣ ମନେହେଉଛି। ସେହିପରି ଫ୍ରାଞ୍ଚାଇଜ କ୍ରିକେଟରୁ ଲାସିଥ ମାଲିଙ୍ଗା ଅବସର ନେବା ପରେ ଦଳରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଦଳରେ ଅବଶ୍ୟ କୃନାଲ ଓ ରାହୁଲ ଚହର, ଜୟନ୍ତ ଯାଦବ, ପୀୟୂଷ ଚାୱଲାଙ୍କ ଭଳି ସ୍ପିନର ରହିଛନ୍ତି। ଚାୱଲା ଆଇପିଏଲ୍‌ରେ ୧୫୬ଟି ଉଇକେଟ ହାସଲ କରି ଲିଗ୍‌ରେ ତୃତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ସାବ୍ୟସ୍ତ ହୋଇଛନ୍ତି। ଦଳ ଦୃଢ଼ ହୋଇଥିଲେ ମଧ୍ୟ ପ୍ରତ୍ୟେକ ସ୍ଥାନ ପାଇଁ ବିକଳ୍ପ ତଥା ବଦଳ ଖେଳାଳି ନାହାନ୍ତି। ଯୁବ ଖେଳାଳିଙ୍କୁ ନେଇ ମୁମ୍ବାଇର ବେଞ୍ଚ୍ ଷ୍ଟ୍ରେନ୍ଥ ବେଶ୍ ଅନଭିଜ୍ଞ ରହିଛି। ପୋଲାର୍ଡ ଅବଶ୍ୟ ଦଳ ପାଇଁ ଏଥର ଉପଯୋଗୀ ସାବ୍ୟସ୍ତ ହେବେ। ମୁମ୍ବାଇ ଏଥର ସଫଳ ହେଲେ ହ୍ୟାଟ୍ରିକ ଟାଇଟଲ ଜିତିବା ସହ ଷଷ୍ଠଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିବ।

# 'ହରଭଜନ ସ୍ପିନ୍ ବିଭାଗକୁ ଦୃଢ଼ କରିବେ'

**କୋଲକାତା,୩୧।୩(ପି.ଟି.)**




ଅଭିଜ୍ଞ ଅଫ୍ ସ୍ପିନର ହରଭଜନ ସିଂ ଏଥର କୋଲକାତା ନାଇଟ୍ ରାଇଡର୍ସ (କେକେଆର) ତରଫରୁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ହରଭଜନ ସାମିଲ ହେବା ପରେ ଦଳର ସ୍ପିନ ବିଭାଗ ବେଶ୍ ଶକ୍ତିଶାଳୀ ହୋଇପାରିବ ବୋଲି କେକେଆର ଅଧିନାୟକ ଇଅନ ମୋର୍ଗାନ କହିଛନ୍ତି। ଚେନ୍ନାଇର ସ୍ପିନ୍ ଉଇକେଟରେ ସେ ଉପଯୋଗୀ ସାବ୍ୟସ୍ତ ହେବେ। ୪୦ ବର୍ଷୀୟ ହରଭଜନ ଗତ ସଂସ୍କରଣରେ ଅଂଶଗ୍ରହଣ କରି ନ ଥିଲେ। ତାଙ୍କୁ ୨ କୋଟି ଟଙ୍କା ବିନିମୟରେ କେକେଆର କ୍ରୟ କରିଛି। ନିଲାମ ପ୍ରକ୍ରିୟାରେ ସେ ପ୍ରଥମ ରାଉଣ୍ଡରେ ଅଣଦେଖାର ଶିକାର ହୋଇଥିଲେ। ହରଭଜନଙ୍କ ସହ କେକେଆର ସ୍ପିନ ବିଭାଗରେ ସୁନୀଲ ନାରିନ, ଶାକିବ ଅଲ ହାସନ, କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀ ରହିଛନ୍ତି। ଆଇପିଏଲ୍‌ରେ ଆମେ ସ୍ପିନ ବିଭାଗ ଶ୍ରେଷ୍ଠ ସାବ୍ୟସ୍ତ ହେବ ବୋଲି ମୋର୍ଗାନ ଆଶା ପ୍ରକାଶ କରି କହିଛନ୍ତି। ଚେନ୍ନାଇରେ ଆଇପିଏଲ୍‌ର ପ୍ରଥମ ୧୦ଟି ମ୍ୟାଚ୍ ଖେଳାଯିବ। ସ୍ପିନରଙ୍କ ପ୍ରଦର୍ଶନ ବଳରେ ଆମେ ପୁଣି ଥରେ ଚାମ୍ପିୟନ ହୋଇପାରିବୁ। ଦଳର ମିଡ୍‌ଲ ଅର୍ଡର ବେଶ୍ ଦୃଢ଼ ରହିଛି। ସୁନୀଲ ନାରିନ ଓ ଦୀନେଶ କାର୍ତ୍ତିକଙ୍କୁ ପ୍ରମୋଟ କରିବାର ବିକଳ୍ପ ମଧ୍ୟ ରହିଛି ବୋଲି ମୋର୍ଗାନ କହିଛନ୍ତି। ଗତ ସଂସ୍କରଣରେ କେକେଆର କ୍ରମାଗତ ଦ୍ୱିତୀୟ ଥର ପାଇଁ ପ୍ଲେଅଫ୍‌ରେ ସ୍ଥାନ ହାସଲ କରିପାରି ନ ଥିଲା। ଦଳରେ ଶାକିବ ଓ ବେନ୍ କଟିଂଙ୍କ ଭଳି ବିଦେଶୀ ଖେଳାଳି ରହିଛନ୍ତି। ଆଇପିଏଲ୍ ବେଶ୍ ପ୍ରତିଯୋଗିତାମୂଳକ ହୋଇଥିବାରୁ ଦଳରେ ସନ୍ତୁଳନ ରହିବା ଗୁରୁତ୍ୱପୂର୍ଣ୍ଣ। ଦଳ ଏଥର ସଫଳ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ମ୍ୟାକ୍ସୱେଲ ହେବେ ବାଙ୍ଗାଲୋରର ମୁଖ୍ୟ ଅସ୍ତ୍ର: ହେସନ




**ନୂଆଦିଲ୍ଲୀ,୩୧।୩(ପି.ଟି.):** ଗ୍ଲେନ୍ ମ୍ୟାକ୍ସୱେଲଙ୍କ ବିସ୍ଫୋରକ ତଥା ଆକ୍ରମଣାତ୍ମକ ବ୍ୟାଟିଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ। ଆଗାମୀ ସଂସ୍କରଣରେ ସେ ଦଳର ମୁଖ୍ୟ ଅସ୍ତ୍ର ହେବେ ବୋଲି ଆରସିବି ଡାଇରେକ୍ଟର ଅଫ୍ କ୍ରିକେଟ ମାଇକ ହେସନ କହିଛନ୍ତି। ପଞ୍ଜାବ କିଙ୍ଗ୍ସ ମ୍ୟାକ୍ସୱେଲଙ୍କୁ ରିଲିଜ କରିବା ପରେ ତାଙ୍କୁ ୧୪.୨୫ କୋଟି ଟଙ୍କା ବିନିମୟରେ ବାଙ୍ଗାଲୋର ଏଥର କ୍ରୟ କରିଛି। ମିଡ୍‌ଲ ଅର୍ଡରରେ ସେ ଦ୍ରୁତ ଗତିରେ ରନ୍ ସଂଗ୍ରହ କରି ଦଳକୁ ବଡ଼ ସ୍କୋର ପ୍ରଦାନ କରିବାର କ୍ଷମତା ରଖନ୍ତି ଓ ସେ ଜଣେ ମ୍ୟାଚ୍ ୱିନର ବୋଲି ହେସନ କହିଛନ୍ତି। ଗତ ସଂସ୍କରଣରେ ଆରସିବିର ମିଡ୍‌ଲ ଅର୍ଡର ସେତେଟା ଦୃଢ଼ ନ ଥିଲା। ତେବେ ନିଜର ଭୂମିକା ବା ରୋଲ୍‌କୁ ମ୍ୟାକ୍ସୱେଲ ହୃଦୟଙ୍ଗମ କରିବା ଉଚିତ। ସେ ଜଣେ ଅଭିଜ୍ଞ ଓ ପ୍ରତିଭାସମ୍ପନ୍ନ ଖେଳାଳି। ତେଣୁ ଦଳ ତାଙ୍କଠାରୁ ବହୁତ କିଛି ଆଶା କରୁଛି ବୋଲି ସେ କହିଛନ୍ତି। ସେହିପରି ୬ ଫୁଟ ୯ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର କାଏଲ ଜେମିସନ ମଧ୍ୟ ଆରସିବି ପାଇଁ ସଫଳତା ଆଣିଦେବେ। ତାଙ୍କ ଉଚ୍ଚତାରୁ ସେ ଅତିରିକ୍ତ ବାଉନ୍ସ କରି ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇପାରିବେ। ସେହିପରି ନବଦୀପ ସଇନି ଓ ମହମ୍ମଦ ସିରାଜଙ୍କ ମଧ୍ୟରୁ ଜଣକୁ ଦଳ ଗୁରୁତ୍ୱ ଦେବ। ନୂଆ ବଲ୍‌ରେ ସିରାଜ ବିପଜ୍ଜନକ ମନେହୁଅନ୍ତି। ସେହିପରି ଅଧିନାୟକ ଓ ବ୍ୟାଟ୍ସମ୍ୟାନ ଭାବେ ବିରାଟ କୋହଲି ପୁଣିଥରେ ନିଜର ଦକ୍ଷତା ପ୍ରମାଣ କରିବେ। ସେ ଏବେ ଜବରଦସ୍ତ ଫର୍ମରେ ରହିଛନ୍ତି। ସେହିପରି ମଧ୍ୟପ୍ରଦେଶର ରଜତ ପଟିଦାର ଓ କେରଳର ମହମ୍ମଦ ଆଝାରୁଦ୍ଦିନଙ୍କ ଉପରେ ସମସ୍ତଙ୍କ ନଜର ରହିଛି ବୋଲି ହେସନ କହିଛନ୍ତି।

# ଧୋନୀଙ୍କୁ ମୋଇନଙ୍କ ପ୍ରଶଂସା

**ଚେନ୍ନାଇ,୩୧।୩(ପି.ଟି.)**

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି ଅଲ୍ ରାଉଣ୍ଡର ମୋଇନ ଅଲୀ। ଦଳରେ ଖେଳାଳିଙ୍କ ପ୍ରଦର୍ଶନ ଉନ୍ନତି ପାଇଁ ସେ ସବୁବେଳେ ସାହାଯ୍ୟ କରିବାକୁ ପ୍ରସ୍ତୁତ ରହିଥାନ୍ତି। ତେଣୁ ତାଙ୍କ ନେତୃତ୍ୱରେ ଖେଳିବାକୁ ସମସ୍ତେ ଇଚ୍ଛୁକ ଥାନ୍ତି ବୋଲି ସିଏସ୍‌କେ ତାରକା ମୋଇନ କହିଛନ୍ତି। ଧୋନୀଙ୍କ ନେତୃତ୍ୱରେ ଖେଳିଥିବା କ୍ରିକେଟରମାନେ ମଧ୍ୟ ସମାନ ମତ ପୋଷଣ କରିଛନ୍ତି। ଖେଳାଳିମାନଙ୍କ ଆତ୍ମବିଶ୍ୱାସ ବଢାଇବାରେ ଧୋନୀ ସବୁବେଳେ ପ୍ରୟାସ କରିଥାନ୍ତି। ଧୋନୀଙ୍କ ଶାନ୍ତ ସ୍ୱଭାବ ତାଙ୍କ ନେତୃତ୍ୱକୁ ଆହୁରି ଦୃଢ଼ କରିଥାଏ। କୋଚ୍ ଓ ଅଧିନାୟକ ଶାନ୍ତ ଓ ଧୀରସ୍ଥିର ରହିବା ସବୁଠାରୁ ବଡ଼ କଥା। ସୌଭାଗ୍ୟବଶତଃ ଆମକୁ ଏହା ମିଳିଛି। ଚେନ୍ନାଇ ପାଇଁ ଆଇପିଏଲ୍ ଖେଳିବାକୁ ବେଶ୍ ଉତ୍ସାହିତ ରହିଛି। ଦଳରେ ସନ୍ତୁଳନ ରହିଛି ଓ ପୁଣି ଥରେ ସିଏସ୍‌କେ ଚାମ୍ପିୟନ ହୋଇପାରିବ ବୋଲି ମୋଇନ କହିଛନ୍ତି।

ସିଏସ୍‌କେ ଖେଳାଳିମାନେ ଏବେ ମୁମ୍ବାଇରେ ଅଭ୍ୟାସ କରୁଛନ୍ତି।



ମହେନ୍ଦ୍ର ସିଂ ଧୋନୀ ଓ ମୋଇନ ଅଲୀ।

ମୁମ୍ବାଇରେ ସିଏସ୍‌କେ ତା'ର ପ୍ରଥମ ୫ଟି ମ୍ୟାଚ୍ ଖେଳିବ। ଏପ୍ରିଲ ୧୦ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରୁ ସିଏସ୍‌କେ ଅଭିଯାନ ଆରମ୍ଭ କରିବ। ମୁମ୍ବାଇ ସିଫ୍ଟ ହେବା ପୂର୍ବରୁ ମାର୍ଚ୍ଚ ୮ ତାରିଖରୁ ଚେନ୍ନାଇରେ ଦଳ ଅଭ୍ୟାସ ଆରମ୍ଭ କରିଥିଲା।

# ହୁଇଲ ଚେୟାର ଫେନ୍‌ସିଂ ଦଳ ସମ୍ବର୍ଦ୍ଧିତ



ସମ୍ବର୍ଦ୍ଧିତ ହେବା ଅବସରରେ କର୍ମକର୍ତ୍ତାଙ୍କ ସହ ଓଡ଼ିଶା ହୁଇଲ ଚେୟାର ଫେନ୍‌ସିଂ ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୩୧।୩(କ୍ରୀଡ଼ା ପ୍ରତିନିଧି)**

ହରିୟାଣାର କର୍ନଲଠାରେ ଶେଷ ହେଇଥିବା ୧୩ତମ ହୁଇଲ ଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ୯ ସ୍ୱର୍ଣ୍ଣ, ୮ରୌପ୍ୟ, ୭ ବ୍ରୋଞ୍ଜ ପଦକ ସହ ମୋଟ ୨୪ ପଦକ ହାସଲ କରି ଇତିହାସ ରଚିଛି। ଏହି ସଫଳତା ପାଇଁ ଟୁଇଟରରେ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି। ଓଡ଼ିଶା ଦଳ ପ୍ରତ୍ୟାବର୍ତ୍ତନ କରିବା ପରେ ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏଶନ ସଭାପତି କମଳାକାନ୍ତ ରଥ, ଉପସଭାପତି ଚିତ୍ତରଞ୍ଜନ ବୈରିସାଲ, ସାଫକ୍ୟୁ ଆଫତାବ୍, ସମ୍ପାଦକ ଲୋକନାଥ ମହାନ୍ତି, କୋଷାଧ୍ୟକ୍ଷ ସୁନୀଲ ପ୍ରଧାନ, ଶୁଭଶ୍ରୀ ବାରିକ, ତନୁଜା ମହାନ୍ତି ଏବଂ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଦଳକୁ ସମ୍ବର୍ଦ୍ଧିତ କରିଥିଲେ।

# ପଟିଆଲା, ବେଙ୍ଗାଲୁରୁ ସାଇରେ ୩୦ ପଜିଟିଭ୍

**ନୂଆଦିଲ୍ଲୀ,୩୧।୩(ପି.ଟି.):** ପଟିଆଲା ଓ ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ୩୦ ଜଣ କ୍ରୀଡ଼ାବିତ୍ ଓ ସପୋର୍ଟ ଷ୍ଟାଫ୍ କୋଭିଡ୍-୧୯ ପଜିଟିଭ ବୋଲି ଜଣାପଡ଼ିଛି। ଏ ନେଇ ୭୪୧ ଜଣଙ୍କର ଟେଷ୍ଟ କରାଯାଇଥିଲା। ତେବେ ଟୋକିଓ ଅଲିମ୍ପିକ୍ସ ଖେଳିବାକୁ ଯାଉଥିବା ଖେଳାଳିମାନେ ପଜିଟିଭ୍ ନୁହନ୍ତି ବୋଲି ସ୍ପଷ୍ଟ କରାଯାଇଛି। ଭାରତୀୟ ପୁରୁଷ ବକ୍ସିଂ ମୁଖ୍ୟ କୋଚ୍ ସି.ଏ. କୁଟାପ୍ପା ଓ ଶଟ୍‌ପୁଟ୍ କୋଚ୍ ମହିନ୍ଦର ସିଂ ଧିଲନ ଟେଷ୍ଟରେ ପଜିଟିଭ ବୋଲି ଜଣାପଡିଛି। ପଟିଆଲା ଓ ବେଙ୍ଗାଲୁରୁରେ ଯଥାକ୍ରମେ ୩୧୩ ଓ ୪୨୮ ଜଣଙ୍କର ପରୀକ୍ଷା କରାଯାଇଥିଲା ବୋଲି ସାଇ ତରଫରୁ କୁହାଯାଇଛି। ପଟିଆଲାରେ ୨୬ ଓ ବେଙ୍ଗାଲୁରୁରେ ୪ଜଣ ପଜିଟିଭ ବୋଲି ଜଣାପଡିଛି। ପଟିଆଲାରେ ୨୬ଜଣ ପଜିଟିଭଙ୍କ ମଧ୍ୟରୁ ୧୬ଜଣ କ୍ରୀଡ଼ାବିତ୍ ଓ ବାକି ସମସ୍ତେ ସପୋର୍ଟ ଷ୍ଟାଫ୍ ବୋଲି କୁହାଯାଇଛି। ୧୬ଜଣ ପଜିଟିଭଙ୍କ ମଧ୍ୟରୁ ୧୦ ବକ୍ସର ଓ ୬ଜଣ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ ସାମିଲ ରହିଥିଲେ। ସେହିପରି ବେଙ୍ଗାଲୁରୁରେ ଜଣେ ରେସ୍‌ଲିଂ କୋଚ୍ ପଜିଟିଭ ବୋଲି ଜଣାପଡିଛି।

# ଆଭେଞ୍ଜର୍ସ ଦଳର କ୍ରମାଗତ ବିଜୟ


ବୁଧବାର ଆଭେଞ୍ଜର୍ସ ଓ ଡଙ୍କର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଭୁବନେଶ୍ୱର, ୩୧।୩(କ୍ରୀଡ଼ା ପ୍ରତିନିଧି)**

ୟୁନିଟ-୧ସ୍ଥିତ ମଦର୍ସ ପବ୍ଲିକ ସ୍କୁଲ ବାସ୍କେଟବଲ କୋର୍ଟରେ ଚାଲିଥିବା ମଦର୍ସ ବାସ୍କେଟବଲ ଲିଗ୍‌ର ପଞ୍ଚମ ଦିବସରେ ଆଭେଞ୍ଜର୍ସ ଦଳ ୬୦-୪୧ ପଏଣ୍ଟରେ ଡଙ୍କର୍ସକୁ ପରାସ୍ତ କରିଛି। ଆଭେଞ୍ଜର୍ସର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ବିଜୟୀ ଦଳ ପକ୍ଷରୁ ଆଦିତ୍ୟ କୁମାର ସର୍ବାଧିକ ୨୧ ଏବଂ ଡଙ୍କର୍ସ ପକ୍ଷରୁ କୁନାଲ ଶାହା ୮ ପଏଣ୍ଟ ସ୍କୋର କରିଥିଲେ। ଦିବସର ଦ୍ୱିତୀୟ ମ୍ୟାଚ(ମହିଳା ବିଭାଗ)ରେ ଆଭେଞ୍ଜର୍ସ ୪୧-୨୪ ପଏଣ୍ଟରେ ୱାରିୟର୍ସ ଦଳକୁ ପରାସ୍ତ କରିଛି। ବିଜୟୀ ଦଳରୁ ଦେବଶ୍ରୀ ସର୍ବାଧିକ ୧୬ ଓ ୱାରିୟର୍ସର ଶ୍ୱେତା ପ୍ରଧାନ ୧୨ ପଏଣ୍ଟ ସ୍କୋର କରିଥିଲେ। ମ୍ୟାଚଗୁଡ଼ିକୁ ଶାହାବାଜ ଖାଁ, ପ୍ରସନ୍ନ ନାୟକ, ରୁଦ୍ରନାଥ ନାୟକ, ଚିରଞ୍ଜିତ କରନ ଓ ଦେବପ୍ରସାଦ ସାହୁ ପରିଚାଳନା କରିଥିଲେ। ପ୍ରକାଶଯୋଗ୍ୟ ଯେ, ମଙ୍ଗଳବାର ୪ର୍ଥ ଦିବସରେ ଆଭେଞ୍ଜର୍ସ ୬୮-୪୮ ପଏଣ୍ଟରେ ହୁପର୍ସକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ଡି. ଶେଖର ରାଓ ସର୍ବାଧିକ ୨୪ ପଏଣ୍ଟ ସ୍କୋର କରିଥିଲେ। ମହିଳା ବିଭାଗରେ ୱାରିୟର୍ସ ୪୬-୧୬ ପଏଣ୍ଟରେ ଡଙ୍କର୍ସକୁ ହରାଇ ଦେଇଥିଲା। ୱାରିୟର୍ସ ପକ୍ଷରୁ ଆରାଧନା ସର୍ବାଧିକ ୧୨ ପଏଣ୍ଟ ସ୍କୋର କରିଥିଲେ।

# ନାଇଟ୍ ରାଇଡର୍ସକୁ ହରାଇ ସୁପର ୱାରିୟର୍ସ ଚାମ୍ପିୟନ

**ଭୁବନେଶ୍ୱର, ୩୧।୩ (କ୍ରୀଡ଼ା ପ୍ରତିନିଧି):** କଟକ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଆବାସିକ ପରିସର ପଡ଼ିଆରେ ହୋଲି ଅବସରରେ ସୀମିତ ଓଭର ଦିବାରାତ୍ର କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲରେ ସୁପର ୱାରିୟର୍ସ ୯ ଉଇକେଟରେ ନାଇଟ ରାଇଡର୍ସକୁ ହରାଇ ଚାମ୍ପିୟନ ହୋଇଛି। ସମ୍ମାନିତ ଅତିଥି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଆଞ୍ଚଳିକ ପ୍ରବନ୍ଧକ ଦିବ୍ୟେନ୍ଦୁ ଦାସ ଏବଂ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ କଟକ ମୁଖ୍ୟ ଶାଖାର ଶାଖା ପ୍ରବନ୍ଧକ ଭବାନୀ ଶଙ୍କର ମହାନ୍ତି ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିବା ସହ ୭ ଜଣଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆବାସିକ ସଂଘର ସଭାପତି ରାଜେନ୍ଦ୍ର ପ୍ରସାଦ ସିଂଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତ୍ତା ଶୁଭେନ୍ଦୁ ତରାଇ, ଅମୂଲ୍ୟ କୁମାର ବେହେରା, ତପନ ପଲ୍, ଶକ୍ତି ରଞ୍ଜନ ପଟ୍ଟନାୟକ, ନିଗମ, ସଞ୍ଜୟ ଜେନା, ସରୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟାନନ୍ଦ ନାୟକ ଓ ରାଜେଶ ଦାସ ଧାରା ବିବରଣୀ ପ୍ରଦାନ କରି ଥିଲେ। ପଦ୍ମଲୋଚନ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।



ଚାମ୍ପିୟନ ସୁପର ୱାରିୟର୍ସ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଚିନ୍ତାମଣି ସ୍ମାରକୀ କ୍ରିକେଟ: ନଁପୁଟ ଚାମ୍ପିୟନ

**ପୁରୁଣା ଭୁବନେଶ୍ୱର,୩୧।୩ (ଡିଏନ୍‌ଏ)**

ଭଗବତୀ ଯୁବକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବାଙ୍କୁଆଳ ଖେଳ ପଡିଆରେ ଅନୁଷ୍ଠିତ ତୃତୀୟ ଚିନ୍ତାମଣି ସ୍ୱାଇଁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ନଁପୁଟ କ୍ରିକେଟ କ୍ଲବ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଏହି ଦିବାରାତ୍ର ଟୁର୍ନାମେଣ୍ଟରେ ରାଜ୍ୟର ଆଗଧାଡିର ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ନଁପୁଟ ପ୍ରତିପକ୍ଷ ସାଲେପୁରର ଜେସିସି କ୍ରିକେଟ କ୍ଲବକୁ ହରାଇ ଟାଇଟଲ ଜିତିଥିଲା। ଟସ୍ ଜିତି ନଁପୁଟ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଜେସିସି ୫ ଓଭରରେ ୪ ଉଇକେଟ ହରାଇ ୫୦ ରନ ସଂଗ୍ରହ କରିଥିଲା। ଜବାବରେ ନଁପୁଟ ୪.୪ ଓଭରରେ ୫ ଉଇକେଟ ହରାଇ ୫୧ ରନ କରି ବିଜୟୀ ହୋଇଥିଲା। ଜେସିସିର ପ୍ରଦୀପ ରାଉତ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ରନର୍ସଅପ ଦଳକୁ ୧୦,୦୦୦ ଟଙ୍କା ଓ ଟ୍ରଫି ଦିଆଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଭୁବନେଶ୍ୱର ଆଥଲେଟିକ ଆସୋସିଏଶନ ସମ୍ପାଦକ ସୂର୍ଯ୍ୟଭାନୁ ପରିଡା, ସମାଜସେବୀ କବିରାଜ ସ୍ୱାଇଁ, ରମେଶ ଚନ୍ଦ୍ର ପଣ୍ଡା, ତ୍ରୈଲୋକ୍ୟ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। ପବିତ୍ର ସ୍ୱାଇଁ, କାଳନ୍ଦୀ ପ୍ରଧାନ, ଦାମୋଦର ବିଶ୍ୱାଳ, ସୁନୀଲ ସ୍ୱାଇଁ, ରସାନନ୍ଦ ସ୍ୱାଇଁ, ସତ୍ୟବ୍ରତ ନାୟକ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଆଲୋକ ସାମନ୍ତରାୟ ଓ ସୁଦର୍ଶନ ସାମନ୍ତରାୟ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ।



ଟାଇଟଲ୍ ବିଜୟୀ ନଁପୁଟ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧/୨୦୨୧ Bhubaneswar, Thursday, April 1/ 2021

# ପ୍ରମୋଦଙ୍କ ତ୍ରିପଲ ବିଜୟ

**ଭୁବନେଶ୍ୱର, ୩୧।୩(କ୍ରୀଡ଼ା ପ୍ରତିନିଧି)**

ଦୁବାଇ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଓଡ଼ିଶାର ପ୍ରମୋଦ ଭଗତ ତ୍ରିପଲ ବିଜୟ ହାସଲ କରିଛନ୍ତି। ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅର୍ଜୁନ ପୁରସ୍କାରପ୍ରାପ୍ତ ପ୍ରମୋଦ ଗ୍ରୁପ୍ 'ଏ' ଏସଏଲ-୩ ଗାଟେଗୋରି ପୁରୁଷ ସିଙ୍ଗଲ୍ସରେ ଫ୍ରାନ୍ସର ମାଥ୍ୟୁ ଥୋମାସଙ୍କୁ ୨୧-୧୧ ଓ ୨୧-୧୨ ପଏଣ୍ଟରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମ୍ୟାଚ ଅବସରରେ ସେ ଗୋଟିଏ ହେଲେ ଗେମ୍ ଡ୍ରପ୍ କରି ନ ଥିଲେ। ପୁରୁଷ ଡବଲ୍ସରେ ପ୍ରମୋଦ ଓ ମନୋଜ ସରକାରଙ୍କ ଯୋଡ଼ି ମାଲେସିଆର ମହମଦ ହୁଜାଇର ଅବଦୁଲ ମାଲେକ ଓ ମହମଦ ଜୁଲଫାଥି ଜାଫରଙ୍କୁ ୧୮-୨୧, ୨୧-୧୧ ଓ ୨୧-୧୭ ପଏଣ୍ଟରେ ପରାସ୍ତ କରିଥିଲେ। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ସେହିପରି ମିକ୍ସଡ ଡବଲ୍ସରେ ପଲକ କୋହଲିଙ୍କୁ ସାଥିକରି ଖେଳୁଥିବା ପ୍ରମୋଦ ରୁଷିଆର ପାଭେଲ କୁଲିକୋଭ ଓ ଫ୍ରାନ୍ସର ଲେନାଗ ମୋରିନ ଯୋଡ଼ିଙ୍କୁ ସିଧାସଳଖ ୨୧-୧୭ ଓ ୨୧-୧୪ ପଏଣ୍ଟରେ ହରାଇ ଦେଇ ଗୋଟିଏ ଦିନରେ ତ୍ରିପଲ ସଫଳତା ପାଇଥିଲେ। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଅନ୍ୟତମ ଖେଳାଳି ଦୀପ ରଞ୍ଜନ ବିଷୋଇ (ଏସଏଲ-୪ କାଟେଗୋରି) ଏବଂ ଜି. ଦିଲେଶ୍ୱର ରାଓ (ଏସଏଲ୍-୩ ଗାଟେକୋରି) ସିଙ୍ଗଲ୍ସ ଓ ଡବଲ୍ସରେ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ମିଶ୍ରିତ ସଫଳତା ପାଇଛନ୍ତି।



ବୁଧବାର ସିଙ୍ଗଲ୍ସ ମ୍ୟାଚ୍ ଅବସରରେ ପ୍ରମୋଦ ଭଗତ।

# ଶୀର୍ଷରେ କୋହଲି, ଚତୁର୍ଥ ସ୍ଥାନକୁ ଖସିଲେ ବୁମ୍‌ରା

**ଦୁବାଇ,୩୧।୩(ପି.ଟି.)**

ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟପଟେ ବୋଲିଂ ତାଲିକାରେ ଯଶପ୍ରୀତ ବୁମ୍‌ରା ଚତୁର୍ଥ ସ୍ଥାନକୁ ଖସିଛନ୍ତି। ବୁଧବାର ପ୍ରକାଶିତ ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ କୋହଲି ୮୭୦ ପଏଣ୍ଟ ପାଇଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଓ ଦ୍ୱିତୀୟ ଦିନିକିଆରେ ସେ ଯଥାକ୍ରମେ ୫୬ ଓ ୬୬ ରନ ସଂଗ୍ରହ କରି ର୍‍ୟାଙ୍କିଙ୍ଗ୍‌ରେ ନିଜର ପ୍ରଭୁତ୍ୱ ଜାରି ରଖିଛନ୍ତି।

ଇଂଲଣ୍ଡ ବିପକ୍ଷ ହ୍ୱାଇଟ୍ ବଲ୍ ସିରିଜରେ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଥିଲା। ଫଳରେ ୬୯୦ ପଏଣ୍ଟ ସହ ସେ ଚତୁର୍ଥ ସ୍ଥାନରେ ରହିଛନ୍ତି। ସେହିପରି ସୀମିତ ଓଭର ଉପଅଧିନାୟକ ରୋହିତ ଶର୍ମା ବ୍ୟାଟିଂ ତାଲିକାର ତୃତୀୟ ସ୍ଥାନରେ ରହିଥିବା ବେଳେ ପାକିସ୍ତାନର ବାବର ଆଜମ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଲୋକେଶ ରାହୁଲ ୩୧ରୁ ୨୭ତମ ସ୍ଥାନକୁ ଉନ୍ନତି କରିଛନ୍ତି। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବ୍ୟାଟିଂ ତାଲିକାରେ କ୍ୟାରିୟର ଶ୍ରେଷ୍ଠ ୪୨ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଶ୍ରେଷ୍ଠ ୧୦୦ରେ ପ୍ରବେଶ କରିଛନ୍ତି।

ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଅନ୍ତିମ ମ୍ୟାଚ୍‌ରେ ୪୨ ରନ ଦେଇ ୩ ଉଇକେଟ ନେବା ସହ ୯ଟି ସ୍ଥାନ ଉପରକୁ ଉଠି ୧୧ତମ ସ୍ଥାନ ଅଧିକାର କରିଛନ୍ତି। ତେବେ ସେ ୨୦୧୭ ସେପ୍ଟେମ୍ବରରେ କ୍ୟାରିୟର ଶ୍ରେଷ୍ଠ ଦଶମ ସ୍ଥାନ ଅଧିକାର କରିଥିଲେ। ସେହିପରି ଅନ୍ତିମ ଦିନିକିଆରେ ଶାର୍ଦ୍ଦୁଳ ଠାକୁର ୬୭ ରନ ବ୍ୟୟ କରି ୪ ଉଇକେଟ ନେବା ସହ ୯୩ରୁ ୮୦ତମ ସ୍ଥାନକୁ ଉଠିଛନ୍ତି।

ଅପରପକ୍ଷରେ ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ୪ଟି ସ୍ଥାନ ଉପରକୁ ଉଠି ବ୍ୟାଟିଂ ତାଲିକାର ୨୪ତମ ସ୍ଥାନ ଅଧିକାର କରିଛନ୍ତି। ଦ୍ୱିତୀୟ ଦିନିକିଆରେ ସେ ୫୨ବଲରୁ ୯୯ ରନ କରିଥିଲେ। ତେବେ ଅଲରାଣ୍ଡର ତାଲିକାରେ ସେ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି। ସେହିପରି ଜନି ବେୟାରଷ୍ଟୋ ଦ୍ୱିତୀୟ ଦିନିକିଆରେ ୧୨୪ ରନର ଶତକୀୟ ପାଳି ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହେବା ସହ ୭୯୬ ପଏଣ୍ଟ ହାସଲ କରି ସପ୍ତମ ସ୍ଥାନ ବଜାୟ ରଖିଛନ୍ତି। ମୋଇନ ଅଲି ୯ଟି ସ୍ଥାନ ଉପରକୁ ଉଠି ବୋଲିଂ ତାଲିକାର ୪୬ତମ ସ୍ଥାନ ଅଧିକାର କରିଛନ୍ତି।



ବିରାଟ କୋହଲି

**ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍**

### ଟି୨୦: ରାହୁଲ, କୋହଲି ଖସିଲେ

ଆଇସିସି ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଉଭୟ ରାହୁଲ ଓ କୋହଲିଙ୍କ ଅବନତି ଘଟିଛି। ଉଭୟେ ଗୋଟିଏ ସ୍ଥାନ ତଳକୁ ଖସି ଯଥାକ୍ରମେ ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହିଛନ୍ତି। ସେହିପରି ବୋଲିଂ ଓ ଅଲରାଉଣ୍ଡର ତାଲିକାରେ କୌଣସି ଭାରତୀୟ ଶ୍ରେଷ୍ଠ-୧୦ରେ ସ୍ଥାନ ପାଇନାହାନ୍ତି।

### ଟେଷ୍ଟ ର୍‍ୟାଙ୍କିଙ୍ଗ୍: ଦ୍ୱିତୀୟ ସ୍ଥାନ ବଜାୟ ରଖିଲେ ଅଶ୍ୱିନ

ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ବୋଲିଂ ତାଲିକାର ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ଅଷ୍ଟ୍ରେଲିଆ ଦ୍ରୁତ ବୋଲର ପ୍ୟାଟ କମିନ୍ସ ଶୀର୍ଷରେ ରହିଛନ୍ତି। ଅଲରାଉଣ୍ଡର ତାଲିକାରେ ରବୀନ୍ଦ୍ର ଜାଡେଜା ତୃତୀୟ ସ୍ଥାନରେ ରହିଥିବା ବେଳେ ଅଶ୍ୱିନ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ବ୍ୟାଟିଂ ତାଲିକାରେ କୋହଲି ପୂର୍ବପରି ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ରୋହିତ ଯୁଗ୍ମଭାବେ ସପ୍ତମ ସ୍ଥାନରେ ରହିଛନ୍ତି।

# ମିଚେଲଙ୍କ ସ୍ଥାନରେ ଜାସନ ରୟ

**ନୂଆଦିଲ୍ଲୀ, ୩୧।୩(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଆଗାମୀ ସଂସ୍କରଣ ଏପ୍ରିଲ ୯ରୁ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ବିଭିନ୍ନ ଦଳ କ୍ୱାରାଣ୍ଟାଇନ୍ ସହ ଅଭ୍ୟାସ ଆରମ୍ଭ କରିଥିବାବେଳେ ମିଚେଲ ମାର୍ଶଙ୍କ ସ୍ଥାନରେ ଜାସନ ରୟଙ୍କୁ ସନ୍‌ରାଇଜର୍ସ ହାଇଦ୍ରାବାଦ ଦଳରେ ସାମିଲ କରାଯାଇଛି। ଅଷ୍ଟ୍ରେଲୀୟ ଅଲରାଉଣ୍ଡର ମିଚେଲ ବ୍ୟକ୍ତିଗତ କାରଣରୁ ପୂରା ଆଇପିଏଲ ସିଜନରେ ଖେଳିପାରିବେ ନାହିଁ ବୋଲି ଜଣାଇ ଦେଇଛନ୍ତି। ୨୦୨୦ ସିଜନରେ ସେ ସନ୍‌ରାଇଜର୍ସର ପ୍ରଥମ ଗେମ୍‌ରେ ଆହତ ହୋଇଥିଲେ। ଏହା ପରଠାରୁ ଆଉ ଖେଳିପାରି ନ ଥିଲେ। ମିଚେଲଙ୍କ ସ୍ଥାନରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବଦଳ ଖେଳାଳିଭାବେ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଜାସନ ରୟଙ୍କୁ ଦଳରେ ସାମିଲ କରିଛି ବୋଲି ଆଇପିଏଲ ପକ୍ଷରୁ ଅପ୍‌ଡେଟ୍ କରାଯାଇଛି। ୨୦୧୦ରେ ଆଇପିଏଲରେ ପଦାର୍ପଣ କରିଥିବା ମିଚେଲ ମୋଟ ୨୧ଟି ଗେମ୍ ଖେଳିଛନ୍ତି। ତାଙ୍କ ବଦଳ ଖେଳାଳି ଜାସନ ୨୦୧୭ରେ ଆଇପିଏଲ ପଦାର୍ପଣ କରିଥିଲେ। ସେତେବେଳେ ସେ ଗୁଜରାଟ ଲାୟନ୍ସ ପକ୍ଷରୁ ଖେଳିଥିଲେ। ପରେ ୨୦୧୮ରେ ସେ ଦିଲ୍ଲୀ ଡେୟାରଡେଭିଲ୍ସ (ବର୍ତ୍ତମାନର ଦିଲ୍ଲୀ କ୍ୟାପିଟାଲ୍ସ)ରୁ ଖେଳିଥିଲେ। ଜାସନ ମୋଟ ୮ଟି ମ୍ୟାଚ ଖେଳି ୧୭୯ ରନ ସ୍କୋର କରିଛନ୍ତି। ଏହା ମଧ୍ୟରେ ଗୋଟିଏ ଅର୍ଦ୍ଧଶତକ ସାମିଲ। ଜାସନ ନିକଟରେ ଅନୁଷ୍ଠିତ ଭାରତ ବିପକ୍ଷ ଟି୨୦ ଓ ଦିନିକିଆ ସିରିଜରେ ଚମତ୍କାର ଫର୍ମରେ ଥିବା ସୂଚନା ଦେଇଥିଲେ। ତେବେ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସନ୍‌ରାଇଜର୍ସ ତାଙ୍କ ବେସ୍ ପ୍ରାଇସ୍ ୨ କୋଟି ଟଙ୍କାରେ ଜାସନ ରୟଙ୍କୁ ଦଳରେ ସାମିଲ କରିଛି।



ଜାସନ ରୟ

# ଜୁନିୟର ହକି ନ୍ୟାଶନାଲ ଘୁଞ୍ଚିଲା

**ନୂଆଦିଲ୍ଲୀ,୩୧।୩(ପି.ଟି.):** କୋଭିଡ୍-୧୯ ବୃଦ୍ଧିକାରଣରୁ ଆଉ ଏକ ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପ୍ରଭାବିତ ହୋଇଛି। ଆଗକୁ ଆୟୋଜନ ହେବାକୁ ଥିବା ୧୧ତମ ଜୁନିୟର ମହିଳା ହକି ନ୍ୟାଶନାଲ ଟୁର୍ନାମେଣ୍ଟକୁ ଘୁଞ୍ଚାଇ ଦିଆଯାଇଛି। ଏହି ଟୁର୍ନାମେଣ୍ଟ ଝାଡଖଣ୍ଡର ସିମ୍‌ଡେଗାରେ ଏପ୍ରିଲ ୩ରୁ ୧୨ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ସିମଡେଗା ଜିଲା କମିଶନର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଗାଇଡ୍‌ଲାଇନ୍‌କୁ ଅନୁସରଣ କରି ଏହି ଟୁର୍ନାମେଣ୍ଟ ଘୁଞ୍ଚାଇବାକୁ ହକି ଇଣ୍ଡିଆ ନିଷ୍ପତ୍ତି ନେଇଛି। ହକି ଇଣ୍ଡିଆ ଓ ହକି ଝାଡଖଣ୍ଡ ମିଳିତ ଭାବେ ୧୧ତମ ଜୁନିୟର ମହିଳା ନ୍ୟାଶନାଲ ଚାମ୍ପିୟନଶିପ୍ ୨୦୨୧କୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ହକି ଇଣ୍ଡିଆ ଅଧ୍ୟକ୍ଷ ଜ୍ଞାନେନ୍ଦ୍ରୋ ନିଙ୍ଗୋମବାମ କହିଛନ୍ତି। କିଛିଦିନ ତଳେ ଝାଡଖଣ୍ଡରେ ୧୧ତମ ହକି ଇଣ୍ଡିଆ ସବ୍ ଜୁନିୟର ମହିଳା ନ୍ୟାଶନାଲ ଚାମ୍ପିୟନଶିପ୍ ୨୦୨୧ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି ଟୁର୍ନାମେଣ୍ଟ ଆୟୋଜନ କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ସହଯୋଗ ପ୍ରଦାନ କରିଥିଲେ। କରୋନା ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନୂଆ ପ୍ରୋଟୋକଲ ଅନୁସାରେ ଖେଳାଳିମାନଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ନେଇ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଟୁର୍ନାମେଣ୍ଟ ଜିତି ଆୟୋଜକ ଦଳ ହ୍ୟାଟ୍ରିକ ଟାଇଟଲ ହାସଲ ଲକ୍ଷ୍ୟରେ ଥିଲା।




# ମନପ୍ରୀତ ଆଶାବାଦୀ

**ବେଙ୍ଗାଲୁରୁ, ୩୧।୩(ପି.ଟି.)**

ୟୁରୋପ ଟୁର୍‌ରେ ଅପରାଜେୟ ରହି ମନୋବଳ ଉଚ୍ଚା ରଖିଥିବା ଭାରତୀୟ ହକି ଦଳ ବୁଧବାର ଆର୍ଜେଣ୍ଟିନା ଗସ୍ତ କରିଛି। ଅଲିମ୍ପିକ୍ ଚାମ୍ପିୟନ ଆର୍ଜେଣ୍ଟିନା ବିପକ୍ଷରେ ଦଳ ପ୍ରଭାବୀ ପ୍ରଦର୍ଶନ କରିବ ବୋଲି ଅଧିନାୟକ ମନପ୍ରୀତ ସିଂ ଆଶାପ୍ରକାଶ କରିଛନ୍ତି। ଗତ ମାସରେ ଭାରତୀୟ ଦଳ ୟୁରୋପ ଗସ୍ତ କରି ଜର୍ମାନୀ ଓ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ମ୍ୟାଚ ଖେଳି ଅପରାଜେୟ ରହିଥିଲା।




### ଭୁବନେଶ୍ୱର ଆନ୍ତଃକ୍ଲବ କ୍ରିକେଟ ଆଜିଠାରୁ

**ଭୁବନେଶ୍ୱର, ୩୧।୩(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଓ ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଆନ୍ତଃକ୍ଲବ ଏବଂ ସିନିୟର କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାରଠାରୁ ଆରମ୍ଭ ହେବ। ଓସିଏର ଭିଜନ-୨୦୨୪ ଅନ୍ତର୍ଗତ ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ୨୫ଟି ଦଳ ଅଂଶଗ୍ରହଣ କରିବେ। ଭାଗ ନେବାକୁ ଯାଉଥିବା ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ପ୍ରଗତି, ଶେଖର, ଜୟଦେବ, ମହାରାଜା, କଳିଙ୍ଗ ଓ କିଶୋର ସ୍ପୋର୍ଟିଂ ରହିଥିବାବେଳେ ଗ୍ରୁପ୍ 'ବି'ରେ ସହିଦ ସ୍ପୋର୍ଟିଂ, ଜାଗୃତି, ବାପୁଜୀ, ବିବିସିଏ, କିଶୋର କ୍ଲବ ଏବଂ ପାୟୋନିୟର ସ୍ଥାନ ପାଇଛି। ସେହିପରି ଗ୍ରୁପ୍ 'ସି'ରେ ପାରାମାଉଣ୍ଟ, ମୁକ୍ତେଶ୍ୱର କ୍ରିକେଟ କ୍ଲବ, ରେଡ୍ ଷ୍ଟାର, ଓସ୍କାର, ବ୍ଲୁ ଡାଇମଣ୍ଡ, ଗ୍ରୀନ୍ସ, କିସ୍ ଏବଂ ଗ୍ରୁପ୍ 'ଡି'ରେ ଟାଉନ୍ କ୍ଲବ, ସ୍କାନ, ଏସିଏ, ବିସିସି, ଉତ୍କଳ ଓ ରାମେଶ୍ୱର ସ୍ପୋର୍ଟିଂ ରହିଛି। ମ୍ୟାଚଗୁଡ଼ିକ ଟାଉନ୍ କ୍ଲବ, ଚେଞ୍ଚୁରିଆନ, ଶ୍ରୀ ଜୟଦେବ କଲେଜ, କିଟ୍ ଓ ପାତ୍ରପଡ଼ା ପଡ଼ିଆରେ ଅନୁଷ୍ଠିତ ହେବ। ଲିଗ୍ ମ୍ୟାଚଗୁଡ଼ିକ ଏପ୍ରିଲ ୧୬ ପର୍ଯ୍ୟନ୍ତ ଚାଲିବ।

# ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

**ଭୁବନେଶ୍ୱର, ୩୧।୩ (କ୍ରୀଡ଼ା ପ୍ରତିନିଧି)**

**ପ୍ରାଚୀ ମେମୋରିଆଲ କ୍ରିକେଟ**

**■ ମୁକ୍ତେଶ୍ୱରକୁ ହରାଇଲା ୟୁନିୟନ ସ୍ପୋର୍ଟିଂ**

ନହରକଣ୍ଟାର ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଜେଏସ୍‌ଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପ୍ରାଚୀ ଭୂଷଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ଗୁରୁବାର ପ୍ରଥମ ସେମିଫାଇନାଲରେ ପାରାମାଉଣ୍ଟ- ଗ୍ରୀନ୍ସ କ୍ରିକେଟ ଏକାଡେମୀ ଏବଂ ଶୁକ୍ରବାର ଦ୍ୱିତୀୟ ସେମିରେ ନିମପୁର ସ୍ପୋର୍ଟ୍ସ ଆଣ୍ଡ କ୍ରିକେଟ କ୍ଲବ-ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ମୁକାବିଲା ହେବ ବୋଲି ଆସୋସିଏଶନ ସମ୍ପାଦକ ଶରତ ଚନ୍ଦ୍ର ସାହୁଙ୍କ ସୂତ୍ରରୁ ପ୍ରକାଶ। ବୁଧବାର ଅନୁଷ୍ଠିତ ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲରେ ୟୁନିୟନ ସ୍ପୋର୍ଟିଂ ୧୦ ରନରେ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ୟୁନିୟନ ସ୍ପୋର୍ଟିଂ ୩୦ ଓଭରରେ ୭ ଉଇକେଟ ହରାଇ ୧୫୩ ରନ କରିଥିଲା। ଚିତ୍ତରଞ୍ଜନ ବେହେରା ୭୫ ବଲ୍‌ରୁ ସର୍ବାଧିକ ୭୪ ରନ କରି ଅପରାଜିତ ରହିଥିବାବେଳେ ରାଜୀବ ଲୋଚନ ସାହୁ ୩୩ ରନ କରିଥିଲେ। ବିପକ୍ଷ ଦଳର ଜୀବନ ଜେନା ୩ଟି ଓ ଜି. ଦିଲେସୁ ୨ଟି ଉଇକେଟ ନେଇଥିଲେ। ୧୫୪ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ମୁକ୍ତେଶ୍ୱର ୨୮.୩ ଓଭରରେ ୧୪୩ ରନକରି ଅଲଆଉଟ ହୋଇଯାଇଥିଲା। ଆଶିଷ ନାଥ ୪୦, କରନ ମହାପାତ୍ର ୩୫ ଓ ଜୀବନ ଜେନା ୧୯ ରନ କରିଥିଲେ। ପ୍ରଭାବୀ ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ମୁକ୍ତେଶ୍ୱର କ୍ରିକେଟ କ୍ଲବର ଜୀବନ ଜେନାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟର ରଣଜିତ ମହାରଣା ଓ ଅଜୟ କୁମାର ନାୟକ ମ୍ୟାଚ ପରିଚାଳନା କରିଥିଲେ। ରଣଜୀ ଟ୍ରଫି ଖେଳାଳି ବିପ୍ଳବ ସାମନ୍ତରାୟ, ଏସ୍‌ଜେଏସ୍‌ଏର ବଲ୍ଲଭ ଚରଣ ସାହୁ ଏବଂ ସାମାଜିକ କର୍ମୀ ଦିଲୀପ ମୁଟଓ୍ୱାନୀ ଅତିଥିଭାବେ ଯୋଗ ଦେଇଥିଲେ।



ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ସହ ୟୁନିୟନ ସ୍ପୋର୍ଟିଂ ଓ ମୁକ୍ତେଶ୍ୱର କ୍ରିକେଟ କ୍ଲବର ଖେଳାଳିମାନେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଦଣ୍ଡକାଳୀ ଯାତ୍ରା ଆରମ୍ଭ

ବୁଗୁଡା, (ଡି.ଏନ.ଏ.): ବୁଗଡ଼ା ବ୍ଲକ ଭାମଶିଆଳି ଗ୍ରାମର ମା’ ଦଣ୍ଡକାଳୀଙ୍କ ୧୮ ଦିନିଆ ଦଣ୍ଡ ଯାତ୍ରା କୋଭିଡ୍ କଟକଣାରେ ରବିବାରଠାରୁ ଆରମ୍ଭ ହୋଇଯାଇଛି। ସ୍ୱଳ୍ପ ମାନସିକଧାରୀ ଦଣ୍ଡୁଆଙ୍କୁ ନେଇ ଆୟୋଜିତ ଏହି ଯାତ୍ରାରେ ପ୍ରଥମେ ଦଣ୍ଡୁଆମାନେ ଶୁଦ୍ଧପୂତ ଭାବରେ କାଳୀଙ୍କୁ ସ୍ମରଣ କରି ଧୂଳି ଦଣ୍ଡ, ପାଣି ଦଣ୍ଡ ଓ ପରେ ଅଗ୍ନି ଦଣ୍ଡ ଭାଙ୍ଗି କାଳୀ ଓ ରୁଦ୍ରଙ୍କୁ ଆବାହନ କରିଥିଲେ। ତା’ପରେ ଦଣ୍ଡୁଆମାନେ ମାସ୍କ ପିନ୍ଧି ଠାକୁରଙ୍କୁ ଧରି ଢୋଲ ଓ ଝାଞ୍ଜ ବାଦ୍ୟର ତାଳେ ତାଳେ କଳା ରୁଦ୍ରମଣିଙ୍କୁ ଭଜ ହେ ଡାକ ଦେଇ ସାହି ପରିଭ୍ରମଣ କରିଥିଲେ। ଏହି ଅବସରରେ ଶ୍ରଦ୍ଧାଳୁମାନେ ନିଜ ନିଜ ଦ୍ୱାରଦେଶରେ ପୂର୍ଣ୍ଣକୁମ୍ଭ ବାଢ଼ିବା ସହ ପୂଜାର୍ଚ୍ଚନା କରିଥିଲେ।



# ଆରମ୍ଭ ହୋଇନି ଛେଳିଗଡ଼ ପ୍ରକଳ୍ପ ଡ୍ୟାମ୍ ନିର୍ମାଣ

■ ଏପ୍ରିଲରେ ହେବ ଟେଣ୍ଡର
■ ୨୦୨୪ ମଧ୍ୟଭାଗରେ ଯୋଜନା ସମ୍ପୂର୍ଣ୍ଣ ଲକ୍ଷ୍ୟ

ବ୍ରହ୍ମପୁର ଅଫିସ,୩୧।୩

ଅବିଭକ୍ତ ଗଞ୍ଜାମ-ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଛେଳିଗଡ଼ ଗ୍ରାମ ନିକଟରେ ବହୁ ବର୍ଷ ତଳୁ ପ୍ରସ୍ତାବିତ ଛେଳିଗଡ଼ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି। ବର୍ତ୍ତମାନ ସୁଦ୍ଧା ହେଡ୍‌ୱାର୍କ ବା ମୁଖ୍ୟ ଡ୍ୟାମ୍ ନିର୍ମାଣ କାମ ଆରମ୍ଭ ହୋଇନାହିଁ। ୧୯୮୫ରେ ତତ୍କାଳୀନ କଂଗ୍ରେସ ଶାସନରେ ଏହି ଯୋଜନାର ପ୍ରସ୍ତାବ ରଖାଯାଇ ସର୍ଭେ କାର୍ଯ୍ୟ ପାଇଁ ପଦକ୍ଷେପ ନିଆଗଲା। ଏହାର ୨୦ ବର୍ଷ ପରେ ୨୦୦୫ରେ ପ୍ରାକ୍ ବ୍ୟୟ ଅଟକଳ ୯୭ କୋଟି ଟଙ୍କା ହୋଇଥିଲା। ଏବେ ବର୍ଦ୍ଧିତ ଅଟକଳ ୭୦୬ କୋଟି ହୋଇଛି। ବିଳମ୍ବ ହେଉଥିବାରୁ ଆଗାମୀ ଦିନରେ ସଂଶୋଧିତ ଅଟକଳ ଅଧିକ ବଢ଼ିବାର ସମ୍ଭାବନା ରହିଛି। ପ୍ରକଳ୍ପ ନିର୍ମାଣ କେବେ ସମ୍ପୂର୍ଣ୍ଣ ହେବ ତାହା ଅନିଶ୍ଚିତତା ହୋଇଯାଇଛି। ଅପରପକ୍ଷରେ ୨୦୨୪ ମଧ୍ୟଭାଗ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହେବା ଲକ୍ଷ୍ୟଥିବା ସମ୍ପୃକ୍ତ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ଯୋଗାଯୋଗ ବେଳେ ସୂଚନା ଦେଇଛନ୍ତି। ଯୋଜନା ସମ୍ପୂର୍ଣ୍ଣ ହେବା ପରେ ଗଜପତି ଜିଲା ମୋହନା, ଆର.ଉଦୟଗିରି ଏବଂ ଗଞ୍ଜାମର ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକର ୩୬୦୦ ହେକ୍ଟର ଚାଷ ଜମିକୁ ସୁବିଧାରେ ସେଚ ବ୍ୟବସ୍ଥା ସାଙ୍ଗକୁ ଦୈନିକ ଅନ୍ୟୂନ ୩୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦିତ ହେବ। ଫଳରେ ଶକ୍ତି ସଙ୍କଟର ସମାଧାନରେ କିଛିଟା ସହାୟକ ହୋଇପାରିବ। ଏହା ସହ ପିଇବା ପାଣି ସମସ୍ୟାରେ ମଧ ସୁଧାର ଆସିବ। ଅନୁଧ୍ୟାନରୁ ଜଣାପଡ଼ିଛି, ପ୍ରକଳ୍ପ ନିମନ୍ତେ ଛେଳିଗଡ଼ ଗ୍ରାମ ସମେତ ବିଦ୍ୟାଧରପୁର, ତିଳିଗାଁ, କାଜିଲି ଓ ସୁବିଗା ଆଦିବାସୀ ଗ୍ରାମ ବୁଡ଼ିବ। ଏହାଦ୍ୱାରା ୫ ଶହରୁ ଊର୍ଦ୍ଧ୍ୱ ପରିବାରଙ୍କୁ ବିସ୍ଥାପିତ ହେବାକୁ ପଡ଼ିବ। ତେଣୁ ଡ୍ୟାମ୍ ନିର୍ମାଣରେ ସମସ୍ୟା ଦେଖାଦେଇଛି।

ସମସ୍ୟାର ସମାଧାନ ପାଇଁ ୨୦୧୯ ଅଗଷ୍ଟ ୧୩ରେ ପ୍ରକଳ୍ପର ଚତୁର୍ଥ ଥଇଥାନ ଓ ଉପାନ୍ତ ଅଞ୍ଚଳ ଉନ୍ନୟନ ପରାମର୍ଶଦାତା କମିଟି ବୈଠକ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦକ୍ଷିଣାଞ୍ଚଳ ଆରଡିସି ଟି. ଆଓ ଅଧ୍ୟକ୍ଷତା କରିଥିଲେ ଏବଂ ଏମ୍‌ପି ଚନ୍ଦ୍ରଶେଖର ସାହୁ ସମୀକ୍ଷା କରିଥିଲେ। ଗଜପତି ଜିଲାପାଳ ଓ ଏସ୍‌ପି, ଜଳ ସମ୍ପଦ ବିଭାଗର ବ୍ରହ୍ମପୁରସ୍ଥ ମୁଖ୍ୟଯନ୍ତ୍ରୀ ଓ ଅନ୍ୟ ଯନ୍ତ୍ରୀ, ମୋହନା ବିଧାୟକ, ବୁଡ଼ି ଅଞ୍ଚଳର କେତେକ ଜନପ୍ରତିନିଧି ଓ ବିସ୍ଥାପିତ ଲୋକେ ଉପସ୍ଥିତ ଥିଲେ। ଏହା ଜନମଙ୍ଗଳ ଯୋଜନା ହୋଇଥିବାରୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଏମ୍‌ପି ଗୁରୁତ୍ୱ ଦେଇଥିଲେ।

ବୈଠକର ବିବରଣୀରୁ ଜଣାପଡ଼ିଥିଲା ବିସ୍ଥାପିତ ପରିବାରକୁ ୨୯ କୋଟି ଟଙ୍କା କ୍ଷତିପୂରଣ ବାବଦରେ ଦିଆଯାଇଛି। ସେମାନଙ୍କ ଥଇଥାନ ଲାଗି ଦିଗପହଣ୍ଡି ନିକଟବର୍ତ୍ତୀ ସାମନ୍ତରାପୁରଠାରେ ସମସ୍ତ ସୁବିଧା ଉପଲବ୍ଧ ଥାଇ ନୂଆ କଲୋନୀ ନିର୍ମିତ ହୋଇଛି। ସେହି କଲୋନୀରେ ଅନେକ ଆଦିବାସୀ ବିସ୍ଥାପିତଙ୍କୁ ଥଇଥାନ କରାଯାଇଛି। ଅନ୍ୟ ସ୍ଥାନରେ ମଧ କଲୋନୀ ନିର୍ମାଣ କରାଯାଇ ହସ୍ତାନ୍ତର ହୋଇଛି। ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀଙ୍କ କହିବାନୁସାରେ ରାମଗିରି ପର୍ବତରୁ ନିର୍ଗତ ବୃହତ୍ ଝରଣାକୁ ଅଟକାଇ ଛେଳିଗଡ଼ ଗ୍ରାମରେ ମୁଖ୍ୟ ଡ୍ୟାମ ନିର୍ମାଣର ନକ୍ସା ପ୍ରସ୍ତୁତ ହୋଇଛି। ଏପ୍ରିଲରେ ଏହାର ଟେଣ୍ଡର କରାଯିବ। ଅନ୍ୟପକ୍ଷରେ ରାମଗିରି ପାହାଡ଼ରୁ ଏକ ସୁଡ଼ଙ୍ଗ (ଟନେଲ) ଦ୍ୱାରା କେନାଲ ନିର୍ମାଣ କାର୍ଯ୍ୟ ସମ୍ପ୍ରତି ଆରମ୍ଭ ହୋଇଛି। ୨୦୨୪ ମଧ୍ୟଭାଗରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ କରାଯିବାର ସମସ୍ତ ପଦକ୍ଷେପ ନିଆଯାଇଛି। ପ୍ରକଳ୍ପ କାର୍ଯ୍ୟାଳୟ ଗଜପତି ଜିଲା ମହେନ୍ଦ୍ରଗଡ଼ରେ ଖୋଲାଯାଇଛି।

## ସଂକ୍ଷେପରେ

### ବିସିସି ବ୍ୟାଙ୍କ ଅଧିକାରୀଙ୍କ ଅବସର ଗ୍ରହଣ



**ବ୍ରହ୍ମପୁର ଅଫିସ,୩୧।୩**-ବିସିସି (ବ୍ରହ୍ମପୁର ସମବାୟ କେନ୍ଦ୍ର) ବ୍ୟାଙ୍କ ସହକାରୀ ଜେନେରାଲ ମ୍ୟାନେଜର ପ୍ରଦୀପ କୁମାର ପାଣିଗ୍ରାହୀ ବୁଧବାର ଅବସର ଗ୍ରହଣ କରିଛନ୍ତି। ବ୍ୟାଙ୍କର ମୁଖ୍ୟାଳୟରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସିଇଓ ତଥ ସମ୍ପାଦକ ସୁଶିଲ କୁମାର ଦାସଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ତାଙ୍କ ଅବସର ଜୀବନର ସୁଖ ଓ ସମୃଦ୍ଧି କାମନା କରାଯାଇଥିଲା। ସୂଚନାଯୋଗ୍ୟ ୧୯୮୫ରେ ସେ ବ୍ୟାଙ୍କ କର୍ମଚାରୀ ଭାବେ ନିଯୁକ୍ତି ପାଇଥିଲେ ଏବଂ ପଦୋନ୍ନତି ପାଇ ଶେଷରେ ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ପଦବୀକୁ ଯାଇଥିଲେ। ବୁଧବାର ଅପରାହ୍ନରେ ବ୍ୟାଙ୍କ ମୁଖ୍ୟ ପ୍ରଶାସକ ତଥା ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ସମବାୟ ବ୍ୟାଙ୍କରେ କୃଷିଋଣ ଓ ଅନ୍ୟାନ୍ୟ କାର୍ଯ୍ୟ ନେଇ ସମୀକ୍ଷା କରିଥିଲେ। ଏହି ଅବସରରେ ପ୍ରଦୀପଙ୍କୁ ଅବସରକାଳୀନ ଶୁଭେଚ୍ଛା ଜଣାଇଥିଲେ।

### ଗିରଫ ଡ୍ରାଇଭର କୋର୍ଟ ଚାଲାଣ

ବସ୍ ଧକ୍କାରେ ଛାତ୍ର ମୃତ୍ୟୁ ଘଟଣା

**ବ୍ରହ୍ମପୁର ଅଫିସ,୩୧।୩**-ବସ୍ ଧକ୍କାରେ ଜଣେ ୧୦ମ ଶ୍ରେଣୀ ଛାତ୍ରଙ୍କର ମୃତ୍ୟୁ ଘଟଣା ପରେ ଫେରାର ଥିବା ଡ୍ରାଇଭରଙ୍କୁ ଟ୍ରାଫିକ ଥାନା ପୋଲିସ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅନ୍ତର୍ଗତ ବାହାଡ଼ାଝୋଲା ଗ୍ରାମର ଲକ୍ଷ୍ମୀଧର ପାଣିଗ୍ରାହୀ। ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଗତ ୨୯ ତାରିଖ ସକାଳେ ଆସିକା ରୋଡ ହନୁମାନ ନଗରରେ ରହୁଥିବା ବାବୁଲା ମହାରଣାଙ୍କ ପୁଅ ଟପଦ୍ୟୁତି ହୋଲି ଖେଳିବାକୁ ଯାଉଥିଲେ। ଗେଟବଜାର ନିକଟ ବିଲସାହି ଛକରେ ସେ ଠିଆ ହୋଇଥିବା ବେଳେ ମା’ ତାରାତାରିଣୀ ନାମକ ଏକ ଯାତ୍ରୀବାହୀ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

### ବଣିକ ସଂଘର ସରବତ ବଣ୍ଟନ

**ରାମଗିରି,୩୧।୩**-ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମର ରାମେଶ୍ୱର ବଣିକ ସଂଘ ପକ୍ଷରୁ ବୁଧବାର ସରବତ ବଣ୍ଟନ କରାଯାଇଛି। ବୁଧବାର ରାମଗିରିଠାରେ ସାପ୍ତାହିକ ହାଟ ହୋଇଥିବାରୁ ଆଖପାଖ ଅଞ୍ଚଳରୁ ବହୁ ଜନସମାଗମ ହୋଇଥାଏ। ଖରାର ପ୍ରକୋପ ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ହାଟପଦା ଗାନ୍ଧୀ ଛକରେ ରାମେଶ୍ୱର ବଣିକ ସଂଘ ସଭାପତି ବୃନ୍ଦାବନ ଗୌଡ଼ଙ୍କ ତତ୍ତ୍ୱାବଧାନରେ ଏବଂ ଉପଦେଷ୍ଟା ଏ. ସହଦେବ ପାତ୍ରଙ୍କ ସହଯୋଗରେ ବଣିକ ସଂଘର ସମସ୍ତ ସଦସ୍ୟ ହାଟକୁ ଆସିଥିବା ଲୋକଙ୍କୁ ସରବତ ବାଣ୍ଟିଥିଲେ।

### ୭ ଅଭିଯୁକ୍ତ କୋର୍ଟ ଚାଲାଣ

ଯୁବକଙ୍କୁ ହତ୍ୟା ଉଦ୍ୟମ

**ବ୍ରହ୍ମପୁର ଅଫିସ,୩୧।୩**- ଜଣେ ଯୁବକଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟା ଉଦ୍ୟମ ମାମଲାରେ ଗୋଷାଣୀନୂଆଗାଁ ପୋଲିସ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବିଜିପୁର ବଡସାହିର ମୁନା ଦାସ, ବାବୁଲି ଓରଫ ବିବେକ ଦାସ, ଶିବ ଦାସ, ଗୋଷାଣୀନୂଆଗାଁର ଜୀବନ ଦାସ, ମନୋଜ ଦାସ, ମାଛବନ୍ଧ ସାହିର ବାବୁଲା ଦାସ ଓ ଲାଠୀ ଗ୍ରାମର ଅଜୁ ଅଜୟ ଦାସ। ସେମାନଙ୍କ ନିକଟରୁ ୨ଟି ଖଣ୍ଡା ଜବତ କରିଥିବା ପୋଲିସ କହିଛି। ମାମଲା ନମ୍ବର ୪୬/୨୧ ରେ ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ, ଗତ ୨୯ ତାରିଖରେ ଅଶୋକ ନଗର ଅଞ୍ଚଳର କେତେକ ଯୁବକ ଷ୍ଟେଶନ ରୋଡରେ ଥିବା ଏକ ମଦ ଦୋକାନ ନିକଟରେ ଛିଡା ହୋଇଥିଲେ। ବିଜିପୁର ବଡସାହିର ମୁନା ଓ ତାଙ୍କ ଗ୍ୟାଙ୍ଗ ସେଠାରେ ପହଞ୍ଚିଥିଲେ। ଦୁଇ ଗୋଷ୍ଠୀ ମଧ୍ୟରେ କୌଣସି କଥାକୁ କେନ୍ଦ୍ରକରି ସେଠାରେ ଝଗଡା ହୋଇଥିଲା। ପରେ ମୁନା ଓ ତାଙ୍କ ଗ୍ୟାଙ୍ଗ ଅନ୍ୟ ଗୋଷ୍ଠୀ ଉପରେ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ଅଶୋକ ନଗରର କାହ୍ନୁଆ ପ୍ରଧାନ ଗୁରୁତର ହୋଇଥିଲେ। ସେ ଏବେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। କାହ୍ନୁଆଙ୍କୁ ଆକ୍ରମଣ ବେଳେ ତାଙ୍କ ସାଙ୍ଗରେ ଥିବା ଏସ୍.କୁମାର ରାଓ ଥାନାରେ ଅଭିଯୋଗ କରିଥିଲେ।

## ବୃଦ୍ଧଙ୍କ କ୍ଷତାକ୍ତ ମୃତଦେହ ଜବତ

ସୋରଡ଼ା,୩୧।୩ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ବଡ଼ଗଡ଼ ଥାନା କଇଠାଖଳା ଗ୍ରାମ ରାସ୍ତା ନିକଟ ଜମିରୁ ବୁଧବାର ପୋଲିସ ଜଣେ ବୃଦ୍ଧଙ୍କ କ୍ଷତାକ୍ତ ମୃତଦେହ ଜବତ କରିଛି। ମୃତକ ହେଲେ ଦିମ୍ବିରିପାଙ୍କଳ ଗ୍ରାମର ଧର୍ମ ନାୟକ। ସେ ମଙ୍ଗଳବାର ଜଳଖିଆ ଖାଇବାକୁ ବାହାରକୁ ଯାଇଥିଲେ। କିନ୍ତୁ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି କୌଣସି ସନ୍ଧାନ ପାଇନଥିଲେ। ବୁଧବାର ଉକ୍ତ ଜମିରେ ଧର୍ମଙ୍କ ମୃତଦେହ ପଡ଼ିଥିବା ଖବର ପାଇ ଆଇଆଇସି ପ୍ରତାପ ଚନ୍ଦ୍ର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଜବତ କରିଥିଲେ। ଏ ନେଇ କୌଣସି ମାମଲା ରୁଜୁ ହୋଇ ନଥିଲେ ମଧ ପୋଲିସ ତଦନ୍ତ ଚଳାଇଛି।

# ୭୦ ବର୍ଷ ପରେ ୧୫ ଗାଁର ଠାକୁର ଏକାଠି



ମେଳଣ ପଡ଼ିଆରେ ଦୋଳ ବିମାନ।

■ ପୁଣି ଆୟୋଜନ ହେଲା ଫୁଲ ମେଳଣ
■ ହରିବୋଲ, ସଂକୀର୍ତ୍ତନରେ କମ୍ପିଲା ପରିବେଶ

ଖୋର୍ଦ୍ଧା ଅଫିସ,୩୧।୩

ଦୀର୍ଘ ୭୦ବର୍ଷ ପରେ ଏକାଠି ହୋଇଛନ୍ତି ୧୫ଟି ଗାଁର ଠାକୁର। ୨୧ଟି ଦୋଳବିମାନରେ ବସି ଠାକୁରମାନେ ମେଳଣ ପଡ଼ିଆକୁ ଆସିଥିଲେ। ହରିବୋଲ, ହୁଳହୁଳି ଓ ନାମ ସଂକୀର୍ତ୍ତନରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଭକ୍ତ- ଭଗବାନଙ୍କର ପୁଣି ମିଳନ ଘଟିଲା। କୌଣସି କାରଣରୁ ବନ୍ଦ ହୋଇଯାଇଥିବା ଐତିହାସିକ ‘ଫୁଲ ମେଳଣ’ ଚଳିତ ବର୍ଷ ଠାରୁ ପୁଣି ଆରମ୍ଭ ହୋଇଛି। କୋଭିଡ୍ କଟକଣା ମାନି ଠାକୁରଙ୍କ ପୂଜାର୍ଚ୍ଚନା, ରୀତିନୀତି ଓ ସଂକୀର୍ତ୍ତନ ଆଦି ହୋଇଥିଲା। ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ଉପରବସ୍ତ ଭୀମପୁର ଗ୍ରାମରେ ଦୋଳପୂର୍ଣ୍ଣିମାଠାରୁ ଗତ ୩ଦିନ ଧରି ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଗ୍ରାମବାସୀ ମିଶି ଦୋଳ ଉତ୍ସବ ପାଳନ କରିବା ସହ ପରସ୍ପର ମଧ୍ୟରେ ଫଗୁ ଖେଳିଥିଲେ।

ବାରପଲ୍ଲୀ ମୌଜାର ଗଙ୍ଗପଡ଼ା, ପିତାପଲ୍ଲୀ, ବଡତୋଟା, ବେଳପଡା, ଖୁଦୁପୁର, କୁମାର ଖାଡିଆ, ବାଛେରା, ଷଣ୍ଢପୁର ପ୍ରଭୃତି ୧୫ଟି ଗ୍ରାମର ଠାକୁର ସୁସଜ୍ଜିତ ବିମାନରେ ବିଜେ ହୋଇ ମେଳଣ ପଡ଼ିଆରେ ବିରାଜିତ ହୋଇଥିଲେ। ପ୍ରଥମେ ଥାନପତି ଶ୍ରୀକେଦାରଶ୍ୱର ଦେବ ବିଜେ କରିଥିଲେ। ଦୀର୍ଘ ଦିନ ପରେ ଫୁଲ ମେଳଣ ହେଉଥିବାରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ସେମାନେ ଠାକୁରଙ୍କ ନିକଟରେ ନୈବେଦ୍ୟ ଅର୍ପଣ କରିଥିଲେ।

ଦୋଳ ମେଳଣ କମିଟି ସଭାପତି ଦିବାକର ମଙ୍ଗରାଜ କହିଛନ୍ତି, କୌଣସି କାରଣବଶତଃ ଗ୍ରାମବାସୀଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁ ଏହା ବନ୍ଦ ହୋଇଯାଇଥିଲା। ଚଳିତ ବର୍ଷ ଏହି ବିବାଦର ଅନ୍ତ ଘଟିଛି। ଗ୍ରାମବାସୀ ପୁନର୍ବାର ଏକାଠି ହୋଇଛନ୍ତି। ଆଗାମୀ ଦିନରେ ଏହାକୁ ଜୋରଦାର ଆୟୋଜନ କରାଯିବ। ଦୋଳ କମିଟି ସଦସ୍ୟ ପ୍ରକାଶ ଗିରି ଓ କୃଷ୍ଣଚନ୍ଦ ଦାସ କହିଛନ୍ତି, ଭାଇଚାରାର ବାର୍ତ୍ତା ଦେଉଥିବା ଏହି ମେଳଣ ପ୍ରତି ଯୁବପିଢ଼ିଙ୍କର ବିଶେଷ ଆଗ୍ରହ ଦେଖିବାକୁ ମିଳିଛି।

ଜନଶ୍ରୁତି ଅନୁଯାୟୀ, ଏହି ମେଳଣ ପଡ଼ିଆ ନିକଟରେ ଏକ ବିରାଟ ବରଗଛ ରହିଛି। ଥରେ ବାତ୍ୟାରେ ଗଛଟି ଉପୁଡ଼ିଯାଇଥିଲା। ଗଛ ତଳେ ୨ଜଣ ନାବାଳିକା ରହିଯାଇଥିଲେ। ଗ୍ରାମବାସୀ ଶ୍ରୀକେଦାରଶ୍ୱରଙ୍କ ନାମ ସ୍ମରଣ କରି ଗଛକୁ କାଟି ନାବାଳିକା ଦ୍ୱୟଙ୍କୁ ଉଦ୍ଧାର କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ବରଗଛ କାୟା ବିସ୍ତାର କରିଥିଲା। ସେବେଠାରୁ ଏଠାରେ ଠାକୁରାଣୀ ପୂଜା ପାଉଥିଲେ। ଭୀମପୁର ଓ ଉପରବସ୍ତ ଗ୍ରାମବାସୀ ମିଶି ଫୁଲ ମେଳଣ ଆୟୋଜନ କରିଥିଲେ। ତେବେ ପରେ ତାହା ବନ୍ଦ ହୋଇଯାଇଥିଲା। ୭୦ବର୍ଷ ପରେ ଏବେ ପୁଣି ଆରମ୍ଭ ହୋଇଛି।

## ରାଜ୍ୟ ବାହାରୁ ଉଦ୍ଧାର ହେଲେ ଗଜପତିର ୯ ପିଲା

ପାରଳାଖେମୁଣ୍ଡି,୩୧।୩ (ଡି.ଏନ୍.ଏ)

ଗଜପତି ଜିଲା ପ୍ରଶାସନ ପକ୍ଷରୁ ଜିଲାର ୩ ନାବଳିକା ଓ ୬ ନାବାଳକଙ୍କୁ ମୁମ୍ବାଇ ଓ ବାଙ୍ଗାଲୋରରୁ ଉଦ୍ଧାର କରାଯାଇଛି। ପିଲାଙ୍କ ଅଭିଭାବକ ଏବଂ ବିଭିନ୍ନ ଗଣମାଧ୍ୟମରୁ ଖବର ପାଇବା ପ୍ରଶାସନ ପ୍ରଥମେ ମୁମ୍ବାଇର ଏକ ଶିଶୁ ଯତ୍ନ ଅନୁଷ୍ଠାନ ଏବଂ ଶିଶୁ ମଙ୍ଗଳ ସମିତି ସହ ଯୋଗାଯୋଗ କରି ସେମାନଙ୍କୁ ଆଣିବା ନିମନ୍ତେ ଯୋଜନା ପ୍ରସ୍ତୁତ କରିଥିଲା। ମୁମ୍ବାଇର ଲୋକମାନ୍ୟ ତିଲକ ଟର୍ମିନାଲରୁ ରେଳବାଇ ଚାଇଲ୍ଡଲାଇନ ଗଜପତିର ୩ ନାବାଳିକାଙ୍କୁ ଉଦ୍ଧାର କରିଥିଲା । ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପରିବେକ୍ଷଣ ଅଧିକାରୀ ଜୟପ୍ରକାଶ ବାଡ଼ାତ୍ୟାଙ୍କ ନେତୃତ୍ୱରେ ୪ ଜଣିଆ ଟିମ ମୁମ୍ବାଇ ଯାଇ ସେଠାକାର ପ୍ରଶାସନ ସହାୟତାରେ ନାବାଳିକାମାନଙ୍କୁ ଉଦ୍ଧାର ପରେ ପାରଳାଖେମୁଣ୍ଡି ଆଣି ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପନ କରାଯାଇଛି। ନାବାଳିକାମାନଙ୍କ ଥଇଥାନ ବ୍ୟବସ୍ଥା ଗ୍ରହଣ କରାଯିବ । ସେହିପରି କାମ କରିବା ପାଇଁ ବାଙ୍ଗାଲୋର ନିଆଯାଇଥିବା ୬ ନାବାଳକଙ୍କୁ ସେଠାର ଚାଇଲ୍ଡଲାଇନ ଉଦ୍ଧାର କରିଥିଲା । ସେମାନଙ୍କୁ ଗଜପତି ଆଣିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା । ଜିଲା ଶିଶୁ ସୁରକ୍ଷା ୟୁନିଟର ପରାମର୍ଶଦାତା ଡୁଙ୍ଗେଇ ମଲିକଙ୍କ ନେତୃତ୍ୱରେ ୫ ଜଣିଆ ଟିମ ବାଙ୍ଗାଲୋର ଯାଇଥିଲେ। ସେଠାକାର ପ୍ରଶାସନ ସହାୟତାରେ ନାବାଳକମାନଙ୍କୁ ପାରଳାଖେମୁଣ୍ଡି ଅଣାଯାଇଥିଲା। ପ୍ରଶାସନ ପକ୍ଷରୁ ସେମାନଙ୍କ ଥଇଥାନ ବ୍ୟବସ୍ଥା କରାଯିବ।

## କାଠରେ ଓଡ଼ିଆ ବୀରପୁରୁଷଙ୍କ କ୍ଷୁଦ୍ର କାରୁକାର୍ଯ୍ୟ

ବ୍ରହ୍ମପୁର ଅଫିସ୍,୩୧।୩




ଶିଳ୍ପୀଙ୍କ ଦ୍ୱାରା ନିର୍ମିତ କ୍ଷୁଦ୍ର କଳାକୃତି।

ଓଡ଼ିଶା ଦିବସ ଉପଲକ୍ଷେ ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା ବୁଧବାର ବୀର ଓଡ଼ିଆଙ୍କ କ୍ଷୁଦ୍ର ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ସେ ଉତ୍କଳର ମାନଚିତ୍ର ସଦୃଶ ଏକ କାଠ ଉପକରଣ ଉପରେ ୧୨ ଜଣ ଓଡ଼ିଆ ବୀର ପୁରୁଷଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ସେ ନିର୍ମାଣ କରିଥିବା ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିର ଉଚ୍ଚତା ୨.୩ ସେ.ମି. ରହିଥିବା ବେଳେ ୨.୬ସେ.ମି. ଉଚ୍ଚତା ବିଶିଷ୍ଟ ମଧୁସୂଦନ ଦାସ, ୨.୩ ସେ.ମି. ଉଚ୍ଚତା ବୀର ସୁରେନ୍ଦ୍ର ସାଏ, ୩.୫ସେ.ମି. ଉଚ୍ଚତା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ୨.୬ ସେ.ମି. ଉଚ୍ଚତା ଗଙ୍ଗାଧର ମେହେର, ୨.୨ ସେ.ମି. ଉଚ୍ଚତା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ୨.୫ ସେ.ମି. ଉଚ୍ଚତା ଚକରା ବିଶୋୟୀ, ୨.୩ ସେ.ମି. ଉଚ୍ଚତା ଶହୀଦ୍ ଲକ୍ଷ୍ମଣ ନାୟକ, ୩.୨ ସେ.ମି ଉଚ୍ଚତା ଜୟୀ ରାଜଗୁରୁ, ୨.୫ ସେ.ମି. ଉଚ୍ଚତା ରମା ଦେବୀ, ୨.୬ ସେ.ମି. ଉଚ୍ଚତା କବିସୂର୍ଯ୍ୟ ବଳଦେବ ରଥ ଓ ୨.୫ ସେ.ମି. ଉଚ୍ଚତା ବିଶିଷ୍ଟ ବାଜି ରାଉତଙ୍କ କ୍ଷୁଦ୍ର ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ସତ୍ୟ ଏହି କ୍ଷୁଦ୍ର କାରୁକାର୍ଯ୍ୟ ମାଧ୍ୟମରେ ସମସ୍ତ ଓଡ଼ିଆବାସୀ ବୀର ପୁରୁଷମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଛନ୍ତି।

# ୪୧ ହଜାର ଚାଷୀ ବିକି ପାରିଲେନି ଧାନ

ଛତ୍ରପୁର,୩୧।୩ (ଡି.ଏନ.ଏ.)

ଏପ୍ରିଲ ୧୫ ଯାଏ ଅବଧି ବୃଦ୍ଧି ଦାବି

ଧାନକିଣା ପ୍ରକ୍ରିୟା ଅବଧି ବୁଧବାର ଶେଷ ହୋଇଛି। ଗଞ୍ଜାମ ଜିଲାର ବହୁ ଚାଷୀଙ୍କ ଧାନ କିଣାଯାଇ ନ ଥିବାରୁ ଚାଷୀ ସଙ୍ଗଠନଗୁଡିକ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଜିଲାରେ ୧ ଲକ୍ଷ ୩୭ ହଜାର ୭୧୦ ଜଣ ଚାଷୀ ଧାନ ବିକିବା ପାଇଁ ଅନଲାଇନ୍‌ରେ ପଞ୍ଜୀକରଣ କରିଥିଲେ । ଏଥିରୁ ୧ ଲକ୍ଷ ୨୦ ହଜାର ଚାଷୀଙ୍କ ପାଖକୁ ଟୋକନ ଆସିଥିଲା । ସେଥିରୁ ବୁଧବାର ତଥା ଅବଧି ଶେଷ ସୁଦ୍ଧା ଜିଲାର ୯୬ ହଜାର ୪୭୨ଜଣ ଚାଷୀଙ୍କଠାରୁ ୪୫ ଲକ୍ଷ ୫ ହଜାର ୬୯୬.୭୭୦ କୁଇଣ୍ଟାଲ ଧାନ କିଣାଯାଇପାରିଛି । ଆହୁରି ୨୪ ହଜାର ଚାଷୀ ଟୋକନ୍ ପାଇଥିଲେ ବି ଧାନ ବିକିପାରିନାହାନ୍ତି। ଅନ୍ୟପକ୍ଷରେ ପଞ୍ଜୀକୃତ ମୋଟ ଚାଷୀଙ୍କ ମଧ୍ୟରୁ ୪୧ ହଜାର ୩୨୮ ଜଣଙ୍କ ଧାନ କିଣାଯାଇପାରିନି । ଟୋକନ୍ ପାଇଥିବା ଚାଷୀଙ୍କ ଠାରୁ ଧାନ କିଣାଯାଇ ନ ଥିବା ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ କହିଛନ୍ତି। ଏହି ଚାଷୀମାନେ ଗତ ବର୍ଷ ଡିସେମ୍ବର ମାସରୁ ଟୋକନ୍ ଧରି ଧାନ ବିକିବା ପାଇଁ ଅପେକ୍ଷା କରିଥିଲେ । ହେଲେ ସେମାନଙ୍କ ଠାରୁ ଧାନ କିଣାଯାଇନି। ପୂର୍ବରୁ ସମବାୟ ସମ୍ପାଦକଙ୍କ ଠାରୁ ଆରମ୍ଭ କରି ଯୋଗାଣ ଅଧିକାରୀ ଓ ଜିଲାପାଳଙ୍କ ଅଫିସକୁ ଚାଷୀମାନେ ବାରମ୍ବାର ଯାଇଥିଲେ ସୁଦ୍ଧା କେହି କିଛି ଶୁଣି ନ ଥିବା ରୟତ ମହାସଭା ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ଧାନ କିଣା ଅବଧି ସରିଯାଇଥିବାରୁ ଚାଷୀମାନେ ଦୁଶ୍ଚିନ୍ତାରେ ଅଛନ୍ତି। ଏ ସମ୍ପର୍କରେ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଏକ ସ୍ମାରକପତ୍ର ବୁଧବାର ଯୋଗାଣ ବିଭାଗର କମିଶନରଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଧାନକିଣା ଅବଧି ବୃଦ୍ଧି କରିବାକୁ ସେଥିରେ ଅନୁରୋଧ କରାଯିବା ସହ ଟୋକନ୍ ପାଇଥିବା ଚାଷୀଙ୍କ ଧାନ କିଣିଲେ ଗଞ୍ଜାମ ଚାଷୀ ଉପକୃତ ହେବେ ବୋଲି ଦର୍ଶାଯାଇଛି ।

## ବିଶ୍ୱ ହିନ୍ଦୁ ପରିଷଦ ନଗର ଶାଖା ଗଠିତ

ଆସିକା,୩୧।୩ (ଡି.ଏନ.ଏ.)

ବିଶ୍ୱ ହିନ୍ଦୁ ପରିଷଦର ଆସିକା ନଗର ଶାଖା ଗଠନ କରାଯାଇଛି । ଲଥିଲାଗି ବିଦ୍ୟାଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଘୁମୁସର ଜିଲା ସହ ସଂଘ ଚାଳକ ବିଶ୍ୱନାଥ ସେଠୀ ମୁଖ୍ୟଅତିଥି ଓ ପ୍ରସନ୍ନ କୁମାର ପ୍ରଧାନ, ନନ୍ଦ କିଶୋର ପାତ୍ର, ପ୍ରଦୀପ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶ୍ୱ ହିନ୍ଦୁ ପରିଷଦ ଗଠନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ସମାଜରେ ଆଧାତ୍ମିକ ଚେତନା ଜାଗ୍ରତ ପୂର୍ବକ ଶୃଙ୍ଖଳିତ ପରିବେଶ ସୃଷ୍ଟି, ବୃକ୍ଷରୋପଣ, ଗୋରକ୍ଷା ଆଦି ସାମାଜିକ ସେବା କାର୍ଯ୍ୟକ୍ରମ ଜାରି ରଖିବା ଲାଗି ସମସ୍ତ ପଦକ୍ଷେପ ନିଆଯିବ ବୋଲି ସଂଘ ଚାଳକ ସେଠୀ ସୂଚନା ଦେଇଛନ୍ତି।

# ମାଟିତଳୁ କଙ୍କାଳ ଜବତ ଘଟଣା, ୩ ଗିରଫ

ବାଲିଗୁଡା,୩୧।୩ (ଡି.ଏନ.ଏ.)

ବାଲିଗୁଡା ଥାନା ରେବିଙ୍ଗିଆ ନିକଟ ତୁଳିପାଜୁ ଜଙ୍ଗଲରେ ମାଟିତଳୁ କଙ୍କାଳ ଜବତ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ । ଜବତ କଙ୍କାଳଟି କୁଟିଗୁଡ଼ା ଗାଁର ନିଖୋଜ ଯୁବକ ଟିକୁନ ଗୌଡ଼ଙ୍କର। ଜମିବାଡ଼ିକୁ କେନ୍ଦ୍ର କରି ସମ୍ପର୍କୀୟମାନେ ତାଙ୍କୁ ହତ୍ୟା କରି ପୋତି ଦେଇଥିଲେ। ଏହି ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଡି ଗାଁର ମୁଖ୍ୟ ଅଭିଯୁକ୍ତ ଦୁଇ ଭାଇ ଅଜୟ ବଗର୍ତ୍ତି ଓ ବିପିନ ବଗର୍ତ୍ତି ଓ ତାଙ୍କ ସହଯୋଗୀ ଭଇରା ଗୌଡ଼। ବାଲିଗୁଡା ଏସ୍‌ଡିପିଓ ମନୋଜ ପୂଜାରୀ ଏବଂ ବାଲିଗୁଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରା ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ।

ଗତ ଫେବୃୟାରୀ ୨୨ ତାରିଖରେ ଟିକୁନୁ ଏକ ବିବାହ ଭୋଜିରେ ଯୋଗ ଦେବାକୁ ଯାଇ ଆଉ ଫେରି ନଥିଲେ। ଏ ନେଇ ପରିବାର ଲୋକେ ବାଲିଗୁଡା ଥାନାରେ ଅଭିଯୋଗ କରିଥିଲେ। ଗତ ୨୫ ତାରିଖରେ ପୋଲିସ ଖବରପାଇ ତୁଳିପାଜୁ ଜଙ୍ଗଲରେ ମାଟି ତଳୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କଙ୍କାଳ ଉଦ୍ଧାର କରି ତଦନ୍ତ ଚଳାଇଥିଲା। ତଦନ୍ତ ବେଳେ ଅଭିଯୁକ୍ତଙ୍କ ସମ୍ପର୍କରେ ଜଣାପଡିଥିଲା। ସେମାନେ ଟିକୁନୁଙ୍କୁ ମାରି ପୋତି ଦେଇଥିବା ସ୍ୱୀକାର କରିଥିବା ପୋଲିସ କହିଛି ।

# ଏନ୍‌ଏସି ଅଫିସ ଘେରିଲେ ଲୋକେ

ଜି.ଉଦୟଗିରି,୩୧।୩ (ଡି.ଏନ.ଏ.)

ଉତ୍କଟ ହେଲାଣି ଜଳ ସମସ୍ୟା

ଜି.ଉଦୟଗିରି ସହରରେ ପାନୀୟ ଜଳ ସମସ୍ୟା ଉତ୍କଟ ହେଲାଣି। ଗ୍ରୀଷ୍ମ ଋତୁ ପୂର୍ବରୁ ଏହାର ସମାଧାନ କରିବା ପାଇଁ ପ୍ରତିଦିନ ସହର ବାସିନ୍ଦା ଗୁହାରି କରିଥିଲେ ମଧ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ବୁଧବାର ଏନ୍‌ଏସି ଅଫିସ ଘେରି ଦାବି ଜଣାଇଛନ୍ତି ସହରବାସୀ। ସମସ୍ୟା ସମାଧାନ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ସମସ୍ୟା ସମ୍ପର୍କରେ ଉପ ଜିଲାପାଳ, ଜିଲାପାଳ, ମୁଖ୍ୟମନ୍ତ୍ରୀ,



ଏନ୍‌ଏସି ଅଫିସ ଘେରାଉ କରିଛନ୍ତି ଗ୍ରାମବାସୀ।

ନଗର ଉନ୍ନୟନ ବିଭାଗକୁ ଲିଖିତ ଅଭିଯୋଗ କରିଛନ୍ତି। ଭାଜପା ନଗର ସଭାପତି ଉଦେସନ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଲୋକ ଏଥିରେ ସାମିଲ ହୋଇଥିଲେ।

ପ୍ରକାଶ ଯେ, ମେଗା ପାନୀୟ ଜଳ ପ୍ରକଳ୍ପ ଠିକ୍ ସମୟରେ କାର୍ଯ୍ୟକ୍ଷମ ନ ହେବା ଫଳରେ ସମସ୍ୟା ଦିନକୁ ଦିନ ଜଟିଳ ହେବାକୁ ଯାଉଛି। ଜଡାଙ୍ଗବାଲି, ବ୍ୟାଙ୍କ କଲୋନୀ, ହାତୀ ବାଲିସାହି, ମା’ କଲୋନୀ, ପାହାଡି ସାହି, ଦୁଗୁଡ ଓ ଚନ୍ଦନସାହି ଆଦିରେ ପାନୀୟ ଜଳ ସଂକଟ ଉତ୍କଟ ହେଲାଣି। ଫଳରେ ବାଧହୋଇ କିଏ ପରିତ୍ୟକ୍ତ କୂଅ ପାଣି ବ୍ୟବହାର କଲାଣି ତ ଆଉ କିଏ ଦୂଷିତ ଚୁଆ ପାଣି ବ୍ୟବହାର କରିବାକୁ ବାଧ ହୋଇଛନ୍ତି। ରୋଗ ସଂକ୍ରମଣ ଭୟ ଥିଲେ ମଧ ନାଚାର। ଜନସାଧାରଣ ଗୁହାରି କଲେ ଶୁଣିବାକୁ କେହିନାହାନ୍ତି।

## ନାବାଳିକାଙ୍କୁ ବଳାତ୍କାର, ହତ୍ୟା ଉଦ୍ୟମ ମାମଲାରେ ଜଣେ କୋର୍ଟଚାଲାଣ

ଗୋପାଳପୁର,୩୧।୩

ନାବାଳିକାଙ୍କୁ ବଳାତ୍କାର ସହ ହତ୍ୟା ଉଦ୍ୟମ ଅଭିଯୋଗରେ ଗୋପାଳପୁର ଥାନା ପୋଲିସ ଜଣେ ଯୁବକଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏମ. ଧର୍ମା (୨୦)। ଗତବର୍ଷଠାରୁ ଧର୍ମା ଓ ନାବାଳିକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବିବାହ କରିବେ କହି ଗତ ଅକ୍ଟୋବରରେ ଧର୍ମା ନାବାଳିକାଙ୍କୁ ଅପହରଣ କରି ବିଭିନ୍ନ ସ୍ଥାନରେ ରଖି ଶାରୀରିକ ସମ୍ପର୍କ ରଖିଥିଲେ।

ମାର୍ଚ୍ଚରେ ଧର୍ମା ଗ୍ରାମରେ ଛାଡି ଦେଇଥିଲେ। ଲୋକ ଲଜ୍ଜାରୁ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରି ନ ଥିଲେ। ଗତ ୨୯ ତାରିଖରେ ନାବାଳିକା ସମୁଦ୍ରରେ ଗାଧୋଇବା ବେଳେ ଧର୍ମା ତାଙ୍କୁ ପାଣିରେ ବୁଡ଼ାଇ ହତ୍ୟା ଉଦ୍ୟମ କରିଥିଲେ। ସେଠାରେ ଥିବା ଲୋକ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ନାବାଳିକାଙ୍କ ବାପାଙ୍କ ଅଭିଯୋଗ ପ୍ରକାରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରିଥିଲା। ମଙ୍ଗଳବାର ଧର୍ମାଙ୍କୁ ଗ୍ରାମରୁ କାବୁ କରାଯାଇଥିଲା। ବ୍ରହ୍ମପୁର ବଡ଼ ମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ବିଚାରପତିଙ୍କ ସମ୍ମୁଖରେ ନାବାଳିକାଙ୍କର ବୟାନ ରେକର୍ଡ କରାଯାଇଥିଲା।

**ଦମ୍ପତି କରୋନାରେ ଆକ୍ରାନ୍ତ**

**ଖଣ୍ଡପଡ଼ା,(ସ୍ୱ.ପ୍ର.):** ଖଣ୍ଡପଡ଼ା ସହରରୁ ବୁଧବାର ୨ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୂତ୍ରରୁ ମିଳିଥିବା ସୂଚନା ମୁତାବକ ବୁଧବାର ସକାଳେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ଦମ୍ପତିଙ୍କ ଆଣ୍ଟିଜେନ ଟେଷ୍ଟ କରାଯାଇଥିଲା । ସେମାନେ ପଜିଟିଭି ଚିହ୍ନଟ ହୋଇଥିଲେ । ସେମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସେବା ଓ ପରାମର୍ଶ ଦିଆଯାଇଛି ।

## ଆଜି କ'ଣ କେଉଁଠି

ନୟାଗଡ଼

- ୮୬ତମ ଓଡ଼ିଶା ଆରକ୍ଷୀ ପ୍ରତିଷ୍ଠା ଦିବସ ଉତ୍ସବ, ସ୍ଥାନ:ନୟାଗଡ଼ ରିଜର୍ଭ ପୋଲିସ ପଡ଼ିଆ, ସମୟ:ପୂର୍ବାହ୍ନ ୭.୪୦ ।
- ଓଡ଼ିଶା ଦିବସ ସମାରୋହ, ସ୍ଥାନ–ପଠାଣି ସାମନ୍ତ ସଂସ୍କୃତି ଭବନ,ସମୟ– ପୂର୍ବାହ୍ନ ୧୦ଟା ୩୦ ।

## ସଂକ୍ଷେପରେ

### ସ୍ୱାଗତିକା ହତ୍ୟା ଘଟଣା ୧୮ ମାସ ପରେ ବି ଟେର ପାଉନି କ୍ରାଇମବ୍ରାଞ୍ଚ

**ନୟାଗଡ଼ ଅଫିସ,୩୧।୩:**ନୟାଗଡ଼ ପୋଲିସ ଜିଲା ଫତେଗଡ ଥାନା ନିମାଣି ଗାଁର ସରୋଜ ସେଠୀଙ୍କ ୯ ବର୍ଷର ଝିଅ ସାଇ ସ୍ୱାଗତିକା ହତ୍ୟା ଘଟଣାକୁ ଇତିମଧ୍ୟରେ ୨୭ ମାସ ବିତିଛି । ଗତ ୧୮ମାସ ହେବ ଏହାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦିଆଯାଇଛି। ହେଲେ ହତ୍ୟାକାରୀଙ୍କ ଟେର ପାଉନାହିଁ କ୍ରାଇମବ୍ରାଞ୍ଚ । ଏଭଳିସ୍ଥଳେ ହତ୍ୟାକାରୀର ଗିରଫ, ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ପାଇଁ ଜିଲା କଂଗ୍ରେସ ପକ୍ଷରୁ ଜିଲା ସଭାପତି ରଣଜିତ୍ ଦାଶ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଅବଗତ କରାଇଛନ୍ତି। ଅନ୍ୟପକ୍ଷେ ଖଣ୍ଡପଡା ବିଧାୟକ, ପୋଲିସ ମହାନିର୍ଦ୍ଦେଶକଙ୍କୁ ଅନୁରୂପ ଭାବେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଅଭିଯୋଗ ଅନୁସାରେ ୨୦୧୮ ଡିସେମ୍ବର ୨୦ରେ ସାଇ ସ୍ୱାଗତିକା ନିଖୋଜ ହୋଇଥିଲେ । ବହୁ ଖୋଜାଖୋଜି ପରେ ବି ତାଙ୍କ ଟେର ମିଳି ନ ଥିଲା । ନିଖୋଜର ତୃତୀୟ ଦିବସରେ ସାଇ ସ୍ୱାଗତିକାଙ୍କ ମୃତଦେହ ଗାଁ ପୋଖରୀରେ ଭାସୁଥିଲା । ମୃତଦେହ ଉଦ୍ଧାର ବେଳେ ତାଙ୍କ ପାଟିରୁ ରକ୍ତ ବାହାରୁ ଥିବା ଦେଖିବାକୁ ମିଳିଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ୨୩୫/୨୦୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ତେବେ ପୋଲିସ ଘଟଣାର ଟେର ନ ପାଇବାରୁ ୨୦୧୯ ସେପ୍ଟେମ୍ବର ୩୦ରେ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଥିଲା । ସାଇ ସ୍ୱାଗତିକାକୁ ବଳି ଦିଆଯାଇଥିବା ଅଭିଯୋଗ ଉଠିଛି ।

### ଟ୍ରକ୍ ଚକ ଚୋରି ଘଟଣା, ୨ ଜେଲ ଗଲେ

#### ଚୋରି ଉପକରଣ କିଣି ହାଇୱା ମାଲିକ ଫସିଲେ

**ନୟାଗଡ଼ ଅଫିସ,୩୧।୩:**ଟ୍ରକ୍ ଚକା ଚୋରି ଅଭିଯୋଗରେ ୨ ଜଣ ଓ ଚୋରି ଚକା କିଣିବା ଅଭିଯୋଗରେ ଜଣେ ହାଇୱା ମାଲିକଙ୍କୁ ଇଟାମାଟି ଥାନା ପୋଲିସ ଗିରଫ କରି ଜେଲ ପଠାଇଛି । ପୋଲିସ ସୂଚନା ଅନୁସାରେ, ଡିସେମ୍ବର ୭ରେ ଡେଙ୍ଗୋରାଗୋଡିରେ ଏକ ଟ୍ରକ ଠିଆ ହୋଇଥିଲା । ଏହି ଟ୍ରକର ୪ଟି ଚକା ସହ ରିମ୍‌କୁ କେହି ଚୋରାଇ ନେଇଥିଲେ । ଏହାର ମୂଲ୍ୟ ୮୦ ହଜାର ଟଙ୍କା ହେବ ବୋଲି ଦର୍ଶାଇ ଦୀପକ କୁମାର ବେହେରା ନାମକ ଜଣେ ବ୍ୟକ୍ତି ଇଟାମାଟି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । କିଛି ଦିନ ପରେ ଜଣାପଡିଥିଲା, ଚୋରି ହୋଇଥିବା ଚକାଗୁଡିକ ନୟାଗଡ ସଦର ଥାନା ବୋଦାପଡା ଗାଁର ଗୋପୀନାଥ ଷଣ୍ଢଙ୍କ ହାଇୱାରେ ବ୍ୟବହାର କରାଯାଉଛି। ଏହି ଘଟଣାରେ ପୋଲିସ ଗୋପୀନାଥଙ୍କୁ ଗିରଫ କରିଥିଲା । ପରେ ଚୋରି ଚକା ସହ ରିମ୍ ଜବତ କରାଯାଇଥିଲା । ଗୋପୀନାଥଙ୍କ ସୂଚନା ଆଧାରରେ ଇଟାମାଟି ଜଗତିପାଟଣାର ଲକ୍ଷ୍ମୀଧର ମଲ୍ଲିକ, ଯୌତୁକସାହିର ଗୋବର୍ଦ୍ଧନ ସ୍ୱାଇଁଙ୍କୁ ଗିରଫ କରାଯାଇଛି। ଲକ୍ଷ୍ମୀଧର ଓ ଗୋବର୍ଦ୍ଧନ ଦୁଇଟି ଚକା ସହ ରିମ୍ ଚୋରି କରି ଗୋପୀନାଥଙ୍କୁ ବିକ୍ରି କରିଥିଲେ ବୋଲି ପୋଲିସ କହିଛି ।

# ଚାଷୀଙ୍କ ପାଇଁ ବୃତ୍ତଙ୍ଗ ପ୍ରକଳ୍ପ ସ୍ୱପ୍ନ

- ୨୮ ବର୍ଷର ଆଶା ଧୂଳିସାତ୍
- ଶିଳ୍ପ ତାଲିକାରୁ ନାଁ କଟିଲା
- ଭାଷଣରେ ବିକାଶ ଭେଳିକି

**ନୟାଗଡ଼ ଅଫିସ,୩୧।୩**

ମହାନଦୀ, ବୃତ୍ତଙ୍ଗ ପରି ନଦୀ ପ୍ରବାହିତ ହେଉଥିବା କୃଷି ପ୍ରଧାନ ଜିଲା ନୟାଗଡ଼ ଆଜି ବି ଉପେକ୍ଷିତ ଓ ଅବହେଳିତ । ଜିଲାରେ ନାହିଁ ଜଳସେଚନର ସୁବିଧା କି ପାନୀୟଜଳର ବ୍ୟବସ୍ଥା । ଶୀତଳ ଭଣ୍ଡାର ନ ଥିବାରୁ ଚାଷୀମାନେ ନିଜ ଉତ୍ପାଦିତ ଫସଲକୁ ସଂରକ୍ଷିତ କରି ରଖି ପାରୁନାହାନ୍ତି। ସେଥିପାଇଁ ପନିପରିବା ଅଭାବୀ ବିକ୍ରି ହେଉଛି, ନଚେତ୍ ପଚିଶଢ଼ି ନଷ୍ଟ ହେଉଛି। ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ଉପରେ ଦାଉ ସାଧୁଛି। ଜିଲାବାସୀଙ୍କୁ ସର୍ବନିମ୍ନ ସୁବିଧା ସୁଯୋଗ ମିଳୁ ନ ଥିବା ସବୁଠି ଅଭିଯୋଗ ଶୁଣିବାକୁ ମିଳୁଛି ।

ଗୁରୁବାର ନୟାଗଡ଼ ଜିଲା ଗଠନକୁ ୨୮ ବର୍ଷ ଛୁଇଁବ । ତଥାପି ଏହି ଜିଲାର ସେମିତି ଆଖିଦୃଶିଆ ବିକାଶ ହୋଇନାହିଁ ବୋଲି ବିରୋଧୀମାନେ ଅଭିଯୋଗ କରିଛନ୍ତି । କେବଳ ନେତାଙ୍କ ଭାଷଣରେ ବିକାଶ ସୀମିତି ରହିଛି ବୋଲି ସମାଲୋଚନା କରାଯାଉଛି। ଚିନିକଳରେ ତାଲା ଝୁଲିବା ପରେ ଶିଳ୍ପ ତାଲିକାରୁ ନୟାଗଡ଼ର ନାଁ ବାଦ୍ ପଡିଛି । ଚାଷୀଙ୍କ ପାଇଁ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ସ୍ୱପ୍ନ ହୋଇରହିଛି। ଜିଲାର ନେପାଳ, ଗେଣ୍ଡାଳୀ, କୁରୁମି, କାଠପତନୀ, ଶିରିଶିରା, କାଣିପୋଖରୀ, ଦଦରା, ଜିରି, ଟୁକୁଡା, ପାନବିରି ପରି ଅନେକ ଗାଁ ରହିଛି, ଯେଉଁଠି ରାସ୍ତା ନାହିଁ । ବିଦ୍ୟୁତ୍ ବ୍ୟବସ୍ଥା ସ୍ୱପ୍ନ ହୋଇଛି। ସରକାରଙ୍କ ଅନେକ ଯୋଜନା କାର୍ଯ୍ୟକାରୀ ହେଉଥିଲେ ହେଁ ସ୍ୱାଧୀନତାର ୭୪ବର୍ଷ ପରେ ରାସ୍ତା ନ ଥିବାରୁ ଗର୍ଭବତୀ,ରୋଗୀଙ୍କୁ ଦୋଳାରେ ବୁହାଯାଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକାରୀ ହେଉଥିଲେ ହେଁ ଜିଲାର ଶ୍ରମିକମାନେ କାମ ନ ପାଇ ଦାଦନ ଖଟିବାକୁ ଯାଉଛନ୍ତି। ଜିଲାରେ ଆର୍ଥିକ ବିକାଶ ନ ଥିବାରୁ ଯୁବକମାନେ ବେକାର ବୁଲୁଛନ୍ତି ।

ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି । ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୬୧ ଡାକ୍ତର ପଦବୀ ଖାଲି ପଡିଛି । ଯେତିକି ଭିତ୍ତିଭୂମି ଅଛି ସେଠାରୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳୁ ନ ଥିବା ଅଭିଯୋଗ ହୋଇଛି । ଶିକ୍ଷା ପାଇଁ ଭିତ୍ତିଭୂମି ସୁଦୃଢ଼ କୁହାଯାଉଥିଲେ ହେଁ ସରକାରୀ ସ୍କୁଲରୁ ମୁହଁ ମୋଡ଼ି ଘରୋଇ ବିଦ୍ୟାଳୟ ପ୍ରତି ଆଗ୍ରହୀ ହେଉଛନ୍ତି ଛାତ୍ରୀଛାତ୍ର। ଏଣୁ ଗାଁଠାରୁ ଆରମ୍ଭ କରି ସହର ସବୁଠି ଅନେକ ସ୍କୁଲରେ ଛାତ୍ରୀଛାତ୍ର ଅଭାବରୁ ତାଲା ଝୁଲିଛି। ଜିଲାରେ ୧୪ରୁ ଊର୍ଦ୍ଧ୍ୱ ପର୍ଯ୍ୟଟନସ୍ଥଳୀ ଅଛି । ତଥାପି ବିକାଶ ନ ଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି । ଥାନା ଓ ଫାଣ୍ଡିରେ ଅଭିଯୋଗ କରିବାକୁ ଗଲେ ବିନା ହାତଗୁଞ୍ଜାରେ ମାମଲା ରୁଜୁ ହେଉ ନ ଥିବା ଅଭିଯୋଗ ରହିଛି । ଜିଲାସାରା ବ୍ରାଉନସୁଗାର କାରବାର ବଢ଼ି ଚାଲିଛି । ପୁଣି ସହରଠାରୁ ଆରମ୍ଭ କରି ଗାଁ ଗଣ୍ଡାରେ ଅପରାଧ ବଢୁଥିଲେ ମଧ୍ୟ ଲଗାମ ନାହିଁ ।

ଜିଲା ପ୍ରତିଷ୍ଠା ହେବା ପରେ ବିଭିନ୍ନ କାର୍ଯ୍ୟାଳୟ ଖୋଲିଛି । ଶାସନ ପାଖକୁ ଆସିଛି ହେଲେ ଲୋକଙ୍କ ଦୁଃଖ କମି ନାହିଁ। ମୌଳିକ ଆବଶ୍ୟକତା ପୂରଣ ପାଇଁ ଆସୁଥିବା ସରକାରୀ ଅନୁଦାନର ଠିକ୍ ଭାବେ ସମୀକ୍ଷା କରାଯାଉ ନ ଥିବାରୁ ଯୋଜନା ବାଟବଣା ହେଉଛି। ରାଜନୈତିକ, ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ବିକାଶ କ୍ଷେତ୍ରରେ ବାଧକ ସାଜୁଥିବା ମତ ପ୍ରକାଶ ପାଇଛି। ତଥାପି ୧୯ ଜୁନ୍ ୨୦୧୬ରେ ଜିଲାକୁ ରେଳପଥ ଛୁଇଁବା ସଫଳତାର ଏକ ମାଇଲଖୁଣ୍ଟ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ତଥାପି ଅଧିକ ସଂଖ୍ୟକ ଟ୍ରେନ୍ ଚଳାଚଳ ପାଇଁ ବ୍ୟବସ୍ଥା କରାଯାଇନାହିଁ ବୋଲି ଜିଲାବାସୀ କହିଛନ୍ତି ।

ସୂଚନାଯୋଗ୍ୟ, ୧୯୯୩ ଏପ୍ରିଲ ୧ରେ ନୟାଗଡ଼ ଜିଲା ପୁରୀ ଜିଲାରୁ ଅଲଗା ହୋଇ ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇଲା । ହେଲେ ଜିଲାବାସୀଙ୍କ ସେଦିନର ସ୍ୱପ୍ନ ଧୂଳିସାତ୍ ହୋଇଛି ବୋଲି ମତ ପ୍ରକାଶ ପାଇଛି।

### ବିକାଶ ବଦଳରେ ଦୁର୍ନୀତି ଅଧିକ

କବି ଚନ୍ଦ୍ରବିଜୟୀ ମିଶ୍ର କୁହନ୍ତି, ନୟାଗଡ଼ ଜିଲା ମାନ୍ୟତା ମିଳିବା ପରେ ଲୋକଙ୍କ ପାଖକୁ ପ୍ରଶାସନ ଆସିଲା । ହେଲେ ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ନିକଟରେ ଅପହଞ୍ଚ ହୋଇ ରହିଗଲା । ହାତପାହାନ୍ତାରେ ସେବା ଥାଇ ଲୋକେ ଅବହେଳିତ ହୋଇ ରହିଛନ୍ତି। ଭାଜପାର ଯୁବନେତା ରାଘବ ମଲ୍ଲିକ କୁହନ୍ତି, ଦଶପଲ୍ଲା, ନୂଆଗାଁ ଅଞ୍ଚଳରେ ରାସ୍ତା ଓ ବିଦ୍ୟୁତ୍ ବ୍ୟବସ୍ଥା ନାହିଁ। ସରକାରଙ୍କ ଯୋଜନା ଏହି ଗାଁରେ ଅପହଞ୍ଚ କାହିଁକି ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି । କଂଗ୍ରେସର ଜିଲା ସଭାପତି ରଣଜିତ୍ ଦାଶ କୁହନ୍ତି, ବିକାଶ ଚାଲିଛି ବୋଲି ଡିଣ୍ଡିମ ପିଟା ହେଉଛି। ହେଲେ ଗରିବ ଲୋକ ରାଶନ କାର୍ଡ, ଆବାସ ଯୋଜନାରେ ଘରଟିଏ ପାଉନାହାନ୍ତି । ଜିଲାର ଅଧିକାଂଶ ବିଭାଗରେ ଦୁର୍ନୀତି ଚାଲିଥିବା ଅଭିଯୋଗ ସାମ୍ନାକୁ ଆସିଛି। ହେଲେ ତଦନ୍ତ ହେଉନାହିଁ କି କାର୍ଯ୍ୟାନୁଷ୍ଠାନ ନାହିଁ । ସିପିଆଇଏମ୍ ନେତା ବିଶ୍ୱନାଥ ମହାପାତ୍ର କୁହନ୍ତି, କେବଳ ବିକାଶ ହେଉଛି କହିଦେଲେ ହେବନାହିଁ। ଲୋକଙ୍କ ପରିବର୍ତ୍ତନ ହେବା ଦରକାର। ସାମାଜିକ କର୍ମୀ ମନୋଜ ସାହୁ କୁହନ୍ତି, ଚିନିକଳ ବନ୍ଦ ହୋଇଗଲା। ବୃତ୍ତଙ୍ଗ ପ୍ରକଳ୍ପ ଫାଇଲ ଚାପି ହୋଇ ରହିଛି । ସରକାରୀ ଯୋଜନାରେ କିଛି ସ୍ୱଚ୍ଛଳବର୍ଗର ଲୋକ ଉପକୃତ ହେଉଛନ୍ତି ।



ଲୋଧାଚୁଆ ଜଙ୍ଗଲରେ ଲାଗିଥିବା ନିଆଁ ।

# ଲୋଧାଚୁଆ ଜଙ୍ଗଲରେ ନିଆଁ

**ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ ପରେ ନିଆଁ ଲିଭା ଆରମ୍ଭ ହେଲା**

**ନୟାଗଡ଼ ଅଫିସ,୩୧।୩**

ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ ଲୋଧାଚୁଆ ଜଙ୍ଗଲରେ ବୁଧବାର ମଧ୍ୟାହ୍ନରେ ନିଆଁ ଲାଗି ଯାଇଥିଲା । ଝାଞ୍ଜି ପବନ ବହୁ ଥିବାବେଳେ ନିଆଁ ଖୁବ୍ ଶୀଘ୍ର ବ୍ୟାପୀ ଚାଲିଥିଲା । କେତେଜଣ ପଥଚାରୀ ଜଙ୍ଗଲରେ ନିଆଁ ଲାଗିଥିବା ସମ୍ପର୍କରେ ରଣପୁର ଦମକଳ କେନ୍ଦ୍ରକୁ ଜଣାଇଥିଲେ । ହେଲେ ଅଗ୍ନିଶମ କେନ୍ଦ୍ର ପକ୍ଷରୁ ସେଥିପ୍ରତି ଗୁରୁତ୍ୱ ଦିଆଯାଇ ନ ଥିଲା । ପରେ ପଥଚାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଏ ସଂକ୍ରାନ୍ତରେ ଜଣାଇବା ପରେ ଅପରାହ୍ନରେ ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ପ୍ରାୟ ୫ଏକର ଜଙ୍ଗଲରେ ଥିବା ଗଛଲତା ପୋଡ଼ିଯାଇଥିବା ଖବର ମିଳିଛି।

### କରୋନା କଟକଣା, ଯାନିଯାତ୍ରା ବନ୍ଦ

**ନୟାଗଡ଼ ଅଫିସ,୩୧।୩**

କରୋନା କଟକଣା ଯୋଗୁ ଏପ୍ରିଲ ମାସର ପର୍ବପର୍ବାଣି ଓ ଯାନିଯାତ୍ରାରେ ରୋକ ଲାଗିଛି। ଜିଲାପାଳ ପୋମ ଟୁଡୁଙ୍କ ସୂଚନା ଅନୁସାରେ ଏପ୍ରିଲ ମାସରେ ଗୁଡ ଫ୍ରାଇଡେ, ପଣା ସଂକ୍ରାନ୍ତି, ଝାମୁଯାତ୍ରା, ଦଣ୍ଡନୃତ୍ୟ, ରାମନବମୀ ପରି ପର୍ବପର୍ବାଣି ପଡୁଛି । କୋଭିଡ କଟକଣାକୁ ଆଖିଆଗରେ ରଖି ସମସ୍ତ ପର୍ବପର୍ବାଣିକୁ ଜିଲାପାଳ ବନ୍ଦ ରଖିବାକୁ ନିବେଦନ କରିଛନ୍ତି । ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ, ଡିଜେ, ଅପେରା, ଯାତ୍ରାକୁ ନିଷିଦ୍ଧ କରାଯାଇଛି। କୋଭିଡ ନିୟମ ମାନି ୫୦ ଜଣ ମନ୍ଦିର ଓ ମସ୍‌ଜିଦରେ ପୂଜାନୀତି କରିପାରିବେ ବୋଲି ସେ କହିଛନ୍ତି । ଅନ୍ୟପକ୍ଷେ ସାମାଜିକ ଦୂରତା ରକ୍ଷା, ସାନିଟାଇଜ୍ ବ୍ୟବହାର, ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି । ତହସିଲଦାର, ଉପଜିଲାପାଳ ଓ ଜିଲାପାଳଙ୍କ ଆଦେଶ ନ ନେଇ ଆଇନକୁ ଭଙ୍ଗ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

### ଗଞ୍ଜେଇ ଚୋରାଚାଲାଣର ପେଣ୍ଠସ୍ଥଳୀ ସୁନାଖଳା

- ବିଶାଖାପାଟଣାକୁ ଚାଲାଣ ହେଉଥିଲା
- ୬ ଗଞ୍ଜେଇ ବ୍ୟବସାୟୀ ଗିରଫ

**ନୟାଗଡ଼ ଅଫିସ/ ରଣପୁର,୩୧।୩(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଥାନାର ରାଜସୁନାଖଳା ଗଞ୍ଜେଇ ଚୋରା ଚାଲାଣର ପେଣ୍ଠସ୍ଥଳ ପାଲଟିଛି। ଏଠାରୁ ଗଞ୍ଜେଇ ବିଶାଖାପାଟଣା ଚୋରାଚାଲାଣ ହେଉଥିଲା। ମଙ୍ଗଳବାର ରଣପୁର ଥାନା ପୋଲିସ ଗଞ୍ଜେଇ ଟ୍ରକ୍‌କୁ ଜବତ କରିବା ପରେ ଏହି ଘଟଣାର ପର୍ଦ୍ଦାଫାସ ହୋଇଛି । ଗଜପତି ଜିଲାରୁ ଗଞ୍ଜେଇ ଆସି ରାଜସୁନାଖଳାରେ ରହୁଥିଲା । ପରେ ଏହା ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିଲା । ଖବର ପାଇ ରଣପୁର ଥାନା ପୋଲିସ ମଙ୍ଗଳବାର ଟ୍ରକ ସହ ୩ କୁଇଣ୍ଟାଲ ୬୬ କେଜି ଗଞ୍ଜେଇ କୋଟଗଡ ଘାଟିରୁ ଜବତ କରିଥିଲା। ଏହି ଘଟଣାରେ କଟକ ଜିଲା ଆଠଗଡ ଥାନା ଜେନାପଡା ଗାଁର କାଳନ୍ଦୀ ଚରଣ ରଣା(୩୯), ଖଣ୍ଡପଡା ଥାନା ଗୁଣ୍ଠୁଣୀ ଗାଁର ପବିତ୍ର ନାୟକ(୨୯), ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଟିକାତାଳ ଗାଁର ନାରାୟଣ ପରିଡା(୩୫), ଗଞ୍ଜାମ ଜିଲା ତାରସିଙ୍ଗ ଥାନା ଉଲୁଦୁନା ଗାଁର ଭିକାରୀ ସେଠୀ(୩୯), ଉତ୍ତରପ୍ରଦେଶ ବନାରସ ଜିଲା ଚୋଳପୁର ଗାଁର ବିନୟ କୁମାର (୩୨) ଓ ଅଜୋରପଟି ଗାଁର ଅମରେଶ କୁମାର(୨୮)ଙ୍କୁ ବୁଧବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ପରେ ଗଞ୍ଜେଇ ବ୍ୟବସାୟୀମାନଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ଗଞ୍ଜେଇ ଚୋରାଚାଲାଣ ଟିମ୍‌ରେ ନୟାଗଡ଼, ଖୋର୍ଦ୍ଧା, କଟକ, ଗଞ୍ଜାମ ଓ ଉତ୍ତରପ୍ରଦେଶର ବ୍ୟବସାୟୀମାନେ ସାମିଲ ଥିବାରୁ ସେମାନଙ୍କ ନେଟ୍‌ୱର୍କ ଅନ୍ୟଆଡେ ରହିଥିବା ପୋଲିସ ସନ୍ଦେହ କରି ତଦନ୍ତକୁ ତ୍ୱରାନ୍ୱିତ କରିଛି ।



ଭାଙ୍ଗି ପଡ଼ିଥିବା ଯଦୁମଣିଙ୍କ ମୂର୍ତ୍ତି ଓ ପିଣ୍ଡି ।

# ଯଦୁମଣିଙ୍କ ଭଙ୍ଗା ମୂର୍ତ୍ତିକୁ ନେଇଗଲେ

**କାର୍ଯ୍ୟାନୁଷ୍ଠାନ ପାଇଁ ଏଡିଏମ୍‌ଙ୍କୁ ଫେରାଦ୍**

**ନୟାଗଡ଼ ଅଫିସ,୩୧।୩**

ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର ନିକଟରେ ଉତ୍କଳ ଘଣ୍ଟ କବି ଯଦୁମଣିଙ୍କ ପ୍ରତିମୂର୍ତ୍ତିକୁ କେହି ଭାଙ୍ଗି ଚୋରାଇ ନେଇଛନ୍ତି। ଦୋଳପୂର୍ଣ୍ଣିମାରେ ଯଦୁମଣିଙ୍କ ମୂର୍ତ୍ତିଟି ଭାଙ୍ଗି ତଳେ ପଡିଥିଲା। ବସ ଧକ୍କାରେ ଭାଙ୍ଗି ଯାଇଥିବା ଦର୍ଶାଇ ପିଣ୍ଡି ଉପରେ ସେହି ମୂର୍ତ୍ତିକୁ କେହି ରଖି ଦେଇଥିଲେ । ହେଲେ ଭଙ୍ଗା ମୂର୍ତ୍ତିଟିକୁ ଦୁଇ ଜଣ ଯୁବକ ବାଇକ୍‌ରେ ନେଇ ଯାଇଥିବା ଚର୍ଚ୍ଚା ହେଉଛି। ଏହା ପରେ ସେହି ପିଣ୍ଡିକୁ କେହି ଭାଙ୍ଗି ମାଟିରେ ମିଶାଇ ଦେଇଛନ୍ତି । ଯଦୁମଣିଙ୍କ ଭଙ୍ଗା ମୂର୍ତ୍ତି କିଏ ନେଲେ ଓ କାହିଁକି ନେଲେ ତାହା ସ୍ପଷ୍ଟ ହୋଇନାହିଁ । ପିଣ୍ଡି ଭଙ୍ଗାଯିବା ଏକ ସୁପରିକଳ୍ପିତ ଯୋଜନା ବୋଲି ଏଠାରେ ଚର୍ଚ୍ଚା ଚାଲିଛି । ଏ ଘଟଣା ଜଣାପଡିବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଭାଷା ଆନ୍ଦୋଳନ ସମିତି ପକ୍ଷରୁ ଚନ୍ଦ୍ରବିଜୟୀ ମିଶ୍ର, ଶିବରାମ ମହାପାତ୍ର, ହୋନ ମହାପାତ୍ର, ସରୋଜ ଚୌଧୁରୀ ପ୍ରମୁଖ ଅତିରିକ୍ତ ଜିଲାପାଳ (ଏଡିଏମ୍)ଙ୍କୁ ବୁଧବାର ଭେଟି ମୂର୍ତ୍ତିଭଙ୍ଗା ଓ ଗାଏବ ଘଟଣାର ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି । ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ପିଣ୍ଡି ଭଙ୍ଗା ଘଟଣାର ତଦନ୍ତ ସହିତ ନୂଆ ମୂର୍ତ୍ତି ସ୍ଥାପନ କରିବାକୁ ଅନୁରୋଧ କରାଯାଇଛି ।

### ୩୯ ବଖରା ଜଳିଗଲା

**ଭଞ୍ଜନଗର,୩୧।୩(ଡି.ଏନ.ଏ)**

ଜଗନ୍ନାଥପ୍ରସାଦ ତହସିଲ ଅନ୍ତର୍ଗତ ନୂଆଦୋରଙ୍ଗୀରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟି ୩୮ ପରିବାରର ୩୯ ବଖରା ଜଳିଯାଇଛି। ଭଞ୍ଜନଗର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ରାଜସ୍ୱ ପ୍ରତିନିଧି ଏବଂ ସ୍ଥାନୀୟ ଅଞ୍ଚଳର ଜନ ପ୍ରତିନିଧିମାନେ ଅଗ୍ନି ବିପନ୍ନ ପରିବାରଗୁଡ଼ିକୁ ସହାୟତା ଯୋଗାଇ ଦେଇଛନ୍ତି। ଗାୟଗଣ୍ଡା ପଞ୍ଚାୟତର ଦୋରଙ୍ଗୀ ଗ୍ରାମଟି ପାହାଡ଼ ଉପରେ ଅବସ୍ଥିତ। ସେଠାକୁ ଗମନାଗମନ ସୁବିଧା ନ ଥିବାରୁ ପ୍ରଶାସନ ଗ୍ରାମବାସୀଙ୍କୁ ୨ ବର୍ଷ ପୂର୍ବେ ପାହାଡ଼ ତଳକୁ ଆଣି ଥଇଥାନ କରିଥିଲା । ସେବେଠୁ ଉକ୍ତ ଗ୍ରାମର ନାଁ ନୂଆଦୋରଙ୍ଗୀ ଦିଆଯାଇଥିଲା ।

# ୧୨ ଜଙ୍ଗଲ ସୁରକ୍ଷା ସମିତି କର୍ମକର୍ତ୍ତା ଜିଲାପାଳଙ୍କୁ ଭେଟିଲେ

- ଜଙ୍ଗଲରେ ସ୍ଥାୟୀ ରାସ୍ତା ନିର୍ମାଣକୁ ବିରୋଧ
- ସମାଧାନ ହୋଇଥିବା ବିବାଦ ଉଗ୍ର ହେଲା

**ନୟାଗଡ଼ ଅଫିସ,୩୧।୩**

ନୂଆଗାଁ ବ୍ଲକ ଗୁଡୁପାଙ୍ଗୀ ଜଙ୍ଗଲରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ରାସ୍ତା ନିର୍ମାଣ ଆରମ୍ଭ ହୋଇଛି । ପ୍ରଥମେ ଏହି ରାସ୍ତା ନିର୍ମାଣକୁ ଗୁଡୁପାଙ୍ଗୀ ଗ୍ରାମବାସୀ ବିରୋଧ କରୁଥିଲେ । ଏବେ ଢେଙ୍କେଣା, ମାଳିସାହି, ଖଣ୍ଡୁଗାଁ, କ୍ରୀଦାଶପୁର, ବାଲୁଗାଁ, ଶରଧାପୁର, ଚମ୍ପତିପୁର, ନାଟୁଗାଁ, ଲକ୍ଷ୍ମୀପ୍ରସାଦ, ସିନ୍ଦୁରିଆ, ଭାଟସାହି, ଘଡୁଆଳ ଆଦି ୧୨ ଜଙ୍ଗଲ ସୁରକ୍ଷା ସମିତି କର୍ମକର୍ତ୍ତା ବିରୋଧ କରିଛନ୍ତି । ଏନେଇ ସେମାନେ ଜିଲାପାଳଙ୍କୁ ଫେରାଦ୍ ହେବା ସହ ଦଶପଲ୍ଲା ବିଧାୟକ, ନୟାଗଡ଼ ବିଧାୟକ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ମୁଖ୍ୟଶାସନ ସଚିବ, ଉପଜିଲାପାଳ,ଏସ୍‌ପି, ନୟାଗଡ଼ ଡିଏଫ୍‌ଓଙ୍କୁ ଅବଗତ କରିଛନ୍ତି।

ଜଙ୍ଗଲ ମଧ୍ୟ ଦେଇ ପଡ଼ିଥିବା ରାସ୍ତା ବନ୍ଦ କରିବା ଓ ସ୍ଥାୟୀ ରାସ୍ତା ନିର୍ମାଣ ଦାବି ନେଇ ମାଳିସାହି, ଢେଙ୍କେଣା ଓ ଖଣ୍ଡୁଗାଁ ଆଦି ୩ ପଞ୍ଚାୟତର ୧ ବନାମ ୧୭ ଗାଁର ଲୋକଙ୍କ ମଧ୍ୟରେ ଗତ ଫେବୃୟାରୀ ପ୍ରଥମ ସପ୍ତାହରେ ବିବାଦ ଉଗ୍ରରୂପ ନେଉଥିଲା । ଫେବୃୟାରୀ ୪ ରାତିରେ ଗୁଡୁପାଙ୍ଗୀ ଦେଉଳି ରାସ୍ତାର ଦେଉଳିଠାରେ ଗଛ, ପଥର ପକାଇ ରାସ୍ତା ଅବରୋଧ କରାଯାଇଥିଲା । ଫେବୃୟାରୀ ୫ରେ ଠେଙ୍ଗା ଓ ଧନୁତୀର ଧରି ଗ୍ରାମବାସୀ ରାସ୍ତାରେ ଜଗି ରହିବା ଯୋଗୁ ଗୁଡୁପାଙ୍ଗୀ ଗ୍ରାମବାସୀ ପଦାକୁ ବାହାରି ପାରି ନ ଥିଲେ । ଏପରି ସ୍ଥିତି ପରେ ସେହି ମାସ ୬ ତାରିଖରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା । ଉଭୟ ପକ୍ଷର ଉପସ୍ଥିତିରେ ଏହି ବିବାଦର ସମାଧାନ କରାଯାଇଥିଲା । ହେଲେ ଜଙ୍ଗଲରେ ରାସ୍ତା ନିର୍ମାଣ କାମ ଆରମ୍ଭ ପରେ ପୁଣି ସେହି ବିବାଦ ମୁଣ୍ଡ ଟେକିଛି । ଗୁଡୁପାଙ୍ଗୀ ଗ୍ରାମବାସୀ ନିର୍ମାଣ କାମ ବନ୍ଦ କରାଇଛନ୍ତି । ସେପଟେ ରାସ୍ତା ନିର୍ମାଣ ହେବାକୁ ଅଡି ବସି ୧୭ ଗାଁର ଲୋକେ ବାରମ୍ବାର ଜିଲାପାଳଙ୍କୁ ଭେଟୁଛନ୍ତି ।

ଏନେଇ ଗୁଡୁପାଙ୍ଗୀ ଗାଁ ସଭାପତି ଅର୍ଜ୍ଜୁନ ନାୟକ କହିଛନ୍ତି, ଫେବୃୟାରୀ ୬ରେ ଜିଲାପାଳଙ୍କ ନିଷ୍ପତ୍ତିକୁ ମାନି ଆମେ ଜଙ୍ଗଲ ମଧ୍ୟ ଦେଇ ଥିବା ପାଦଚଲା ରାସ୍ତାରେ ଯାତାୟାତ ପାଇଁ ରାଜି ହୋଇଥିଲୁ । ହେଲେ ସ୍ଥାୟୀ ରାସ୍ତା ନିର୍ମାଣକୁ ଗାଁ ଲୋକେ ବିରୋଧ କରୁଛନ୍ତି । ପାଳି କରି ଆମେ ଦଧିନଉତି ଜଙ୍ଗଲକୁ ୧୯୮୨ରୁ ସୁରକ୍ଷା ଦେଇଆସିଛୁ। ଜଙ୍ଗଲରେ ନୂଆ ଗଛ ଲଗାଉଛୁ । ସେଠାରେ ବନ୍ୟଜନ୍ତୁ ବଢୁଛନ୍ତି । କିନ୍ତୁ ସ୍ଥାୟୀ ରାସ୍ତା ନିର୍ମାଣ କରାଗଲେ ପ୍ରାୟ ୨କିମି ଜଙ୍ଗଲ ଉଜୁଡିବ । କାଠଚୋର ଓ ଦେଶୀ ମଦ ବେପାରୀଙ୍କୁ ଜଙ୍ଗଲ ଲୁଟିବାକୁ ସୁବିଧା ହେବ । ଏଣୁ ଆମେ ବିରୋଧ କରୁଛୁ । ଏନେଇ ଗତ ୨୮ ତାରିଖରେ ଜଙ୍ଗଲ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ବୈଠକ ବସିଥିଲା । ଏଥିରେ ବିନାୟକ ପରିଡ଼ା ସଭାପତି ଓ ଦାଶରଥି ସ୍ୱାଇଁ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଉକ୍ତସଭାରେ ଜଙ୍ଗଲର ସୁରକ୍ଷାନେଇ ବିଭିନ୍ନ ବିଷୟରେ ଆଲୋଚନା ହୋଇଛି। ଜଙ୍ଗଲରେ ରାସ୍ତା ନିର୍ମାଣକୁ ବିରୋଧ କରାଯାଇଛି ବୋଲି ସେ କହିଛନ୍ତି।

### କଣ୍ଟିଲୋ ଦେଇ ରାଉରକେଲା ବସ୍ ଚାଲିଲା

**ଖଣ୍ଡପଡ଼ା,୩୧।୩(ସ୍ୱ.ପ୍ର.)**

ରାଜ୍ୟ ସଡ଼କ ପରିବହନ ନିଗମର ରାଉରକେଲା–ନୟାଗଡ଼ ବସ୍ କଣ୍ଟିଲୋ ଦେଇ ଚଳାଚଳ ବନ୍ଦ କରାଯାଇଥିଲା। ହେଲେ ତାହା ପୁଣି ଥରେ ଚଳାଚଳ ଆରମ୍ଭ କରିଛି । ନୟାଗଡ଼ ଜିଲାପାଳଙ୍କ ଉଦ୍ୟମ ଫଳରେ ମଙ୍ଗଳବାରଠାରୁ ବସ ଚଳାଚଳ ଆରମ୍ଭ ହୋଇଛି ।

ଦୀର୍ଘ ୬ ବର୍ଷ ହେଲା ସେବା ଯୋଗାଇ ଆସୁଥିବା ଓଡ଼ିଶା ରାଜ୍ୟ ପରିବହନ ନିଗମର ନୟାଗଡ଼–କଣ୍ଟିଲୋ– ରାଉରକେଲା ବସ ଗତବର୍ଷ କରୋନା କଟକଣାରୁ ଯାତାୟାତ ବନ୍ଦ ରହିଥିଲା । ପରବର୍ତ୍ତୀ ସମୟରେ ପରିସ୍ଥିତି ସ୍ୱାଭାବିକ ହେବାରୁ ଉକ୍ତ ବସ କଣ୍ଟିଲୋ ଦେଇ ରାଉରକେଲା ଏବଂ ନୟାଗଡ ଯିବାର ରୁଟ ପରମିଟ ଥିଲେ ମଧ୍ୟ କଣ୍ଟିଲୋ ନୀଳମାଧବ ପୀଠକୁ ନ ଆସି ଖଣ୍ଡପଡାରୁ ସିଧା ବାଣପୁର ଦେଇ ରାଜ୍ୟ ରାଜପଥରେ ସିଧାମୂଳା ମହାନଦୀ ସେତୁ ରାସ୍ତାରେ ନରସିଂହପୁରରୁ ରାଉରକେଲା ଯାଉଥିଲା । ଫଳରେ ସଂପୃକ୍ତ ବସକୁ ଅପେକ୍ଷା କରିଥିବା କିମ୍ବା କଣ୍ଟିଲୋକୁ ଆସୁଥିବା ଯାତ୍ରୀ, ତୀର୍ଥଯାତ୍ରୀମାନଙ୍କୁ ୩ କିଲୋମିଟର ଦୂର ଯିବା ପାଇଁ ସମସ୍ୟା ସୃଷ୍ଟି ହେଉଥିଲା । ମଙ୍ଗଳବାର କଣ୍ଟିଲୋ ନୀଳମାଧବ ଘରୋଇ ମୋଟର କର୍ମଚାରୀ ସଂଘ ସଭାପତି ଶରତ ଚନ୍ଦ୍ର ମହାରଣାଙ୍କ ସମେତ ପ୍ରଭାକର ଶିରୋମଣି, ଅଜୟ କୁମାର ମହାରଣା, ଶ୍ରୀପତି ମହାରଣା ଓ ମୋଟର କର୍ମଚାରୀ ସଂଘର ସଦସ୍ୟ ରଜତ କୁମାର ଦାସ ପ୍ରମୁଖ ନୟାଗଡ଼ ଜିଲାପାଳ ଡ. ପୋମା ଟୁଡୁ ଓ ଆରଟିଓ ସମ୍ପିତ କୁମାରଙ୍କୁ ସାକ୍ଷାତ୍ କରି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ ।

ଧରିତ୍ରୀ
DHARITRI
ଗୁରୁବାର, ୧ ଏପ୍ରିଲ ୨୦୨୧

## ସଫ୍‌ଦରଜଙ୍ଗ ହସ୍ପିଟାଲରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀସ୍ଥିତ ସଫ୍‌ଦରଜଙ୍ଗ ହସ୍ପିଟାଲ ଆଇସିୟୁରେ ବୁଧବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ନିଆଁ ଲାଗିଯିବା ପରେ ଆଇସିୟୁରେ ଥିବା ୫୦ ରୋଗୀଙ୍କୁ ସେଠାରୁ ଅନ୍ୟ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି।

# ବିଧାନସଭାରେ ବ୍ୟୟ ମଞ୍ଜୁରୀ ବିଲ୍ ଗୃହୀତ

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଦ୍ୱାରା ଆଗତ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୧.୭୫ ଲକ୍ଷ କୋଟି ଟଙ୍କାର ବ୍ୟୟ ମଞ୍ଜୁରୀ ବିଲ ବୁଧବାର ବିଧାନସଭାର ଅନୁମୋଦନ ଲାଭ କରିଛି। ଏହି ବିଲକୁ ଉପସ୍ଥାପନ କରି ଅର୍ଥମନ୍ତ୍ରୀ କହିଲେ 'କରୋନା' ଯୋଗୁଁ ଖର୍ଚ୍ଚର ଧାରା ପ୍ରଭାବିତ ହୋଇଛି ଏବଂ 'କେନ୍ଦ୍ରୀୟ ହସ୍ତାନ୍ତର' ଅଂଶଧନ କମିଛି। ଉପଯୁକ୍ତ ପରିଚାଳନା ଓ ସଂସ୍କାରମୂଳକ ପଦକ୍ଷେପ ଯୋଗୁଁ ତାହାକୁ ଅନେକାଂଶରେ ପ୍ରତିହତ କରାଯାଇ ପାରିଛି। ମହାମାରୀର ପ୍ରଭାବ ପରେ ମଧ ବଜେଟ୍ ପରିମାଣ କମିନାହିଁ। ୨୬ ପ୍ରତିଶତ ବୃଦ୍ଧି ପାଇଛି। ଏହା କିଛି କମ୍ ବଡ଼ କଥା ନୁହେଁ। ଏଥିରେ ପ୍ରଶାସନିକ ବ୍ୟୟ ନିମନ୍ତେ ୮୫ ହଜାର କୋଟି, କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୭୫ ହଜାର କୋଟି, ବିପର୍ଯ୍ୟୟ ପ୍ରଶମନ ବ୍ୟୟ ଲାଗି ୩ ହଜାର ୫୦ କୋଟି ଟଙ୍କା ଏବଂ ସ୍ଥାନୀୟ ନିକାୟ ସଂସ୍ଥା ଓ ଉନ୍ନୟନ ସଂସ୍ଥାକୁ ହସ୍ତାନ୍ତର ପାଇଁ ୬,୯ ୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଗତ ୧୩ ତାରିଖରୁ ୩୦ ତାରିଖ ମଧ୍ୟରେ ଗୃହରେ ବିଭିନ୍ନ ଦାବୀଗୁଡ଼ିକ ଉପରେ ଆଲୋଚନା ହୋଇ ସାରିଛି।



ଗୃହର ଅନୁମୋଦନ ମୁଳିବା ପରେ ଏହି ଅର୍ଥ ରାଜ୍ୟର ସର୍ବାଙ୍ଗୀନ ବିକାଶ ସହ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ପାଇଁ ବିନିଯୋଗ ହେବ। ବଜେଟରେ କରୋନାର ପ୍ରଭାବ ସତ୍ତ୍ୱେ ବିକାଶ କାର୍ଯ୍ୟକୁ ଅଗ୍ରାଧିକାର ଦିଆଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନିଷ୍ପତ୍ତି ଓ ଆର୍ଥିକ ସଂସ୍କାର ପଦକ୍ଷେପ ଯୋଗୁଁ ଓଡ଼ିଶା ବିଶେଷ ଭାବରେ କିଛି କ୍ଷତିଗ୍ରସ୍ତ ହୋଇନାହିଁ। ସେଥିପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଭଳି ବହୁ ସଂସ୍ଥା ଆନ୍ତର୍ଜାତୀୟ ସଂସ୍ଥା ଓଡିଶାକୁ ପ୍ରଶଂସା କରିଛନ୍ତି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଏହି ବିଲ୍‌କୁ ଉଭୟ ବିରୋଧୀ କଂଗ୍ରେସ ଓ ଭାଜପା ସଭ୍ୟମାନେ ବିରୋଧ କରିଥିଲା ବେଳେ ଶାସକ ସଭ୍ୟମାନେ ସମର୍ଥନ କରିଥିଲେ।

ଏଠାରେ ସୂଚନା ଯୋଗ୍ୟ ଯେ ୩୩ଟି ବିଭାଗର ଖର୍ଚ୍ଚ ଦାବି ହଇଗୋଳ ଯୋଗୁ ଆଲୋଚନା ହୋଇ ନ ପାରିବାରୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସେ ସବୁକୁ ମାର୍ଚ୍ଚ ୩୦ ତାରିଖରେ ଗିଲୋଟିନ ମାଧ୍ୟମରେ ବିଧାନସଭାର ଅନୁମୋଦନ କରାଇଥିଲେ।

# ୧କୋଟି ୪ ଲକ୍ଷ ଚାଷୀଙ୍କୁ ମିଳିଛି 'କାଳିଆ' ସହାୟତା

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ଗତ ୩ ବର୍ଷ ମଧ୍ୟରେ କାଳିଆ ଯୋଜନାରେ ୧କୋଟି ୪ ଲକ୍ଷ ୬୦ ହଜାର କ୍ଷୁଦ୍ର, ନାମମାତ୍ର ଚାଷୀଙ୍କୁ ସହାୟତା ବାବଦରେ ୬୬୯୦.୮୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଭାଜପା ସଭ୍ୟ ନାଉରୀ ନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୨୦୧୮-୧୯ ଓ ୨୦୧୯-୨୦ରେ କାଳିଆ ଯୋଜନାରେ ୫୧.୦୫ ଲକ୍ଷ କ୍ଷୁଦ୍ର, ନାମମାତ୍ର ଚାଷୀ ଓ ଭୂମିହୀନ କୃଷି ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଏଥିପାଇଁ ୨୦୧୮-୧୯ରେ ଚାଷୀ ସହାୟତା ଓ ପ୍ରଶାସନିକ ବ୍ୟୟ ବାବଦକୁ ୨୧୭୫.୬୬ କୋଟି ଏବଂ ୨୦୧୯-୨୦ରେ ୩୨୪୩.୦୧ କୋଟି ଟଙ୍କା ବ୍ୟୟ କରାଯାଇଥିଲା। ସେହିପରି ୨୦୨୦-୨୧ରେ ୫୩.୫୫ ଲକ୍ଷ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି। ସେଥିପାଇଁ ୨୦୨୧ ଫେବୃୟାରୀ ସୁଦ୍ଧା ୧୨୭୨.୧୯ କୋଟି ଟଙ୍କା ପ୍ରଦାନ କରାଯାଇଛି।

ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲଙ୍କ ଅନ୍ୟ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ୨୦୧୫-୧୬ କୃଷି ଗଣନା ଅନୁଯାୟୀ ରାଜ୍ୟରେ ଭାଗଚାଷୀ ୯,୦୫,୧୮୪ ଥିବାବେଳେ ନାମମାତ୍ର ଚାଷୀ ୩୬,୩୬,୬୫୮, କ୍ଷୁଦ୍ର ଚାଷୀ ୮,୮୭,୨୭୨, ମଧ୍ୟମ ଚାଷୀ ୩,୩୭,୯୪୫ ଏବଂ ବଡ଼ ଚାଷୀ ୩୯୭୫ ଜଣ ଅଛନ୍ତି। ଭୂମିହୀନ କୃଷକମାନଙ୍କର ଚାଷ କାର୍ଯ୍ୟ ପାଇଁ ଅର୍ଥର ଆବଶ୍ୟକତାକୁ ପୂରଣ କରିବା ପାଇଁବଳରାମ ଓ କାଳିଆ ଯୋଜନା ପ୍ରଣୟନ କରାଯାଇଛି।

# ୩୩.୩୪ ଲକ୍ଷ ଚାଷୀଙ୍କୁ ମିଳିଛି ୧୪,୬୯୭.୪୧ କୋଟି କୃଷିଋଣ

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ଚଳିତ ଆର୍ଥିକ ବର୍ଷରେ ଖରିଫ ଓ ରବି ଋତୁ ପାଇଁ ମାର୍ଚ୍ଚ ୨୩ ତାରିଖ ସୁଦ୍ଧା ୩୩ ଲକ୍ଷ ୩୪ ହଜାର ୬୦୮ ଜଣ ଚାଷୀଙ୍କୁ ୧୪,୬୯୭.୪୧ କୋଟି ଟଙ୍କାର ଫସଲ ଋଣ ଦିଆଯାଇଛି। ବିଧାୟକ ଗଣେଶରାମ ଖୁଣ୍ଟିଆଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ସମବାୟ କ୍ଷେତ୍ରରେ ୩୦ ଜିଲାରେ ୨୭୦ ପ୍ରାଥମିକ କୃଷି ସମବାୟ ସମିତି , ୧୭ କେନ୍ଦ୍ର ସମବାୟ ବ୍ୟାଙ୍କ ଏବଂ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କକୁ ନେଇ କୃଷି ଋଣ ବଣ୍ଟନ କରାଯାଉଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ନିୟମିତ ଋଣ ପରିଶୋଧ କଲେ ଚାଷୀଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଉପରେ କୌଣସି ସୁଧ ଦେବାକୁ ପଡ଼ିବ ନାହିଁ। ୫୦ ହଜାରରୁ ୩ ଲକ୍ଷ ପର୍ଯ୍ୟନ୍ତ ଋଣ ଉପରେ ୨ ପ୍ରତିଶତ ସୁଧ ଦେବାକୁ ହେବ। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ସୂଚିତ ଫସଲର କ୍ଷୟକ୍ଷତି ହେଲେ ଫସଲ ବୁଣା ବା ରୁଆ ପରଠାରୁ ଅମଳ ପରବର୍ତ୍ତୀ ଅବସ୍ଥା ଯାଏ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ କରାଯାଉଛି।



ଦିଲ୍ଲୀ ଚିଡ଼ିଆଖାନାରେ ବୁଧବାର ଜଣେ କର୍ମଚାରୀ ହାତୀକୁ ଗାଧୋଇ ଦେଉଛନ୍ତି। କରୋନା ମହାମାରୀ ଯୋଗୁ ବର୍ଷକରୁ ଊର୍ଦ୍ଧ୍ୱ ସମୟ ଧରି ଚିଡ଼ିଆଖାନା ବନ୍ଦ ରହିଥିବା ବେଳେ ଗୁରୁବାରଠାରୁ ଏହା ଦର୍ଶକମାନଙ୍କ ପାଇଁ ଖୋଲିବାକୁ ଯାଉଛି। (ଫଟୋ: ଚମନ ଗୌତମ)

## ୧୦୨ ସରକାରୀ, ୪୪ ବେସରକାରୀ ଗୋଦାମରେ ପିଡିଏସ୍ ସାମଗ୍ରୀ ରହୁଛି

ଭୁବନେଶ୍ୱର,୩୧।୩(ବ୍ୟୁରୋ): ରାଜ୍ୟରେ ପିଡିଏସ୍ ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା ପାଇଁ ୧୦୨ ସରକାରୀ ଗୋଦାମ ଓ ୪୪ଟି ବେସରକାରୀ ଗୋଦାମକୁ ଭଡ଼ା ସୂତ୍ରରେ ବ୍ୟବହାର କରାଯାଉଛି। ସରକାରୀ ଗୋଦାମର ସଂରକ୍ଷଣ କ୍ଷମତା ୪,୮୬,୬୭୪ ମେଟ୍ରିକ ଟନ୍ ହୋଇଥିବାବେଳେ ବେସରକାରୀ ଗୋଦାମର ସଂରକ୍ଷଣ କ୍ଷମତା ୧,୭୨,୮୭୨ ମେଟ୍ରିକ୍ ଟନ୍। ଏହାଛଡ଼ା ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ନିଜସ୍ୱ ୨୫ଟି ଗୋଦାମକୁ ଖାଦ୍ୟ ସାମଗ୍ରୀ ସଂରକ୍ଷଣ ପାଇଁ ବ୍ୟବହାର କରୁଛି। ଏହାର ସାମଗ୍ରୀକ ସଂରକ୍ଷଣ କ୍ଷମତା ୩୪,୧୦୦ ମେଟ୍ରିକ୍ ଟନ୍। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

# ମାଲକାନଗିରିରେ ସର୍ବାଧିକ ଡ୍ରପ୍‌ଆଉଟ

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ସ୍କୁଲରେ ଗତ ୫ ବର୍ଷରେ ୨୦୧୫-୧୬ ତୁଳନାରେ ଡ୍ରପ୍‌ଆଉଟ ହାର ବଢ଼ିଛି। ୨୦୧୫-୧୬ରେ ପ୍ରାଥମିକ ସ୍କୁଲରେ ଡ୍ରପ୍‌ଆଉଟ ୨.୮୩ ପ୍ରତିଶତ ଥିବାବେଳେ ଉଚ୍ଚ ପ୍ରାଥମିକ ସ୍କୁଲରେ ୩.୮୭ ପ୍ରତିଶତ ଥିଲା। ମାତ୍ର ୨୦୧୬-୧୭ରେ ଏହା ଯଥାକ୍ରମେ ୪.୨୦ ଓ ୫.୧୫ , ୨୦୧୭-୧୮ରେ ୫.୮୧ ଓ ୫.୪୫, ୨୦୧୮-୧୯ରେ ୫.୪୨ ଓ ୬.୯୩ ଏବଂ ୨୦୧୯-୨୦ରେ ୧.୫୩ ଓ ୪.୭୫ ପ୍ରତିଶତ ରହିଛି। ମାଲକାନଗିରିରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ସର୍ବାଧିକ ୫.୩୨ ଓ ୧୩ ପ୍ରତିଶତ ଛାତ୍ରୀଛାତ୍ର ସ୍କୁଲ ଛାଡ଼ିଛନ୍ତି। ସେହିପରି ନବରଙ୍ଗପୁରରେ ୩.୨୧ ଓ ୧୩.୩୫ ପ୍ରତିଶତ ପିଲା ପ୍ରାଥମିକ ସ୍କୁଲ ଛାଡ଼ିଛନ୍ତି। ଖୋର୍ଦ୍ଧା ଜିଲାର କୌଣସି ପିଲା ସ୍କୁଲ ଛାଡ଼ିନାହାନ୍ତି । ଭାଜପା ସଭ୍ୟ ମୁକେଶ ମହାଲିଙ୍ଗଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

# ୱାଜେଙ୍କ ଡ୍ରାଇଭର ରଖିଥିଲେ ବିସ୍ଫୋରକ ଭର୍ତ୍ତି ସ୍କର୍ପିଓ



## ଆଣ୍ଟିଲିଆ ମାମଲା



ସଚିନ ୱାଜେ

ମୁମ୍ବାଇ,୩୧।୩

ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ବାସଭବନ ଆଣ୍ଟିଲିଆ ନିକଟରୁ ଫେବୃୟାରୀ ୨୫ରେ ମିଳିଥିବା ବିସ୍ଫୋରକ ଭର୍ତ୍ତି ସ୍କର୍ପିଓକୁ ମୁମ୍ବାଇ ପୋଲିସ ଅଧିକାରୀ ସଚିନ ୱାଜେ ରଖି ନ ଥିଲେ, ଏହି କାର୍ଯ୍ୟ ତାଙ୍କ ବ୍ୟକ୍ତିଗତ ଡ୍ରାଇଭର କରିଥିଲେ ବୋଲି ଘଟଣାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କହିଛି। ତେବେ ଉକ୍ତ ସ୍କର୍ପିଓ ପଛରେ ୱାଜେ ଏକ ଇନୋଭା ଚଳାଇ ଯାଇଥିଲେ।

ବ୍ୟବସାୟୀ ମନସୁଖ ହିରେନଙ୍କ ଉକ୍ତ ସ୍କର୍ପିଓ ଫେବୃୟାରୀ ୧୭ରେ ମୁଲୁଣ୍ଡ-ଐରୋଲି ରୋଡ୍‌ରେ ଖରାପ ହେବାରୁ ସେ ପୋଲିସ ମୁଖ୍ୟାଳୟକୁ ଆସି ଗାଡ଼ିର ଚାବି ପୋଲିସ ଅଧିକାରୀ ସଚିନ ୱାଜେଙ୍କୁ ଦେଇଥିବା ଏନ୍‌ଆଇଏ ବିଶ୍ୱାସ କରୁଛି। ୱାଜେଙ୍କ ନିର୍ଦ୍ଦେଶରେ ତାଙ୍କ ବ୍ୟକ୍ତିଗତ ଡ୍ରାଇଭର ଘଟଣାସ୍ଥଳରୁ ସ୍କର୍ପିଓକୁ ଆଣି ସାକେତ୍ ହାଉସିଂ ସୋସାଇଟିରେ ଥିବା ୱାଜେଙ୍କ ଘର ପାଖରେ ରଖିଥିଲେ। ୨୫ ତାରିଖରେ ଡ୍ରାଇଭର ଉକ୍ତ ସ୍କର୍ପିଓକୁ ନେଇ ଆଣ୍ଟାଲିଆ ବାହାରେ ରଖିଥିଲେ। ଏହା ପରେ ସେ ୱାଜେଙ୍କ ଇନୋଭାରେ ସେଠାରୁ ପଳାଇ ଆସିଥିଲେ। ପରେ ୱାଜେ ଇନୋଭା ନମ୍ବର ପ୍ଲେଟ୍ ବଦଳାଇ ସ୍କର୍ପିଓ ନିକଟକୁ ଯାଇ ସେଠାରେ ଏକ ଧମକପୂର୍ଣ୍ଣ ଚିଠି ରଖିଥିଲେ ବୋଲି ଏନ୍‌ଆଇଏ ଅଧିକାରୀ କହିଛନ୍ତି। ମାର୍ଚ୍ଚ ୧୩ରେ ଏନ୍‌ଆଇଏ ୱାଜେଙ୍କୁ ଗିରଫ କରିଥିଲା।

# ଦେଶମୁଖଙ୍କ ନାଁରେ ଏତଲା ଦେଲନି କାହିଁକି



## ପରମବୀର ସିଂଙ୍କୁ ହାଇକୋର୍ଟଙ୍କ ପ୍ରଶ୍ନ

ମୁମ୍ବାଇ,୩୧ ।୩

ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖ ଦୁର୍ନୀତିରେ ଲିପ୍ତ ଥିବା ଜାଣିବା ସତ୍ତ୍ୱେ ତାଙ୍କ ବିରୋଧରେ ଏତଲା କାହିଁକି ଦେଲନି ବୋଲି ବମ୍ବେ ହାଇକୋର୍ଟ ବୁଧବାର ମୁମ୍ବାଇ ପୋଲିସର ପୂର୍ବତନ କମିଶନର ପରମବୀର ସିଂଙ୍କୁ ପ୍ରଶ୍ନ କରିଛନ୍ତି। ଦେଶମୁଖ ପ୍ରତି ମାସରେ ବାର୍ ଓ ରେଷ୍ଟୁରାଣ୍ଟଗୁଡ଼ିକରୁ ୧୦୦ କୋଟି ଟଙ୍କା ବଟି ଆଦାୟ ପାଇଁ କେତେଜଣ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିବା ପରମବୀର ଅଭିଯୋଗ କରିଥିଲେ। ଏହାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବା ନିମନ୍ତେ ସେ ବମ୍ବେ ହାଇକୋର୍ଟରେ ଆବେଦନ କରିଥିଲେ। ଏତଲା ହୋଇ ନ ଥିବାରୁ କୋର୍ଟ ଏଥିରେ ହସ୍ତକ୍ଷେପ କରିପାରିବେ ନାହିଁ କିମ୍ବା ନିରପେକ୍ଷ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ହାଇକୋର୍ଟ ଖଣ୍ଡପୀଠ କହିଥିଲେ। ପରମବୀରଙ୍କୁ ହାଇକୋର୍ଟ କହିଥିଲେ, ଆପଣ ଜଣେ ବରିଷ୍ଠ ପୋଲିସ ଅଧିକାରୀ। ଯେକୌଣସି ଭୁଲ୍ କାର୍ଯ୍ୟ ବିରୋଧରେ ଏତଲା ଦାଏର କରିବା ଆପଣଙ୍କ କର୍ତ୍ତବ୍ୟ। ଆପଣଙ୍କ ମନ୍ତ୍ରୀ ଦୁର୍ନୀତିରେ ଲିପ୍ତ ଥିବା ଜାଣି ମଧ୍ୟ କାହିଁକି ନୀରବ ରହିଥିଲ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ଦୀପଙ୍କର ଦତ୍ତ ପ୍ରଶ୍ନ କରିଥିଲେ। ପ୍ରଥମେ ଦେଶମୁଖଙ୍କ ବିରୋଧରେ ପୋଲିସରେ ଏତଲା ଦିଅ। ଯଦି ପୋଲିସ ଏତଲା ଦାଏର ନ କରୁଛି ତେବେ ମାଜିଷ୍ଟ୍ରେଟଙ୍କ ଆଗରେ ଏତଲା ଦାଏର କରିପାରିବ ବୋଲି ପରମବୀରଙ୍କୁ ଖଣ୍ଡପୀଠ କହିଥିଲେ। ପରମବୀର ଚକ୍ରବ୍ୟୁହରେ ଫସିବାକୁ ଚାହିଁ ନ ଥିଲେ ବୋଲି ତାଙ୍କ ଓକିଲ ବିକ୍ରମ ନନ୍‌କାନି କହିବା ପରେ ଖଣ୍ଡପୀଠ କହିଥିଲେ, ଏହା ଆଇନର ପ୍ରକ୍ରିୟା। ପରମବୀର କ'ଣ ଆଇନର ଊର୍ଦ୍ଧ୍ୱରେ କି ବୋଲି ଅଦାଲତ ପ୍ରଶ୍ନ କରିଥିଲେ।

# ନ୍ୟୁୟର୍କରେ ଗଞ୍ଜେଇ ବିଲ୍ ଗୃହୀତ

ନ୍ୟୁୟର୍କ, ୩୧।୩

ଗଞ୍ଜେଇ ବ୍ୟବହାର ବୈଧ କରିବାକୁ ଆମେରିକା ରାଜ୍ୟ ନ୍ୟୁୟର୍କ ସିନେଟ୍‌ରେ ମଙ୍ଗଳବାର ଏକ ବିଲ୍ ଗୃହୀତ ହୋଇଛି। ଏପରି କରିବାରେ ନ୍ୟୁୟର୍କ ଆମେରିକାର ୧୫ତମ ରାଜ୍ୟ ହୋଇଛି। ଏହି ନିୟମ ଲାଗୁ ହେଲେ ତାହା ଦ୍ୱାରା ବାର୍ଷିକ ପ୍ରାୟ ୨,୫୬୦ କୋଟି ଟଙ୍କା ଆୟ ହେବ ବୋଲି ଗଭର୍ନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ପ୍ରାୟ ୮୫ ଗ୍ରାମ ପର୍ଯ୍ୟନ୍ତ ଗଞ୍ଜେଇ ବ୍ୟବହାରକୁ ଅନୁମତି ମିଳିବ ଏବଂ ଏ ନେଇ ପୂର୍ବରୁ ଲୋକଙ୍କ ନାମରେ ଥିବା ମାମଲା ଉଠାଇ ନିଆଯିବ। ଏହାର ବିକ୍ରି ଉପରେ ୧୩ ପ୍ରତିଶତ ଟିକସ ଲାଗିବ। ୨୧ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗଞ୍ଜେଇ ବ୍ୟବହାର କରିପାରିବେ। ଜଣେ ବ୍ୟକ୍ତି ବ୍ୟକ୍ତିଗତ ବ୍ୟବହାର ପାଇଁ ସର୍ବାଧିକ ୬ଟି ଗଛ ଲଗାଇପାରିବେ। ଏ ସବୁ ନିମନ୍ତେ ଲାଇସେନ୍ସ ପ୍ରଦାନ କରିବାକୁ ଏକ କାର୍ଯ୍ୟାଳୟ ଖୋଲିବ ବୋଲି ରିପୋର୍ଟ ପ୍ରକାଶ ପାଇଛି।



# ସୋନାଲଙ୍କ ନାଁରେ ନାମିତ ହେବ ଟେକ୍ସାସ୍ ସ୍କୁଲ

ୱାଶିଂଟନ୍, ୩୧।୩

ଆମେରିକାର ଟେକ୍ସାସ ରାଜ୍ୟରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟ ଭାରତୀୟ ବଂଶୋଦ୍ଭବ ସ୍ୱର୍ଗତଃ ସୋନାଲ ଭୁଚାରଙ୍କ ନାମରେ ନାମିତ ହେବ। 'ଦି ଫର୍ଟ ବେଣ୍ଡ୍ ଇଣ୍ଡିପେଣ୍ଡେଣ୍ଟ ସ୍କୁଲ ଡିଷ୍ଟ୍ରିକ୍ଟ' ବିଦ୍ୟାଳୟ ଟ୍ରଷ୍ଟି ବୋର୍ଡ ପକ୍ଷରୁ ଏହି ନିଷ୍ପତ୍ତିକୁ ଅନୁମୋଦନ ମିଳିଛି। କ୍ୟାନ୍ସରରେ ପୀଡ଼ିତ ଥିବା ଭୁଚାର ୨୦୧୯ରେ ୫୮ ବର୍ଷ ବୟସରେ ହୋଇ ପ୍ରାଣ ହରାଇଥିଲେ। ରିଭରଷ୍ଟୋନ କମ୍ୟୁନିଟି ପାଇଁ ଉଦ୍ଦିଷ୍ଟ ଏହି ବିଦ୍ୟାଳୟ ୨୦୨୩ ଜାନୁୟାରୀରେ ଖୋଲିବ। ମୁମ୍ବାଇର ଭୁଚାର ଜଣେ ବୃତ୍ତିଗତ ଫିଜିଓଥେରାପିଷ୍ଟ ଥିଲେ। ୧୯୮୪ରେ ସେ ସ୍ୱାମୀଙ୍କ ସହ ହୋଷ୍ଟନ ପଳାଇଥିଲେ। ଜଣେ ସାମାଜିକକର୍ମୀ ଭାବେ ବେଶ୍ ଲୋକପ୍ରିୟତା ହାସଲ କରିଥିବା ଭୁଚାର ଉକ୍ତ କମ୍ୟୁନିଟି ନିମନ୍ତେ ସର୍ବଦା ଚିନ୍ତା କରୁଥିଲେ। ଟ୍ରଷ୍ଟିର ଫର୍ଟ ବେଣ୍ଡ୍ ବୋର୍ଡର ଅଧକ୍ଷ ଭାବେ ସେ ୨ ବର୍ଷ କାମ କରିବା ସହ ସେ ୱାନ ଷ୍ଟାର୍ ନ୍ୟାଶନାଲ ସର୍ଭିସ କମିଶନ ବୋର୍ଡକୁ ମଧ୍ୟ ମନୋନୀତ ହୋଇଥିଲେ।

# 'ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପି' ଉନ୍ନତ ଚିକିତ୍ସା ପଦ୍ଧତି

## ପୂର୍ବାଞ୍ଚଳରେ ଅଗ୍ରଣୀ ଭୁବନେଶ୍ୱର

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

ପେଟରୋଗ ଚିକିତ୍ସା କ୍ଷେତ୍ରରେ 'ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପି' ଏକ ନୂଆ ପଦ୍ଧତି, ଯାହା କିଛି ବର୍ଷ ପୂର୍ବେ ଭାରତକୁ ଆସିଥିଲା। ଏହି ଚିକିତ୍ସା ପଦ୍ଧତି ବହୁତ ଉନ୍ନତମାନର। ଏହି ଟେକ୍ନୋଲୋଜି ହାସଲ ଓ ଉପଯୋଗ କରିବାରେ ଭୁବନେଶ୍ୱର ହେଉଛି ପୂର୍ବାଞ୍ଚଳର ଅଗ୍ରଣୀ ସହର। ବିଭିନ୍ନ ରାଜ୍ୟରୁ ରୋଗୀମାନେ ଏହି ଅସ୍ତ୍ରୋପଚାର ପାଇଁ ଭୁବନେଶ୍ୱରକୁ ଆସିଥାନ୍ତି ବୋଲି ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡା. ମନୋଜ କୁମାର ସାହୁ କହିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ଏହି ଅସ୍ତ୍ରୋପଚାର ସମ୍ ହସ୍ପିଟାଲରେ କରାଯାଉଛି। ଏହାର ମୂଲ୍ୟ ପ୍ରାୟ ୨୮ହଜାର ରହିଛି। ଏହା ଆମ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ ତଥା ଘରୋଇ ଡାକ୍ତରଖାନାରେ କରାଯାଇପାରିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶା ଆଗକୁ ବଢ଼ିଛି। ଭୁବନେଶ୍ୱର କେବଳ ଆମ ରାଜ୍ୟ ନୁହେଁ, ଦେଶର ଅନ୍ୟାନ୍ୟ ସ୍ଥାନରୁ ରୋଗୀଙ୍କ ପାଇଁ ଏକ ହେଲ୍‌ଥ ହବ୍ ପାଲଟିଛି ବୋଲି ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡ. ସାହୁ ସୂଚନା ଦେଇଛନ୍ତି। ସମ୍ ହସ୍ପିଟାଲର ସୁପରିଟେଣ୍ଡେଣ୍ଟ ଡା. ପୁଷ୍ପରାଜ ସାମନ୍ତ ଉପସ୍ଥିତ ଥିଲେ।




ଜଟିଳ ଗ୍ୟାଷ୍ଟ୍ରୋ ରୋଗର ଚିକିତ୍ସା ପଦ୍ଧତି ସମ୍ପର୍କରେ ସୂଚନା ଦେଉଛନ୍ତି ଡା. ମନୋଜ କୁମାର ସାହୁ ।

# 'ବିଦ୍ୟୁତ୍ ଦର ହ୍ରାସ ନ ହେଲେ ଜନ ଆନ୍ଦୋଳନ'

**କଟକ ଅଫିସ, ୩୧।୩:** ବିଦ୍ୟୁତ୍ ଦର ବୃଦ୍ଧିକୁ ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘ ପକ୍ଷରୁ ନିନ୍ଦା କରାଯାଇଛି। ମହାସଂଘର ରାଷ୍ଟ୍ରୀୟ ସଭାପତି ପ୍ରଦୀପ ମିଶ୍ରଙ୍କ ନେତୃତ୍ୱରେ ଏକ ଦଶ ଜଣିଆ ପ୍ରତିନିଧି ମଣ୍ଡଳୀ ଆର୍‌ଡିସିଙ୍କୁ ଭେଟି ବିଦ୍ୟୁତ୍ ଦର ବୃଦ୍ଧି ପ୍ରତ୍ୟାହାର ପାଇଁ ସରକାର ପୁନଃ ବିଚାର କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସରକାର ପୁନଃ ବିଚାର କରି ବିଦ୍ୟୁତ୍ ଦରବୃଦ୍ଧି ପ୍ରତ୍ୟାହାର କରିବା, ବିଦ୍ୟୁତ୍ ସଂସ୍କାର ପାଇଁ ପଡୋଶୀ ରାଜ୍ୟ ଦିଲ୍ଲୀ ମଡେଲକୁ ଆପଣେଇବା ସହିତ କରୋନା କ୍ଷତିଗ୍ରସ୍ତ ମଧ୍ୟବିତ୍ତ ପରିବାରକୁ ଛଅ ମାସର ବିଦ୍ୟୁତ୍ ଦେୟ ସମ୍ପୂର୍ଣ୍ଣ ଛାଡ କରିବା ପାଇଁ ମହାସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ମହାସଂଘର ଏହି ପ୍ରତିନିଧି ମଣ୍ଡଳରେ କଟକ ଜିଲା ସଭାପତି ତୀର୍ଥବାସୀ ବେହେରା, କମିଟି ସଦସ୍ୟ ପ୍ରଦୀପ କୁମାର ସ୍ୱାଇଁ, ପିୟୁସ ପରିଡା, ସୌମ୍ୟଦେବ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସରକାର ବିଦ୍ୟୁତ୍ ଦର ହ୍ରାସ ନ କଲେ ରାଜ୍ୟବ୍ୟାପୀ ଜନଆନ୍ଦୋଳନ କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।




**ମୁମ୍ବାଇ:** ଡ୍ରଗ୍ସ ମାମଲାରେ ବଲିଉଡ୍ ଅଭିନେତା ତଥା ପୂର୍ବତନ ବିଗ୍‌ବସ୍ କଣ୍ଟେଷ୍ଟାଣ୍ଟ ଅଜାଜ୍ ଖାନ୍‌ଙ୍କୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ବୁଧବାର ଗିରଫ କରି ଡାକ୍ତରୀ ପରୀକ୍ଷା ପାଇଁ ନେଉଛି। ଅଜାଜ୍ ମଙ୍ଗଳବାର ରାଜସ୍ଥାନରୁ ଫେରିବା ପରେ ମୁମ୍ବାଇ ବିମାନବନ୍ଦରରୁ ଏନ୍‌ସିବି ତାଙ୍କୁ ଜେରା ପାଇଁ ନେଇଥିଲା। ଅନ୍ଧେରି ଓ ଲୋଖଣ୍ଡୱାଲାସ୍ଥିତ ଅଜାଜ୍‌ଙ୍କ ବାସଭବନରେ ଯାଞ୍ଚବେଳେ କେତୋଟି ଆଲପ୍ରଜୋଲାମ୍ ଟାବ୍‌ଲେଟ୍ ମିଳିଥିଲା।